R.N.I. REGN. No. 65000/96 POSTAL REGN. No. OR/BN-32/12-14

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୯୭
ତିଥି : ଦଶମୀ
୦୩ ଅଗଷ୍ଟ ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ୍ ତରଙ୍ଗ ଟାବଲଏଡ୍ ସହ

Vol. - XXIX, No. 297
03 Aug 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଆଖି ବୁଜିଲେ ବଲଙ୍ଗା ପୀଡ଼ିତା



ଭୁବନେଶ୍ୱର/ବଲଙ୍ଗା, ୨।୮ (ସବ୍ୟୁ): ଜୀବନ ଯୁଦ୍ଧରେ ହାରିଯାଇଛନ୍ତି ବଲଙ୍ଗା ପୀଡ଼ିତା। ପ୍ରଥମେ ଭୁବନେଶ୍ୱର ଏମ୍ସ ଓ ପରେ ନୂଆଦିଲ୍ଲୀ ଏମ୍ସରେ ଚିକିତ୍ସା ପରେ ବି ତାଙ୍କ ଜୀବନ ବଞ୍ଚିପାରି ନାହିଁ। ଆଜି ସେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଅପରପକ୍ଷରେ ଏପର୍ଯ୍ୟନ୍ତ ଅପରାଧୀମାନେ ଧରାପଡ଼ି ନାହାନ୍ତି। କେଉଁମାନେ ପୀଡ଼ିତାଙ୍କ ଦେହରେ କିରାସିନି ଢାଳି ନିଆଁ ଲଗାଇଥିଲେ ତାହା ଏବେବି ରହସ୍ୟାବୃତ୍ତ ରହିଛି। କ୍ରାଇମବ୍ରାଞ୍ଚ ଟିମ୍ ପୀଡ଼ିତାଙ୍କୁ ପଚରାଉଚରା କରିବା ସହ ଘଟଣାସ୍ଥଳରେ ଛାନ୍‌ଭିନ୍ କଲାପରେ ବି ଏପର୍ଯ୍ୟନ୍ତ ୩ ଦୁର୍ବୃତ୍ତଙ୍କ ପତ୍ତା ମିଳୁନାହିଁ।

- ଧରା ପଡ଼ିନାହାନ୍ତି ଅପରାଧୀ
- ମୃତ୍ୟୁକୁ ନେଇ ରାଜନୀତି କରାନଯାଉ : ପୀଡିତାଙ୍କ ବାପା
- ତଦନ୍ତ ଶେଷ ପର୍ଯ୍ୟାୟରେ, କାହାର ସମ୍ପୃକ୍ତି ନଥିବା ସ୍ପଷ୍ଟ : ପୋଲିସ

ତେବେ ପୀଡ଼ିତାଙ୍କ ମୃତ୍ୟୁ ପରେ ଓଡ଼ିଶା ପୋଲିସ ପକ୍ଷରୁ ସୋସିଆଲ ମିଡିଆରେ ଏକ ସୂଚନା ଦିଆଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ ପୀଡ଼ିତାଙ୍କ ମୃତ୍ୟୁ ଖବର ଶୁଣି ଆମେ ଦୁଃଖିତ। ପୋଲିସ ପକ୍ଷରୁ ତଦନ୍ତ ନିଷ୍ଠାର ସହ କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ଅନୁଯାୟୀ କୌଣସି ବ୍ୟକ୍ତିଙ୍କ ସଂପୃକ୍ତି ନଥିବା ସ୍ପଷ୍ଟ ହୋଇଛି। ଏହି ଦୁଃଖଦ ମୁହୂର୍ତ୍ତରେ କୌଣସି ସମ୍ବେଦନଶୀଳ ମନ୍ତବ୍ୟ ନଦେବାକୁ ଅନୁରୋଧ କରାଯାଇଛି।

ଗତମାସ ୧୯ ତାରିଖ ପୂର୍ବାହ୍ନରେ ବଲଙ୍ଗା ଥାନା ବାୟାବରର ନାବାଳିକା ତାଙ୍କ ସାଙ୍ଗ ଘରକୁ ଯାଉଥିଲାବେଳେ କିଛି ଦୁର୍ବୃତ୍ତମାନେ ତାଙ୍କୁ ଅନୁସରଣ କରିଥିଲେ। ଏକ ନିର୍ଜନ ସ୍ଥାନକୁ ଅପହରଣ କରି ସେଠାରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ। ଦେହରେ ନିଆଁ ଲାଗିବା ପରେ ନାବାଳିକା ଏଣେତେଣେ ଦୌଡ଼ିବାରେ ଲାଗିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରିଥିଲେ। ପ୍ରଥମେ ପିପିଲି ଡାକ୍ତରଖାନା ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ନାବାଳିକା ଶରୀରର ୭୫% ପୋଡ଼ି ଯାଇଥିବାରୁ ତାଙ୍କୁ ଦିଲ୍ଲୀ ଏମ୍ସକୁ ଜୁଲାଇ ୨୨ରେ ଏୟାର ଲିଫ୍ଟ କରାଯାଇଥିଲା। ରାଜ୍ୟ ସରକାର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିଥିଲେ। ଭୁବନେଶ୍ୱରରେ ଏକ ୧୪ ଜଣିଆ ଟିମ୍ ତାଙ୍କର ଚିକିତ୍ସା କରୁଥିଲେ। ଦିଲ୍ଲୀ ଏମ୍ସରେ ମଧ୍ୟ ଏକ ଡାକ୍ତରୀ ଦଳ ଗଠନ କରାଯାଇ ସ୍ୱତନ୍ତ୍ର ଚିକିତ୍ସା କରାଯାଇଥିଲା। ମାତ୍ର ପୀଡ଼ିତାଙ୍କୁ ବଞ୍ଚାଇବା ସମ୍ଭବପର ହୋଇ ନଥିଲା। ପୀଡ଼ିତା ଚିକିତ୍ସାଧୀନ ଥିଲାବେଳେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତି ପୋଲିସ ଓ କ୍ରାଇମବ୍ରାଞ୍ଚ ଦ୍ୱାରା ତାଙ୍କ ବୟାନକୁ ଭିଡିଓ ରେକର୍ଡିଂ କରାଯାଇଥିଲା। ଏହି ଖବର ଜଣାପଡ଼ିବା ପରେ ବଲଙ୍ଗା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମୁଁ ମର୍ମାହତ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୮ (ସବ୍ୟୁ): ବଲଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଘଟଣା ତାଙ୍କୁ ଗଭୀର ଭାବେ ମର୍ମାହତ କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି। ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ସରକାରଙ୍କ ସମସ୍ତ ପ୍ରୟାସ ଓ ଦିଲ୍ଲୀ ଏମ୍ସର ବିଶେଷଜ୍ଞଙ୍କ ଡାକ୍ତରୀ ଦଳର ଅହୋରାତ୍ର ଚେଷ୍ଟା ସତ୍ତ୍ୱେ ତାଙ୍କ ଜୀବନ ରକ୍ଷା କରାଯାଇ ପାରିଲା ନାହିଁ। ପୀଡ଼ିତାଙ୍କ ଆତ୍ମାର ସଦ୍‌ଗତି କାମନା କରୁଛି ଓ ଏହି ଅପୂରଣୀୟ କ୍ଷତିକୁ ସହିବା ପାଇଁ ତାଙ୍କ ପରିବାରକୁ ଶକ୍ତି ମିଳୁ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି।

## ଦୁଃଖ ପ୍ରକାଶ କଲେ ନବୀନ

ଭୁବନେଶ୍ୱର, ୨।୮ (ସବ୍ୟୁ) : ବଲଙ୍ଗା ପୀଡ଼ିତାଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସେ ଗଭୀର ସମବେଦନା ଜଣାଇଛନ୍ତି। ଏହି ଦୁଃଖଦ ମୁହୂର୍ତ୍ତରେ ଭଗବାନ ତାଙ୍କ ପରିବାର ସଦସ୍ୟଙ୍କୁ ଧୈର୍ଯ୍ୟ ଓ ସାହାସ ଦିଅନ୍ତୁ ବୋଲି ପ୍ରାର୍ଥନା କରୁଛି।

# ରେବନ୍ନାଙ୍କୁ ଆଜୀବନ



ନୂଆଦିଲ୍ଲୀ, ୨।୮ : ଯୌନ ନିର୍ଯାତନ ଓ ଦୁଷ୍କର୍ମ ମାମଲାରେ ପୂର୍ବତନ ଜେଡିଏସ୍ ସାଂସଦ ପ୍ରଜ୍ୱଲ ରେବନ୍ନା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଜନ ପ୍ରତିନିଧିଙ୍କ ପାଇଁ ଥିବା ସ୍ୱତନ୍ତ୍ର କୋର୍ଟ ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଜନ ପ୍ରତିନିଧିଙ୍କ ଲାଗି ଥିବା ସ୍ୱତନ୍ତ୍ର କୋର୍ଟର ଜଜ୍ ସନ୍ତୋଷ ଗଜାନନ ଭଟ୍ଟ ଆଜୀବନ ଜେଲ୍ ଦଣ୍ଡ ସହ ୧୦ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କା କ୍ଷତିପୂରଣ ଦେବାପାଇଁ କୁହାଯାଇଛି। ପ୍ରଜ୍ୱଲ ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବେଗୌଡ଼ାଙ୍କ ନାତି।

ମହୀସୁରର କେଆର୍ ନଗରରେ ଥିବା ଫାର୍ମ ହାଉସ୍‌ରେ କାର୍ଯ୍ୟରତ ଜଣେ ଘରୋଇ ସହାୟିକା ପ୍ରଜ୍ୱଲଙ୍କ ନାମରେ ଦୁଷ୍କର୍ମ ମାମଲା ଦାୟର କରିଥିଲେ। ଜନପ୍ରତିନିଧିଙ୍କ ସ୍ୱତନ୍ତ୍ର କୋର୍ଟ ୧୪ ମାସ ପରେ ତାଙ୍କ ରାୟ ଶୁଣାଇଛନ୍ତି। ଏହି ମାମଲାର ଶୁଣାଣି ଗତକାଲି ଶେଷ ହୋଇଥିଲା ଓ ପ୍ରଜ୍ୱଲଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଆଜି କୋର୍ଟ ତାଙ୍କ ରାୟ ପ୍ରକାଶ କରିଛନ୍ତି। ପ୍ରଜ୍ୱଲ୍ୟ କହିଛନ୍ତି ଯେ ରାଜନୀତିରେ ସେ କ୍ଷିପ୍ର ଗତିରେ ତାଙ୍କର ପତିଆରା ବୃଦ୍ଧି ହେଉଥିବା ତାଙ୍କର ଏକମାତ୍ର ଭୁଲ। ସେ କୌଣସି ଭୁଲ କରିନାହାନ୍ତି। ପ୍ରଜ୍ୱଲଙ୍କ ନାମରେ ତାଙ୍କ ଘରୋଇ ସହାୟିକା ମାମଲା ରୁଜୁ କରିଥିଲେ। ହାସନ ଜିଲ୍ଲାର ଗାନିକାଡ଼ାଠାରେ ଥିବା ଫାର୍ମହାଉସରେ ସମ୍ପୃକ୍ତ ମହିଳା କାର୍ଯ୍ୟ କରୁଥିଲେ। ସେ ଅଭିଯୋଗ କରିଥିଲେ ଯେ (୯ ପୃଷ୍ଠାରେ)

# ଦେହରେ ନିଆଁ ଲଗାଇ ମହିଳାଙ୍କ ଆତ୍ମହତ୍ୟା

କରଞ୍ଜିଆ, ୨।୮ (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଖୁଣ୍ଟି ଗାଁର ପାତା ସାହିରେ ଏକ ଅଭାବନୀୟ ଘଟଣା ଘଟିଛି । ଶନିବାରି ସକାଳ ସାଢ଼େ ୮ଟାରେ ମଧ୍ୟରେ ଖୁଣ୍ଟି କଲେଜ ସମ୍ମୁଖରେ ଥିବା ବିଲ ମଝିରେ ଜଣେ ମହିଳା ଏବଂ ଜଣେ ପୁରୁଷ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଉଭୟଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ମହିଳାଜଣଙ୍କ ମୃତ୍ୟୁ ବରଣ କରିଥିବା ବେଳେ ପୁରୁଷ ବନ୍ଧୁ ଜଣଙ୍କ ଗୁରୁତର ଆହତ ଅବସ୍ଥାରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସେମାନଙ୍କୁ ଜଳି ଯାଉଥିବା ଦେଖି ମହିଳାଙ୍କ ଭାଇ ଓ ସ୍ଥାନୀୟ ଲୋକେ ବିଲ ମଝିରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଶୁକୁଳୀ ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ମେଡ଼ିକାଲ କର୍ତ୍ତୃପକ୍ଷ ମହିଳା ଜଣଙ୍କୁ ମୃତ ଘୋଷଣା କରିଥିଲେ । ମୃତ ମହିଳା ଜଣଙ୍କ ସେହି ପାତା ସାହିର ଭାରତୀ ପାତ୍ର । ଅନ୍ୟ ଗୁରୁତର ପୁରୁଷ ବନ୍ଧୁ ଜଣଙ୍କ ହେଲେ ରାଇରଙ୍ଗପୁରର ହରିଶଙ୍କର ଆଚାର୍ଯ୍ୟଙ୍କ ବୋଲି ଜଣାପଡିଛି । ସେ ନିଜର ଶଶୁର ଘର ପଣସିଗ୍ରାମକୁ ଆସିଥିବା ବେଳେ ଏପରି ଅଭାବନୀୟ କାଣ୍ଡ ଘଟିଛି। ମୃତ ମହିଳାଙ୍କ ୭ ବର୍ଷର ଏକ କନ୍ୟା ସନ୍ତାନ ଥିବା ଜଣାଯାଇଛି । ରାଇରଙ୍ଗପୁର ଅଞ୍ଚଳର ଛାନପୁର ଗ୍ରାମର ହରିହର ଆଚାର୍ଯ୍ୟଙ୍କର ମୃତା ଭାରତୀ ପାତ୍ରଙ୍କ ସହିତ ଦୀର୍ଘ ଦିନ ହେବ ବନ୍ଧୁତ୍ୱ ସ୍ଥାପନ ହୋଇଥିଲା । ଶନିବାର୍ ସକାଳ ୭ ଟାରେ ଦୁହିଁଙ୍କର ଭେଟଘାଟ ହୋଇ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା । (୯ ପୃଷ୍ଠାରେ)

# ରାଜ୍ୟର ୩୫ ଲକ୍ଷ କୃଷକଙ୍କୁ ମିଳିଲା ୬୯୭ କୋଟି



- ପିଏମ୍ କିଷାନର ୨୦ତମ କିସ୍ତି ପ୍ରଦାନ କଲେ ପ୍ରଧାନମନ୍ତ୍ରୀ
- ସମୃଦ୍ଧ ଓଡ଼ିଶା, ବିକଶିତ ଭାରତ ଗଠନରେ ଚାଷୀଙ୍କ ଯୋଗଦାନ ଅଦ୍ୱିତୀୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୮ (ସବ୍ୟୁ) :କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପିଏମ କିଷାନ ସମ୍ମାନ ନିଧି କାର୍ଯ୍ୟକ୍ରମରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ରାଜ୍ୟର ଚାଷୀ ଭାଇ ଭଉଣୀ ମାନଙ୍କୁ ପି.ଏମ୍ କିଷାନ ସହାୟତା ରାଶିର ୨୦ତମ କିସ୍ତି ପ୍ରଦାନ କରିଛନ୍ତି।

ସୂଚନା ଯୋଗ୍ୟଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତର ପ୍ରଦେଶର ବାରାଣାସୀ ଠାରେ ଉପସ୍ଥିତ ରହି, ପି.ଏମ୍ କିଷାନର କିସ୍ତି ବାବଦରେ ସାରା ଦେଶର ୯.୭ କୋଟି ଚାଷୀଙ୍କୁ ୨୦୦୦ ଟଙ୍କା ଲେଖାଏଁ ହିସାବରେ ସମୁଦାୟ ୨୦ ହଜାର ୫୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି।

ଇତ୍ୟବସରରେ, ଭୁବନେଶ୍ୱର ଉପକଣ୍ଠ ସ୍ଥିତ ଆଇ.ସି.ଏ.ଆର୍-ସିଫା ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାୟ ୩୪ ଲକ୍ଷ ୮୫ ହଜାରରୁ ଊର୍ଦ୍ଧ୍ୱ କୃଷକଙ୍କୁ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି ଏବଂ ସମସ୍ତ ଯୋଗ୍ୟ ହିତାଧିକାରୀ ମାନଙ୍କୁ ୨,୦୦୦ ଟଙ୍କା ଲେଖାଏଁ ମୋଟ ୬୯୭ କୋଟି ଟଙ୍କା ପ୍ରଦାନ କରା ଯାଇଛି।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ହେଉଛି ଲୋକଙ୍କ ସରକାର ଏବଂ ଚାଷୀ (୯ ପୃଷ୍ଠାରେ)

# ୮ କୋଟିର ବିଦେଶୀ ଗଞ୍ଜେଇ ଜବତ

ଭୁବନେଶ୍ୱର, ୨।୮ (ସବ୍ୟୁ) : ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରୁ ୮କୋଟି ଟଙ୍କାର ବିଦେଶୀ ଗଞ୍ଜେଇ ଜବତ ହୋଇଛି। ଚାଲାଣକାରୀ ଅହମ୍ମଦାବାଦର ଯୁବକଙ୍କୁ ଅଟକ ରଖିଛି ଡିଆର୍‌ଆଇ (ଡାଇରେକଟର ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ) ।

ଥାଇଲାଣ୍ଡରୁ ଇଣ୍ଡିଗୋ ବିମାନରେ ଅହମ୍ମଦାବାଦର ଯୁବକ ୮କୋଟି ଟଙ୍କାର ଗଞ୍ଜେଇ ଧରି ଭୁବନେଶ୍ୱର ଆସିବା ପରେ ଅହମ୍ମଦାବାଦ ଯାଇଥାନ୍ତେ । ସୂଚନା ଆଧାରରେ ଡିଆର୍‌ଆଇ ଟିମ୍ ବିମାନବନ୍ଦର ନିକଟରେ ଅହମ୍ମଦାବାଦର ଚାଲାଣକାରୀ ଯୁବକଙ୍କ ଲଗେଜକୁ ଯାଞ୍ଚ କରିବା ପରେ ବିଦେଶୀ (୯ ପୃଷ୍ଠାରେ)

# ମଧ୍ୟାହ୍ନ ଭୋଜନରେ ଝିଟିପିଟି, ୯୦ ଛାତ୍ରଛାତ୍ରୀ ଅସୁସ୍ଥ

ମୁରିବାହାଲ, ୨।୮ (ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସଦର ମହକୁମା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅଭାବନୀୟ ଘଟଣା ଘଟିଛି । ମଧ୍ୟାହ୍ନ ଭୋଜନରେ ଏକ ଝିଟିପିଟି ପଡ଼ିଥିବା ବେଳେ ଏହି ଖାଦ୍ୟ ଖାଇ ୯୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ଶନିବାର ସକାଳୁଆ ସ୍କୁଲ ଥିବା ବେଳେ ସମସ୍ତ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଖାଇବାକୁ ଦିଆଯାଇଥିଲା । କିନ୍ତୁ ମଧ୍ୟାହ୍ନ ଭୋଜନ ଖାଇସାରିବା ପରେ ବହୁ ଛାତ୍ରଛାତ୍ରୀଙ୍କ ମୁଣ୍ଡ ବୁଲାଇବା,ପେଟ ବ୍ୟଥା ସହ ବାନ୍ତି କରିବାରୁ ସେମାନେ ଗୁରୁତର ଅସୁସ୍ଥ ଅନୁଭବ କରିଥିଲେ । ଏହି ସଂଖ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଥିଲା। ସମସ୍ତ ଅସୁସ୍ଥଙ୍କୁ ଟିଟିଲାଗଡ ମାତୃଓ ଶିଶୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍କୁଲରେ ଏକ ମେଡିକାଲ୍ କ୍ୟାମ୍ପ କରି ଛାତ୍ରଛାତ୍ରୀଙ୍କ ଚିକିତ୍ସା କରାଯାଇଥିଲା । ଶିକ୍ଷା ବିଭାଗ ତଥା ସ୍ୱାସ୍ଥ୍ୟ ବିଭାଗର (୯ ପୃଷ୍ଠାରେ)

# ଚାଷରେ ପଡ଼ିବ ପ୍ରଭାବ

ଭୁବନେଶ୍ୱର, ୨।୮ (ସବ୍ୟୁ) : ସାଧାରଣତଃ ମୌସୁମୀ ଆସିଲେ ଚାଷ କାର୍ଯ୍ୟ ଆଗେଇଥାଏ । ମୌସୁମୀ ଆସିବାର ଦୁଇ ମାସ ପରେ ଏବେ କିନ୍ତୁ ନିଷ୍କ୍ରିୟ ହୋଇଯାଇଛି। ଆସନ୍ତା ୯ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର (୯ ପୃଷ୍ଠାରେ)

## ମୌସୁମୀ ଗାଏବ, କମିବ ବର୍ଷା

ଭୁବନେଶ୍ୱର, ୨।୮ (ସବ୍ୟୁ): ରାଜ୍ୟରେ ମୌସୁମୀ ଏବେ ଗାଏବ । ଆସନ୍ତା ୧୦ଦିନ ପର୍ଯ୍ୟନ୍ତ ଆଉ ସକ୍ରିୟ ହେବନି । ଫଳରେ ବିଭିନ୍ନ ସ୍ଥାନରେ ବର୍ଷା ହ୍ରାସ ପାଇବା ସହିତ ଦିନର ତାପମାତ୍ରା ବୃଦ୍ଧି ପାଇଛି । ଶନିବାର ୫ ସହରରେ ଦିନର ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଛି । ଆଜି ସର୍ବାଧିକ ତାପମାତ୍ରା ନୟାଗଡ଼ରେ ୩୭ ଡିଗ୍ରୀ ରେକର୍ଡ ହୋଇଛି । (୯ ପୃଷ୍ଠାରେ)

# ସେପ୍ଟେମ୍ବର ୬ରେ ମହାନଦୀ ଟ୍ରିବ୍ୟୁନାଲ୍‌ର ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର, ୨।୮ (ସବ୍ୟୁ): ମହାନଦୀ ଜଳକୁ ନେଇ ଛତିଶଗଡ଼ ସହ ଥିବା ବିବାଦର ସମାଧାନ ଆପୋଷ ବୁଝାମଣା ଦିଗରେ ଆଗେଇଛି । ସମାଧାନ ପାଇଁ ଉଭୟ ପକ୍ଷ ରାଜି ଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲକୁ ଅବଗତ କରାଇଛନ୍ତି । ଟ୍ରିବ୍ୟୁନାଲର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୬କୁ ଘୁଞ୍ଚିଛି ।

ଆଡ୍‌ଭୋକେଟ ଜେନେରାଲ ଜଣାଇଥିଲେ ଯେ ଉଭୟ ରାଜ୍ୟର ମୁଖ୍ୟ ସଚିବ ରାଜନୈତିକ ସ୍ତରରେ ଆଲୋଚନା କରାଯାଇ ଆପୋଷ ବୁଝାମଣା ଦିଗରେ କଥା ଆଗକୁ ବଢୁଛି । ଛତିଶଗଡ଼ ମୁଖ୍ୟମନ୍ତ୍ରୀ (୯ ପୃଷ୍ଠାରେ)

T- 61

ଓଡ଼ିଶା ସରକାର

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ଵାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା. 04/08/2025 ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 09014/11/0178/2526

# ରାଷ୍ଟ୍ରୀୟ ସଭାପତି ଚୟନ ପରେ ରାଜ୍ୟ ବିଜେପି ଟିମ୍



ଭୁବନେଶ୍ୱର, ୨।୮ (ସବ୍ୟୁ): ରାଜ୍ୟ ବିଜେପିର ସଭାପତି ଚୟନ ହୋଇଛି। ହେଲେ ଏପର୍ଯ୍ୟନ୍ତ ସଭାପତି ମନମୋହନ ସାମଲ ତାଙ୍କ ନୂଆ ଟିମ୍ ଘୋଷଣା କରିନାହାନ୍ତି। ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ସରିବା ପରେ ରାଜ୍ୟ ବିଜେପି ଟିମ୍ ଘୋଷଣା ହେବ ବୋଲି ଶ୍ରୀ ସାମଲ କହିଛନ୍ତି।

ତେବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ କେବେ ସରିବ ସେନେଇ ସୂଚନା ଦେଇନାହାନ୍ତି। ଶ୍ରୀ ସାମଲ କହିଛନ୍ତି ଯେ ପ୍ରଥମେ ଦଳର କାର୍ଯ୍ୟକର୍ତ୍ତା ଚୟନ ହେବେ। ଦଳର ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଏହା କରାଯିବ। ଏହାପରେ ନିଗମ ଓ ବୋର୍ଡ଼ରେ ନିଯୁକ୍ତି ନେଇ ନିଷ୍ପତ୍ତି ନିଆଯିବ। ସୂଚନାଯୋଗ୍ୟ ଗତ ଜୁଲାଇ ୭ରେ ରାଜ୍ୟ ବିଜେପି ସଭାପତି ନିର୍ବାଚନରେ ଏକମାତ୍ର ପ୍ରାର୍ଥୀ ଭାବେ ମନମୋହନ ସାମଲ ନାମାଙ୍କନ ଦାଖଲ କରିଥିଲେ। ମନମୋହନ ପୁନର୍ବାର ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ୨୦୨୪ ନିର୍ବାଚନରେ ମନମୋହନ ବିଜେପିର ମଙ୍ଗ ଧରିଥିଲେ। ତାଙ୍କର ସାଙ୍ଗଠନିକ ଦକ୍ଷତା ଯୋଗୁ ରାଜ୍ୟରେ ପ୍ରଥମ ଥର ଲାଗି ଦଳ ଏକାକୀ କ୍ଷମତାସୀନ ହୋଇଥିଲା। ତାଙ୍କର ଦକ୍ଷତା ଉପରେ ପୁଣି ବିଜେପିର ରାଷ୍ଟ୍ରୀୟ ନେତୃତ୍ୱ ଭରସା କରିଥିଲା। ପୁନର୍ବାର ତାଙ୍କୁ ସଭାପତି କରାଯାଇଥିଲା। ସଭାପତି ହେବାପରେ ମନମୋହନ ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କୁ ସାକ୍ଷାତ କରିଥିଲେ। ଆଶା କରାଯାଉଥିଲା ଖୁବ୍‌ଶୀଘ୍ର ନୂଆ ଟିମ୍ ମନମୋହନ ଗଠନ କରିବେ। ନୂଆ ଟିମ୍‌ରେ କିଏ ରହିବେ କିଏ ନରହିବେ ତାହାକୁ ନେଇ ମଧ୍ୟ ଦଳୀୟ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। ଉଭୟ ନୂଆ ଓ ଅଭିଜ୍ଞଙ୍କୁ ପ୍ରାଧାନ୍ୟ ମିଳିବ ବୋଲି ମନମୋହନ କହିଥିଲେ। କେବଳ ବିଜେପି ଟିମ୍ ନୁହେଁ ରାଜ୍ୟ ମନ୍ତ୍ରିମଣ୍ଡଳ ନେଇ ମଧ୍ୟ ଚର୍ଚ୍ଚା ଧରିଥିଲା। (୯ ପୃଷ୍ଠାରେ)




# ଜୀବନର ଅମୂଲ୍ୟ ସମ୍ପଦ ବନ୍ଧୁତ୍ୱ






ବନ୍ଧୁ ବିନା ଜୀବନ ଯେପରି ଅଂସମ୍ପୂର୍ଣ୍ଣ ହୋଇଥାଏ । ଜୀବନର ସବୁ ପାଦରେ ଆମର ଗୋଟିଏ ବନ୍ଧୁର ଆବଶ୍ୟକତା ରହିଥାଏ । ଛୋଟ ବେଳେ ଖେଳିବା ପାଇ ହେଉ କିମ୍ବା ବଡ଼ ହେଲେ ନିଜ ମନକଥା ଖୋଲି କହିବା ପାଇଁ ହେଉ ବନ୍ଧୁଙ୍କର ଆବଶ୍ୟକତା ପଡିଥାଏ । ପାଖରେ ବନ୍ଧୁଟିଏ ଥିଲେ ଯେପରି ଜୀବନର ସମସ୍ୟାଭରା ରାସ୍ତା ଚାଲିବା ସହଜ ହୋଇପଡେ ।

ବନ୍ଧୁତ୍ୱକୁ ସେଲିବ୍ରେଟ କରିବା ପାଇଁ ସେଭଳି କୌଣସି ଦିନର ଆବଶ୍ୟକ ହୋଇନଥାଏ, ତଥାପି ଅଗଷ୍ଟ ମାସର ପ୍ରଥମ ରବିବାର ବିଶ୍ୱ ବନ୍ଧୁତ୍ୱ ଦିବସ ଭାବେ ପାଳନ କରାଯାଇଥାଏ । ଏହାକୁ ପ୍ରତିବର୍ଷ ସାରାବିଶ୍ୱର ଅନେକ ରାଷ୍ଟ୍ରରେ ପାଳନ କରାଯାଇଥାଏ । ମୁଖ୍ୟତଃ ପରାଗୁଏରେ ଏହାକୁ ଧୁମଧାମରେ ପାଳନ କରାଯାଇଥାଏ । ଏଠାରେ ପ୍ରଥମଥର ପାଇଁ ୧୯୫୮ ମସିହାରେ ବିଶ୍ୱ ବନ୍ଧୁ ଦିବସ ପାଳନ କରାଯାଇଥିଲା । ଏହି ଦିନ ସମସ୍ତେ ନିଜର ନିଜର ସାଙ୍ଗ ସାଥୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଗ୍ରୀଟିଂ କାର୍ଡ ଦେଇ ଅଭିବାଦନ ଜଣାଇଥାଆନ୍ତି । ବର୍ତ୍ତମାନ ଶୁଭେଚ୍ଛାର ଜରିଆ ବଦଳିଛି । ଆଗ ଭଳି ଆଉ କାର୍ଡ କିଣା ହେଉନାହିଁ । ମୋବାଇଲ ମେସେଜ୍‌ରେ ଦିଆଯାଉଛି ବନ୍ଧୁତ୍ୱ ଦିବସର ଶୁଭେଚ୍ଛା । ତଥାପି ସାଙ୍ଗସାଥୀଙ୍କ ପାଇଁ ସମସ୍ତେ ଏହି ଦିନଟିକୁ ପାଳନ କରୁଥିବାର ଦେଖିବାକୁ ମିଳିଥାଏ । ଏହି ଦିନ ବିଭିନ୍ନ ସ୍ଥାନରେ ସାଙ୍ଗସାଥୀମାନେ ମିଳିମିଶି ଭୋଜି ଭାତ କରୁଥିବାର ମଧ୍ୟ ଦେଖିବାକୁ ମିଳିଥାଏ । ସମସ୍ତେ ଏହି ଦିନ ନିଜର ପୁରୁଣା ସ୍ମୃତିକୁ ଉଦ୍‌ଜୀବିତ କରିବା ପାଇଁ ଚେଷ୍ଟା କରିଥାଆନ୍ତି ।

**ସଙ୍ଗେ ସଙ୍ଗେ ଦିଅନ୍ତୁ ଉପହାର–** ଏଭଳି ଅନେକ ଥର ହୋଇଥାଏ କି ଆପଣ ହଠାତ୍ ସାଙ୍ଗଙ୍କ ସହ ଦେଖାହେବା ପାଇଁ ଯୋଜନା କରନ୍ତି । ତେବେ ଏହି କ୍ଷେତ୍ରରେ ଭାବି ଚିନ୍ତି ଗିଫ୍ଟ କିଣିବାକୁ ସମୟ ମିଳେ ନାହିଁ । ତେଣୁ ଏହି ସମୟରେ ଆପଣ କିଛି ଇନ୍‌ଷ୍ଟାଣ୍ଟ ଗିଫ୍ଟ ସେମାନଙ୍କୁ ଦେଇପାରିବେ । ଯଦି ଆପଣ କୌଣସି ଝିଅ ସାଙ୍ଗଙ୍କୁ ଦେଖା କରିବାକୁ ଯାଉଛନ୍ତି ତେବେ ତାଙ୍କ ପାଇଁ ପର୍ଫ୍ୟୁମ ଏକ ଭଲ ଗିଫ୍ଟ ହୋଇପାରିବ । ସେହିଭଳି ଭଲ ବୁକେ ସହିତ ଚକୋଲେଟ୍ ଓ ଟେଡି ଦେଇପାରିବେ । ସେହିଭଳି ଯଦି ପୁଅ ସାଙ୍ଗ ତେବେ ଏକ ଭଲ ପେନ୍ କିମ୍ବା ଟାଏ ଦେଇପାରିବେ, ଯାହା ସେମାନଙ୍କ କାମରେ ଆସିବ । ସେହିଭଳି ଯଦି ଆପଣଙ୍କ ସାଙ୍ଗଙ୍କୁ ମ୍ୟୁଜିକ୍ ପସନ୍ଦ ତେବେ ଇୟରପଡ କିମ୍ବା ସ୍ପିକର ଗିଫ୍ଟ କରିପାରିବେ । ସେହିଭଳି ଯଦି ଆପଣଙ୍କ ସାଙ୍ଗ ଖାଦ୍ୟ ପ୍ରିୟ ତେବେ ତାଙ୍କୁ ରାଇସ୍ କୁକର, ସାଣ୍ଡଉଇଚ୍ ମେକର ଭଳି କିଚେନ୍ ଗ୍ୟାଜେଟ୍ ମଧ୍ୟ ଦେଇପାରେବେ । ଅନ୍ୟ ସାମଗ୍ରୀ ଭିତରେ ଘଣ୍ଟା, ଚଷମା, ବ୍ୟାଗ୍ ଆଦି ଗିଫ୍ଟ ମଧ୍ୟ ଅସନରେ ରହିଛି ।

# ଘରର ବାୟୁ ବି ହୋଇପାରେ ପ୍ରଦୂଷିତ



ଆଜିକାଲି ବାୟୁ ପ୍ରଦୂଷଣ ଯେପରି ଏକ ଗୁରୁତର ସମସ୍ୟାରେ ପରିଣତ ହୋଇଛି । ସମସ୍ତେ ଭାବନ୍ତି କେବଳ ବାହାରେ ହିଁ ଆମେ ପ୍ରଦୂଷିତ ବାୟୁ ଶ୍ୱାସକ୍ରିୟାରେ ଗ୍ରହଣ କରୁଛେ, ହେଲେ ଏଭଳି ନୁହେଁ । ଘରେ ମଧ୍ୟ ଦୂଷିତ ବାୟୁ ରହିଛି ଯାହାକୁ ଆମେ ଗ୍ରହଣ କରିଥାଉ ବୋଲି ଏକ ରିପୋର୍ଟରେ ଦର୍ଶାଯାଇଛି । ତେଣୁ ଟ୍ରାଫିକ୍ ହେଉ କି ଡାଇନିଂ ଟେବୁଲ ଯେଉଁଠି ବି ଆପଣ ନିଃଶ୍ୱାସ ନେଉଛନ୍ତି ସେଥିରେ ପ୍ରଦୂଷିତ ବାୟୁ ନିଃଶ୍ୱାସରେ ନେବାର ଆଶଙ୍କା ରହିଛି । ବର୍ତ୍ତମାନ ଯେଉଁମାନେ କେବେ ବି ଜୀବନରେ ସିଗାରେଟ୍ ଟାଣିନାହାନ୍ତି ସେମାନଙ୍କ ନିକଟରେ କ୍ରୋନିକ ଫଟିଗୋ, ଷ୍ଟବନ୍ କଫ୍ ଭଳି ସମସ୍ୟା ଦେଖିବାକୁ ମିଳୁଛି । ତେବେ ଏହାର କାରଣ ଅଧିକ ଦିନ ଧରି ଘରେ ହେଉ କିମ୍ବା ବାହାରେ ପ୍ରଦୂଷିତ ବାୟୁ ସଂସ୍ପର୍ଶରେ ଆସି ଏହି ସମସ୍ୟା ଉପୁଜୁଥିବା ଜଣା ପଡିଛି । ତେଣୁ ସବୁବେଳେ ଘରେ ରହିଲେ ଯେ ଆମେ ପ୍ରଦୂଷଣରୁ ମୁକ୍ତ ରହିବା ତାହା ଠିକ୍ ନୁହେଁ । ଘରେ ଏଭଳି ଅନେକ ସାମଗ୍ରୀ ରହିଛି ଯେପରି ମଶା ଧୂପ, ସେଣ୍ଟେଡ୍ ଧୂପକାଠି, ସେଣ୍ଟେଡ୍ କ୍ଲିନର ଯେଉଁଥିରୁ ଏହି ସମସ୍ୟା ହେବାର ସମ୍ଭାବନା ଅଧିକ ରହୁଛି । ଏହା ବିଶେଷଭାବେ ଛୋଟ ପିଲା ଓ ବୟସ୍କଙ୍କ ପାଇଁ ବେଶି ସମସ୍ୟା ସୃଷ୍ଟି କରିଥାଏ । ତେଣୁ ଆମକୁ ବାହାର ସହିତ ଘରେ ମଧ୍ୟ ଛୋଟଛୋଟ କଥାର ଧ୍ୟାନ ରଖିବାର ଆବଶ୍ୟକତା ରହିଛି । ତେଣୁ ବାହାରକୁ ଯିବା ସମୟରେ ଯେପରି ମାସ୍କ ପିନ୍ଧୁଛେ ସେହିପରି ଘରେ ମଧ୍ୟ ଧ୍ୟାନ ଦିଅନ୍ତୁ । ଘରେ ସବୁବେଳେ ଅଗରବତୀ କିମ୍ବା ବାସ୍ନା ଧୂପକାଠି ବ୍ୟବହାର କରନ୍ତୁ ନାହିଁ । ବିଶେଷଭାବେ ଏହାକୁ ଲଗାଇବା ସମୟରେ ଘରର କବାଟ ଝରକା ଖୋଲା ରଖନ୍ତୁ । ଘରକୁ ସବୁବେଳେ ଆବଶ୍ୟକ ଭେଣ୍ଟିଲେସନ ଦିଅନ୍ତୁ ।

## ଇତିହାସ

୧୧୦୮– ଲୁଇ ଷଷ୍ଠମ୍ ଫ୍ରାନ୍ସର ସମ୍ରାଟ ହେଲେ ।
୧୮୮୬– ହିନ୍ଦୀର ବିଦ୍ୱାନ୍ ମୈଥଳୀ ଶରଣ ଗୁପ୍ତଙ୍କ ଜନ୍ମ ।
୧୮୯୦– ଭାରତର ପ୍ରସିଦ୍ଧ କ୍ରାନ୍ତିକାରୀ ଏବଂ ପାକିସ୍ତାନରେ ପ୍ରଥମ ଉଚ୍ଚାୟୁକ୍ତ ଶ୍ରୀପ୍ରକାଶଙ୍କ ଜନ୍ମ ।
୧୯୦୦– ଫାୟାରଷ୍ଟୋନ୍ ଟାୟାର୍ ଆଣ୍ଡ ରବର୍ କମ୍ପାନୀର ସ୍ଥାପନା ।
୧୯୫୭– ମହାତ୍ମା ଗାନ୍ଧୀଙ୍କ ପୁତ୍ର ଏବଂ ପ୍ରସିଦ୍ଧ ପତ୍ରାକାର ଦେବଦାସ ଗାନ୍ଧୀଙ୍କ ପରଲୋକ ।
୧୯୬୦– ଫ୍ରାନ୍ସଠାରୁ ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜରକୁ ସ୍ୱାଧୀନତା ମିଳିଲା ।
୧୯୮୫– ଜନସେବା କ୍ଷେତ୍ରରେ ପ୍ରସିଦ୍ଧ ଭାରତୀୟ ସମାଜସେବୀ ବାବା ଆମଟେଙ୍କୁ ରେମନ୍ ମ୍ୟାଗସେସ୍ ପୁରସ୍କାର ।
୧୯୩୩– ମିକି ମାଉସ୍ ୱାଚ୍ ପ୍ରଥମକରି ଜାରି କରାଗଲା ।
୧୯୩୪– ଚାନ୍ସଲର ଓ ରାଷ୍ଟ୍ରପତି ପଦର ମିଶ୍ରଣ କରି ଆଡଲଫ୍ ହିଟଲର୍ ସ୍ୱୟଂଙ୍କୁ ନେତା ଘୋଷଣା କଲେ ।
୧୯୯୩– ପ୍ରସିଦ୍ଧ ଭାରତୀୟ ଆଧ୍ୟାତ୍ମିକ ଚିନ୍ତକ ତଥା ବେଦାନ୍ତ ଦର୍ଶନର ବିଶ୍ୱ ପ୍ରସିଦ୍ଧ ବିଦ୍ୱାନ ସ୍ୱାମୀ ଚିନ୍ମୟାନନ୍ଦଙ୍କ ପରଲୋକ ।

## ହାହାଃ.. ହାହାଃ..



ପିଣ୍ଟୁ – ସାର ମୋତେ ଲାଗୁଛି ମୋର କିଛି ଗମ୍ଭୀର ରୋଗ ହୋଇଛି ।
ଡାକ୍ତର – ଏପରି କଣ ପାଇଁ ଲାଗୁଛି । କଣ ଲକ୍ଷଣ ଦେଖିଲ ?
ପିଣ୍ଟୁ – ମୋତେ ଚାରିଆଡ ଅନ୍ଧାର ଅନ୍ଧାର ଦେଖାଯାଉଛି ।
ଡାକ୍ତର – କେତେବେଳେ ଏହିପରି ହେଉଛି ?
ପିଣ୍ଟୁ – ଯେତେବେଳେ ମୋ ଘରେ ବିଜୁଳି କଟିଯାଉଛି ।






# ବାସ୍ତୁ ଅନୁଯାୟୀ ଲଗାନ୍ତୁ ଫଟୋ




**ସାଧାରଣତଃ ଘରଟିଏ ନିର୍ମାଣ କରାଗଲେ ସୁଖ ସମୃଦ୍ଧି ପ୍ରାପ୍ତି ପାଇଁ ପ୍ରାର୍ଥନା କରାଯାଇଥାଏ । ଏହାସହିତ ଧନ, ଜନ ଆଦି ବୃଦ୍ଧି କରିବା ଲାଗି ଦେବୀଦେବତାଙ୍କର ଫଟୋ ଘର କାନ୍ଥରେ ଲଗାଯାଏ । ହେଲେ କେତେକ ସ୍ଥଳରେ ମାନବ ଜୀବନ ପାଇଁ ପ୍ରତ୍ୟେକ ଫଟୋ କିମ୍ବା ପ୍ରତିମା ଶୁଭଦାୟକ ହୋଇନଥାଏ । ତେଣୁ ଘରେ କୌଣସି ବି ଫଟୋ କିମ୍ବା ମୂର୍ତ୍ତି ସ୍ଥାପନ କରିବା ପୂର୍ବରୁ ଧ୍ୟାନ ଦିଅନ୍ତୁ ଯେ ଏହା କେଉଁ ଅବସ୍ଥାରେ ରହିଛି ଏବଂ ଏହାକୁ ଘରେ ରଖିବା ଦ୍ୱାରା କି ପ୍ରଭାବ ପଡ଼ିବ । ତେଣୁ ଆସନ୍ତୁ ଜାଣିବା କେଉଁ ଦିଗରେ କେଉଁ ଦେବଦେବୀଙ୍କ ଫଟୋ ଓ ମୂର୍ତ୍ତି ସ୍ଥାପନ କରିବା ଦ୍ୱାରା ଭଗବାନଙ୍କର କୃପା ସର୍ବଦୈବ ଲାଗି ରହିବ ।**

**ଧନଦାତ୍ରୀ ମା’ ଲକ୍ଷ୍ମୀ–** ଧନଦାତ୍ରୀ ମା’ ଲକ୍ଷ୍ମୀଙ୍କ ପ୍ରତିମା କିମ୍ବା ଫଟୋ ବିରାଜମାନ ଅବସ୍ଥାରେ ରହିବା ଆବଶ୍ୟକ । ବାସ୍ତୁଶାସ୍ତ୍ର ମୁତାବକ ମା ଲକ୍ଷ୍ମୀଙ୍କର ସ୍ଥାୟୀ ରୂପ ପ୍ରାପ୍ତି ଇଚ୍ଛା ସମସ୍ତଙ୍କ ନିକଟରେ ଥାଏ । ତେଣୁ ଘର କିମ୍ବା ପୂଜାସ୍ଥାନରେ ମା’ ଲକ୍ଷ୍ମୀଙ୍କର ବିରାଜମାନ ଅବସ୍ଥାରେ ଫଟୋ ରହିବା ଆବଶ୍ୟକ । ଯାହାଫଳରେ ଘରେ ସର୍ବଦା ଧନରୂପୀ ମା’ ଲକ୍ଷ୍ମୀଙ୍କ ଆଗମନ ହେବ ।

**ବିଦ୍ୟାଦାତ୍ରୀ ମା’ ସରସ୍ୱତୀ–** ଯେଉଁ ଘରେ ପିଲାମାନଙ୍କ ପାଠପଢ଼ା ପ୍ରତି ସମସ୍ୟା ହୋଇଥାଏ, ସେହି ଘରେ ମା’ ସରସ୍ୱତୀଙ୍କ ଫଟୋ କିମ୍ବା ମୂର୍ତ୍ତି ସ୍ଥାପନ କରିବା ଆବଶ୍ୟକ । ଏହି ଫଟୋରେ ମା’ ସରସ୍ୱତୀ ବିରାଜମାନ ଅବସ୍ଥାରେ ରହିଥିବା ଆବଶ୍ୟକ । ଯାହାଫଳରେ ଘରେ ବିଦ୍ୟା ଆଗମନ ହେବା ସହିତ ବିଦ୍ୟାର୍ଥୀଙ୍କ ସ୍ମରଣଶକ୍ତି ବୃଦ୍ଧି ପାଏ ବୋଲି କୁହାଯାଏ ।

**ବିଘ୍ନହର୍ତ୍ତା ଶ୍ରୀଗଣେଶ–** ଜୀବନରେ ଆସୁଥିବା ସମସ୍ତ ବାଧାବିଘ୍ନକୁ ହରଣ କରି ସମସ୍ତଙ୍କ ମଧ୍ୟରେ ଖୁସି ବାଣ୍ଟୁଥିବାରୁ ଗଣେଶଙ୍କୁ ବିଘ୍ନହର୍ତ୍ତା ବୋଲି କୁହାଯାଏ । ତେଣୁ ଗଣେଶଙ୍କ ଫଟୋ କିମ୍ବା ମୂର୍ତ୍ତି ଘରେ ରଖିବା ଭଲ । ହେଲେ ଗଣେଶ ତାଙ୍କ ଦୁଇ ପତ୍ନୀଙ୍କ ସହିତ ବିରାଜମାନ ଅବସ୍ଥାରେ ଥିବା ଫଟୋ ଓ ମୂର୍ତ୍ତିକୁ ପୂର୍ବଦିଗରେ ସ୍ଥାପନ କରିବାକୁ ସର୍ବଶ୍ରେଷ୍ଠ ମନେ କରାଯାଏ । ଏହାଦ୍ୱାରା ସୁଖ ସମୃଦ୍ଧି ପ୍ରାପ୍ତ ହୋଇଥାଏ ।

## ସୋସିଆଲ କୋଟ୍ସ



“ମୁଁ ଲେଖିଥିବା ଏହି ବହିକୁ କ୍ରମାନ୍ୱୟରେ ପଢିବାର ଆବଶ୍ୟକତା ନାହିଁ । ଏହି ବହିକୁ ସମସ୍ତେ ବୁଝି ପାରିବେ । ଆଶା କରୁଛି ପାଠକଙ୍କୁ ପସନ୍ଦ ଆସିବ ।

**ଡବୁ ମଲିକ, ସିଙ୍ଗର**



“ନିଜ ସ୍କୁଲରୁ ସମ୍ମାନ ପାଇବା ଏକ ଗୌରବର ବିଷୟ । ମୋ ଆଖିରେ ଲୁହ ଥିଲା ହେଲେ ମନରୁ ଖୁବ ଖୁସି ଥିଲି । ଏ ମୋପାଇଁ ଖୁବ ଗୌରବର ବିଷୟ ଥିଲା ।

**ଅନିତା ପଣ୍ଡା, ଅଭିନେତ୍ରୀ**



“ପୁଅ ସହିତ ଅଭିନୟ କରି ଖୁବ ଖୁସି ଅଛି । ସେ ଛୋଟ ହେଲେ ମଧ୍ୟ ମୁଁ ତାଠାରୁ ସୁଟିଂ ସେଟ୍‌ରେ ଅନେକ କିଛି ଶିଖିଛି । ସେ ଜଣେ ଭଲ ଅଭିନେତା ।

**ଆମିର ଖାନ୍ ଅଭିନେତା**

# ଭାବପ୍ରବଣ ହେଲେ ଶାହରୁଖ

ନିକଟରେ ଘୋଷଣା ହୋଇଥିବା ଜାତୀୟ ଫିଲ୍ମ ପୁରସ୍କାରରେ ଶାହରୁଖ ଖାନଙ୍କ ଫିଲ୍ମ ଜବାନ । ପ୍ରଥମଥର ପାଇଁ ନ୍ୟାସନାଲ ଆୱାର୍ଡ ପାଇ ଖୁବ ଖୁସି ଅଛନ୍ତି କିଙ୍ଗଖାନ୍ । ଏହି ପୁରସ୍କାର ତାଙ୍କୁ ଭାବପ୍ରବଣ କରିଛି, ଯାହାର ଫଟୋ ଓ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ସେ ପୁରସ୍କାର ଶ୍ରେୟ ନିଜ ଫିଲ୍ମ ନିର୍ଦ୍ଦେଶକ, ଟିମ୍, ଦର୍ଶକ ଓ ପରିବାର ସାଙ୍ଗସାଥୀଙ୍କୁ ଦେଇଛନ୍ତି । ସମସ୍ତଙ୍କ ଭଲପାଇବା ଓ ସହଯୋଗ ପାଇଁ ସେ ଆଜି ଏହି ପୁରସ୍କାର ପାଇବାରେ ସକ୍ଷମ ହୋଇଛନ୍ତି । ଏହା ତାଙ୍କ ଜୀବନର ଏକ ଅମୂଲ୍ୟ ଉପଲବ୍ଧି ବୋଲି ସେ ମତ ଦେଇଛନ୍ତି । ନିଜ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଅପଲୋଡ କରି ସେ ଏ ବିଷୟରେ ମତ ଦେଇଛନ୍ତି । ସେ ଏହି ପୁରସ୍କାର ପାଇବା ପରେ ସମସ୍ତଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି । ସେହିଭଳି ଜବାନ୍‌ରେ କାମ କରିବାକୁ ସୁଯୋଗ ଦେଇଥିବାରୁ ନିର୍ଦ୍ଦେଶକ ଅଟଲି କୁମାରଙ୍କୁ ଖୁବ ଧନ୍ୟବାଦ ଦେଇଛନ୍ତି କିଙ୍ଗଖାନ୍ । ଏହି ପୁରସ୍କାର ତାଙ୍କୁ ଆଗକୁ ଆହୁରି ଭଲ ପ୍ରୋଜେକ୍ଟରେ କାମ କରିବାକୁ ପ୍ରବର୍ତ୍ତାଇବ ବୋଲି ସେ ପ୍ରକାଶ କରିଛନ୍ତି । ଜାତୀୟ ପୁରସ୍କାର ତାଲିକାରେ ଶାହରୁଖ ଖାନ୍‌ଙ୍କ ବ୍ୟତିତ ବିକ୍ରାନ୍ତ ମେସି (ଟୁଏଲ୍‌ଥ ଫେଲ)ଙ୍କ ନାଁ ସାମିଲ ରହିଛି । ଏହାସହ ଓଡ଼ିଆ ଫିଲ୍ମ ପୁସ୍କରା ନାଁ ମଧ୍ୟ ସେଥିରେ ସାମିଲ ଅଛି ।







ପି.ଏମ୍ କିସାନ ଦିବସ ଅବସରରେ ଭୁବନେଶ୍ୱରର ସିଫା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ନାବାଳିକାଙ୍କୁ ଜବରଦସ୍ତ ଉଠାଇ ବଳାତ୍କାର ଅଭିଯୋଗରେ ଜଣେ ଗିରଫ

ଜଟଣୀ,(ସବ୍ୟୁ): ଜଟଣୀ ଥାନା ଅଂଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଜବରଦସ୍ତ ଉଠାଇନେଇ ବଳାତ୍କାର କରିବା ଅଭିଯୋଗରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତର ନା ସୁମନ୍ତ ମହାରଣା ଓରଫ ଧୁଷା(୨୪)। ଡେଲାଙ୍ଗ ଥାନା ଜୋରକଣି ଗ୍ରାମରେ ତାର ଘର। ଗତ ୨୯ ତାରିଖ ରାତି ପ୍ରାୟ ୮ଟାରେ ଜଟଣୀସ୍ଥିତ ଘର ନିକଟରୁ ନାବାଳିକାଙ୍କୁ ଅଭିଯୁକ୍ତ ସୁମନ୍ତ ଜବରଦସ୍ତ ନେଇଯାଇଥିଲା। ପରେ ଜାଣିବା ପରେ ପରିବାର ଲୋକେ ଥାନାରେ ଜଣାଇବା ସହ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ତା ପରଦିନ ଖୋର୍ଦ୍ଧା ମଳିପଡ଼ା ବସ୍‌ଷ୍ଟାଣ୍ଡ ନିକଟରେ ନାବାଳିକାଙ୍କୁ ଛାଡ଼ି ଅଭିଯୁକ୍ତ ପଳାଇଥିବା ଖବରପାଇ ପୁଲିସ ପହଂଚିଥିଲା। ପୁଲିସ ପହଂଚି ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଅଭିଯୁକ୍ତ ତାଙ୍କୁ ନେଇ ଏକ ନିକାଞ୍ଚନ ସ୍ଥାନରେ ଜବରଦସ୍ତ ବଳାତ୍କାର କରିଥିବା ପୋଲିସ ନିକଟରେ ନାବାଳିକା ବୟାନ ଦେଇଥିଲେ।

### ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲିୟମ୍ ସାମଗ୍ରୀ ବିକ୍ରି ମନା

# ନିୟମ କଡ଼ାକଡ଼ି କରିବାକୁ ଜିଲ୍ଲାପାଳଙ୍କୁ ଚିଠି

ଭୁବନେଶ୍ୱର(ସବ୍ୟୁ): ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲିୟମ୍ ସାମଗ୍ରୀ ବିକ୍ରି, ଯୋଗାଣ, ସଂରକ୍ଷଣ ଓ ପରିବହନକୁ ରାଜ୍ୟ ସରକାର ନିଷିଦ୍ଧ କରିଛନ୍ତି । ଉକ୍ତ ନିୟମକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ କୁହାଯାଇଛି । ଖୁଚୁରା ଦୋକାନ, ଇନ୍ଧନ ଷ୍ଟେସନ ଓ ଖୁଚୁରା ଦୋକାନଗୁଡ଼ିକରେ ସ୍ପଟ୍ ଯାଞ୍ଚ ଏବଂ ଅଚାନକ ଯାଞ୍ଚ କରିବାକୁ ସିଭିଲ୍ ସପ୍ଲାଏ ଇନ୍ସପେକଟର, ଏନଫୋର୍ସମେଣ୍ଟ ସ୍କ୍ୱାଡ୍, ପୁଲିସ ଅଧିକାରୀ, ତହସିଲଦାର ଏବଂ ଅନ୍ୟାନ୍ୟ ଏନଫୋର୍ସମେଣ୍ଟ କର୍ମଚାରୀଙ୍କ ସମେତ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ଯୋଗାଣ ବିଭାଗର ସଚିବ ସଞ୍ଜୟ କୁମାର ସିଂହ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖିଛନ୍ତି ।

ଏହି ଚିଠିରେ କୁହାଯାଇଛି, ସରକାରଙ୍କ ଦୃଷ୍ଟିକୁ ଆସିଛି ଯେ ରାଜ୍ୟର ବିଭିନ୍ନ ସ୍ଥାନରେ





ପେଟ୍ରୋଲିୟମ ଉତ୍ପାଦ ବିଶେଷ କରି ପେଟ୍ରୋଲ ଓ ଡିଜେଲ ପ୍ଲାଷ୍ଟିକ୍ ବୋତଲ ଏବଂ ଅନୁମୋଦିତ ନଥିବା ପାତ୍ରରେ ବିକ୍ରି ଏବଂ ପରିବହନ କରାଯାଉଛି । ଏହି ଅସୁରକ୍ଷିତ ଅଭ୍ୟାସ କେବଳ ବିଭିନ୍ନ ଆଇନ ଓ ନିୟମ ଅନୁଯାୟୀ ବୈଧାନିକ ବ୍ୟବସ୍ଥାକୁ ଉଲ୍ଲଂଘନ କରେ ନାହିଁ, ବରଂ ଜନସାଧାରଣଙ୍କ ସୁରକ୍ଷା, ଅଗ୍ନି ବିପଦ ଏବଂ ପରିବେଶଗତ ବିପଦ ପ୍ରତି ଗମ୍ଭୀର ବିପଦ ସୃଷ୍ଟି କରୁଛି ।

ଉପରୋକ୍ତ ବିଷୟଗୁଡ଼ିକୁ ଦୃଷ୍ଟିରେ ରଖି ଏବଂ ପେଟ୍ରୋଲିୟମ୍ ଆଇନ-୧୯୩୪, ପେଟ୍ରୋଲିୟମ୍ ନିୟମ-୨୦୦୨, ବିସ୍ଫୋରକ ଆଇନ-୧୮୮୪, ମୋଟର ସ୍ପିରିଟ୍ ଏବଂ ହାଇସ୍ପିଡ୍ ଡିଜେଲ୍ (ଯୋଗାଣ, ବଣ୍ଟନ ଏବଂ ତ୍ରୁଟି ନିବାରଣ ନିୟନ୍ତ୍ରଣ) ଆଦେଶ-୨୦୦୫, ପରିବେଶ (ସୁରକ୍ଷା) ଆଇନ-୧୯୮୬ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଆଇନଗତ ଢାଞ୍ଚା ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାର କରି ସରକାର ଜନସାଧାରଣଙ୍କ ସୁରକ୍ଷା ସ୍ୱାର୍ଥରେ ସମସ୍ତ ଜିଲ୍ଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ କଡ଼ା ପ୍ରବର୍ତ୍ତନ ପାଇଁ ନିମ୍ନଲିଖିତ ନିର୍ଦ୍ଦେଶ ଜାରି କରିଛନ୍ତି ।

ପ୍ଲାଷ୍ଟିକ୍ ପାତ୍ର କିମ୍ବା ଅନ୍ୟାନ୍ୟ ଅନୁମୋଦିତ ପ୍ୟାକେଜିଂରେ ପେଟ୍ରୋଲିୟମ୍ ଯୋଗାଣ କରୁଥିବା ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହା ବ୍ୟତୀତ ସମସ୍ତ ଇନ୍ଧନ ଯୋଗାଣ କେନ୍ଦ୍ର ଏବଂ ପେଟ୍ରୋଲିୟମ୍ ଡିଲରମାନଙ୍କୁ ପ୍ଲାଷ୍ଟିକ୍ ବୋତଲ କିମ୍ବା ଅନଧିକୃତ ପାତ୍ରରେ ପେଟ୍ରୋଲିୟମ୍ ଉତ୍ପାଦ ଯୋଗାଣରୁ କଡ଼ାକଡ଼ି ନିବୃତ୍ତ ରହିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସେମାନଙ୍କ ପରିସରରେ ପ୍ରମୁଖ ସ୍ଥାନରେ ଦୃଶ୍ୟମାନ ବୋର୍ଡ ଲଗାଇ ସତର୍କତା ପ୍ରଦର୍ଶନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଯେଉଁଥିରେ ଓଡ଼ିଆ ଏବଂ ଇଂରାଜୀ ଉଭୟ ଭାଷାରେ ଲେଖାଯିବ । ଏହି ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ ନିଶ୍ଚିତ କରନ୍ତୁ ଏବଂ ପ୍ରବର୍ତ୍ତନର ସ୍ଥିତି ଉପରେ ଏକ ସଂକ୍ଷିପ୍ତ ମାସିକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରନ୍ତୁ । ଯେଉଁଥିରେ ଅନ୍ତର୍ଭୁକ୍ତ କରାଯାଇଥିବା ଯାଞ୍ଚ ସଂଖ୍ୟା, ଉଲ୍ଲଂଘନ ମିଳିଥିବା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଉଲ୍ଲେଖ ରହିବ ।

# ଏନ୍ଆଇଏ ଏସ୍‌ପି ହେଲେ ସାଗରିକା

ଭୁବନେଶ୍ୱର, (ସବ୍ୟୁ) : ସାଗରିକା ନାଥ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ର ଏସ୍‌ପି ଭାବେ ନିଯୁକ୍ତି ପାଇଛନ୍ତି । ୨୦୧୬ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସର ସାଗରିକା ନାଥଙ୍କ ଏନ୍ଆଇଏରେ ନିଯୁକ୍ତି ନେଇ ଗୃହ ମନ୍ତ୍ରଣାଳୟର ସଚିବ ସଞ୍ଜୀବ କୁମାର ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଚିଠିଲେଖି ତୁରନ୍ତ ତାଙ୍କୁ ରିଲିଭ କରିବା ପାଇଁ କହିଛନ୍ତି।

ସାଗରିକାଙ୍କ ମୂଳ ଘର ଢେଙ୍କାନାଳ ଜିଲ୍ଲାରେ । ସେ କୋରାପୁଟ ଜିଲ୍ଲାର ଦାମନଯୋଡି ଦିଲ୍ଲୀ ପବ୍ଲିକ୍ ସ୍କୁଲରୁ ମାଟ୍ରିକ୍ ପାସ୍ କରିଥିଲେ । ବିଶାଖାପାଟଣାରେ ଯୁକ୍ତଦୁଇ ପଢିବା ପରେ ଭୁବନେଶ୍ୱରସ୍ଥିତ ସିଇଟିରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି । ୟୁପିଏସ୍‌ସି ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୨୦୧୬ ମସିହାରେ ଭାରତୀୟ ପୋଲିସ ସେବାରେ ଯୋଗ ଦେଇଥିଲେ । ତାଙ୍କ ବାପା ପ୍ରଦୀପ କୁମାର ନାଥ ନାଲ୍‌କୋରେ ଡିଜିଏମ୍ ଥିଲେ । ଦାଦା ସୁଶାନ୍ତ ନାଥ ମଧ୍ୟ ଓଡ଼ିଶା କ୍ୟାଡର ଆଇପିଏସ୍ ।

ସାଗରିକା ନାଥ ବର୍ତ୍ତମାନ ଖୋର୍ଦ୍ଧା ଏସ୍‌ପି ଭାବେ କାର୍ଯ୍ୟ କରୁଛନ୍ତି। ଏହା ପୂର୍ବରୁ ସେ ବାଲେଶ୍ୱର, ସୁନ୍ଦରଗଡ ଏସ୍‌ପି ଭାବେ କାମ କରି ପ୍ରଶଂସାର ପାତ୍ରୀ ହୋଇଥିଲେ । ୩୭ବର୍ଷୀୟା ଓଡ଼ିଆ ଆଇପିଏସ୍ ଅଧିକାରୀ ସାଗରିକା ପୋଲିସ ଚାକିରି ନିଷ୍ଠାପର ସେବା ଓ ସାହସୀକତା ପାଇଁ ସାରା ଓଡ଼ିଶାରେ ବେଶ୍ ଲୋକପ୍ରିୟ । କମିଶନରେଟ୍ ପୋଲିସରେ ଥିବାବେଳେ ନିଜର ଉତ୍ତମ ବ୍ୟବହାର ଓ ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚର୍ଚ୍ଚାରେ ଥିଲେ ।

## ଏଏମ୍ /ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ଓଡ଼ିଶାରେ ଦୁଇଟି ସୌରଚାଳିତ ପାନୀୟ ଜଳ ୟୁନିଟ୍ ସ୍ଥାପିତ

ଭୁବନେଶ୍ୱର (ସବ୍ୟୁ) ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍ /ଏନ୍ଏସ୍ ଇଣ୍ଡିଆ), ଏହାର ପ୍ରମୁଖ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର) ପଦକ୍ଷେପ'ତୃପ୍ତି' ପ୍ରକଳ୍ପ ଅନ୍ତର୍ଗତ ଯଥାକ୍ରମେ କେନ୍ଦୁଝର ଏବଂ ସୁନ୍ଦରଗଡ଼ ଜିଲ୍ଲାର ବେଲକୁଣ୍ଡି ଏବଂ ମୋଟୁପଦର ଗ୍ରାମରେ ଦୁଇଟି ସୌରଚାଳିତ ପାନୀୟ ଜଳ ଯୋଗାଣ ୟୁନିଟ୍ ଉଦଘାଟନ କରିଛି।ଏହା ସ୍ଥାନୀୟ ବାସିନ୍ଦାଙ୍କୁନିରାପଦ ଏବଂ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧ କରାଇବ, ଯାହାସେମାନଙ୍କୁ ସୁସ୍ଥ ରଖିବାରେ ସହାୟତାକରିବ।

ଠାକୁରାଣୀ ଖଣି ନିକଟସ୍ଥ ବଡ଼ବିଲ ପୌରପାଳିକାର ୱାର୍ଡ-୨ରେ ଅବସ୍ଥିତ ବେଲକୁଣ୍ଡି ଗ୍ରାମରେ ନୂତନ ଭାବେ ସ୍ଥାପିତ ପାନୀୟ ଜଳ ୟୁନିଟ୍, ସ୍ଥାନୀୟ ବାସିନ୍ଦାଙ୍କ ନିର୍ଭରଯୋଗ୍ୟ ପାନୀୟ ଜଳର ଆବଶ୍ୟକତାକୁପୂରଣ କରିବ । ୫୦୦୦ ଲିଟରର ଏକ ଷ୍ଟୋରେଜ୍ଟ୍ୟାଙ୍କ, ସୌରଚାଳିତ ପମ୍ପିଂ ୟୁନିଟ୍, ବୋରୱେଲ ଏବଂ ପାଞ୍ଚଟି ଟ୍ୟାପ୍ ପଏଣ୍ଟ ସହିତ ସଜ୍ଜିତ ଏହି ଜଳ ଯୋଗାଣ ୟୁନିଟ୍ ଦ୍ୱାରା ନିକଟବର୍ତ୍ତୀ ଅଞ୍ଚଳର ୨୨୦ରୁ ଅଧିକ ସ୍ଥାନୀୟ ବାସିନ୍ଦା ଉପକୃତ ହେବେ। ଏହି ଉଦଘାଟନୀ ଉତ୍ସବରେ ୱାର୍ଡ-୨ର ପୂର୍ବତନ କାଉନସିଲର ଶ୍ରୀ ଲକ୍ଷ୍ମଣ ମହନ୍ତ, ଏଏମ୍ /ଏନ୍ଏସ୍ ଇଣ୍ଡିଆ ସିଏସଆର ବିଭାଗ ମୁଖ୍ୟ ବିକାଶ ଯାଦଭେନ୍ଦୁ, ଏଏମ୍ /ଏନ୍ଏସ୍ ଇଣ୍ଡିଆର ସୁରକ୍ଷା ବିଭାଗ ମୁଖ୍ୟ ଉଦୟ କୁମାର ବର୍ମାଙ୍କ ସହିତ ଏଏମ୍ /ଏନ୍ଏସ୍ ଇଣ୍ଡିଆରଅଧିକାରୀଏବଂ ସ୍ଥାନୀୟ ବାସିନ୍ଦାମାନେ ଉପସ୍ଥିତ ଥିଲେ। କୋଇଡା ବ୍ଲକର ମାଲଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମୋଟୁପଦର ଗ୍ରାମରେ ଆଉ ଏକ ପାନୀୟ ଜଳ ୟୁନିଟ୍ ଉଦଘାଟନ କରାଯାଇଛି। ଏହି ସୌରଚାଳିତ ବୋରୱେଲ୍ ସିଷ୍ଟମ୍ ୧୩୦ ରୁ ଅଧିକ ସ୍ଥାନୀୟ ବାସିନ୍ଦାଙ୍କୁ ସେବା ଯୋଗାଇଦେବା ସହିତ ଜଳବାହିତ ରୋଗ ହ୍ରାସ କରିବ ଏବଂ ଜୀବନଧାରଣ ମାନରେ ଉନ୍ନତି ଆଣିବ।

### ଏଣିକି ସ୍କୁଲରେ ଅତିଥି ଶିକ୍ଷକ ପଢ଼ାଇବେ

## ୬୩୮୭ ଅବସରପ୍ରାପ୍ତ ଶିକ୍ଷକଙ୍କୁ ମିଳିବ ନିଯୁକ୍ତି

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ଥିବା ଅନୁଦାନପ୍ରାପ୍ତ ହାଇସ୍କୁଲ, ବ୍ଲକଗ୍ରାଣ୍ଟ ହାଇସ୍କୁଲ, ସଂସ୍କୃତ ଟୋଲ୍ ସ୍କୁଲରେ ଅତିଥି ଶିକ୍ଷକ ନିଯୁକ୍ତି ଦିଆଯିବ । ଅବସର ନେଇଥିବା ୬୩୮୭ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ମିଳିବ । ଏନେଇ ବିଦ୍ୟାଳୟରେ ନିଯୁକ୍ତି ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକଙ୍କୁ ଚିଠି କରାଯାଇଛ ।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ନୂଆ ଶିକ୍ଷକ ନିଯୁକ୍ତ ହେବା ଯାଏଁ ଏହି ଅତିଥି ଶିକ୍ଷକମାନେ କାର୍ଯ୍ୟ କରିବେ । ଜିଲ୍ଲା ଶିକ୍ଷା ଅଧିକାରୀମାନେ ନିଜ ଅଞ୍ଚଳରେ ଫାଙ୍କା ଥିବା ପଦବୀ ବିଷୟରେ ମାଧ୍ୟମିକ ଶିକ୍ଷା ପରିଷଦକୁ ଜଣାଇବେ । ଏହି ଆଧାରରେ ନିଯୁକ୍ତି ଦିଆଯିବ । ଖାଲି ପଡ଼ିଥିବା ପଦବୀରେ ସ୍କୁଲରେ ଟିଜିଟି ଶିକ୍ଷକ ନିଯୁକ୍ତି ହୁଅନ୍ତି କିମ୍ବା ଆସନ୍ତି ତେବେ ନିଯୁକ୍ତ ହୋଇଥିବା ଅତିଥି ଶିକ୍ଷକଙ୍କୁ ସେହି ସ୍କୁଲରୁ ଅପସାରଣ କରାଯିବ ।

### ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା

## ବୋର୍ଡ ଉପ ସଭାପତିଙ୍କୁ କ୍ରାଇମବ୍ରାଞ୍ଚର ଜେରା

କଟକ,(ସବ୍ୟୁ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଖୋଳତାଡ ଜାରି ରହିଛି । ଆଜି କ୍ରାଇମବ୍ରାଞ୍ଚ ପକ୍ଷରୁ ବୋର୍ଡ ଉପ ସଭାପତି ନିହାର ରଞ୍ଜନ ମହାନ୍ତିଙ୍କୁ ଜେରା କରାଯାଇଛି । କିଭଳି ଓ କେଉଁ ସ୍ଥିତିରେ ଓଟିଇଟି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପ୍ରଶ୍ନପତ୍ର ବୋର୍ଡ ଉପ ସଭାପତିଙ୍କ ଲାପଟପକୁ ଆସିଲା ଓ ଡାଟା ଏଣ୍ଟ୍ରି ଅପରେଟର ଜଣକ କାହିଁକି ଏହି ଲାପଟପ ବ୍ୟବହାର କରି ପେନଡ୍ରାଇଭ ଜରିଆରେ ପ୍ରଶ୍ନପତ୍ର ନେଇଗଲେ ସେ ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରଶ୍ନ କରାଯାଇଥିଲା। ଅନ୍ୟପଟରେ ବୋର୍ଡ ଉପସଭାପତିଙ୍କ ଆଉ ଜଣେ ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ବି ଆଜି ଜେରା କରାଯିବା ସହ କେତେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜକୁ କ୍ରାଇମବ୍ରାଞ୍ଚ ସଂଗ୍ରହ କରିଛି । ବୋର୍ଡ ଉପ ସଭାପତି ଶ୍ରୀ ମହାନ୍ତି କହିଛନ୍ତି ଯେ, କ୍ରାଇମବ୍ରାଞ୍ଚକୁ ତଦନ୍ତରେ ସମ୍ପୁର୍ଣ୍ଣ ସହଯୋଗ କରୁଛି। ଯେହେତୁ ତଦନ୍ତ ଜାରି ରହିଛି ଏ ସମ୍ପର୍କରେ ଅଧିକ କିଛି କହିବାକୁ ସେ ମନା କରିଛନ୍ତି । ଅନ୍ୟପଟରେ କୋରାପୁଟ ଜୟପୁରର ଶିବା ନାମକ ଜେରକ୍ସ ଦୋକାନରେ ପ୍ରଶ୍ନପତ୍ରର ଫଟୋକପି ବାହାର କରାଯାଇଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଥିଲା। ଆଜି ଉକ୍ତ ଦୋକାନ ମାଲିକଙ୍କ ବୟାନକୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ କ୍ରାଇମବ୍ରାଞ୍ଚ ପକ୍ଷରୁ ରେକର୍ଡ କରାଯାଇଛି। କୋରାପୁଟ ସମେତ କେତେକ ଜିଲ୍ଲାରେ ଓଟିଇଟି ଆଶାୟୀ ପରୀକ୍ଷାର୍ଥୀ ମାନେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପାଇବା ପାଇଁ ୫ରୁ ୧୦ହଜାର ଟଙ୍କା ଯାଏଁ ଦେଇଥିବା ଅଭିଯୋଗ ଉଠିଲାଣି।

### ଫାଇନାନ୍ସ କମ୍ପାନୀ ଜାଲିଆତି କରି ଗାଡି ବିକ୍ରୀ କରି ଫାଙ୍କୁଛନ୍ତି ଟିକସ

## ୧୩ଲକ୍ଷ ଟଙ୍କାର ଟିକସ ଫାଙ୍କିଥିବା ବସକୁ ଜବତ କଲେ କଟକ ଆରଟିଓ

କଟକ,(ସବ୍ୟୁ): ସୁପ୍ରିମ୍‌କୋର୍ଟଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଫାଇନାନ୍ସ କମ୍ପାନୀଙ୍କ ଜୁଲୁମ୍ ସରୁନାହିଁ । କିସ୍ତି ଦେଇପାରୁନଥିବା ଅଭିଯୋଗରେ ଗାଡ଼ିଗୁଡ଼ିକୁ ରାସ୍ତାରୁ ଜବରଦସ୍ତ ଛଡ଼ାଇ ଅଣାଯାଉଛି। ସେଗୁଡ଼ିକୁ ଟିକସ ଫାଙ୍କି ବିନା କାଗଜପତ୍ରରେ ପୁଣି ବିକ୍ରି କରି ଦିଆଯାଉଛି। ଏହିଭଳି ଜାଲିଆତି କରି ଗୋଟେ ଫାଇନାନ୍ସ ସଂସ୍ଥା ପ୍ରାୟ ୫୦ଟି ୬ରୁ ୧୦ଚକିଆ ଗାଡ଼ି ବିଭିନ୍ନ ଲୋକଙ୍କୁ ବିକ୍ରି କରି ଦେଇଥିବା ଜଣାପଡ଼ିଛି । ଏହି ଗାଡ଼ି କିଣିବା ପରେ ଗାଡ଼ି ମାଲିକମାନେ କଟକ ଆରଟିଓଙ୍କ କାର୍ଯ୍ୟାଳୟ ଆସିବା ପରେ ଏହି ଘୋଟାଲାର ପର୍ଦ୍ଦାଫାସ୍ ହୋଇଛି। ଏଥିରୁ ୫ଟି ଗାଡ଼ି କଟକ ଆରଟିଓଙ୍କ ହାବୁଡ଼ରେ ପଡ଼ିଛି । ୧୩ଲକ୍ଷ ଟଙ୍କାର ଟିକସ ଫାଙ୍କି ରାସ୍ତାରେ ଚାଲୁଥିବା ଏକ ବସ୍‌କୁ ଜବତ କରାଯିବା ପରେ ଫାଇନାନ୍ସ କମ୍ପାନୀଙ୍କ ଜୁଲୁମ୍‌ର ପର୍ଦ୍ଦାଫାଶ

ହେବାକୁ ଯଉଛି ।ଓଡି୦୫-ଏଲ୍-୬୭୮୮ ନମ୍ବରର ଏକ ବସ୍ ଉପରେ ୧୨ ଲକ୍ଷ ୯୭ ହଜାର ୯୦୯ଟଙ୍କା ଟିକସ୍( ଜରିମାନାକୁ ମିଶାଇ) ବକେୟା ଗାଡ଼ି ଆସୁଥିଲା। କଟକ ଆରଟିଓଙ୍କ ନିକଟରେ ପଞ୍ଜିକରଣ ହୋଇଥିବା ଏହି ଗାଡ଼ିକୁ ଧରିବା ପାଇଁ ଆରଟିଓଙ୍କୁ ପକ୍ଷରୁ ଯୋଜନା ଆରମ୍ଭ ହୋଇଥିଲା । ଇଣ୍ଟିଲେଜେନ୍ସି ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ଏହି ବସ୍‌ଟି ନୟାଗଡ଼ର ଏକ ପେଟ୍ରୋଲ ପମ୍ପରେ ଛିଡ଼ା ହୋଇଥିବା ଖବର କଟକ ଆରଟିଓଙ୍କୁ ଖବର ମିଳିଥିଲା । କଟକ ଆରଟିଓ ଏ ସଂକ୍ରାନ୍ତରେ ନୟାଗଡ଼ ଆରଟିଓଙ୍କୁ ଖବର ଦେଇଥିଲେ। ନୟାଗଡ଼ ଆରଟିଓ ଆଜି ଏହି ଗାଡ଼ିକୁ ଉକ୍ତ ପେଟ୍ରୋଲ ପମ୍ପରେ ଚଢ଼ାଉ କରି ଜବତ କରିବା ସହ କଟକ ଆରଟିଓଙ୍କୁ ଅବଗତ କରିଥିଲେ। କିନ୍ତୁ ଏହି ଗାଡ଼ି ଧରାପଡ଼ିବା ପରେ ଫାଇନାନ୍ସ କମ୍ପାନୀ ଦ୍ୱାରା ଚାଲିଥିବା ବିରାଟ ଜାଲିଆତିର ପର୍ଦ୍ଦାଫାସ୍ ହୋଇଛି।

କଟକ ଆରଟିଓ ବିରଞ୍ଚି ନାରାୟଣ ଅଧିକାରୀଙ୍କ କହିବା ଅନୁଯାୟୀ, କୌଣସି ଗାଡ଼ି ଯେତେବେଳେ ଫାଇନାନ୍ସ କମ୍ପାନୀଙ୍କ ଋଣ ଅର୍ଥ ଶୁଝିନପାରେ ସେତେବେଳେ ଉକ୍ତ ଫାଇନାନ୍ସ ସଂସ୍ଥା ଆଇନ ଅନୁଯାୟୀ ଗାଡ଼ିକୁ ସମ୍ପୃକ୍ତ ଗାଡ଼ି ମାଲିକଙ୍କଠାରୁ ନେଇପାରିବେ। କିନ୍ତୁ ଏକ ନିର୍ଦ୍ଦିଷ୍ଟ ଫାଇନାନ୍ସ ସଂସ୍ଥା ଓଡ଼ିଶାରେ ପ୍ରାୟ ୫୦ଟି ଗାଡ଼ିକୁ ଜବରଦସ୍ତ ବାଟରେ ଅଟକାଇ ଡ୍ରାଇଭରମାନଙ୍କଠାରୁ ଛଡ଼ାଇ ଆଣିଥିବା ଦେଖାଯାଇଛି । ଯେଉଁଗାଡ଼ିଟିକୁ ଜବତ କରାଯାଇଛି ଉକ୍ତ ଗାଡ଼ିରୁ ଏହି ଘଟଣାର ପର୍ଦ୍ଦାଫାସ୍ ହୋଇଛି । ଏହି ଗାଡ଼ି ଉପରେ ୧୩ଲକ୍ଷ ଟଙ୍କା ଟିକସ ଗଡ଼ି ଆସୁଥିଲା। ଗାଡ଼ିଟି ପ୍ରଥମେ ଦୀପକ କୁମାର ସାମନ୍ତରାୟଙ୍କ ନାମରେ ଥିଲା । ଦୀପକ କୁମାର ସାମନ୍ତରାୟଙ୍କଠାରୁ ଗାଡ଼ିଟି ସଚିନ୍ କୁମାର ସାହୁ ନାମକ ବ୍ୟକ୍ତି କିଣିଥିଲେ । ସଚିନଙ୍କ ଠାରୁ ଫାଇନାନ୍ସ କମ୍ପାନୀ ଗାଡ଼ି ଛଡ଼ାଇ ଆଣି ଅନ୍ୟଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିଲା । କିନ୍ତୁ ଗାଡ଼ିଟି ଟିକସ୍ ଫାଙ୍କି ଚଲାଉଥିବାରୁ ଏହାକୁ ଜବତ କରିବାକୁ ପଦକ୍ଷେପ ଆରମ୍ଭ ହୋଇଥିଲା । ଜବତ ହେବାପରେ ଗାଡ଼ିର ମାଲିକ ଯେଉଁ ଫାଇନାନ୍ସ କମ୍ପାନୀଠାରୁ ଗାଡ଼ିଟି କିଣିଛନ୍ତି ଉକ୍ତ ଫାଇନାନ୍ସ କମ୍ପାନୀ ଏହି ଟିକସକୁ ନଦେଇ ଗାଡ଼ିଟିକୁ ଗାଡ଼ି ମାଲିକଙ୍କୁ ବିକ୍ରି କରି ଦେଇଥିବା ଜଣାପଡ଼ିଛି । ତଦନ୍ତ ପରେ ପ୍ରକୃତ ରହସ୍ୟ ଉନ୍ମୋଚନ ହେବ ବୋଲି ଆରଟିଓ ଶ୍ରୀ ଅଧିକାରୀ ପ୍ରକାଶ କରିଛନ୍ତି ।

### ଆଇନ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ସାମ୍ବାଦିକଙ୍କୁ ଆକ୍ରମଣ : ବିଭିନ୍ନ ମହଲରେ ନିନ୍ଦା

## ଏସପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବିକଲା ଓୟୁଡବ୍ଲ୍ୟୁଜେ

ଖୋର୍ଦ୍ଧା, (ସବ୍ୟୁ): ଖବର ପ୍ରକାଶ ପରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ମାରଣାନ୍ତକ ଆକ୍ରମଣ କରାଯାଇଛି। ଆହତ ସାମ୍ବାଦିକ ହେଲେ ବାଣପୁର ଅଂଚଳର ଦିଲ୍ଲୀପ କୁମାର ସ୍ୱାଇଁ । ଏନେଇ ନାଚୁଣୀ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅନ୍ୟପକ୍ଷରେ ସାମ୍ବାଦିକ ସୁରକ୍ଷା ଓ ଆକ୍ରମଣକାରୀଙ୍କୁ ଗିରଫ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସପିଙ୍କୁ ଭେଟି ଦାବି କରିଛି ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ (ଓ.ୟୁ. ଡବ୍ଲ୍ୟୁ.ଜେ) । ଆଜି ଓ.ୟୁ.ଡବ୍ଲ୍ୟୁ. ଜେ ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ପ୍ରକାଶ ହାତୀଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟମାନେ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଦାବି ଜଣାଇଛନ୍ତି।

ଅଭିଯୋଗ ମୁତାବକ, ଚଳିତ ବର୍ଷ ମେଁ ମାସରେ ଜଣେ ନାଁ ବାଳିକାକୁ ଦୁଷ୍କର୍ମ ହୋଇଥିବା ନେଇ ନାଚୁଣୀ ଥାନାରେ ଅଭିଯୋଗ ହୋଇଥିବା ବେଳେ ଅଭିଯୋଗକୁ ନେଇ ସାମ୍ବାଦିକ ଦିଲ୍ଲୀପ ସ୍ୱାଇଁ ଖବର ପ୍ରସାରଣ କରିଥିଲେ। ପେପରରେ ଖବର ନ,ବସାଇବା ନିମନ୍ତେ ଖଜୁରିଆ ଗ୍ରାମର ସୌମ୍ୟ ରଞ୍ଜନ ସାମନ୍ତରାୟ (ଟୁଟୁ) ନାମକ ବ୍ୟକ୍ତି ବନ୍ଦ କରିଥିଲେବି, ତାହାକୁ ଖାତିର ନକରି ସାମ୍ବାଦିକ ନିୟୁଜ



କରିଥିଲେ। ଦିଲୀପଙ୍କୁ ମାରିବାନିମନ୍ତେ ସେମାନେ ସୁଯୋଗ ଖୋଜୁଥିଲେ। ଶୁକ୍ରବାର ରାତିରେ ଦିଲ୍ଲୀପ ନିଜର ଦୋକାନ ବନ୍ଦ କରୁଥିବା ବେଳେ ହଠାତ ଖଜୁରିଆ ଗ୍ରାମର ସୋମ୍ୟ ରଞ୍ଜନ ସାମନ୍ତରାୟ ଓ ତାଙ୍କ ସହିତ ଆସିଥିବା ଆଉ ଚାରିଜଣ ଯୁବକ ଦିଲୀପଙ୍କ ତଂଟିକୁ ଚିପି ମାରଣାତ୍ମକ ଆକ୍ରମଣ କରିଥିଲେ। ଏବଂ ଦିଲୀପଙ୍କ ବେକରୁ ଏକ ସୁନା ଚେନ ଛିଣ୍ଡାଇ ନେଇଯିବା ସହ ମାରିଦେବାକୁ ଚେଷ୍ଟା କରୁଥିବା ବେଳେ ଗମ୍ଭାରୀମୁଣ୍ଡା ଓ ଘାସଡିହ ଗ୍ରାମର କିଛିଲୋକ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କ କବଳରୁ ଉଧାରକରିଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଗମ୍ଭାରୀମୁଣ୍ଡା ସରକାରୀ ଡାକ୍ତରଖାନା ପରେ ପରେ ବାଣପୁର ସରକାରୀ ଡାକ୍ତରଖାନା ରେ ଭର୍ତ୍ତିକରିଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟଅବସ୍ଥା ଗରୁତର ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତରିତ କାରାଯାଇଛି ।ଏନେଇ ନାଚୁଣୀ ଥାନା ରେ ଅଭିଯୋଗ ପରେ ନାଚୁଣୀ ପୋଲିସ ୨୨୮/୨୫ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଦିଲ୍ଲୀପ ଙ୍କ ଭାଇ ପ୍ରଦୀପ ସ୍ୱାଇଁ ଚିଲିକା ନିର୍ବାଚନ ମଣ୍ଡଳୀର ଜଣେ ଜଣାଶୁଣା କଂଗ୍ରେସ ଲିଡର ହୋଇଥିବା ବେଳେ ଅନ୍ୟମାନେ ଆଉଏକ ଜାତୀୟ ଦଳର ବୋଲି ସାଧାରଣରେ ଆଲୋଚନା ଧରିଛି। ଅନ୍ୟପକ୍ଷରେ ଆହତ ସାମ୍ବାଦିକଙ୍କୁ ନ୍ୟାୟ ଦେବାରେ ଟାଳଟୁଳ ନୀତି ପୋଲିସ ଆପଣେଇବ ବୋଲି ସନ୍ଦେହ ପ୍ରକଟ କରି ଆଜି ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଆଜି ଅପରାହ୍ନରେ ଭେଟି ଉପଯୁକ୍ତ ତଦନ୍ତ ସହିତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି ।ତେବେ ଖୁବଶୀଘ୍ର ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଏସ୍‌ପି ଦେଇଛନ୍ତି।

## ଶ୍ରୀନଗରରେ "ଚିନାର୍ ପୁସ୍ତକ ମହୋତ୍ସବ"ର ଶୁଭାରମ୍ଭ

# ବୌଦ୍ଧିକ ଐତିହ୍ୟକୁ ପୁର୍ନଜୀବିତ କରିବାରେ ପୁସ୍ତକର ଭୂମିକା ଗୁରୁତ୍ୱପୂର୍ଣ୍ଣ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଆମର ବୌଦ୍ଧିକ ଐତିହ୍ୟକୁ ପୁର୍ନଜୀବିତ କରିବା ସହ ସେଗୁଡ଼ିକୁ ସମସାମୟିକ ଶୈକ୍ଷିକ ଚିନ୍ତାଧାରାରେ ସଂଯୁକ୍ତ କରିବା ପାଇଁ ପୁସ୍ତକ, ଶିକ୍ଷା ଏବଂ ଜ୍ଞାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଜମ୍ମୁ ଏବଂ କାଶ୍ମୀରକୁ ଜ୍ଞାନ ଓ ଗବେଷଣାର ଏକ କେନ୍ଦ୍ରରେ ପରିଣତ କରାଯାଉଛି ବୋଲି ଶନିବାର ଜମ୍ମୁ-କାଶ୍ମୀରର ଶ୍ରୀନଗରରେ ଆୟୋଜିତ ଦ୍ୱିତୀୟ ଚିନାର ପୁସ୍ତକ ମହୋତ୍ସବକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନ୍ୟାସନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଏବଂ ଏନସିପୁଲ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜମ୍ମୁ ଏବଂ କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନ କହିଛନ୍ତି ଚିନାର ପୁସ୍ତକ ମହୋତ୍ସବ କେବଳ ଏକ



ସାହିତ୍ୟିକ ସମାବେଶ ନୁହେଁ, ଏହା ଏକ ସାହସିକ ବକ୍ତବ୍ୟ ଏବଂ ସଭ୍ୟତା ଜାଗରଣ ଦିଗରେ ଏକ ମହାନ ପ୍ରୟାସ । ଏହା ଜମ୍ମୁ ଏବଂ କାଶ୍ମୀରର ବୌଦ୍ଧିକ ଐତିହ୍ୟର ଏକ ଉତ୍ସବ । ଜମ୍ମୁ ଏବଂ କାଶ୍ମୀରର ପବିତ୍ର ଭୂମିରେ ୨ରୁ ୧୦ ଅଗଷ୍ଟ ତଥା ୯ ଦିନ ବ୍ୟାପୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସାଂସ୍କୃତିକ ଏବଂ ବୌଦ୍ଧିକ କାର୍ଯ୍ୟକ୍ରମ ଚଳିତବର୍ଷ ମଧ୍ୟ ରାଜ୍ୟର ସାହିତ୍ୟ, କଳା ଏବଂ ସଂସ୍କୃତିର ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଏବଂ ଅନୁଗାମୀମାନଙ୍କୁ ପ୍ରେରଣା ଦେବ ।

ଜମ୍ମୁ ଏବଂ କାଶ୍ମୀର ହେଉଛି ଭାରତର ମୁକୁଟ । ଏହି ପବିତ୍ର ଭୂମି ସର୍ବଦା ଶିକ୍ଷାର ଏକ ସ୍ଥାନ ଏବଂ ଆମର ଆଧ୍ୟାତ୍ମିକ ଏବଂ ଦାର୍ଶନିକ ପରମ୍ପରାର ଏକ ମଶାଲବାହକ ହୋଇଆସିଛି । ସ୍ମାର୍ଟ ଶ୍ରେଣୀଗୃହରୁ ଆଇଆଇଟି, ଆଇଆଇଏମ, ଏମ୍ସ ଏବଂ ଅନ୍ୟାନ୍ୟ ଉଚ୍ଚମାନର ପ୍ରତିଷ୍ଠାନ ଜମ୍ମୁ ଏବଂ କାଶ୍ମୀରର ଦୃଶ୍ୟପଟ୍ଟକୁ ପରିବର୍ତ୍ତିତ କରିଛି । ଚିନାର ପୁସ୍ତକ ମହୋତ୍ସବର ପରମ୍ପରାକୁ ଅବ୍ୟାହତ ରଖିବା ପାଇଁ ଶ୍ରୀ ପ୍ରଧାନ ଏନବିଟି ଏବଂ ଜମ୍ମୁ ଓ କାଶ୍ମୀର ପ୍ରଶାସନକୁ ପରାମର୍ଶ ଦେଇଛନ୍ତି । ଶ୍ରୀନଗର ବ୍ୟତୀତ ଜମ୍ମୁ ସଂସ୍କରଣ ମଧ୍ୟ ପୁସ୍ତକ ମହୋତ୍ସବର ଏକ ଅଂଶବିଶେଷ ହେବା ଉଚିତ । ଆମେ ଜମ୍ମୁ-କାଶ୍ମୀରରେ ପୁସ୍ତକ, ସାହିତ୍ୟ, ଭାଷା, ଶିକ୍ଷା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ଏନବିଟି ନେତୃତ୍ୱାଧୀନ ପାଠାଗାର ଆନ୍ଦୋଳନ ସୃଷ୍ଟି କରିପାରିବା । ଶ୍ରୀ ପ୍ରଧାନ ଚିନାର ପୁସ୍ତକ ମହୋତ୍ସବର ମହାନ ସର୍ବସଫଳତା କାମନା କରୁଛି । ସ୍ଥାନୀୟ ଲୋକମାନଙ୍କୁ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ପୁସ୍ତକର ଏହି ବିଶାଳ ଉତ୍ସବରେ ସାମିଲ ହେବବା ପାଇଁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି । ଏହି ଅବସରରେ "ଜମ୍ମୁ କାଶ୍ମୀର ଏବଂ ଲଦାଖ - ନିରନ୍ତରତା ଏବଂ ସମନ୍ୱୟର ଏକ ଐତିହାସିକ ବର୍ଣ୍ଣନା" ପୁସ୍ତକର କାଶ୍ମୀର ସଂସ୍କରଣ ମଧ୍ୟ ଉନ୍ମୋଚିତ ହୋଇଥିଲା । ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ କାଶ୍ମୀର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିବା ସହ ଜମ୍ମୁ-କାଶ୍ମୀରର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକର ପ୍ରମୁଖ ଶିକ୍ଷାବିତଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

# ସରକାରଙ୍କୁ ଦାବିପତ୍ର ପ୍ରଦାନ କଲା ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି

କଟକ (ସବ୍ୟୁ)ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଅଣଅନୁଦାନ ପ୍ରାପ୍ତ, ଅନୁଦାନପ୍ରାପ୍ତ ଓ ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀମାନଙ୍କର ଅନେକ ଅସମାହିତ ସମସ୍ୟାର ସମାଧାନ ଲାଗି ପ୍ରସ୍ତୁତ ଦାବିପତ୍ରକୁ ବ୍ଲକ୍ ଶିକ୍ଷାଧିକାରୀଙ୍କ ମାଧ୍ୟମରେ ସରକାରଙ୍କୁ ପ୍ରଦାନ କରାଯାଇଛି ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି ।

, ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ନେତୃବୃନ୍ଦ ଶିକ୍ଷକ ଓ କର୍ମଚାରୀମାନଙ୍କର ସମସ୍ୟାବଳୀ ବିଷୟରେ ସରକାରଙ୍କୁ ବାରମ୍ବାର ଅବଗତ କରାଉଥିଲେ ମଧ୍ୟ ଅଦ୍ୟାବଧି ଏହାର କୌଣସି ସୁଫଳ ମିଳି ନାହିଁ । ଶିକ୍ଷକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ପ୍ରତିଶ୍ରୁତି ମିଳୁଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଉ ନାହିଁ । ଅନୁଦାନ ଯୋଗ୍ୟ ସ୍କୁଲ କଲେଜକୁ ଅନୁଦାନ ପ୍ରଦାନ କରିବା, ରାଜ୍ୟର ସମସ୍ତ ନୂତନ ଅନୁଦାନପ୍ରାପ୍ତ ସ୍କୁଲ କଲେଜକୁ ଚାକିରି ସର୍ତ୍ତାବଳୀ ସହିତ ସରକାରୀ ଅନୁଷ୍ଠାନରେ ପରିଣତ କରି ପେନସନ୍ ପ୍ରଦାନ କରିବା ଏବଂ ପୂର୍ଣ୍ଣ ଅନୁଦାନରୁ ବଞ୍ଚିତ ହୋଇଥିବା ବିଦ୍ୟାଳୟକୁ ପୂର୍ଣ୍ଣ ଅନୁଦାନ ପ୍ରଦାନ କରିବା, ଗ୍ରେଡ଼ ପେ ରେ ଥିବା ଅସଙ୍ଗତି ଦୂରୀକରଣ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ଛଅଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ କରିବା, ଖାଲି ପଡ଼ିଥିବା ପଦବୀ ପୂରଣ କରିବା, ନୂତନ ପେନସନ୍ ବ୍ୟବସ୍ଥାକୁ ବାତିଲ କରି ପୂର୍ବ ପ୍ରଚଳିତ ପୁରୁଣା ପେନସନ୍ ଲାଗୁ କରିବା, ଅବସର ବୟସସୀମା ୬୨ ବର୍ଷକୁ ବୃଦ୍ଧି କରିବା ଇତ୍ୟାଦି ନ୍ୟାଯ୍ୟ ଦାବିଗୁଡ଼ିକ ଅସମାହିତ ହୋଇ ରହିଛି । ଏହିସବୁ ଦାବିକୁ ଭିତ୍ତିକରି ସମଗ୍ର ରାଜ୍ୟର ୩୧୪ ବ୍ଲକ୍ ଶିକ୍ଷାଧିକାରୀଙ୍କ ମାଧ୍ୟମରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀ ଓ ମାନ୍ୟବର ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର ପ୍ରେରଣ କରାଯାଇଛି ବୋଲି ସମନ୍ୱୟ ସମିତି ତରଫରୁ କୁହାଯାଇଛି । ଶିକ୍ଷକ ଶିକ୍ଷୟିତ୍ରୀମାନେ ଶାନ୍ତି ଶୃଙ୍ଖଳାର ସହ ରାଜ୍ୟର ସମସ୍ତ ବ୍ଲକ୍‌ରୁ ବ୍ଲକ୍‌ଶିକ୍ଷାଧିକାରୀଙ୍କ ମାଧ୍ୟମରେ ଏହି ଦାବିପତ୍ରକୁ ସରକାରଙ୍କୁ ପ୍ରଦାନ କରିଛନ୍ତି ।

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଯେ ୨୫/୩୦ ବର୍ଷ ଶିକ୍ଷାଦାନ ପରେ ମଧ୍ୟ ଅନୁଦାନଯୋଗ୍ୟ ବିଦ୍ୟାଳୟଗୁଡ଼ିକୁ ସରକାର ଅନୁଦାନ ପରିସରଭୁକ୍ତ କରୁନାହାଁନ୍ତି । ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ୩୦/୩୫ ବର୍ଷ ଚାକିରି କରି ମାତ୍ର ୮-୧୦ ବର୍ଷର ଦରମା ପାଇ ଶିକ୍ଷକ କର୍ମଚାରୀମାନେ ବିନା ପେନସନ୍‌ରେ ଅବସର ନେବା ପରେ ସେମାନରଙ୍କର ଜୀବନଶୈଳୀ କେତେ ଯେ ଦୁଃଖଦାୟକ ତାହା ଶବ୍ଦରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ରାଜ୍ୟ ସରକାର ତୁରନ୍ତ ସମନ୍ୱୟ ସମିତିର ନେତୃତ୍ୱ ମାନଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନର ରାସ୍ତା ବାହାର କରିବା ପାଇଁ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶଙ୍କ ସମେତ ସମନ୍ୱୟ ସମିତିର ସଭାପତି ସୁକାନ୍ତ କୁମାର ବେହେରା ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ ପ୍ରମୁଖ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ସଭାରେ ସାମ୍ବାଦିକଙ୍କୁ ମାଡ଼ ଘଟଣା

# ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଆକ୍ରମଣ ନିନ୍ଦନୀୟ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ଦିନକୁ ଦିନ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ନାରୀ ନର୍ଯ୍ୟାତନା ଘଟଣା ଉଦବେଗଜନକ ଭାବେ ବୃଦ୍ଧି ପାଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ସଭାରେ ସାମ୍ବାଦିକଙ୍କୁ ମାଡ଼ ମରାଯିବା ଘଟଣା ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ରସାତଳକୁ ଗଲାଣି ବୋଲି ବିଜୁ ଜନତା ଦଳ କହିଛି । ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି ଯେ, ବାଲେଶ୍ୱର ଏଫଏମ କଲେଜ ଛାତ୍ରୀଙ୍କ ଏତଲା ପୋଲିସ୍ ଗ୍ରହଣ ନ କରିବା, ବଲଙ୍ଗା ନାବାଳିକା ପୀଡ଼ିତାଙ୍କ ବାରମ୍ବାର ବୟାନ ରେକର୍ଡ କରାଯିବା, ବିଜେଡିର ସାଧାରଣ ସମ୍ପାଦିକା ଡ଼ ଲେଖାଶ୍ରୀ ସାମନ୍ତସିଂହାରଙ୍କ ବିରୋଧରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଗଣମାଧ୍ୟମ ସମ୍ମୁଖରେ ଅପମାନଜନକ ମନ୍ତବ୍ୟ ଦେବା ଭଳି ସ୍ପର୍ଶକାତର ଘଟଣାରେ ପୋଲିସ୍‌ର ନିଷ୍କ୍ରିୟତାରୁ ସ୍ପଷ୍ଟ ଅନୁମେୟ ହେଉଛି ଯେ, ବିଜେପିର ଚାପରେ ପୋଲିସ୍ ପ୍ରଶାସନ ଚେପା ହୋଇଯାଇଛି ।

ଡ଼ ମହାନ୍ତି ଆହୁରି କହିଥିଲେ ଯେ, ପିପିଲି ଠାରେ ମୁଖ୍ୟମନ୍ତ୍ରୀଙ୍କ ସଭାରେ ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ସେତୁ ଭଳି କାମ କରୁଥିବା ସାମ୍ବାଦିକଙ୍କ ଉପରେ ଯେଉଁଭଳି ମରଣାନ୍ତକ ଆକ୍ରମଣ କରାଗଲା, ତାହା ଅତ୍ୟନ୍ତ ଦୁଃଖ ଓ ନିନ୍ଦାର ବିଷୟ । ଉକ୍ତ ସଭାକୁ ସମ୍ବାଦ ସଂଗ୍ରହ କରିବାକୁ ଯାଇଥିବା ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କୁ ପୋଲିସ୍ ସମ୍ମୁଖରେ ଯେଉଁଭଳି ଭାବେ ମାଡ଼ ମରାଗଲା, ତାହା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । ଉକ୍ତ ସାମ୍ବାଦିକ ଏତଲା ଦେବା ପାଇଁ ପିପିଲି ଥାନାରେ ପହଞ୍ଚିଲା ବେଳକୁ ସେଠାରେ ପୁରୀ ସାଂସଦଙ୍କ ପ୍ରତିନିଧି ଥାନାରେ ପହଞ୍ଚି ପୋଲିସ୍ ଉପରେ ଏତଲା ଗ୍ରହଣ ନ କରିବାକୁ ଚାପ ପ୍ରୟୋଗ କରିଥିଲେ । ସାମ୍ବାଦିକଙ୍କୁ ମାଡ଼ ମାରିବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଏପର୍ଯ୍ୟନ୍ତ ପୋଲିସ୍ ଗିରଫ ନ କରିବା ଦୁର୍ଭାଗ୍ୟଜନକ । ସେହିଭଳି ଆଇନ ମନ୍ତ୍ରୀଙ୍କ ସହିତ ଜଡ଼ିତ ଜଣେ ଆସାମୀ ଦୋଳଗୋବିନ୍ଦ ପ୍ରଧାନ, ଯିଏକି ଶିଶୁ ଅଶ୍ଳୀଳତା ଭିଡିଓ ଉତ୍ତୋଳନର ମାଷ୍ଟରମାଇଣ୍ଡ, ତାକୁ ମନ୍ତ୍ରୀଙ୍କ ସହଯୋଗରେ ଲୁଚେଇ ରଖାଯାଇଛି । ଏହି ଘଟଣା ଉପରେ ସାମ୍ବାଦିକ ଦିଲ୍ଲୀପ କୁମାର ସ୍ୱାଇଁ ଏକ ଖବର ପ୍ରକାଶ କରିଥିବାରୁ ତାଙ୍କ ଉପରେ ସୌମ୍ୟ ରଞ୍ଜନ ସାମନ୍ତରାୟ ଓ ତାଙ୍କ ସହଯୋଗୀମାନେ ମଦ୍ୟପାନ କରି ରାତି ଅଧରେ ମରଣାନ୍ତକ ଆକ୍ରମଣ କରିଥିଲେ । ପୋଲିସ୍ ଦୋଷୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ନିଦ୍ରାବିଷ୍ଟ ହୋଇ ବସିରହିଛି । ଯେଉଁ ରାଜ୍ୟରେ ସମ୍ବିଧାନର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ପ୍ରତିନିଧିମାନେ ସୁରକ୍ଷିତ ନୁହନ୍ତି, ସେ ରାଜ୍ୟରେ ସାଧାରଣ ଜନତା କିପରି ସୁରକ୍ଷିତ ରହିବେ ବୋଲି ଡ଼ ମହାନ୍ତି ପ୍ରଶ୍ନ କରିଛନ୍ତି ।

# ଏକ ଲକ୍ଷ ୫୭ ହଜାର ୯୪୭ ଜଣ ପାଇଲେ ପିଏମ୍ କିଷାନ ସମ୍ମାନନିଧି ଅର୍ଥ

କଟକ,(ସବ୍ୟୁ): ପି ଏମ୍ କିଷାନ ସମ୍ମାନନିଧି ଯୋଜନାର ୨୦ତମ କିସ୍ତି ଆଜି ପ୍ରଦାନ କରାଯାଇଛି । ଏଥିରେ ଆଜି କଟକ ଜିଲ୍ଲାର ସମୁଦାୟ ୧ ଲକ୍ଷ ୫୭ ହଜାର ୯୪୭ ଜଣ ହିତାଧିକାରୀ ଚାଷୀଙ୍କୁ ୩୧,୫୮,୯୪,୦୦୦ ଟଙ୍କା ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରାଣାସୀଠାରେ ଉପସ୍ଥିତ ରହି ପିଏମ୍ କିଷାନର କିସ୍ତି ବାବଦରେ ସାରା ଦେଶର ୯.୭ କୋଟି ଚାଷୀଙ୍କୁ ୨୦୦୦ ଟଙ୍କା ଲେଖାଏଁ ହିସାବରେ ସମୁଦାୟ ୨୦ହଜାର ୫୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଏହି ଅବସରରେ କଟକ ସାରଳା ଭବନଠାରେ ଆଭାସୀ ମାଧ୍ୟମରେ ପି ଏମ୍ କିଷାନ ସମ୍ମାନନିଧି ରାଶି ବଂଟନ କାର୍ଯ୍ୟକ୍ରମର ପ୍ରଦର୍ଶନ କରାଯାଇଥିଲା । କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଯୋଗ ଦେଇ ରାଜ୍ୟ ସରକାର କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ବିଷୟ କହିଥିଲେ । ପି ଏମ କିଷାନ ସମ୍ମାନିନିଧି ଯୋଜନାର ଅର୍ଥ ରାଶୀ ଚାଷୀ ପରିବାର ନିମେନ୍ତେ ବେଶ ସହାୟକ ହୋଇପାରୁଛି ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗ ଦେଇ ଜିଲ୍ଲାର ସମସ୍ତ ଯୋଗ୍ୟ ଚାଷୀ ଏହି ଯୋଜନାର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲେ । ଏହି କିସ୍ତି ରାଶି କୃଷକମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଆହୁରି ସଶକ୍ତ କରିପାରୁଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା କୃଷି ଅଧିକାରୀ ରାଜଶ୍ରୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ୩୦୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ ।

# ନିଶା ଔଷଧ ବିକ୍ରି ଅଭିଯୋଗରେ ଧଡ଼ିଆ ଗିରଫ




ପୁରୀ (ସବ୍ୟୁ): ବେଆଇନ ଭାବେ ନିଶା ଔଷଧ ବିକ୍ରି କରିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ଜଣେ ଅସାମାଜିକ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇ ଥିବା ଅଭିଯୁକ୍ତ ପରିଚୟ ହେଲା ଏହି ଥାନା ଅଧୀନ ମଙ୍ଗଳାଘାଟର ଧଡ଼ିଆ ଓରଫ ବାସୁଦେବ ବେହେରା (୪୫) । ତା ନିକଟରୁ ପୋଲିସ ୨୨ ବୋତଲ ନିଶା ଔଷଧ ଏସ୍କଫ ସିରଫ ଜବତ କରିଛି । ଏନେଇ ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । କୋର୍ଟ ଅଭିଯୁକ୍ତର ଜାମିନ ଆବେଦନ ଖାରଜ କରିବାରୁ ପୋଲିସ ତାକୁ ଜେଲକୁ ପଠାଇ ଦେଇଛି ବୋଲି କହିଛନ୍ତି ବାସେଳୀ ସାହି ଥାନା ଅଧିକାରୀ ବିକ୍ରମ କେଶରୀ ଜେନା ।

## ବଲଙ୍ଗା ଛାତ୍ରୀ ପୋଡ଼ି ମୃତ୍ୟୁ ଘଟଣା

# ୭ଦିନରେ ଦୁର୍ବୃତ୍ତ ଧରା ନପଡ଼ିଲେ ଡିଜିପି ଅଫିସ ଘେରାଉ: ଭକ୍ତ

ଭୁବନେଶ୍ୱର,(ସବ୍ୟୁ): ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ବଲଙ୍ଗା ପୀଡ଼ିତାଙ୍କ ଦେହାନ୍ତ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ ବୋଲି କହିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ଶ୍ରୀ ଦାସ କହିଛନ୍ତି କି ବଲଙ୍ଗା ପୀଡିତାଙ୍କ ଘଟଣା ଆଜିକୁ ଦୁଇ ସପ୍ତାହ ହେଲା । ଶେଷରେ ତାଙ୍କ ମୃତ୍ୟୁ ହେଲା । ଶନିବାର ଘଟଣା ଘଟିଥିଲା ଏବଂ ଆଜି ସେଇ ଶନିବାର ତାର ମୃତ୍ୟୁ ହେଲା । ଦୀର୍ଘ ୧୫ ଦିନ ହେଲା ଏତେ ବଡ଼ ଚର୍ଚ୍ଚିତ ଘଟଣାର ଅଭିଯୁକ୍ତଙ୍କୁ ଆଧୁନିକ ଯୁଗରେ ପୁଲିସ ଧରି ପାରିଲା ନାହିଁ । ପୀଡ଼ିତାଙ୍କ ବୟାନ ପୁଲିସ ରେକର୍ଡ କରିଛି କିନ୍ତୁ ଲୋକ ଲୋଚନକୁ ଅଣାଯାଉ ନାହିଁ । ଗୋଟିଏ ଗୋଟିଏ ଘଟଣା କେମିତି ଚପାଇ ଦିଆଯାଉଛି ତାହା ସ୍ପଷ୍ଟ ଜଣାପଡୁଛ । ବଲଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦରକାର । ଯଦି ସାତଦିନ ଭିତରେ ପୀଡ଼ିତାଙ୍କୁ ନ୍ୟାୟ ନ ମିଳିଲା ତେବେ ଆମେ ଧରିନେବୁ ସରକାର ପୁଲିସ ବିଭାଗ ଚଳାଇ ପାରୁ ନାହାନ୍ତି । ଆମେ ଡିଜିପି ଅଫିସ ଘେରାଉ କରିବୁ ବୋଲି ଘୋଷଣା କରିଛନ୍ତି ଶ୍ରୀ ଦାସ ।

ଏଫ୍ ଏମ୍ ଛାତ୍ରୀ ପୋଡ଼ି ଘଟଣାରେ ପେଟ୍ରୋଲ କିଏ ଆଣିଲା, ମ୍ୟାଚିସ କିଏ ଦେଲା ଏବଂ କେଉଁମାନେ ଉପସ୍ଥିତ ଥିଲେ କ୍ରାଇମ୍ ବ୍ରାଞ୍ଚ ରିପୋର୍ଟ ଆସିଲା କିନ୍ତୁ ଅପରାଧୀ ମାନେ ଏ ପର୍ଯ୍ୟନ୍ତ ଧରାହୋଇ ନାହାନ୍ତି । ସରକାର ସବୁ କ୍ଷେତ୍ରରେ ନିଜେ ଅପରାଧ କଲା ଭଳିଆ ବ୍ୟବହାର କାହିଁକି କରୁଛି ବୋଲି ପ୍ରଶ୍ନ କରିଛନ୍ତି । ମହିଳାଙ୍କୁ ବଞ୍ଚାଇବା ପାଇଁ, ମହିଳାଙ୍କୁ ନ୍ୟାୟ ଦେବା ପାଇଁ ଆମେ ବିରୋଧୀଦଳ ଭାବେ ଯେତେ ଚିତ୍କାର କରିଛୁ କେହି କରିନାହାନ୍ତି ।

### ଧାନ ବିଲରୁ ମୃତ ଦେହ ଉଦ୍ଧାର କଲା ବୈଶିଙ୍ଗା ପୁଲିସ

ବେତନଟୀ (ସବ୍ୟୁ) : ବେତନଟୀ ବ୍ଲକ ଅଧୀନ ଟିକରଗଡିଆ ଗ୍ରାମର ଜନୈକ ଯୁବକ ଶୁକ୍ରବାର ସନ୍ଧ୍ୟାରେ ଘରୁ ବାହାରି ଆସି ଚାଷ ବିଲକୁ ଜାଲ ବିଛାଇବାକୁ ଯାଇ ରାତି ତମାମ ଘରକୁ ଫେରି ନଥିଲା । ଶନିବାର ସକାଳ ସମୟରେ ବିଲ ଭିତରୁ ଯୁବକଙ୍କ ମୃତ ଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କଲା ବୈଶିଙ୍ଗା ପୁଲିସ । ଟିକରଗଡିଆ ଗ୍ରାମର ଜିତିରାୟ ମୁର୍ମୁ ଶୁକ୍ରବାର ସନ୍ଧ୍ୟାରେ ବିଲରେ ମାଛ ଧରିବା ଉଦ୍ଦେଶ୍ୟରେ ଜାଲ ବସାଇବାକୁ କହି ଘରୁ ବାହାରି ଯାଇଥିଲା । ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାର ଲୋକ ଚାରିଆଡେ ଜିତିରାୟ କୁ ଖୋଜାଖୋଜି କରିଥିଲେ ବି ତାର ପତ୍ତା ପାଇନଥିଲେ । ତେବେ ଶନିବାର ସକାଳ ସମୟରେ ସ୍ଥାନୀୟ ଲୋକ ଜିତରାୟର ମୃତଦେହ ଧାନ ବିଲ ମଝିରେ ମୁହଁ ମାଡି ପଡିଥିବା ଦେଖିଥିଲେ ।

# ଚଣ୍ଡୀ ମନ୍ଦିର ନିର୍ମାଣ କାର୍ଯ୍ୟର ସ୍ଥିତି ପରଖିଲେ ବାରବାଟୀ ବିଧାୟିକା

କଟକ, (ସବ୍ୟୁ):କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ ମନ୍ଦିର ପ୍ରକଳ୍ପ ନିର୍ମାଣରେ ଆହେତୁକ ବିଳମ୍ବ ସହ ନିମ୍ନମାନର କାର୍ଯ୍ୟ ପାଇଁ ବାରମ୍ବାର ଅଭିଯୋଗ ହୋଇଥିବାରୁ ଆଜି ଅପରାହ୍ନରେ ବିଧାୟିକା ସୋଫିଆ ଫିରଦୋସ ଏହାର ତଦାରଖ କରିଛନ୍ତି । ଏଥିରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ମଧ୍ୟ ଉପସ୍ଥିତ ରହି ନିର୍ମାଣ ପ୍ରଗତି ବିଷୟରେ ବିସ୍ତୃତ ଭାବେ ବୁଝିଥିଲେ । ସେପ୍ଟେମ୍ବର ୧୦ ସୁଦ୍ଧା ଜଗମୋହନ ମଣ୍ଡପ କାର୍ଯ୍ୟ ସାରିବାକୁ ବିଧାୟିକା କହିଛନ୍ତି । ଆଗାମୀ ପୂଜାରେ ଭକ୍ତମାନେ ସୁବିଧାରେ ମା'ଙ୍କ ଦର୍ଶନ କରିପାରିବେ ସେଥିପ୍ରତି ଧ୍ୟାନ ଦେଇ ସମ୍ପୂର୍ଣ୍ଣ ପ୍ରକଳ୍ପକୁ ଡିସେମ୍ବର ୨୦୨୫ ସୁଦ୍ଧା ଶେଷ କରିବା ପାଇଁ ବିଧାୟିକା ଆଲୋଚନା କରିଛନ୍ତି । ପାର୍କିଂ



ସୁବିଧା ନଥିବା, ବାହାର ରାସ୍ତା ସଂକୀର୍ଣ୍ଣ ଥିବାରୁ ଟ୍ରାଫିକ ଜାମ ହେବାର ସମ୍ଭାବନା ଉପରେ ମଧ୍ୟ ବିଧାୟିକା ଗଭୀର ଚିନ୍ତା ପ୍ରକଟ କରିଥିଲେ । ଏହି ସମସ୍ୟାର ସମାଧାନ ପାଇଁ ସେ ଶୀଘ୍ର ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି । ଓବିସିସିର ଅଧିକ୍ଷକ ଯନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି ସମସ୍ତ ବିବରଣୀ ପ୍ରଦାନ କରିଥିଲେ

# ବୈଶିଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ବେତନଟୀ (ସବ୍ୟୁ)ବୈଶିଙ୍ଗା ବରଦା ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟି ସଭାପତି ଦେବେନ୍ଦ୍ର କୁମାର ପଣ୍ଡା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଳକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନିହାରକାନ୍ତ ବେହେରା ଯୋଗଦାନ କରିଥିଲେ । ବିଦ୍ୟା ମନ୍ଦିର ର ଶିଶୁ ବର୍ଗ , ବାଲ ବର୍ଗ ଏବଂ କିଶୋର ବର୍ଗ ର ୧୪ଟି ବିଭାଗର ମୋଟ ୨୧୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । କୁନି ବୈଜ୍ଞାନିକ ଶିଶୁ ଭାଇ ଭଉଣୀଙ୍କ ଦ୍ୱାରା ୮୦ଟି ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ । ବୈଶିଙ୍ଗା ମୁନିଲାଲ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ନିବେଦିତା ବାରିକ, ଚୁଆପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମୀନକେତନ ସ୍ୱାଇଁ ପ୍ରକଳ୍ପ ବିଚାରକ ଭାବେ ସମସ୍ତ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ତଥା ପ୍ରଧାନଶିକ୍ଷକ ଅଜିତ କୁମାର ଜେନା , ଶିକ୍ଷକ ହରେକୃଷ୍ଣ ମହାନ୍ତ ପ୍ରମୁଖ ଭାବରେ ଯୋଗ ଦେଇ ସମସ୍ତ କୃତି ଭାଇଭଉଣୀ ମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ । ବିଭିନ୍ନ ବିଭାଗରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଭାଇ ଭଉଣୀ ମାନେ ବେତନଟୀ ସଂକୁଳ ସ୍ତରୀୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ଜଣାଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ , କୋଷାଧ୍ୟକ୍ଷ ସରୋଜ କୁମାର ପତି , ଉପଦେଷ୍ଟା ଶୈଳେନ୍ଦ୍ର କୁମାର ପଣ୍ଡା , ସଦସ୍ୟା ଜୟନ୍ତୀ ପୁଥାଳ , ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟା କଳ୍ପଲତା ହାଜରା ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁଜି ଗୁରୁମା ସହଯୋଗ କରିଥିଲେ ।

## ରେକର୍ଡ ଉତ୍ପାଦନ ଏବଂ କମ ଖର୍ଚ୍ଚ ଯୋଗୁଁ ବେଦାନ୍ତର ଲାଭ

# ୧୩% ବୃଦ୍ଧି ପାଇ ୫,୦୦୦ କୋଟି ଟଙ୍କାରେ ପହଞ୍ଚିଛି

ଭୁବନେଶ୍ୱର, (ସବ୍ୟୁ): ବେଦାନ୍ତ ଲିମିଟେଡ୍ (ବିଏସଇ: ୫୦୦୨୯୫ ଏବଂ ଏନଏସଇ: ଭିଇଡିଏଲ) ୩୦ ଜୁନ୍ ୨୦୨୫ ରେ ଶେଷ ହୋଇଥିବା ପ୍ରଥମ ତ୍ରୈମାସିକ ପାଇଁ ଏହାର ଅଡିଟେଡ୍ ସମନ୍ୱିତ ଫଳାଫଳ ଘୋଷଣା କରିଛି । ବେଦାନ୍ତ ଦୃଢ଼ ଆର୍ଥିକ ପ୍ରଦର୍ଶନ କରିଛି ଏବଂ କର ପରେ ଲାଭ ୧୩% ବୃଦ୍ଧି ପାଇ ଟ.୫,୦୦୦ କୋଟିରେ ପହଂଚିଛି । କମ୍ପାନୀ ପ୍ରଥମ ତ୍ରୈମାସିକରେ ସର୍ବାଧିକ ଇବିଆଇଟିଡିଏ ଟ.୧୦,୭୪୬ କୋଟି ହାସଲ କରିଛି, ଯାହା ୫% ବୃଦ୍ଧି ପାଇଛି । ବେଦାନ୍ତର ଇବିଆଇଟିଡିଏ ମାର୍ଜିନ୍ ୮୧ ବିପିଏସ୍ ବୃଦ୍ଧି ପାଇ ୩୫% ବାର୍ଷିକ ହୋଇଛି, ଯାହା ଗତ ୧୩ ତ୍ରୈମାସିକରେ ସର୍ବାଧିକ । ପ୍ରଥମ ତ୍ରୈମାସିକରେ କମ୍ପାନୀର ସମନ୍ୱିତ ରାଜସ୍ୱ ଟ.୩୭,୪୩୪ କୋଟି ହୋଇଛି, ଯାହା ୬% ବାର୍ଷିକ ବୃଦ୍ଧି ପାଇଛି ।

ବେଦାନ୍ତର ତରଳତା ୭% ତ୍ରୈମାସିକ ଏବଂ ୩୩% ବାର୍ଷିକ ବୃଦ୍ଧି ପାଇଛି ଯାହା ନଗଦ ଏବଂ ନଗଦ ସମତୁଲ୍ୟ ଟ.୨୨,୧୩୭ କୋଟି । କମ୍ପାନୀର ପୁଞ୍ଜି ନିଯୁକ୍ତି ଉପରେ ରିଟର୍ଣ୍ଣ ୮୭ ବିପିଏସ୍ ବୃଦ୍ଧି ପାଇ ୨୫% ହୋଇଛି । ବେଦାନ୍ତର କ୍ରେଡିଟ୍ ରେଟିଂ କ୍ରିସିଲ୍ ଏବଂ ଆଇସିଆରଏ ଉଭୟରୁ ଏଏ ରେ ପୁନଃନିର୍ମାଣ ହୋଇଛି । କମ୍ପାନୀ ରେକର୍ଡ ତ୍ରୈମାସିକ ଆଲୁମିନା ଉତ୍ପାଦନ ୫୮୭କେଟି ରେ ବୃଦ୍ଧି ପାଇଛି, ଯାହା ଗତ ୧୬ ତ୍ରୈମାସିକରେ ସର୍ବନିମ୍ନ ହଟ୍ ମେଟାଲ୍ ଖର୍ଚ୍ଚ (ଏକ୍ସ-ଆଲୁମିନା) ୮୮୮ ଡଲାର/ଟି ସହିତ ୫୮୭ କେଟିରେ ରେକର୍ଡ ହୋଇଛି; ସାମଗ୍ରିକ ଆଲୁମିନାମ୍ ଉତ୍ପାଦନ ମୂଲ୍ୟ ତ୍ରୈମାସିକ ହ୍ରାସ ପାଇଛି । ଭାରତରେ ବେଦାନ୍ତର ଜିଙ୍କ୍ କାର୍ଯ୍ୟ ପ୍ରଥମ ତ୍ରୈମାସିକ ଖଣିଜ ଧାତୁ ଉତ୍ପାଦନ ୨୬୫ କେଟିରେ ସର୍ବାଧିକ ଏବଂ ପ୍ରଥମ ତ୍ରୈମାସିକ ଜିଙ୍କ୍ ଉତ୍ପାଦନ ଖର୍ଚ୍ଚ ଡଲାର୧,୦୧୦/ଟି ରେ ସର୍ବନିମ୍ନ, ୯% ହ୍ରାସ ପାଇଛି । କମ୍ପାନୀର ଆନ୍ତର୍ଜାତୀୟ ଜିଙ୍କ୍ କାର୍ଯ୍ୟ ଖଣିଜ ଧାତୁ ଉତ୍ପାଦନରେ ୫୦% ବୃଦ୍ଧି ପାଇଛି ଯାହା ମୋଟ ଉତ୍ପାଦନ ଖର୍ଚ୍ଚ ଡଲାର୧,୨୬୯/ଟି ରେ ହ୍ରାସ ପାଇଛି, ଯାହା ୨୧% ହ୍ରାସ ପାଇଛି । ବେଦାନ୍ତର ବିଦ୍ୟୁତ୍ ବିକ୍ରୟ ତ୍ରୈମାସିକ ୩୩% ବୃଦ୍ଧି ପାଇଛି । କମ୍ପାନୀ ଜୁଲାଇ '୨୫ ରେ ଆଥେନା ପାୱାର ପ୍ଲାଂଟ (ୟୁନିଟ୍ ୧ – ୬୦୦ଏମଡବ୍ଲୁ) ଏବଂ ଜୁଲାଇ '୨୫ ରେ ମୀନାକ୍ଷୀ ପାୱାର ପ୍ଲାଂଟ ୟୁନିଟ୍ ୩ (୩୫୦ଏମଡବ୍ଲୁ ) ସିଓଡି ପ୍ରାପ୍ତ କରି ୯୫୦ ଏମଡବ୍ଲୁ ବାଣିଜ୍ୟିକ ଶକ୍ତି କ୍ଷମତା ପ୍ରଦାନ କରିଛି । ଫଳାଫଳ ଉପରେ ମତାମତ ଦେଇ, ବେଦାନ୍ତର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ କହିଛନ୍ତି, "ଆମର ତ୍ରୟମାସିକ ପ୍ରଦର୍ଶନ ଆଗାମୀ ବର୍ଷ ପାଇଁ ଏକ ଦୃଢ଼ ଭିତିଭୂମି ସ୍ଥାପନ କରିଛି ।

# ଜିଲ୍ଲାସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ



ପୁରୀ (ସବ୍ୟୁ): ଜିଲ୍ଲା ପ୍ରଶାସନ ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଶନିବାର ଦିନ ଜିଲ୍ଲା ସ୍ତରୀୟ ବିଶ୍ୱ ସ୍ତନ୍ୟ ପାନ ଦିବସ ପାଳିତ ହୋଇଛି । ପୁରୀ ଷ୍ଟେସନ ରୋଡ ରେ ଥିବା କମଳାଦେବୀ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଏକ ସଚେତନତା ସଭା ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ,ପରିବାର କଲ୍ୟାଣ, ଡାକ୍ତର ଚନ୍ଦ୍ରକାନ୍ତି ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଥିଲା । ଏହିସଭା କାର୍ଯ୍ୟ ମହିଳା ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନ୍ ୱାଡ଼ି, ଆଶା କର୍ମୀ, ଗର୍ଭବତି ଓ ପ୍ରସୂତୀ ମହିଳା ମାନେ ଯୋଗ ଦେଇ ଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ସୂର୍ଯ୍ୟ ନାରାୟଣ ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁ ପ୍ରଭା ବେହେରା, ଶିଶୁବିକାଶ ପ୍ରକଳ୍ପ ଅଧକାରୀ ଓ ଅନ୍ୟମାନେ ଯୋଗ ଦେଇ ଥିଲେ ।

# ଯୋଗାଣ ମନ୍ତ୍ରୀଙ୍କ ମିଥ୍ୟା ସତ୍ୟପାଠ ମାମଲା: ଇସ୍ତଫା ଦାବି କଲା କଂଗ୍ରେସ



ଭୁବନେଶ୍ୱର,(ସବ୍ୟୁ): ୨୦୨୪ ସାଧାରଣ ନିର୍ବାଚନରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବାରୁ ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଇସ୍ତଫା ଦିଅନ୍ତୁ ବୋଲି ପ୍ରଦେଶ କଂଗ୍ରେସ କମିଟି ଦାବି କରିଛି। ଶନିବାର ପୂର୍ବାହ୍ନରେ କଂଗ୍ରେସ ଭବନଠାରେ ମିଡ଼ିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ସଂଯୋଜନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଦୁଇ ବରିଷ୍ଠ ଉପସଭାପତି ଓ ଦୁଇ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ଏବଂ ଲଲାଟେନ୍ଦୁ ମହାପାତ୍ର , ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି ଏହି ମର୍ମରେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୧ ମସିହାରେ ଏକ ଜମି କିଣିବା ବାବଦରେ ନିରଞ୍ଜନ ଶତପଥୀ ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ୨୫ ଲକ୍ଷ ଟଙ୍କାର ଠକେଇ ଶିକାର ହେବା ନେଇ ମନ୍ତ୍ରୀ ଶ୍ରୀ ପାତ୍ର ନିକଟରେ ଏତଲା ଦେବାରୁ ମନ୍ତ୍ରୀଙ୍କ ମିଥ୍ୟା ସତ୍ୟପାଠ ପ୍ରଘଟ ହୋଇଥିଲା । ସମ୍ବିଧାନର ଧାରା ୨୩୪ ଅନୁସାରେ ତଥା ୧୯୫୧ ଜନ ପ୍ରତିନିଧି ଆଇନର ଉପଧାରା ୩୩/୩୬ ଅନୁସାରେ ନିର୍ବାଚନ ଆୟୋଗ ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ବିଧାନସଭା ସଦସ୍ୟତା ରଦ୍ଦ କରିବା ଉଚିତ। ସେହିଭଳି ମିଥ୍ୟା ସତ୍ୟପାଠ କରିଥିବା ଜଣେ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ କିଭଳି ମନ୍ତ୍ରୀମଣ୍ଡଳରେ ସାମିଲ କରିଛନ୍ତି ସେ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି।

ଗତ ନିର୍ବାଚନରେ ମନ୍ତ୍ରୀ ଶ୍ରୀ ପାତ୍ର ନିଜ ସତ୍ୟପାଠରେ ନିଜର ମୋଟ ୭ ଲକ୍ଷ ୩୫ ହଜାର ୯୦ ଟଙ୍କା ଥିବା ଏବଂ କିଛି ଋଣ କରି ନଥିବା ଦର୍ଶାଇଥିଲେ। ବାର୍ଷିକ ୨୦ ଲକ୍ଷ ଟଙ୍କା ଉପାର୍ଜନ କରୁଥିବା ସେ ଦର୍ଶାଇଛନ୍ତି। କିନ୍ତୁ ସତ୍ୟପାଠରେ ଜମିକିଣା ଅଗ୍ରୀମ ୨୫ ଲକ୍ଷ ଟଙ୍କାର ଉଲ୍ଲେଖ କରିନାହାନ୍ତି। ତେବେ ଏଠାରେ ସତ୍ୟପାଠକୁ ନେଇ ସାମ୍ବିଧାନିକ ବିରୋଧାଭାଷ ସ୍ପଷ୍ଟ ହୋଇଛି। ଭାରତୀୟ ଜନ ପ୍ରତିନିଧି ୧୯୫୧ ଆଇନର ଉପଧାରା ୩୬ କ୍ଲଜ -୨ ଉପଧାରା-ବି ଅନୁସାରେ ଯଦି ଜଣେ ପ୍ରାର୍ଥୀ ନିର୍ବାଚନ ସମୟରେ ତାଙ୍କର ସ୍ଥାବର, ଆସ୍ଥାବର ଏବଂ ଋଣର ତାଲିକା ସମ୍ପୂର୍ଣ ରୂପେ ଦାଖଲ ନ କରନ୍ତି ଏବଂ ଲୁଚେଇ ରଖନ୍ତି, ତାହାହେଲେ ତାଙ୍କ ବିଧାନସଭା ପଦ ଅସିଦ୍ଧ କରିବାର ନିୟମ ଅଛି। ଭାରତୀୟ ସମ୍ବିଧାନ ଧାରା ୩୨୪ ଏବଂ ସୁପ୍ରିମ କୋର୍ଟଙ୍କ ଅନୁସାରେ ମୁକ୍ତ ଏବଂ ସ୍ୱଚ୍ଛ ନିର୍ବାଚନ ପାଇଁ ନିର୍ବାଚନ ଆୟୋଗକୁ ଉକ୍ତ ଧାରା ଅନୁଯାୟୀ କ୍ଷମତା ପ୍ରଦାନ କରାଯାଉଛି। ଯେହେତୁ ମନ୍ତ୍ରୀ ଶ୍ରୀ ପାତ୍ର ନିର୍ବାଚନ ସତ୍ୟପାଠରେ ଜମିକିଣା ବାବଦ ୨୫ ଲକ୍ଷ ଟଙ୍କା ପଇଠ କରିଥିବା ଘୋଷଣା କରିନାହାନ୍ତି, ତେଣୁ ସତ୍ୟପାଠର ଖିଲାପ ହୋଇଛି। ମନ୍ତ୍ରୀ ଶ୍ରୀ ପାତ୍ର ଖୋଦ ୨୫ ଲକ୍ଷ ଅଗ୍ରୀମ ଦେଇ ଠକେଇର ଶିକାର ହୋଇଥିବା ଏତଲା ଦେଇଛନ୍ତି ।

ତେଣୁ ନିର୍ବାଚନ ଆୟୋଗ ଏହାକୁ ନିଜ ସଂଜ୍ଞାନରେ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା। ଅଥଚ ଘଟଣାକୁ ୮ ଦିନ ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଆୟୋଗ ସାମାନ୍ୟ ପଦକ୍ଷେପ ମଧ୍ୟ ଗ୍ରହଣ କରିନାହାନ୍ତି । ଏଣୁ କଂଗ୍ରେସ ଦଳ, ଘଟଣାର ବିହିତ ତଦନ୍ତ କରି ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ବିଧାୟକ ପଦ ରଦ୍ଦ କରିବାକୁ ନିର୍ବାଚନ ଆୟୋଗଙ୍କୁ ନିକଟରେ ଦାବି କରୁଛି। ପୂର୍ବରୁ ମଧ୍ୟ ବିଭିନ୍ନ ମନ୍ତ୍ରୀଙ୍କ ଦୁର୍ନୀତି, କ୍ଷମତାର ଅପବ୍ୟବହାର ଆଦି ଅନେକ ଅଭିଯୋଗ ଆସୁଛି। ମୁଖ୍ୟମନ୍ତ୍ରୀ ମନ୍ତ୍ରୀମାନଙ୍କ ଉପରେ ଥିବା ଅଭିଯୋଗ ଗୁଡିକ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ପାରୁନାହାନ୍ତି। ବର୍ତମାନ ମନ୍ତ୍ରୀ ସତ୍ୟପାଠରେ ଭୁଲ ତଥ୍ୟ ଦେଇଥିବା ଯୋଗୁଁ ନିଜେ ଇସ୍ତଫା ଦିଅନ୍ତୁ ଅବା ମୁଖ୍ୟମନ୍ତ୍ରୀ ତାଙ୍କୁ ବରଖାସ୍ତ କରନ୍ତୁ ।

# ଦୁର୍ଦ୍ଦାନ୍ତ ଅପରାଧୀ ସୁନୀଲ ନାହାକକୁ ଏନ୍‌କାଉଣ୍ଟର



ରଙ୍ଗେଇଲୁଣ୍ଡା, (ସବ୍ୟୁ) : ଗାଲନ୍ଥରା ଥାନା ଅନ୍ତର୍ଗତ ପିତାଡାଳି ଠାରେ ଶୁକ୍ରବାର ଭୋର ସମୟରେ ଗଞ୍ଜାମ ଜଲ୍ଲା ଦୁର୍ଦାନ୍ତ ଅପରାଧୀ ତଥା କୋଡିଏରୁ ଉର୍ଦ୍ଧ ମାମଲା ଥିବା କବିସୂର୍ଯ୍ୟନଗର ସୁନୀଲ ନାହାକକୁ ଗୋଲନ୍ଥରା ପୋଲିସ ଏନକାଉଣ୍ଟର କରିଛି । ଅଭିଯୁକ୍ତ ସୁନୀଲ ନାହାକ ନିମଖଣ୍ଡି ଅଞ୍ଚଳରେ ଗୋଟିଏ ବନ୍ଧୁକ ମୁନରେ ଡକାୟତି କରିବା ସହ ଗୋଟିଏ ହତ୍ୟା, ବମିଙ୍ଗ, ଦାଦା ବଟି, ହତ୍ୟା ଉଦ୍ୟମ ମାମଲା ସହ ବହୁ ସାଙ୍ଘାତିକ ମାମଲାରେ ଜଡିତ ଥାଇ ସାରା ଜିଲ୍ଲାରେ ପୋଲିସର ନିଦ ହଜେଇ ଦେଇଥିଲା ।

ଶୁକ୍ରବାର ଦିନ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ଶ୍ରାବଣ ବିବେକ. ଏମଙ୍କ ନିର୍ଦ୍ଦେଶ କ୍ରମେ ଗୋଲନ୍ଥରା ଥାନା ର ଡ଼ି. ଏସ.ପି, ତଥା ଥାନା ଅଧିକାରୀ ବିବେକାନନ୍ଦ ସୱାଇଁ ପାଟ୍ରୋଲିଙ୍ଗ କରିବା ସମୟରେ ପିତାଡାଳି ନିକଟରେ ସନ୍ଦେହଜନକ ଅବସ୍ଥାରେ ଦୁଇ ଜଣଙ୍କୁ ଦେଖିଥିଲେ ଏବଂ ପୋଲିସ ପୋଲିସ ଗାଡି ରୁ ଓହ୍ଲାଇବା ସାଙ୍ଗେ ସାଙ୍ଗେ ପାଖରେ ରଖିଥିବା ମାଉଜରରୁ ପୋଲିସ ଉପରକୁ ଲକ୍ଷ୍ୟ କରି ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ । ଫଳରେ ନିଜ ଜୀବନକୁ ବଞ୍ଚାଇବା ପାଇଁ ନିଜେ ଡ଼ି.ଏ.ଏସ.ପି ବିବେକାନନ୍ଦ ସ୍ୱାଇଁ ଅପରାଧୀ ମାନଙ୍କ ଉପରକୁ ଗୁଳି ଚଳାଇଥିଲେ, ଏଥିରେ କୁଖ୍ୟାତ ଅପରାଧୀ ସୁନୀଲ ନାହାକଙ୍କ ବାମ ଗୋଡ଼ରେ ଗୁଳି ବାଜିଥିବା ବେଳେ ଅନ୍ୟ ଜଣେ ଅପରାଧୀ ଘଟଣା ସ୍ଥଳରୁ ଚମ୍ପଟ ମାରିବାରେ ସଫଳ ହୋଇଥିଲେ ।

ଶନିବାର ଦିନ ଗୋଲନ୍ଥରା ଥାନା ପରିସରରେ ବ୍ରହ୍ମପୁର ଏସପି ଡା. ଶ୍ରାବଣ ବିବେକ, ଏମଏକ ପ୍ରେସ ମିଟ କରି ଫେରାର ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବା ସହ ଯେଉଁମାନେ ଅପରାଧରେ ସମ୍ପୃକ୍ତ ରହିବେ ସେମାନଙ୍କୁ ଏମିତି ଏନକାଉଣ୍ଟର କରାଯିବ ବୋଲି କହିବା ସହ ବର୍ତମାନ ମେଡିକାଲ ରେ ଚିକିତ୍ସାଧୀନ ଥିବା ସୁନୀଲ କୁ ଆରୋଗ୍ୟ ହେଲା ପରେ ଜେଲ ହାଜତକୁ ପଠେଇ ଦିଆଯିବ ବୋଲି କହିଥିଲେ । ସ୍ଥାନୀୟ ଗୋଲନ୍ଥରା ପୋଲିସର ଏହି କାର୍ଯ୍ୟକୁ ଅଞ୍ଚଳବାସୀ ଭୁୟସୀ ପ୍ରଶଂସା କରିବା ସହ ଥାନା ଅଧିକାରୀ ଶ୍ରୀ ବିବେକାନନ୍ଦ ସ୍ୱାଇଁଙ୍କୁ ସାଧୁବାଦ ଜଣାଇଛନ୍ତି ।

# ଶିମିଳିପାଳ : ଏଆଇ କ୍ୟାମେରା ଧରିଲା ୫ ଶିକାରୀ
## ତିନି ଦେଶୀ ବନ୍ଧୁକ ଜବତ



ବାରିପଦା, (ସବ୍ୟୁ): ପୁଣି ଶିମିଳିପାଳରୁ ଏଆଇ କ୍ୟାମେରା ସାହାଯ୍ୟରେ ଗିରଫ ହେଲେ ୫ଜଣ ଶିକାରୀ । ଏଠାରେ ସୂଚନାଯୋଗ୍ୟ ଯେ, ଗୁରୁବାର ଦିନ ୫ଜଣ ଶିକାରୀ ଶିକାର ପାଇଁ ଶିମିଳିପାଳରେ ଉଦ୍ୟମ କରୁଥିବାବେଳେ ଏଆଇ କ୍ୟାମେରା ଦ୍ୱାରା କଏଦ୍ ହୋଇଥିଲେ । ବନବିଭାଗ ପକ୍ଷରୁ ଏହି କଏଦ୍ ଫୋଟଚିତ୍ରକୁ ଆଧାରେ ୫ଜଣ ଶିକାରୀଙ୍କୁ ଧରିବାକୁ ସକ୍ଷମ ହୋଇଥିଲେ । ବନବିଭାଗ ପକ୍ଷରୁ ଅତର୍କୀତ ଚଢଉ କରାଯାଇ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ ବଡପଥର ଗ୍ରାମର ଦେବେନ୍ଦ୍ର ସିଂ(୨୦), ସୋମନାଥ ସିଂ(୩୫), ପ୍ରଦୀପ ସିଂ(୩୧), ଗୌରା ସିଂ(୨୪) ଓ ସପନଚୂଆ ଗ୍ରାମର କାହ୍ନୁ ସିଂ(୩୦)ଙ୍କୁ ଗିରଫ କରାଯିବା ସହ ସେମାନଙ୍କ ଠାରୁ ତିନୋଟି ଦେଶୀ ବନ୍ଧୁକ ଜବତ କରାଯାଇ କୋର୍ଟଚାଲାଣ କରାଯାଇଛି ।

## ବାରଣାସୀରେ ପିଏମ କିଷାନ ସମ୍ମାନନିଧି ସମାରୋହ
# ମୟୂରଭଞ୍ଜର ୨,୪୨,୧୧୫ ଚାଷୀ ହେଲେ ଉପକୃତ



ବାରିପଦା, (ସବ୍ୟୁ) : ପିଏମକିସାନ ସମ୍ମାନନିଧିର ୬ବର୍ଷ ପୂର୍ତ୍ତି ଅବସରରେ ଉତ୍ତର ପ୍ରଦେଶର ବାରଣାସୀ ଠାରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ପିଏମକିଷାନ ସମ୍ମାନ ସମାରୋହକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ଉଦ୍ଘାଟନ କରିଛନ୍ତି । ପ୍ରଧାନମନ୍ତ୍ରୀ ପିଏମକିଷାନ ଯୋଜନାର ୨୦ତମ କିସ୍ତିକୁ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ଆଭାସୀ ମାଧ୍ୟମରେ ପ୍ରଦାନ କରିଛନ୍ତି । ଏହି ଅବସରରେ ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ଆନେକ୍ସ ହଲ୍ ଠାରେ ଜିଲ୍ଲା କୃଷି ଓ କୃଷକ ସଶକ୍ତି କରଣ ବିଭାଗ ତରଫରୁ ଏକ ଜିଲ୍ଲା ସ୍ତରୀୟ ପିଏମକିସାନ ସମ୍ମାନନିଧିର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ସାଧାରଣ ଉଦ୍ୟୋଗ ବିଭାଗର ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ ଯୋଗ ଦେଇଥିଲେ । ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଶ୍ରୀମତୀ ସଙ୍ଘମିତ୍ରା ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହ ଏହି ଯୋଜନା ସମ୍ବନ୍ଧରେ ତାଙ୍କର ବକ୍ତବ୍ୟ ରଖିଥିଲେ ।

ଏହି ଅବସରରେ ମୁଖ୍ୟ ଅତିଥି ଡଃ ମହାପାତ୍ର କହିଥିଲେ ଯେ, ଆଜି ଦେଶର ପାଖାପାଖି ୯ କୋଟି ୭୦ ଲକ୍ଷ ଚାଷୀ ଭାଇ ଭଉଣୀଙ୍କ ବ୍ୟାଙ୍କ ଖାତାକୁ ୨ହଜାର ଟଙ୍କା ଲେଖାଏଁ କୃଷକ ସହାୟତା ରାଶି ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ବ୍ୟାଙ୍କ ଖାତା ଜରିଆରେ ହସ୍ତାନ୍ତର କରାଯାଇଛି । ଏହି କ୍ରମରେ ଆମ ରାଜ୍ୟର ପାଖାପାଖି ୩୫ଲକ୍ଷ ହଜାର ଚାଷୀ ଭାଇ ଭଉଣୀ ଉପକୃତ ହୋଇଥିବା ବେଳେ ମୟୂରରଭଞ୍ଜ ଜିଲ୍ଲାର ୨,୪୨, ୧୧୫ଜଣ ଚାଷୀ ଉପକୃତ ହୋଇଛନ୍ତି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଟଙ୍କଧର କାଲୋ, ଯଶିପୁର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦୀପକ କୁମାର ମହାନ୍ତି ଯୋଗ ଦେଇଥିବା ବେଳେ ସହକାରୀ କୃଷି ନିର୍ଦ୍ଦେଶିକା ମଧୁସ୍ମିତା ଜେନା, ସହକାରୀ କୃଷି ଅଧିକାରୀ ରମ୍ୟ ରଞ୍ଜନ ମହାନ୍ତ, ଅର୍ଚ୍ଚନା ବଳ ଏବଂ କାର୍ଯ୍ୟାଳୟର ତୁଷାର କାନ୍ତ ମହାନ୍ତି, ମାନସ ରଞ୍ଜନ ମହାନ୍ତି, ସରୋଜ ଦାସ, ରାଜାରାମ ସାହୁ ଓ ଭାଗ୍ୟଶ୍ରୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା କୃଷି ବିଭାଗର ବିଭାଗୀୟ ଅଧିକାରୀଙ୍କ ସମେତ ବିଭିନ୍ନ ବ୍ଲକର ଶତାଧିକ ଚାଷୀ ଯୋଗ ଦେଇଥିଲେ ।

# ଯନ୍ତ୍ରୀଙ୍କୁ ପାଣି ବଦଳରେ ପରିସ୍ରା ଦେଇଥିବା ପିଅନକୁ ବେଲ୍‌ବଣ୍ଡରେ ଛାଡିଲା ପୋଲିସ

ପାରଳାଖେମୁଣ୍ଡି, (ସବ୍ୟୁ): ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜଣେ ଯନ୍ତ୍ରୀଙ୍କୁ ପିଇବା ପାଣି ବଦଳରେ ପରିସ୍ରା ଦେଇଥିବା ପିଅନକୁ ପୋଲିସ ନଂ ୪୧ ବେଲବଣ୍ଡରେ ଶନିବାର ଦିନ ଛାଡି ଦେଇଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ, ଗଜପତି ଜିଲ୍ଲା ରା.ଉଦୟଗିରି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ କନିଷ୍ଠଯନ୍ତ୍ରୀ ସଚିନ କୁମାର ଗୌଡ଼ ଏଭଳି ସଂଗିନ ଅଭିଯୋଗ ଆଣିଛନ୍ତି ନୂଆ ଚାକିରି ପାଇ ଗତ ୧୮ତାରିଖରେ ରା,ଉଦୟଗିରିରେ ଆରଡବ୍ଲୁଏସଏସ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରେ ସଚିନ ଯୋଗ ଦେଇଥିଲେ । ଗତ ୨୩ ତାରିଖ ରାତିରେ ଖାଇ ସାରିବା ପରେ କାର୍ଯ୍ୟାଳୟର ପିଅନ ଶିବାଙ୍କୁ ପାଣି ଆଣିବାକୁ କହିଥିଲେ ତାଙ୍କ କ୍ୱାର୍ଟର୍ସରୁ ଶିବା ଏକ ଫ୍ଲାସ୍ରେ ପାଣି ଆଣି ଦେଇଥିଲେ । ସେଥିରୁ ଟିକେ ପିଇବା ପରେ ଖରାପ ସ୍ୱାଦ ଯୋଗୁଁ ସଚିନଙ୍କ ମନରେ ସନ୍ଦେହ ଜାତ ହୋଇଥିଲା । ସେହି ପାଣିକୁ ସେ ଏକ ସ୍ୱଚ୍ଛ ବୋତଲରେ ଢାଳିଥିଲେ। ପାଣିର ପ୍ରକୃତ ରଙ୍ଗ ବଦଳରେ ପରିସ୍ରା ରଙ୍ଗ ଭଳି ଦେଖାଯାଇଥିଲା। ନିଶ୍ଚିତ ହେବା ପାଇଁ ଏହି ପାଣିକୁ ଅନ୍ୟ ଦୁଇଜଣ ସହକର୍ମୀଙ୍କୁ ଶୁଙ୍ଘିବାକୁ କହିଥିଲେ. ସେମାନେ ମଧ୍ୟ ସେହି ଏକା ସନ୍ଦେହ ପ୍ରକାଶ କରିଥିଲେ। ସବଡିଭିଜନ ଜଳ ଓ ପରିମଳ କାର୍ଯ୍ୟାଳୟରେ ଲ୍ୟାବ ଆସିଷ୍ଟାଣ୍ଟଙ୍କ ଦ୍ୱାରା ପରୀକ୍ଷା କରାଇଥିଲେ। ରିପୋର୍ଟରେ ଆମୋନିଆ ମାତ୍ରା ଅଧିକ ଥିଲା, ଯାହା ପରିସ୍ରାରେ ରହୁଥିବା ଆମୋନିଆ ମାତ୍ରା ସହ ସମାନ ପାଣିର ଲ୍ୟାବ ପରୀକ୍ଷା ରିପୋର୍ଟ ଆସିବା ପରେ ସେ ଆଶ୍ଚର୍ଯ୍ୟ ହେବା ସହ ତାଙ୍କ ସହ ଏଭଳି କିଏ କାହିଁକି କରିବ ବୋଲି ବିସ୍ମିତ ହୋଇଥିଲେ।

ଏନେଇ ଗତ ୨୭ ତାରିଖରେ ଭୁବନେଶର ମୁଖ୍ୟଯନ୍ତ୍ରୀ (ଜଳ ଓ ପରିମଳ), ୨୫ ତାରିଖରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ (ସର୍ଜଲ ଅଫିସ ବ୍ରହ୍ମପୁର), ୨୫ତାରିଖରେ ନିର୍ବାହୀଯନ୍ତ୍ରୀ ଡିଭିଜନ ଅଫିସ, ପାରଳାଖେମୁଣ୍ଡି) ଙ୍କୁ ଲିଖିତ ଅଭିଯୋଗ କରିବା ସହ ପ୍ରକୃତ ତଥ୍ୟ ଉନ୍ମୋଚନ ଓ ନ୍ୟାୟ ପାଇଁ ନିବେଦନ କରିଥିଲେ । ଡିଭିଜନ ଅଫିସ୍କୁ ସେହି ପାଣିର ନମୁନା ସହ ପରୀକ୍ଷା ରିପୋର୍ଟ ମଧ୍ୟ ପଠାଇଥିଲେ । ତେବେ ଉଚ୍ଚପଦସ୍ତ ଅଧିକାରୀଙ୍କ ଠାରୁ ସହଯୋଗ ନପାଇ ଏବଂ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନହେବାରୁ ବାଧ ହୋଇ ଜାତୀୟ ମାନବାଧିକାର କମିସନ ଓ ରା.ଉଦୟଗିରି ଥାନାରେ ସମସ୍ତ ତଥ୍ୟ ଓ ପରୀକ୍ଷା ରିପୋର୍ଟ କପି ସହିତ ଅନ୍ଲାଇନରେ ଅଭିଯୋଗ ଦାଖଲ କରିଥିଲେ। ରା.ଉଦୟଗିରି ପୁଲିସ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଏସଡିଓଙ୍କ ସମେତ ସମସ୍ତ କର୍ମଚାରୀଙ୍କୁ ଡାକି ପଚରାଉଚରା କରିଛନ୍ତି। ଏହି ଘଟଣାରେ ପାଣି ଆଣିଥିବା ପିଅନକୁ ମଧ୍ୟ ପୋଲିସ ତଦନ୍ତ କରିବା ପରେ ୪୧ ନଂ ବେଲବଣ୍ଡରେ ଛାଡି ଦେଇଥିବା ସୂଚନା ମିଳିଛି।

# ମାଉଜର ଦେଖାଇ ଯୁବକଙ୍କୁ ଆକ୍ରମଣ: ୫ ଗିରଫ



ଭଂଜନଗର, (ସବ୍ୟୁ): ଭଂଜନଗର ଥାନା ଅନ୍ତର୍ଗତ ଜାମପଲ୍ଲୀ ନିକଟସ୍ଥ ଝାଙ୍କରେଇ ମନ୍ଦିର ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକକୁ ସଂଘବଦ୍ଧ ଆକ୍ରମଣ । ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା ପୋଲିସ । ଆହତ ଯୁବକକୁ ଉଧାର କରିବା ସହ, ଆକ୍ରମଣ କାରୀ ୫ ଯୁବକଙ୍କୁ ଗିରଫ କରିଥିଲା ପୋଲିସ । ସେମାନେ ଆସିଥିବା ସୁଇଫ୍ଟ କାର ନଂ ଓଡି ୦୨ ସିଜେ - ୮୮୨୪ କୁ ଜବତ କରିବା ସହ, କାର୍ ଭିତର ଗୋଟିଏ ମାଉଜର, ୩ ଟି ଜୀବନ୍ତ ଗୁଳି, ଗୋଟିଏ ମାଗାଜିନ ଏବଂ ଛୁରୀ ଜବତ ହୋଇଛି । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ସୂଚନା ଦେଇଛନ୍ତି ଥାନାଧିକାରୀ ଜୀବନାନନ୍ଦ ଜେନା । ଆହତ ଯୁବକ ଜଣକ ସୋମନାଥ ପଣ୍ଡା । ତାଙ୍କ ଘର ପୁରୀ ଡ଼େଲାଙ୍ଗ ଥାନା ଅନ୍ତର୍ଗତ ଗଣ୍ଡାପଡା ଗାଁ ହୋଇଥିବା ବେଳେ, ଗାଙ୍ଗପୁର ଥାନା ଅନ୍ତର୍ଗତ ଗୋବରା ନିକଟରେ ରହି, ଏକ ଘରୋଇ ଫାଇନାନ୍ସ କମ୍ପାନୀରେ କାମ କରୁଥିଲେ । ଆକ୍ରମଣକାରୀ ତଥା ଗିରଫ ଅଭିଯୁକ୍ତମାନେ ମଧ୍ୟ ସେହି ପୁରୀ ଜିଲ୍ଲାର ସନ୍ତୋଷ ପରିଡ଼ା, ଶକ୍ତିକାନ୍ତ ପରିଡ଼ା, ସୁରେଶ ପରିଡା, ସୁମନ୍ତ ଭଟ୍ଟ ଏବଂ ଆଶୁତୋଷ ବାରିକ । ଘଟଣା ପ୍ରକାରେ ଆହତ ସୋମନାଥ ଏବଂ ଅଭିଯୁକ୍ତ ଆଶୁତୋଷ ଉଭୟେ ଗୋଟିଏ ଗାଁର ଏବଂ ଗୋଟିଏ ଫାଇନାନ୍ସ କମ୍ପାନୀରେ କାମ କରନ୍ତି । ତେବେ ବୋଲଗଡ଼ରେ ଏକ ଭଡ଼ାଘରେ ରହିବା ସମୟରେ, ଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କକୁ କେନ୍ଦ୍ରକରି ଶତ୍ରୁତା ଆରମ୍ଭ ହୋଇଥିଲା । ଏହା ଭିତରେ ଆଶୁତୋଷ ଭଂଜନଗରୁ ଆସିଥିବା ବେଳେ, ସୋମନାଥ ଗୋରାକୁ ଆସି ରହୁଥିଲେ । ଶୁକ୍ରବାର ଦିନ ଆଶୁତୋଷ ନିଜ ଡେଲାଙ୍ଗ ଅଞ୍ଚଳର ସମସ୍ତ ୫ ଜଣ ସହଯୋଗୀଙ୍କୁ ଡାକି ଆଣିଥିଲା ଏବଂ ସୋମନାଥକୁ ଜାତ ପଲ୍ଲୀ ନିକଟକୁ ଡାକି, ଆକ୍ରମଣ କରିଥିଲା । ଘଟଣା ସ୍ଥଳରୁ ଆଉଜଣେ ଖସିଯାଇଥିବା ବେଳେ, ଏନେଇ ଭଂଜନଗର ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ନେଇ, ଥାନାଧିକାରୀ ଶ୍ରୀ ଜେନା ସୂଚନା ଦେଇଛନ୍ତି ।

# ମା' ତୁଳସୀ ଫାଉଣ୍ଡେସନର ବାର୍ଷିକ ପ୍ରତିଷ୍ଠା ଦିବସ

ବାରିପଦା, (ସବ୍ୟୁ) : ଷ୍ଟେସନବଜାର ସ୍ଥିତ ମା'ତୁଳସୀ ଫାଇଣ୍ଡେସନର ପ୍ରଥମ ବାର୍ଷିକୀ ପ୍ରତିଷ୍ଠା ଦିବସ ଦୁଇଦିନ ଧରି ପାଳିତ ହୋଇଯାଇଛି । ମହିଳା ମାନଙ୍କ ଦ୍ୱାରା ଗଠିତ ଏହି ସେବାସଂସ୍ଥା ନିଆରା ଢଙ୍ଗରେ ତାର ପ୍ରଥମ ବାର୍ଷିକୀ ପ୍ରତିଷ୍ଠା ଦିବସ ପାଳନ କରିଛି ଓ ପ୍ରଥମ ଦିନ ଫାଉଣ୍ଡେସନର ପ୍ରତିଷ୍ଠାତା ରଂଜିତା ଦଳେଇଙ୍କ ନେତୃତ୍ୱରେ ଦିନସାରା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସର୍ବପ୍ରଥମେ ସକାଳ ୯ଟା ରୁ ଓଡିଶା ରକ୍ତ କେନ୍ଦ୍ର, ବାରିପଦା ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରରେ ୧୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ।

ସେହିପରି ଡିଡିଆରସି କୁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଦିବ୍ୟାଙ୍ଗଜନ ଓ ତାଙ୍କ ପରିଜନଙ୍କୁ ଫାଉଣ୍ଡେସନ ତରଫରୁ ଶୁଷ୍କଖାଦ୍ୟ, ପିଇବାପାଣି ଏବଂ ଓ ଆର ଏସ ବଣ୍ଟନ କରାଯାଇଥିଲା । ଶେଷରେ ୧୫ନଂ ୱାର୍ଡ ସ୍ଥିତ ଲାଲପାଟ ସାଲପାଟ ଦେବୀ ମନ୍ଦିର ପରିସରରେ ବିଭିନ୍ନ ପ୍ରକାରର ଚାରାଗଛ ରୋପଣ କରାଯାଇଥିଲା । ଦ୍ୱିତୀୟ ଦିନ ଅମ୍ବିକା ମନ୍ଦିର, ଜଗନ୍ନାଥ ମନ୍ଦିର ଓ ଶନି ମନ୍ଦିରରେ ବସିଥିବା ଦୁଃଖିଜନଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବନ୍ଦିତା ସାହୁ, ନିଭା ସାହୁ, ଭାରତୀ ମହାନ୍ତ, ସଞ୍ଜୁଲତା ସାହୁ, ଶୁଚିସ୍ମିତା ମିଶ୍ର, ବିକାଶ ସାହା, ଚନ୍ଦନା ବେହେରା, ସ୍ୱାଗତିକା ମହାନ୍ତ, ଅରବିନ୍ଦ ମୁଖି, ଗଗନ ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ହିମାଂଶୁ ପ୍ରହରାଜ, ରବୀନ୍ଦ୍ର ଦାସ, ଜୟଦେବ ଦାସ ଓ ଦମୟନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ରହି ସଫଳ କରିଥିବାରୁ ଫାଉଣ୍ଡେସନର ପ୍ରତିଷ୍ଠାତା ଶ୍ରୀମତୀ ଦଳେଇ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

# ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ୨୦ତମ କିସ୍ତି ବଣ୍ଟନ

ଛତ୍ରପୁର , (ସବ୍ୟୁ): ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ୨୦ତମ କିସ୍ତି ବଣ୍ଟନ ନିମନ୍ତେ ଜିଲ୍ଲା ପରିଷଦର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାପାଳ ଡ଼ି. କୀର୍ତ୍ତି ଭାସନ ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ମୁଖ୍ୟ କାର୍ଯ୍ୟକ୍ରମ ଉତ୍ତର ପ୍ରଦେଶର ବାରଣାସୀଠାରେ ଅନୁଷ୍ଠିତ ହୋଇଥିଲା । ଏହାକୁ ଆଭାସୀ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା ।

ଜିଲ୍ଲାପାଳ କୀର୍ତ୍ତି ଭାସନ ସମସ୍ତଙ୍କୁ ସ୍ୱାଗତ କରିବା ସହ ଗଞ୍ଜାମ ଜିଲ୍ଲାର ପ୍ରାୟ ୧ଲକ୍ଷ ୭୦ହଜାର କୃଷିଜୀବୀଙ୍କୁ ୨୦ତମ କିସ୍ତି ପ୍ରଦାନ କରାଯାଇଛି ଏବଂ ଏହା ଆସନ୍ତା ଖରିଫ ଋତୁରେ ଚାଷୀ ମାନଙ୍କୁ ଏହି ଅର୍ଥ ସାହାଯ୍ୟ କରିବ ବୋଲି କହିଥିଲେ । ଚାଷୀ ଭାଇମାନଙ୍କ ସୁବିଧା ଅସୁବିଧାରେ ପ୍ରଶାସନ ସଦାସର୍ବଦା ସହାୟତା କରିବ ବୋଲି କହିବାସହ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । କାର୍ଯ୍ୟକ୍ରମରେ ଆସ୍କା ସାଂସଦ ଅନୀତା ଶୁଭଦର୍ଶିନୀ , ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଧାୟକ ଚିକିଟି ମନୋରଞ୍ଜନ ଦ୍ୟାନ ସାମନ୍ତରାୟ,ବିଧାୟକ ସୋରଡା ନୀଳମଣୀ ବିଷୋୟୀ , ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ ଓ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଏହି ପିଏମ ସମ୍ମାନ ନିଧି ଚାଷୀଙ୍କ ଚାଷ କାର୍ଯ୍ୟରେ ସହାୟତା କରିବା ବୋଲିକହିଥିଲେ। ଶେଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅଜୟ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ଜିଲ୍ଲାର ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ କୃଷିଜୀବୀ ଭାଇ ଓ ଭଉଣୀମାନେ ତଥା ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ହିତାଧିକାରୀଗଣ, ସମସ୍ତ ଲାଇନ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

# ରାଜ୍ୟ ସରକାରଙ୍କୁ ଓଷ୍ଟାର ସ୍ମାରକପତ୍ର

ବୁଗୁଡା, (ସବ୍ୟୁ) : ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ତଥା ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବୁଗୁଡା ବ୍ଲକ ଶାଖା ପକ୍ଷରୁ ବିଭିନ୍ନ ଦାବି ସମ୍ବଳିତ ଏକ ସ୍ମାରକପତ୍ର ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ(ବିଇଓ)ଙ୍କ ଜରିଆରେ ରାଜ୍ୟ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ପ୍ରେରଣ କରାଯାଇଥିବା ଜଣାଯାଇଛି।

ଉକ୍ତ ସ୍ମାରକପତ୍ରରେ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ , ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି , ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ସରକାରୀକରଣ ଏବଂ ଶିକ୍ଷକ ନିଯୁକ୍ତି , ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ ଇନ୍କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ ପରିବର୍ତ୍ତେ ପୁରାତନ ପେନସନ ସ୍କାମ୍ର ପୁନଃ ପ୍ରଚଳନ ଆଦି ଦାବି ଉଲ୍ଲେଖ କରାଯାଇଛି । ଏହି ସ୍ମାରକ ପତ୍ର ପ୍ରଦାନ ସମୟରେ ବୁଗୁଡା ବ୍ଲକ ଓଷ୍ଟା ସଭାପତି ପ୍ରଶାନ୍ତ କୁମାର ଗୌଡ ଓ ସମ୍ପାଦକ କାହ୍ନୁ ଚରଣ ଭୂୟାଁଙ୍କ ଅନ୍ୟ ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ରହିଥିଲେ।

# ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସ୍କୁଲ ସହପାଠୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଋଷିକୁଲ୍ୟା, ଡାହୁକା, ବଂଶଧାରା ଅବବାହିକାର ପରିଚାଳକ ଇଂ ଅଜୟ କୁମାର ବିଶ୍ୱାଳ ଗତ ୩୧ତାରିଖ ଗୁରୁବାର ଦିନ ଅବସର ଗ୍ରହଣ କରିଛନ୍ତି। ତାଙ୍କର ଏହି ଅବସର ପାଇଁ ଚାକିରି ଜୀବନର ଶେଷ ଦିବସରେ ଇଂ. ଅଜୟ କୁମାର ବିଶ୍ୱାଳଙ୍କୁ ତାଙ୍କ ବ୍ରହ୍ମପୁରସ୍ଥ କାର୍ଯ୍ୟାଳୟରେ ସେ ପଢୁଥିବା ସ୍କୁଲ ସହପାଠୀ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଶ୍ରୀବୁଦ୍ଧନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୦ ମାଟ୍ରିକ ବ୍ୟାଚ ସହପାଠୀମାନେ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି । ବିଦ୍ୟାଳୟ (ସ୍କୁଲ) ସହପାଠୀମାନଙ୍କ ତରଫରୁ ନାରାୟଣ ବେହେରା, ପ୍ରସନ୍ନ ସେନାପତି, ରଜନୀ କାନ୍ତ ମହାନ୍ତି ଯାଇ ବ୍ରହ୍ମପୁରସ୍ଥ ମୁଖ୍ୟଯନ୍ତ୍ରୀ କାର୍ଯାଳୟରେ ଇଂ ବିଶ୍ୱାଳଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ଅବସର କାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ।

ପ୍ରକାଶ ଥାଉ କି ଇଂ ଅଜୟ କୁମାର ବିଶାଳ ୧୯୮୦ ସ୍କୁଲ ଟପ୍ପର ଥିବା ବେଳେ ସମ୍ବଲପୁର ବୁର୍ଲା ଯାନ୍ତ୍ରିକ ମହାବିଦ୍ୟାଳୟରୁ ବିଏସସି (ସିଭିଲ) ସଫଳତାର ସହ ଶେଷ କରି ପ୍ରଥମେ କୋରାପୁଟ କୋଲାପ ଜଳ ପ୍ରକଳ୍ପ ଓ ଦମନଯୋଡି ପ୍ରୋଜେକ୍ଟରେ ସହକାରୀ ଯନ୍ତ୍ରୀ ଭାବେ ଚାକିରି ଆରମ୍ଭ କରିଥିଲେ। ସରକାରୀ ଚାକିରୀର ଶେଷ ଦିନରେ ନିଜ କାର୍ଯାଳୟରେ ବିଦ୍ୟାଳୟ(ସ୍କୁଲ) ସହପାଠୀମାନଙ୍କ ଠାରୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପାଇ ଇଂ ବିଶ୍ୱାଳ ଖୁସିବ୍ୟକ୍ତ କରି ଭାବ ବିହ୍ୱଳ ହୋଇପଡ଼ିଥିଲେ। ଏହି ଅବସରରେ ବିଦ୍ୟାଳୟ ସହପାଠୀମାନେ ଅବସରପ୍ରାପ୍ତ ଇଂ ଅଜୟ କୁମାର ବିଶ୍ୱାଳଙ୍କ ସୁସ୍ଥ ଓ ଦୀର୍ଘ ଜୀବନ କାମନା କରିଥିଲେ।


Azadi Ka Amrit Mahotsav | G20

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**

DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
OLATPUR, P.O.-BAIROI, DIST-CUTTACK-754010, ODISHA

**RECRUITMENT NOTICE**

Applications are invited from the eligible candidates for the following posts:

**Adv. No.: AD6B10/07/2025 Dated: 31.07.2025**
**(Regular Posts for SVNIRTAR, Cuttack)**

| Sl. No. | Name of the Post | Pay Matrix Level | Category | No. of posts |
|---|---|---|---|---|
| 1 | Nursing Sister | Level-08(Group - B) | UR | 01 |
| 2 | Clinical Psychologist-cum- Junior Lecturer | Level-07(Group - B) | UR | 01 |
| 3 | Demonstrator (Physiotherapy) | Level-06(Group - B) | UR | 01 |
| 4 | Demonstrator (Prosthetics & Orthotics) | Level-06(Group - B) | OBC | 01 |
| 5 | Junior Store Keeper | Level-02(Group - C) | UR | 01 |

**Adv. No.: AD6B19/08/2025 Dated: 31.07.2025**
**(Consultant Posts for SVNIRTAR, Cuttack & CRCSRE- Shillong)**

| Sl. No. | Name of the post | Consolidated monthly remuneration | No. of posts |
|---|---|---|---|
| 01 | Assistant Professor (Clinical Psychology) (Consultant) | Rs.75,000/- | 02 (1 - SVNIRTAR, Cuttack) (1 - CRCSRE, Shillong) |

The aspiring applicants fulfilling the eligibility criteria in all respect may send their applications as per prescribed format to **"The Director, Swami Vivekanand National Institute of Rehabilitation Training & Research, At-Olatpur, PO: Bairoi, Dist- Cuttack, Odisha, Pin-754010"**.The detailed advertisement, terms and conditions, educational qualification and experience criteria, application form, etc. can be downloaded from the official websites i.e. **https://svnirtar.nic.in / https://crcguwahati.nic.in,https://crcranchi.nic.in & https://crcshillong.nic.in/.**

Sd/-
Director

## ପିଏମ କିଷାନ କିସ୍ତି ବଣ୍ଟନ ଓ ପିଏମ କିଷାନ ସମ୍ମାନ ସମାରୋହ
# ଜିଲ୍ଲାର ବିକାଶ କୃଷକମାନଙ୍କ ବିକାଶରେ ସମ୍ଭବ: ମନ୍ତ୍ରୀ



ଜଗତସିଂହପୁର,(ସବ୍ୟୁ): ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରପ୍ରଦେଶର ବାରାଣସୀ ସହରଠାରେ ଆୟୋଜିତ ପିଏମ କିଷାନ ସମ୍ମାନନିଧି ପାଳନ ସମାରୋହରେ ଦେଶର ୯କୋଟି ୭୦ ଲକ୍ଷ ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ୨୦ ହଜାର ୫୦୦କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ସଦର ମହକୁମା ଠାରେ ଥିବା ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ କିଷାନ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମ୍ମାନନୀୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡଃ ଦେବାଶିଷ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଜଗତସିଂହପୁର ଜିଲ୍ଲାକୁ ବରପୁତ୍ରଙ୍କ ମାଟି ତଥା ରାଜନୈତିକ, ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧିର ପୃଷ୍ଠପୋଷକ ବୋଲି ସମ୍ବୋଧନ କରିଥିଲେ । ଜିଲ୍ଲାର ବିକାଶ କୃଷକମାନଙ୍କ ବିକାଶରେ ସମ୍ଭବ । ଚାଷ ଓ ଚାଷୀଙ୍କୁ ଗୁରୁତ୍ୱ ଦେବାସହ ସେମାନଙ୍କର ଗୁଣାତ୍ମକ ବିକାଶ ଦିଗକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ ଯୋଜନା ମାଧ୍ୟମରେ କୃଷକ ସମାଜର ଉନ୍ନତି ହେଲେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ସହ ସାମଗ୍ରିକ ବିକାଶ ଦୁଇ ଗୁଣିତ ହେବ ବୋଲି କହିଥିଲେ । ଏତଦବ୍ୟତୀତ ବିଧାୟକ ଶ୍ରୀ ଦାସ ଜିଲ୍ଲାର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ର ଉନ୍ନତିକରଣ ନିମନ୍ତେ ମନ୍ତ୍ରୀଙ୍କୁ ପ୍ରସ୍ତାବ ରଖିଥିଲେ । ଏହି ଅବସରରେ ଉପସ୍ଥିତ ସମସ୍ତ ଅତିଥିବୃନ୍ଦ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନେ ବାରାଣସୀ ଠାରୁ ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ ହେଉଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିଥିଲେ । ଜଗତସିଂହପୁର ଜିଲ୍ଲାର ମୋଟ ୧,୨୧, ୫୫୪ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଆଜି ପ୍ରତ୍ୟେକ ୨୦୦୦ ଟଙ୍କା ଲେଖାଏଁ ହସ୍ତାନ୍ତର ହୋଇଛି ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମଧ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ପରିଦର୍ଶନ କରିଥିଲେ ।

## କେନ୍ଦ୍ରାପଡା ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଘେରାଉ

କେନ୍ଦ୍ରାପଡା,(ସବ୍ୟୁ) : ଓଡିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତଥା ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି କେନ୍ଦ୍ରାପଡାର ସଦସ୍ୟ ସଦସ୍ୟାଗଣ ଚାକିରି ସର୍ତ୍ତାବଳୀ, ପେନ୍‌ସନ୍ ଓ ଅନ୍ୟାନ୍ୟ କେତେକ ଦାବି ନେଇ ଆଜି ମହିପାଳ ସ୍ଥିତ କେନ୍ଦ୍ରାପଡା ଜିଲ୍ଲା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଓ ଧାରଣା ଦେଇଥିଲେ । ଏସବୁର ସମାଧାନ ସକାଶେ ଓଡିଶା ସରକାରଙ୍କ ବିଭିନ୍ନ ମନ୍ତ୍ରୀ ବିଧାୟକ ଓ ବିଭାଗୀୟ ଅଧିକାରୀଙ୍କ ସହ ବାରମ୍ବାର ଆଲୋଚନା କରିଥିଲେ ସୁଦ୍ଧା ଅଦ୍ୟାବଧି କୈଣସି ସଫଳତା ମିଳିନାହିଁ । ଯଦ୍ଦ୍ୱାରା ଓଡିଶାର ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ହତାଶା ଓ ନିରାଶା ମଧରେ କଳାତିପାତ କରୁଛନ୍ତି । ତେଣୁ ଅନିଚ୍ଛାସତ୍ତ୍ୱେ ସଦସ୍ୟମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରଛନ୍ତି । ଏହି ଦାବିଗୁଡିକ ମଧରେ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରୁ ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ପେନସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ, ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି, ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ଗ୍ରେଡ୍‌ପେରେ ଥିବା ଅସଙ୍ଗତ ଦୂରୀକରଣ ଏବଂ ଶିକ୍ଷକ ନିଯୁକ୍ତି , ୨୦୦୪ ରୁ ୨୦୧୩ ମଧରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ୍ ପରିବର୍ତ୍ତେ ପୁରାତନ ପେନସନ୍ ସ୍କିମ୍ ର ପୁନଃ ପ୍ରଚଳନ ଇତ୍ୟାଦି । ଆଜିର ଏହି ପ୍ରତିବାଦ ସଭାରେ ଓଷ୍ଟାର କେନ୍ଦ୍ରାପଡା ବ୍ଲକ ସଭାପତି ତପନ କୁମାର ଦାସ, ବ୍ଲକ ସମ୍ପାଦକ ନାରାୟଣ ପଣ୍ଡା, ଜିଲ୍ଲା ଓଷ୍ଟା ଇସି ସଦସ୍ୟ ଶିବପ୍ରସଦ ବଳ, ପୂର୍ବତନ କେନ୍ଦ୍ରାପଡା ବ୍ଲକ ସଭାପତି ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ସମ୍ପାଦକ ତପନ କୁମାର ସିଂହ,ପୂର୍ବତନ ସମ୍ପାଦକ ତ୍ରୈଲୋକ୍ୟ ସ୍ୱାଇଁ ,ଅଲଓଷ୍ଟା ରାଜ୍ୟ ଉପ ସଭାପତି ଧନେଶ୍ୱର ପାତ୍ର , ଜିଲ୍ଲା ସମ୍ପାଦକ ଅଶୋକ କୁମାର ସାହୁ, ଉପ ଜିଲ୍ଲା ସମ୍ପାଦକ ସରୋଜିନି ସ୍ୱାଇଁ, ଜିଲ୍ଲା ଯୁଗ୍ମ ସମ୍ପାଦକ ଅଲେଖ ଚନ୍ଦ୍ର ମହାନ୍ତି, ଓଷ୍ଟା ବ୍ଲକ ଉପ ସଭାପତି ରାଜକିଶୋର ନାୟକ, ଶସ୍ମିତା ମିଶ୍ର, ପ୍ରଭାତ ଦାସ, ସତ୍ୟପ୍ରିୟ ଦାସ, ପ୍ରିୟ ରଞ୍ଜନ ବିଶ୍ୱାଳ, ମାଦ୍ରାଶା ନେତା ଏମଡି ଗୌସରାଜ,ସୟଦ କମର ଅଲ୍ଲୀ, ଅକ୍ତାର ହୁସେନ, ଏସକେ ସିକନ୍ଦର ପ୍ରମୁଖ ସାମିଲ ହୋଇଥିଲେ ।

## ସନ୍ଦିଗ୍ଧ ଅପରାଧୀଙ୍କଠାରୁ ବନ୍ଧୁକ, ଗୁଳି ଓ ବୋମା ଜବତ



ନିଶ୍ଚିନ୍ତକୋଇଲି ,(ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ତରତ ଛକରେ ଅପରାଧିକ କାର୍ଯ୍ୟ କଳାପ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ନେମାଳ ଥାନା ପୋଲିସ ସନ୍ଦିଗ୍ଧ ଅପରାଧୀଙ୍କୁ ଧରି ତାଙ୍କଠାରୁ ଗୋଟିଏ ବନ୍ଧୁକ, ଦୁଇଟି ଜୀବନ୍ତ ଗୁଳି, ଗୋଟିଏ ଜୀବନ୍ତ ବୋମା ସମେତ ଏକ କିଲୋ ବିସ୍ଫୋରକ ସାମଗ୍ରୀ ଜବତ କରିଛି । ସଂପୃକ୍ତ ଅପରାଧିଙ୍କୁ ଗିରଫ କରି ତାଙ୍କ ନାମରେ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେମାଳ ଥାନା ଅଧିକାରୀ ସୁଶୀଲ କୁମାର ନାୟକ ପ୍ରକାଶ କରିଛନ୍ତି । ଶୁକ୍ରବାର ସଂଧ୍ୟାରେ ନେମାଳ ଥାନା ଏଏସ୍‌ଆଇ ସେକ୍ ସାହାନାୱାଜ୍‌ଙ୍କ ନେତୃତ୍ୱରେ ପ୍ରଶାନ୍ତ କୁମାର ବିଶ୍ୱାଳ, ଅରକ୍ଷିତ ଦାସ, ଗୃହରକ୍ଷୀ ଧୀରେନ୍ ମୁଦୁଲି, ଗାଡି ଚାଳକ ପଂକଜ କୁମାର ସିଂହ ପେଟ୍ରୋଲିଂରେ ଯାଇ ଦେବରାଳ, ଓରତି, ନରେନ୍ଦ୍ରପୁର, ତରତ, ହାଣ୍ଡିଭଙ୍ଗା ଆଦି ସ୍ଥାନ ଗୁଡିକରେ ବୁଲୁଥିବା ବେଳେ ଏକ ବିଶେଷ ସୂତ୍ରରୁ ଖବର ପାଇ ତରତ ଛକରେ ପହଞ୍ଚି ସଂପୃକ୍ତ ଯୁବକଙ୍କୁ ଧରିଥିଲେ । ଯୁବକ ଜଣକ ଏକ ବ୍ୟାଗ୍‌ରେ ସମସ୍ତ ଦ୍ରବ୍ୟ ଭର୍ତ୍ତି କରି ଛିଡା ହୋଇଥିବା ବେଳେ ପୋଲିସ ତାକୁ ଗିରଫ କରିଥିଲା । ସଂପୃକ୍ତ ଯୁବକଙ୍କ ନାମରେ ପିପିଲି, ରଘୁନାଥପୁର, ମାହାଙ୍ଗା, ନିଶ୍ଚିନ୍ତକୋଇଲି, ନେମାଳ, ସମେତ ଅନ୍ୟ ଥାନା ଗୁଡିକରେ ଏକାଧିକ ଅପରାଧିକ ମାମଲା ରହିଛି ବୋଲି ଥାନା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ । ସଂପୃକ୍ତ ଅପରାଧିଙ୍କ ନାମ ମହମ୍ମଦ ରସିଦ୍ ହାପିଜ୍(୨୮) ହୋଇଥିବା ବେଳେ ତାଙ୍କ ଘର ଭଦ୍ରେଶ୍ୱର ଥାନା ଅଧିନସ୍ଥ କୁରୁଜଙ୍ଗା ଗ୍ରାମରେ ବୋଲି ଜଣାଯାଇଛି । ଶୁକ୍ରବାର ରାତିରେ କେନ୍ଦ୍ରାପଡା କେନାଲ ବନ୍ଧ ରାସ୍ତାରେ ଅପରାଧିକ କାର୍ଯ୍ୟ କରିବା ପାଇଁ ସେ ନିଜକୁ ପ୍ରସ୍ତୁତ କରୁଥିବା ବେଳେ ପୋଲିସ ନଜରରେ ପଡିଥିଲା । କୋର୍ଟ ଚାଲାଣ ପରେ ଜାମିନୀ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜାତକୁ ପଠାଇ ଦିଆଯାଇଛି । ଏହି ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ନେମାଳ ଥାନା ଏସ୍ ଆଇ ଧୀରେନ୍ଦ୍ର ନାଥ ମଲିକ ଦାୟିତ୍ୱ ନେଇଥିବା ଜଣାଯାଇଛି ।

## ପାଣିରେ ପଡି ଯୁବକଙ୍କ ମୃତ୍ୟୁ

ରଘୁନାଥପୁର,(ସବ୍ୟୁ) : ରଘୁନାଥପୁର ଥାନା ଅନ୍ତର୍ଗତ ବାମ୍ପିତୋଳା ଗ୍ରାମର ସ୍ୱର୍ଗତ ଅମୁଲ୍ୟ ସିହ୍ନାଙ୍କ ପୁଅ ସମରେନ୍ଦ୍ର ସିହ୍ନା (୫୫) ଆଜି ଅପରାହ୍ନରେ ତାରାପୁରରୁ ନିଜ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ କଟକ- ପାରାଦୀପ ରାସ୍ତାର କୁଳସାହିଠାରେ ସାଇଫନ ମଧ୍ୟକୁ ଖସି ପଡ଼ିଥିଲେ । ସ୍ଥାନୀୟ ଲୋକମାନେ ରଘୁନାଥପୁର ଅଗ୍ନିଶମ ବିଭାଗକୁ ଖବର ଦେବାପରେ ବିଭାଗୀୟ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଂଚି ତାଙ୍କୁ ଉଦ୍ଧାର କରିବା ସହିତ ରଘୁନାଥପୁର ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ସମରେନ୍ଦ୍ରଙ୍କ ଅତି ଗରିବ ପରିବାର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବୀ କରାଯାଇଛି ।

## ନବଜାତ ମୃତ ଶିଶୁପୁତ୍ର ରାଜପଥରୁ ଉଦ୍ଧାର

ଧର୍ମଶାଳା,(ସବ୍ୟୁ) :ଧର୍ମଶାଳା ଥାନା ୧୬ନଂ ଜାତୀୟ ରାଜପଥ ଭାଲୁଖାଇ ଛକ ନିକଟସ୍ଥ ସର୍ଭିସ ରୋଡ଼ରେ ଏକ ନବଜାତ ମୃତ ଶିଶୁପୁତ୍ରକୁ ପୁଲିସ ଆଜି ଉଦ୍ଧାର କରିଛି। ସୂଚନା ମୁତାବକ, ଆଜି ସକାଳେ ୧୬ନଂ ଜାତୀୟ ରାଜପଥ ବ୍ରାହ୍ମଣୀ ସେତୁ ନିକଟସ୍ଥ ଭାଲୁଖାଇ ଛକ ସର୍ଭିସ ରୋଡରେ ଏକ ନବଜାତ ମୃତ ଶିଶୁପୁତ୍ର ପଡିଥିବା ଦେଖିବାକୁ ମିଳିଥିଲା। ପାରିପାଶର୍ବିକ ଅବସ୍ଥାକୁ ଅନୁଧ୍ୟାନ କଲେ ଜଣାଯାଏ,ଶିଶୁ ପୁତ୍ରଟି ଜନ୍ମ ହେବାପରେ ଅସୁସ୍ଥ ହୋଇପଡିଛି । ତାର ଚିକିତ୍ସା ହେଉଥିବା ସମୟରେ ମୃତ୍ୟୁ ହୋଇଛି। କିମ୍ବା ମୃତ୍ୟୁ ଶିଶୁ ପୁତ୍ରଟି ଜନ୍ମ ହୋଇଛି। ପରିବାର ଲୋକେ ମୃତ ଶିଶୁ ପୁତ୍ରକୁ ବ୍ରାହ୍ମଣୀ ନଦୀ କଡ଼ରେ ଫିଙ୍ଗି ଦେଇଥିବା କିମ୍ବା କେଉଁ ଜୀବଜନ୍ତୁ ତାକୁ ଉଠାଇ ନେଉଥିବା ବେଳେ ଲୋକଙ୍କୁ ଦେଖି ରାସ୍ତାରେ ପାକାଇ ପଳାଇଥିବା ଅନୁମାନ କରାଯାଉଛି। ଶିଶୁ ଦେହରେ ବାଲି ଲାଗିଥିବାରୁ ପରିବାର ଲୋକେ ନଦୀ କଡ଼ରେ ଫିଙ୍ଗି ଦେଇଥିବା ସାଧାରଣରେ ଆଲୋଚନା ହେଉଛି। କେହିକେହି ତାର ବାପ,ମାଆ ମୃତ ଶିଶୁ ପୁତ୍ରକୁ ରାସ୍ତାରେ ଫିଙ୍ଗିଥିବା କହୁଛନ୍ତି। ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ଘଟଣା ସ୍ଥଳରେ ପହଂଚି ମୃତ ଶିଶୁ ପୁତ୍ରକୁ ଉଦ୍ଧାର କରି ତଦନ୍ତ ଚଳାଇ ଥିବା ଜଣାଯାଇଛି।

## ପୋଖରୀରେ ବୁଡି ଯୁବତୀ ମୃତ

ପାଣିକୋଇଲି,(ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ତଥା ଯାଜପୁର ବ୍ଲକ ମାଳଆନ୍ଦପୁର ପଂଚାୟତ ବଜରପଡା (ନୁରୁଂଗା) ଗ୍ରାମେର ଜଣେ ଯୁବତୀ ଗାଧୋଇବାକୁ ଯାଇ ପୋଖରୀରେ ବୁଡି ମୃତ୍ୟୁ ବରଣ କରିଛି । ପ୍ରକାଶଯେ ବଜରପଡା ଗ୍ରାମର ପ୍ରଶାନ୍ତ କୁମାର ସାମଲଙ୍କ ବଡ ଝିଅ ସଂଜନା ସାମଲ (୧୮) ଗତକାଲି ମଧ୍ୟାହ୍ନରେ ଘର ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଥିଲା । ବହୁଖୋଜା ଖୋଜି ପରେ ମିଳିନଥିଲା । ଆଜି ଅପରାହ୍ନରେ ତାର ମୃତଦେହ ଭାସୁଥିବା ଦେଖି ତାକୁ ଉଦ୍ଧାର କରାଯାଇଥିଲା । ଏନେଇ ପାଣିକୋଇଲି ପୁଲିସକୁ ଜଣାଇବା ପରେ ଥାନାଧିକାରୀ ରଂଜିତ କୁମାର ମହାନ୍ତି ଘଟଣାସ୍ଥଳେ ପହଂଚିଥିଲେ । ପ୍ରଶାନ୍ତର ଅଭିଯୋଗ କ୍ରମେ ଏକ ଅପମୃତ୍ୟୁ ମାମଲା ୨୫/୨୫ ରୁଜୁ କରାଯାଇ ସଂଜନାର ମୃତ ଦେହକୁ ପଂଚନାମା କରାଇ ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକତ୍ସାଳୟକୁ ପଠାଇଥିଲେ ।

## ବ୍ୟକ୍ତିଗତ କଲଭର୍ଟକୁ ସରକାରୀ ଦର୍ଶାଇ ଟଙ୍କା ଚଳୁ ମସୁଧା: ବିଡିଓଙ୍କୁ ଅଭିଯୋଗ

ପାଣିକୋଇଲି,(ସବ୍ୟୁ) :ଦୁଇବର୍ଷ ତଳେ ନିଜ ବ୍ୟକ୍ତିଗତ ଜାଗାରେ ଏକ କଲଭର୍ଟ ନିର୍ମାଣ କରାଯାଇଥିଲା। ହେଲେ ଏହାକୁ ସରକାରୀ ପ୍ରକଳ୍ପ ଦର୍ଶାଇ ଟଙ୍କା ଚଳୁ କରିବା ପାଇଁ ଉଦ୍ୟମ ହୋଇଛି। ଟଙ୍କା ପଇଠ ପୂର୍ବରୁ ଘଟଣା ଜଣାପଡ଼ିବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଏନେଇ କୋରେଇ ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ। ଫଳରେ ବିଡିଓ ବିଲ୍ ବନ୍ଦ କରି ଏବେ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ରୋଚକ ଘଟଣା ଦେଖିବାକୁ ମିଳିଛି କୋରେଇ ବ୍ଲକ୍ ଅନ୍ତର୍ଗତହଳଦିଗଡ଼ିଆ ପଂଚାୟତ ହଳଦିଗଡ଼ିଆ ଗ୍ରାମରେ। ପ୍ରକାଶଯେ ହଳଦିଗଡ଼ିଆ ଗ୍ରାମର ଚିତରଞ୍ଜନ ବରାଳଙ୍କର ନିଜ ମୌଜା ଖାତା ନମ୍ବର-୫୦୩/୭୭ ଏବଂ ପ୍ଲଟ୍ ନମ୍ବର-୮୨୯ରେ ନିଜସ୍ୱ ଜାଗା ରହିଛି। ପଂଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର କେଇ ଫୁଟ ଦୂରରେ ଥିବା ଏହି ଜାଗାରେ ୨୦୨୩ ମସିହାରେ ଶ୍ରୀ ବରାଳ ଏକ ୧୨ ଫୁଟ ଲମ୍ବ ଏବଂ ୬ 'ଫଟ ଓସାରର କଲଭର୍ଟ ନିଜ ଖର୍ଚ୍ଚରେ ତିଆରି କରିଥିଲେ। ହେଲେ କିଛିଦିନ ତଳେ ଉକ୍ତ କଲଭର୍ଟଟି ସରକାରୀ ପ୍ରକଳ୍ପ ଭାବେ ଦର୍ଶାଇ ପଂଚାୟତ ପକ୍ଷରୁ ଏହାର ବିଲ୍ କରାଯାଇଥିବା ଶ୍ରୀ ବରାଳ ଜାଣିବାକୁ ପାଇଥିଲେ। ଏନେଇ ଅନୁସନ୍ଧାନ କରିବା ପରେ ପଂଚାୟତ ପକ୍ଷରୁ ଉକ୍ତ ପ୍ରକଳ୍ପର ରିଜୋଲେସନ୍ କରାଯାଇ ବ୍ଲକ୍ କାର୍ଯ୍ୟାଳୟରେ ୨.୫ ଲକ୍ଷ ଟଙ୍କାର ବିଲ୍ ପାଇଁ ପଇଠ କରାଯାଇଥିବା ମଧ୍ୟ ଜାଣିବାକୁ ପାଇଥିଲେ। ଫଳରେ ଏହାକୁ ତୁରନ୍ତ ବନ୍ଦ କରିବାକୁ ଏବଂ ହୋଇଥିବା ଅନିୟମିତତା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ତେବେ ଏନେଇ କୋରେଇ ବିଡିଓ ଅବନୀକାନ୍ତ ସାହୁଙ୍କୁ ପଚାରିବାରୁ ଅଭିଯୋଗ ହୋଇଥିବା ସ୍ୱିକାର କରିବା ସହିତ ଏନେଇ ବ୍ଲକ୍‌ର ସହାୟକ ଯନ୍ତ୍ରୀ ସ୍ୱାଗତ କୁମାର ଦାସ ଏବଂ ପଂଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ସୋମବାର ଦିନ ତଦନ୍ତ ରିପୋର୍ଟ ଆସିବା ପରେ ଅନିୟମିତତା ହୋଇଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ଶ୍ରୀ ସାହୁ କହିଛନ୍ତି।

## ଅଧାରେ ଅଟକିଛି ମାହାଙ୍ଗା ବ୍ଲକ କର୍ମଚାରୀ କ୍ୱାର୍ଟର୍ସ ନିର୍ମାଣ



ମାହାଙ୍ଗା ,(ସବ୍ୟୁ) :ମାହାଙ୍ଗା ବ୍ଲକରେ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର୍ସ ନିର୍ମାଣ ଅଧାରେ ଅଟକିଥିଲା ବେଳେ ଏହାର ପୂର୍ଣ୍ଣାଙ୍ଗକୁ ନେଇ ଏବେ ଚର୍ଚ୍ଚ ଆରମ୍ଭ ହୋଇଛି। ପୂର୍ବରୁ ମାହାଙ୍ଗା ବ୍ଲକ କର୍ମଚାରୀଙ୍କ କ୍ୱାର୍ଟର୍ସ ମରାମତି ଓ ଭାଙ୍ଗିବାର ନେଇ ବ୍ୟାପକ ଅନିୟମିତତା ହୋଇଥିବା ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା । ଏପରିକି କଟକଜିଲ୍ଲାପାଳ ଓ ବିଭିନ୍ନ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଏହାର କୌଣସି ତଦନ୍ତ କରା ନଯିବା ଘଟଣା ସରକାରୀ କଳର ସ୍ୱଚ୍ଛତ୍ୟାକୁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଠାରେ ସୂଚନା ଯୋଗ୍ୟ ଯେ ବ୍ଲକ କାର୍ଯ୍ୟାଳୟ ସୂଚନା ତଥ୍ୟ ନଂ ୯୬ତା ୨୪.୧୧.୨୦୨୩ରେ ପ୍ରଦାନ ସୂଚନା ତଥ୍ୟରୁ ଜଣାପଡିଥିଲା ୨୦୧୫-୧୬ ଆର୍ଥିକ ବର୍ଷରେ ୧୨ ବଖରା କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର୍ସ ମରାମତି ପାଇଁ ୩ଲକ୍ଷ ଟଙ୍କା , ୨୦୧୯-୨୦ ଆର୍ଥିକ ବର୍ଷରେ ୧୧୬୨୩୫ଟଙ୍କା ମରାମତି ପାଇଁ ଆସିଥିଲା ତାହା ଖର୍ଚ୍ଚ ହୋଇଛି । ସେହିଭଳି ୨୦୨୦-୨୧ଆର୍ଥିକ ବର୍ଷରେ କ୍ୱାଟର ମରାମତି ପାଇଁ ୨୮ଲକ୍ଷ ଟଙ୍କା ଅନୁଦାନ ଆସିଥିଲା । ୧୬ଲକ୍ଷ ଟଙ୍କା କର୍ମଚାରୀ ଉଦ୍ଦିଷ୍ଟ ୧୨ଟି କ୍ୱାଟର ମରାମତି ପାଇଁ ଖର୍ଚ୍ଚ କରାଯାଇଛି । ବ୍ଲକ କାର୍ଯ୍ୟାଳୟରୁ ପ୍ରାପ୍ତ ସୂଚନା ତଥ୍ୟ ନଂ ୯୭ ତା ୨୪.୧୧.୨୦୨୩ରିଖରୁ ଜଣାପଡିଥିଲା । ଯେ କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ୧୨ଗୋଟି କ୍ୱାର୍ଟର୍ସ ଭାଙ୍ଗିବା ପାଇଁ ତା ୦୯.୦୩.୨୦୨୧ମସିହାରେ ନୋଟିଫିକେସନ୍ ନଂ୮୧୧ରେ କୋଟେସନ୍ ଡକାଯାଇଥିଲା । ଏଠାରେ ପ୍ରଶ୍ନଉଠେ ବ୍ଲକ ପ୍ରଶାସନ ୨୦୧୯-୨୦ ଓ ୨୦୨୦-୨୧ ଆର୍ଥିକ ବର୍ଷରେ କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ୧୨ଟି କ୍ୱାର୍ଟର୍ସ ମରାମତି ପାଇଁ ୧୭ଲକ୍ଷ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କଲେ କାହା ନିର୍ଦ୍ଦେଶରେ ମରାମତି ଶେଷରେ ୧୨ଟି କ୍ୱାଟରକୁ ଭାଙ୍ଗିଲେ । ଏଠି ପ୍ରଶ୍ନ ଉଠୁଛି ଯେ ବ୍ଲକ କ୍ୱାର୍ଟର୍ସ ମରାମତି କରାଯାଇ ନାହିଁ । ଦୋଷ ଲୁଚାଇବା ପାଇଁ କ୍ୱାର୍ଟର୍ସକୁ ତରବରିଆ ଭାବରେ ଭାଙ୍ଗି ଦେଇଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି । ଯେଉଁ ଠିକାଦାର ସଂସ୍ଥା କ୍ୱାଟର ଭାଙ୍ଗିବା ଦାୟିତ୍ୱରେ ନେଇଥିଲେ ସେ ପୁଣି ବିନା ଅର୍ଥରେ କ୍ୱାଟର ଭାଙ୍ଗିଲେ କିପରି? ଅପରପକ୍ଷରେ ଦୀର୍ଘ ଦିନ କର୍ମଚାରୀମାନଙ୍କ ଉଦ୍ଦିଷ୍ଟ ନୂତନ ନିର୍ମାଣଧିନ କ୍ୱାଟର ଏବେ ଅଧାପାନ୍ତରିଆ ହୋଇପଡିଛି, ବଣଜଙ୍ଗଲରେ ପରିପୂର୍ଣ୍ଣ ହେଲାଣି , ତାହା ପୂର୍ଣ୍ଣାଙ୍ଗ ହେବ କେବେ? ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସର୍ବସାଧାରଣରେ ଦାବି ହୋଇଛି ।

## ୬ ଦଫା ଦାବି ନେଇ ଶିକ୍ଷକ ସମନ୍ୱୟ ସମିତିର ପ୍ରତୀକ ଧାରଣା

ମହାକାଳପଡ଼ା ,(ସବ୍ୟୁ) : ଶନିବାର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିତରଫରୁ ବ୍ଲକ ଅଧୀନ ୪୫ଗୋଟି ବିଦ୍ୟାଳୟ ର ଶିକ୍ଷକ ଧାରଣା ରେ ବସିରହିଥିଲେ । ଓଷ୍ଟା ସଙ୍ଘ ର ବ୍ଲକ ସଭାପତି ନିମାଇଁ ଚରଣ ରାଉତ ଓ ସମ୍ପାଦକ ରଘୁନାଥ ଦାସ ଙ୍କ ଆହ୍ୱାନ କ୍ରମେ ପୂର୍ବାହ୍ନ ୧୧ଘଂଟିକା ରେ ଶିକ୍ଷକ ମାନେ ଧାରଣାରେ ସାମିଲ ହୋଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଓଷ୍ଟା ଜିଲ୍ଲା ସଭାପତି ଅଶୋକ ପରିଡା, ରାଜ୍ୟ କାର୍ଯ୍ୟକାରିଣୀ ଅଶୋକ ମହାପାତ୍ର ପରିଦର୍ଶକ ଭାବେ ଯୋଗ ଦେଇ ଶିକ୍ଷକ ମାନଙ୍କୁ ଉତ୍ସାହିତ କରିଥିଲେ । ଧାରଣା ସ୍ଥଳୀରେ ଶିକ୍ଷକ ମାନେ ବିଭିନ୍ନ ନାରାବାଜି ଦେବା ସହିତ ୬ ଦଫା ଦାବି ନେଇ ଆଲୋଚନା କରିଥିଲେ । ଏପରିକି ବିରୋଧୀ ଦଳ ରେ ଥିବା ବେଳେ ଶିକ୍ଷକ ମାନଙ୍କୁ କଥା ଦେଇଥିବା ବର୍ତ୍ତମାନ ର ମୁଖ୍ୟମନ୍ତ୍ରୀ ଶିକ୍ଷକଙ୍କ ପ୍ରତି ଟାଳଟୁଳ ନୀତି ଅବଲମ୍ବନ କରିଆସୁଛନ୍ତି । ଏନେଇ ଶିକ୍ଷକ ସମନ୍ୱୟ ସମିତି ପ୍ରଥମ ପର୍ଯ୍ୟାୟ ରେ ବ୍ଲକ ସ୍ତର ରେ ଅଗଷ୍ଟ ୮ ରେ ଜିଲ୍ଲା ସ୍ତରରେ ଓ ୧୬ରେ ରାଜ୍ୟସ୍ତର ରେ ସଚିବାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଗଣମାଧମ କୁ କହିଛନ୍ତି । ବିଭିନ୍ନ ସମସ୍ୟା ନେଇ ଆଲୋଚନା ପରେ, ଜିଲ୍ଲା ଶିକ୍ଷାଧିକାରୀ, ଗଣଶିକ୍ଷାମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇଙ୍କ ଜରିଆରେ ଦାବିପତ୍ର ଦେଇଥିଲେ ।

## ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନମେଳା

କୁଆଖିଆ ,(ସବ୍ୟୁ) : ଶନିବାର ଦିନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମଧୁବନହାଟର ବିଦ୍ୟାଳୟ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଜ୍ଞାନ ମେଳା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୈକୁଣ୍ଠ ଚରଣ ରାଉତ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ ଏବଂ ପିଲାମାନଙ୍କୁ ବିଜ୍ଞାନର ଉପଯୋଗୀତା ସମ୍ବନ୍ଧରେ ସମ୍ୟକ ସୂଚନା ଦେଇଥିଲେ । ବିଦ୍ୟାଳୟର ସଭାପତି ପ୍ରଭାକର ସାହୁ ପିଲାମାନଙ୍କୁ ଦୈନନ୍ଦିନ ଜୀବନରେ ବିଜ୍ଞାନର ଭୂମିକା ସମ୍ବନ୍ଧରେ ଆଲୋଚନା କରିଥିଲେ । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ନିଗମାନନ୍ଦ ମିଶ୍ର ଉଦ୍‌ଘାଟନ କାର୍ଯ୍ୟକୁ ପରିଚାଳନା କରିଥିଲେ । ପ୍ରଧାନ ଆଚାର୍ଯ୍ୟ ସଂଜୟକୁମାର ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ସଂଗୀତା ଦ୍ୱିବେଦୀ ବିଜ୍ଞାନମେଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ବିଜ୍ଞାନମେଳାରେ ୩ୟରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୨୨୫ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଉଦ୍‌ଯାପନ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ କୁମାର ଦ୍ୱିବେଦୀ ସମ୍ମାନୀତ ଅତିଥି ଭାବରେ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଅମୁଲ୍ୟ କୁମାର ଦାସ, ବିଦ୍ୟାଳୟର ଯୁଗ୍ମ ସଂପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବିଚାରକ ଭାବେ ଅଜୟକୁମାର ପୃଷ୍ଟି, ରଂଜନ କୁମାର ବାରିକ, କଲ୍ୟାଣୀ ମିଶ୍ର, ଅଂଜନ କୁମାର ବେହେରା, ପ୍ରଫୁଲ୍ଲ କୁମାର ସାମଲ ,ଅନନ୍ତ ଚରଣ ପାତ୍ର,ସୁଶାନ୍ତ ମହାରଣା, ସୁପ୍ରୀତି ଶତପଥୀ, ଅମୂଲ୍ୟ ଭୂୟାଁ, ମମତା ବୋଇତାଇ, ତୁଷାର କାନ୍ତ ଦତ୍ତ ବିଜ୍ଞାନ ପ୍ରକଳ୍ପ , ପତ୍ରବାଚନ, ପ୍ରୟୋଗ ,ଗଣିତ ପ୍ରକଳ୍ପ, ପ୍ରୟୋଗ, ପତ୍ରବାଚନ,ସଂସ୍କୃତି ଜ୍ଞାନ କଥାକଥନ ଆଦି ମୂଲ୍ୟାଙ୍କନ କରିଥିଲେ । ମୂର୍ତ୍ତୀକଳାକୁ ମୂର୍ତ୍ତୀକାରିଗରମାନଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା, ସେବକସେବିକା , ପରିଚାଳନା ସମିତିର ସଦସ୍ୟ ସଦସ୍ୟା, ମାତୃଭାରତୀ, ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

## ରାଜଭୂମି ପତ୍ରିକା ର ଉନ୍ମୋଚନ ଉତ୍ସବ

ରାଜନଗର,(ସବ୍ୟୁ) : ରାଜନଗର ବ୍ଲକ ତ୍ରିନାଥ ବଜାରସ୍ଥିତ ପୂର୍ତ୍ତ ବିଭାଗ ଆଇବି ପରିସରରେ ଶନିବାର ସଂନ୍ଧ୍ୟା ସମୟରେ ରାଜଭୂମି ପତ୍ରିକାର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର, ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ସାନବଦଗୋପାଳପୁର ଶାଖା ପରିଚାଳକ ଅଭୟ କୁମାର ସାହୁ, କାର୍ଯ୍ୟକ୍ରମର ସଂଯୋଜକ ଗାଳ୍ପିକ ପ୍ରଦୀପ କୁମାର ନାୟକ, ରାଜଭୂମିର ସମ୍ପାଦକ ପବିତ୍ର ବ୍ରହ୍ମପୁତ୍ର ନାୟକ, ବ୍ଲକସୈନିକ ସଂଘ ସମ୍ପାଦକ ତଥା ଅବସରପ୍ରାପ୍ତ ମେଜର ସୁବେଦାର ଗଗନ ବିହାରୀ ସ୍ୱାଇଁ ପ୍ରମୁଖ ପତ୍ରିକାକୁ ମିଳିତ ଭାବରେ ଉନ୍ମୋଚନ କରିଥିଲେ । ସୁସ୍ଥ ସମାଜ ଗଠନରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ, ସାହିତ୍ୟ ଅନେକ କିଛି ପରିବର୍ତ୍ତନ କରିପାରେ ବୋଲି କହିବା ସହ ରାଜଭୂମି ପତ୍ରିକା ସମ୍ପର୍କରେ ଅନେକ ସାରଗର୍ଭକ ବକ୍ତବ୍ୟ ମୁଖ୍ୟଅତିଥି ତହସିଲଦାର ଯିଶୁକ୍ରୀଷ୍ଟ ଦାସ ପ୍ରଦାନ କହିଥିଲେ । କବି ଓ କବିତା, ଚିନ୍ତା ଓ ଚିନ୍ତନ ସମ୍ପର୍କ ରେ ବକ୍ତବ୍ୟ ପ୍ରଦାନକରିବା ସହ ଆମେ ସମସ୍ତେ ଭଗବାନଙ୍କ ସନ୍ତାନ ବୋଲି ଶାଖା ପରିଚାଳକ ଅଭୟ କୁମାର ସାହୁ କହିଥିଲେ । ଶିକ୍ଷାବିତ ପ୍ରମୋଦ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆତ୍ମା କମିଟିରେ ଅନିୟମିତତା: କୃଷି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ସାଲେପୁର ,(ସବ୍ୟୁ) :ସାଲେପୁର ବ୍ଲକ ଆତ୍ମକମିଟି ଚୟନରେ ଅନିମିୟତା ଦର୍ଶାଇ ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ଓ ପଞ୍ଚାୟତସ୍ତରୀୟ ଜନ ପ୍ରତିନଧି ଗଣଧାରଣା ଦେଇଥିଲେ । ସୂଚନା ମୁତାବକ ସାଲେପୁର ଅଞ୍ଚଳ ଏକ କୃଷି ପ୍ରଧାନ ଅଞ୍ଚଳ ଅଟେ । କୃଷକ ଓ କୃଷି ଅଧିକାରୀଙ୍କ ଭିତରେ ସମନ୍ୱୟ ରକ୍ଷା କରିବା ସହ କୃଷକର ହିତ ସାଧନ ପାଇଁ ଗଠନ ହୋଇଥାଏ ଆତ୍ମା କମିଟି ଏବେ ଯେଉଁ ଆତ୍ମା କମିଟି ଗଠନ ହୋଇଛି ସେଥିରେ ବ୍ୟାପକ ଅନିମିୟତା ଦର୍ଶାଇ ପୂର୍ବତନ ଆତ୍ମା ସଭାପତି ଦିଲ୍ଲୀପ କୁମାର ଦାସ ,ବ୍ଲକ୍ ଅଧକ୍ଷ ରାମଚନ୍ଦ୍ର ଭୋଇ ନେତୃତ୍ୱରେ ସାଲେପୁର ବ୍ଲକର ୩୫ ଗୋଟି ପଞ୍ଚାୟତର ଚାଷୀ ଏବଂ ପଞ୍ଚାୟତ ପ୍ରତିନିଧି ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଥିଲେ । ନିର୍ଦ୍ଦିଷ୍ଟ ଭାବେ ଗୋଟିଏ ପଂଚାୟତରୁ ୫ ଜଣ ସଦସ୍ୟ ଭାବେ ନେବା,ଅଣ ଚାଷୀମାନଙ୍କୁ ସଦସ୍ୟ ଭାବେ ନେବା,ପଂଚାୟତ ସମିତିରୁ ନେଇଥିବା ଦୁଇ ଜଣଙ୍କୁ ସମିତି ଅଗୋଚରରେ ନେବା,ବିନା ରେଜିଷ୍ଟ୍ରେଡ଼ ଯୁବକ ସଂଘରୁ ସଦସ୍ୟ ନେବା ଇତ୍ୟାଦି ମନମୁଖୀ କାର୍ଯ୍ୟକ୍ରମ ବିରୁଦ୍ଧରେ ଧାରଣା ଦେଇଥିଲେ । ଏଥିରେ ରାଜନୈତିକ ଅଭିଶନ୍ଧି ରଖି କେବଳ ଥଇଥାନ ରାଜନୀତି ସ୍ପଷ୍ଟ ହେଉଛଏବଂ ଚାଷୀର କୌଣସି ସୁଫଳ ହେବ ନାହିଁ ବୋଲି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି କହିଛନ୍ତି । ଅପର ପକ୍ଷରେ ବ୍ଲକ କୃଷି ଅଧିକାରୀ ଆସି ଗଠିତ ହୋଇଥିବା କମିଟି ଉପରେ ପୁନର୍ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏହି ଧାରଣାରେ ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ଦାଶ, ବ୍ଲକ ଉପଧକ୍ଷା ଙ୍କ ପ୍ରତିନିଧି ବିଶ୍‌ଜିତ ବିଶ୍ୱାଳ, ମଧକଛ ସରପଞ୍ଚ ସଞ୍ଜୟ କୁମାର ବେହୁରା,ଅଶ୍ୱିନୀ ଦାସ, ବିରଞ୍ଚି ନାରାୟଣ କର,ଲୁଲ ସ୍ୱାଇଁ, ପ୍ରକାଶଦୀପ ନାୟକ, ସୁଧୀର ପ୍ରଧାନ,ପ୍ରୀତିରଞ୍ଜନ ମହାନ୍ତି, ସୁଧାଂଶୁବାଲା ଜେନା, ଦମୟନ୍ତୀ ମହାନ୍ତି, କୈଳାଶ ବେହେରା, ମିଠୁ ମଲ୍ଲ ଙ୍କ ସମେତ ବହୁ ଜନ ପ୍ରତିନିଧି ଓ ଚାଷୀ ମାନେ ଉପସ୍ଥିତ ଥିଲେ ।

## ମହାବିନାୟକ ପୀଠରେ ଗହଳି ଯୋଗୁଁ ପରିବେଶ ଅପରିଷ୍କାର : ସଫାକଲେ ଉତ୍ସାହୀ ଯୁବକ



ଚଣ୍ଡିଖୋଲ,(ସବ୍ୟୁ) :ରାଜ୍ୟର ଅନନ୍ୟ ଆଧ୍ୟାତ୍ମିକ ସ୍ଥଳୀ ଯାଜପୁର ଜିଲ୍ଲା ଚଣ୍ଡିଖୋଲର ପ୍ରଶିଦ୍ଧ ପଞ୍ଚକ୍ଷେତ୍ର ମହାବିନାୟକ ପୀଠରେ ଶ୍ରାବଣ ମାସରେ ଲକ୍ଷାଧିକ ଭକ୍ତ ଓ କାଉଡିଆଙ୍କ ସମାଗମ ହେଉଛି । ପ୍ରତି ସୋମବାର ଓ ଅନ୍ୟଦିନ ମାନଙ୍କରେ ପ୍ରବଳ ଜନ ଗହଳି ଯୋଗୁଁ ମନ୍ଦିର ପରିବେଶ ଆବର୍ଜନା ପୂର୍ଣ୍ଣ ହୋଇପଡିବାରୁ ଆଧ୍ୟାତ୍ମିକ ବାତାବରଣ ଖରାପ ହୋଇଇପଡୁଛି । କାଉଡିଆ ମାନେ ମହାଦେବଙ୍କୁ ଜଳଲାଗି କରିବା ପରେ ନେଇଥିବା ବାହୁଙ୍ଗି,ଖାଲି ପ୍ଲାଷ୍ଟିକ ଓ ମାଟି ଢାଳ ସହ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ସଠିକ ସ୍ଥାନରେ ନପକାଇ ଏଣେତେଣେ ଫୋପାଡି ଦେଇ ଘରକୁ ଫେରୁଛନ୍ତି । ମନ୍ଦିର ପ୍ରଶାସନ ମଧ ଏଥିପ୍ରତି ସଠିକ ଭାବେ ଦୃଷ୍ଟି ଦେଉନଥିବାରୁ ମନ୍ଦିର ପରିସର ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ଆଧ୍ୟାତ୍ମିକ ପରିବେଶ ନଷ୍ଟ କରୁଛ । ଏହାକୁ ଦୃଷ୍ଟିଦେଇ ଚଣ୍ଡିଖୋଲର ଯୁବ ସଂଗଠକ ଚର୍ଚ୍ଚିତ ମାହାଲା ଓ ଅନ୍ୟ କେତେକ ଉତ୍ସାହୀ ଯୁବକ ଏକାଠି ହୋଇ ମନ୍ଦିର ପରିସରକୁ ସଫେଇ କରିଥିଲେ । ମନ୍ଦିର ଚାରିପାଖରେ ଗଦା ହୋଇଥିବା ବସ୍ତାବସ୍ତା ଆବର୍ଜନାକୁ ଯୁବକମାନେ ସଫାକରି ମନ୍ଦିର ପରିବେଶକୁ ସଜାଡିଥିଲେ । ଏହି ଉତ୍ସାହୀ ଯୁବକ ମାନଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି । ଆଗକୁ ନିୟମିତ ଭାବେ ମହାବିନାୟକଙ୍କ ମନ୍ଦିର ଓ ପରିବେଶକୁ ସଫାସୁତୁରା ରଖିବା ପାଇଁ ଏପିରି ସଫେଇ କାର୍ଯ୍ୟ ଜାରୀ ରହିବ ବୋଲି ଯୁବକମାନେ ସୂଚନା ଦେଇଛନ୍ତ । ତେବେ ମନ୍ଦିର ପରିସରକୁ ସଫା ସୁତୁରା ରଖିବା ପାଇଁ ମନ୍ଦିର ପ୍ରଶାସନ ଓ ସମସ୍ତ ଶ୍ରଦ୍ଧାଳୁ ଏବଂ ଭକ୍ତମାନେ ସଚେତନ ହୋଇ ଆଧ୍ୟାତ୍ମିକ ପବିତ୍ରତାକୁ ବଜାୟ ରଖିବା ପାଇଁ ସେମାନେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

## ବଳଦେବଜୀଉ ଦେବୋତ୍ତର ସଂସ୍ଥାର ସଭାପତି ହେଲେ ଏଡିଏମ୍

କେନ୍ଦ୍ରାପଡ଼ା,(ସବ୍ୟୁ) :ବଳଦେବଜୀଉ ଦେବୋତ୍ତର ସଂସ୍ଥାର ମଧ୍ୟବର୍ତ୍ତୀକାଳୀନ ସଭାପତି ଭାବେ ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନାଙ୍କୁ ନିର୍ବାଚିତ କରାଯାଇଛି। ଦେବୋତ୍ତର ଆୟୁକ୍ତଙ୍କ ପତ୍ର ସଂଖ୍ୟା ୬୭୨୬ ତା।୧୮।୦୭।୨୦୨୫ରିଖ ଅନୁସାରେ ଶ୍ରୀ ବଳଦେବଜୀଉ ଦେବୋତ୍ତର ସଂସ୍ଥାର ମଧ୍ୟବର୍ତ୍ତୀକାଳୀନ ପରିଚାଳନା ନ୍ୟାସା ମଣ୍ଡଳୀର ନୂତନଭାବେ ସଭାପତିନିର୍ବାଚିତ କରାଯାଇଛି।ଏ ନେଇ ଶ୍ରୀବଳଦେବଜୀଉଙ୍କ ଇଚ୍ଛାପୁରସ୍ଥିତ ଯାତ୍ରୀନିବାସ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ନ୍ୟାସ ମଣ୍ଡଳୀର ସଭ୍ୟ ଅତିରିକ୍ତ ଜିଲାପାଳ ନବକ୍ରୀଷ୍ଟ ଜେନା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, କେନ୍ଦ୍ରାପଡା ପୌର ସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ୍ ଗିରି, ହୃଷୀକେଶ ରଥ, ନୃସିଂହ ପ୍ରସାଦ ପତ୍ରୀ ଏବଂ ଧିରେନ କୁମାର ସାହୁ ଉପସ୍ଥିତ ଥିଲେ। ସଭ୍ୟ ଧିରେନ କୁମାର ସାହୁଙ୍କ ପ୍ରସ୍ତାବ ଓ ଅନ୍ୟ ସଭ୍ୟମାନଙ୍କ ସମର୍ଥନକ୍ରମେ ନବକ୍ରିଷ୍ଟ ଜେନାଙ୍କୁ ଶ୍ରୀ ବଳଦେବଜୀଉ ଦେବୋତ୍ତର ସଂସ୍ଥାର ମଧ୍ୟବର୍ତ୍ତୀକାଳୀନ ପରିଚାଳନା ନ୍ୟାସମଣ୍ଡଳୀର ସଭାପତିଭାବେ ନିର୍ବାଚିତ କରାଯାଇଛି।

## ନିଳିମାରାଣୀ ସାମନ୍ତଙ୍କ ଜନ୍ମଭୂମି ପ୍ରତି ଥିଲା ପ୍ରଗାଢ଼ ଭକ୍ତି : ଅଚ୍ୟୁତ



ରଘୁନାଥପୁର,(ସବ୍ୟୁ) : ନିଳିମାରାଣୀ ସାମନ୍ତଙ୍କ ଜନ୍ମଭୂମି ପ୍ରତି ଥିଲା ପ୍ରଗାଢ଼ ଭକ୍ତ । ତାହାର ଜ୍ୱଳନ୍ତ ପ୍ରମାଣ ହେଉଛି ତାଙ୍କ ଜନ୍ମ ଭୂମି ଅଖ୍ୟାତ ଗ୍ରାମକୁ ତାଙ୍କ ପୁତ୍ରଙ୍କ ଦ୍ୱାରା ଭାରତର ପ୍ରଥମ ସ୍ମାର୍ଟ ଗ୍ରାମ ଭାବେ କଲରାବାଙ୍କକୁ ପରିଣତ କରି ପାରିଛନ୍ତି ବୋଲି ଆଜି ତାଙ୍କର ଦଶମ ବାର୍ଷିକ ଶ୍ରାଦ୍ଧୋତ୍ସବରେ ମୁଖ୍ୟ ଅତିଥି ଭାବେ କିଟ୍, କିସ୍ ପ୍ରତିଷ୍ଠାତା ଡ଼କ୍ଟର ଅଚ୍ୟୁତ ସାମନ୍ତ ଯୋଗଦେଇ କହିଛନ୍ତି । ଏଥିରେ ଏନ୍ ଏମ୍ ସି ଟିର ଅଧକ୍ଷ ଅନ୍ତର୍ଯ୍ୟାମୀ ସାମନ୍ତ ପୈରୋହିତ୍ୟ କରି ଥିଲେ । ଏଥିରେ ଡଃ ଇତି ସାମନ୍ତ, ଆଗାମୀ ଓଡ଼ିଶା ପ୍ରତିଷ୍ଠାତା ବିଜୟ କୁମାର ସ୍ୱାଇଁ, ନିରୁପମା ସାମନ୍ତ,ଅଞ୍ଜନ କୁମାର ସାମନ୍ତ, ଦୁର୍ଗା ଚରଣ ସାମନ୍ତ, ଜିତେନ୍ଦ୍ର କୁମାର ପଟ୍ଟନାୟକ, ଜ୍ୟୋସ୍ନା ମିତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନିଳିମାରାଣୀଙ୍କ ତ୍ୟାଗପୂତ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଡଃ ସାମନ୍ତ ନିଳିମାରାଣୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

# କେନାଲରେ ପାଣି ଛାଡ଼ିବାକୁ ଦାବି

ଫୁଲନଖରା, (ସବ୍ୟୁ): ବର୍ଷା ନଥିବାରୁ ଚାଷୀମାନେ ଧାନ ରୋଇବାରୁ ବଞ୍ଚିତ ଅଛନ୍ତି । ଯେତିକି ବି କାଁ ଭାଁ ବର୍ଷା ହେଉଛି ଚାଷୀମାନେ ଯୋଡ ପାଟ ଖାଲୁଆ ଜମି ରୋଇବାକୁ ସକ୍ଷମ ହେଉଛନ୍ତି । ଯେଉଁ ଗୁଡ଼ିକ ଡିପ ଜମି କେନାଲ ପାଣି ଉପରେ ଚାଷୀ ନିର୍ଭର କରନ୍ତି ବା ଜୋରରେ ବର୍ଷା ହେଲେ ଚାଷୀ ଧାନ ରୋଇବାକୁ ସକ୍ଷମ ହୋଇଥାନ୍ତି । ବର୍ତ୍ତମାନ ସୁଦ୍ଧା ହଜାର ହଜାର ହେକ୍ଟର ଜମି ଧାନ ରୋଇବାରୁ ବଞ୍ଚିତ ଅଛନ୍ତି ।

ବିଶେଷ କରି ଭୁବନେଶ୍ୱର ପ୍ରାଚୀ ଜଳସେଚନ ଡିଭିଜନ ଓ ପ୍ରତାପ ନଗରୀ ସହକାରୀ ଜଳସମ୍ପଦ ବିଭାଗ ଅଧିନରେ ହରିଅନ୍ତା ଡିଷ୍ଟ୍ରିବ୍ୟୁଟାରି କେନାଲ ବାହାରିଥିବା ଅରଡ଼ିଆପଦା ମାଇନର ସବ ମାଇନର,ଉଷୁମା ମାଇନର,ଗବବସ୍ତ ମାଇନର ଅଞ୍ଚଳର ଚାଷୀମାନେ ଉପରେ ବର୍ଷା ନାହିଁ କି କେନାଲରେ ପାଣି ନାହିଁ ସେହିପରି ରାହୁରା ମାଇନରର ଖଣ୍ଡାଗର ସବମାଇନର,ନଗରୀ, ସନ୍ତୋଳ,ଦଳବାଡ଼ ଇତ୍ୟାଦି କାମମାନ କେନାଲ ପାଣି ନଥିବାରୁ ଚାଷୀମାନେ ଧାନ ରୋଇବାରୁ ବଞ୍ଚିତ ଅଛନ୍ତି । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ କେନାଲ ସଫେଇ କାର୍ଯ୍ୟ କରାଯାଉଥିଲେ ମଧ୍ୟ ଚାଷୀ କେନାଲରେ କିପରି ପାଣି ପାଇବେ ଚାଷ ରୁଆରୁଇ କାର୍ଯ୍ୟ କରିବେ ସେଥିପ୍ରତି ଯନ୍ତ୍ରୀମାନେ ସେପରି ଦୃଷ୍ଟି ଦେଉନାହାନ୍ତି । ଅଧିକାଂଶ ସ୍ଥାନରେ ମଧ୍ୟ କେନାଲ ସଫେଇ କାର୍ଯ୍ୟ ସରିବାକୁ ନାହିଁ । ଏ ସମ୍ପର୍କରେ ପାଣି ପଞ୍ଚାୟତ କର୍ମକର୍ତ୍ତାମାନଙ୍କୁ ପଚାରିବାରୁ ସେ କହୁଛନ୍ତି ଆମେ କେନାଲ ସଫେଇ କରିଛୁ ପାଣି ଛାଡ଼ିବା ଦାୟିତ୍ୱ ଡେଲଟା ବିଭାଗ ଯନ୍ତ୍ରୀମାନଙ୍କର । ତୁରନ୍ତ ପ୍ରତାପନଗରୀ ସହକାରୀ ଯନ୍ତ୍ରୀ ପ୍ରାଚୀ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ସତନ୍ତ୍ର ଦୃଷ୍ଟି ଦେଇ କେନାଲରେ ପାଣି ଛାଡିବାକୁ ଚାଷୀଙ୍କ ମହଲରେ ଦାବି କରାଯାଇଛି ।

# ପିଏମ କିଷାନ ସମ୍ମାନ ନିଧି ଯୋଜନାର ୨୦ତମ କିସ୍ତି ପ୍ରଦାନ



ସାକ୍ଷୀଗୋପାଳ ,(ସବ୍ୟୁ) :କୃଷି ବିଜ୍ଞାନ କେନ୍ଦ୍ର, ସାକ୍ଷୀଗୋପାଳ, ପୁରୀ ପରିସରରେ ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦାରା ପି ଏମ କିଷଝନ ସମ୍ମାନ ନିଧି ଯୋଜନାର ୨୦ ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଆୟୋଜନ କରାଯାଇଥିଲା । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଅଧିନସ୍ଥ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର ଏହି କାର୍ଯ୍ୟକ୍ରମକୁ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ,ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ସୁଭଦ୍ରା ଯୋଜନାର ସଫଳତା ଉପରେ ଆଲୋକପାତ କରିବା ସହିତ ଚାଷୀ ମାନଙ୍କୁ ସରକାରୀ ଯୋଜନାର ଲାଭ ନେବା ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗ ଦେଇ ପରିବର୍ତ୍ତିତ ଜଳବାୟୁରେ କୃଷକଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ । ଉତ୍ତରପ୍ରଦେଶର ବାରଣସୀ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୨୦୫୦୦ କୋଟି ଟଙ୍କାର ସହାୟତା ରାଶି ୯ କୋଟି ୭୦ ଲକ୍ଷ୍ୟ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରଦାନ କରଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଦୀନେଶ ବେହେରା, ମେହରୁନ ବିବି, ବିପ୍ଲବୀ କୁମାର ସ୍ୱାଇଁ, ରାଜକିଶୋର ପ୍ରଧାନ, ସୋନାଲି ବରାଳ, କଳ୍ପନା ଦଳେଇ, ପ୍ରତାପ ଜେନା, ଶଙ୍କର୍ଷଣ ବେହେରା, କୃଷ୍ଣାଶିଷ ବରାଳ ଓ ସଂଯୁକ୍ତା ମହାନ୍ତି ପ୍ରମୁଖ ଚାଷୀ ମାନଙ୍କୁ ଉପସ୍ଥିତ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ମଞ୍ଜୁଳା ତ୍ରିପାଠୀ, ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ ସଓ୍ୱୟଂପ୍ରଭା ଦାସ, ପୁରୀ କୃଷି ଜିଲ୍ଲା ଅଧିକାରୀ, ସାକ୍ଷୀଗୋପାଳ କୃଷି ଜିଲ୍ଲା ଅଧିକାରୀ ସୁଦେଷ୍ଣା ପରିଡ଼ା ଓ ପୁରୀ ଜିଲ୍ଲା ଅନ୍ତର୍ଗତ ୧୧ଗୋଟି ବ୍ଲକର କୃଷି ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ସୂର୍ଯ୍ୟ ନାରାୟଣ ମିଶ୍ର କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ଅନ୍ୟ ବିଭାଗର ବୈଜ୍ଞାନିକ ଯଥା ଡକ୍ଟର ଅମ୍ବିକା ପ୍ରସାଦ ନାୟକ, ଡକ୍ଟର ସୁମିତା ଆଚାର୍ଯ୍ୟ, ଡକ୍ଟର ବିଷ୍ଣୁପଦ ଗିରି, ଡକ୍ଟର ଦୀପଶିଖା ପରମଜିତା, ଡକ୍ଟର ସାର୍ଥକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବାରେ ସାହାଯ୍ୟ କରିଥଲେ । ପରିଶେଷରେ ପୁରୀ ଜିଲ୍ଲାର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତପନ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜ୍ଞାନ ଶିକ୍ଷୟିତ୍ରୀଙ୍କ ବଦଳି ନିର୍ଦ୍ଦେଶ ବାତିଲ ଦାବିରେ ଧାରଣା



ବାଙ୍କୀ, (ସବ୍ୟୁ) : ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଭଗିପୁର୍ ଗ୍ରାମ ପଞ୍ଚାୟତର ଗୟଳବାଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷୟତ୍ରୀଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରାଯାଇଥିବାରୁ ଏହି ବଦଳି ନିର୍ଦ୍ଦେଶନାମା ବାତିଲ କରିବା ଦାବିରେ ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଶନିବାର ସକାଳୁ ସ୍କୁଲ ଆଗରେ ଧାରଣା ଦେଇଛନ୍ତି।

ଏହି ଧାରଣାକୁ ଅଭିଭାବକ ମାନେ ସମର୍ଥନ କରୁଛନ୍ତି। ତେବେ ଏ ସମ୍ପର୍କରେ କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ ବଦଳି କରା ଯାଇଥିବା ଶିକ୍ଷୟତ୍ରୀଙ୍କ ସ୍ଥାନରେ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦିଆ ଯାଇଛି।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ

କଣାସ, (ସବ୍ୟୁ) : ପୁରୀ ଜିଲ୍ଲା କଣାସ ବ୍ଲକ ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅଖିଳ ଭାରତୀୟ ଶିକ୍ଷା ସମାଗମ ଓ ସମଗ୍ର ଶିକ୍ଷା ଆନୁକୁଲ୍ୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ତହସିଲଦାର ହିମାଂଶୁ ଶେଖର ଗିରି ଓ ଗୋଷ୍ଠୀଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା ଉଦ୍ଘାଟନ କରିଥିଲେ । ଏଥିରେ ପୂର୍ବରୁ ପରୀକ୍ଷା ଓ ପଞ୍ଜିକରଣ କରିଥିବା ୩୬ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଥିବା ବେଳେ ୬୬ ଜଣଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିଲା । କାର୍ଯ୍ୟକ୍ରମକୁ ଜିଲ୍ଲା ଅନ୍ତରନିବେଶି ଶିକ୍ଷା ସଂଯୋଜକ କର୍ତ୍ତିକେଶ୍ୱର ପ୍ରଧାନ, ଦୁର୍ଗାଦେବୀ ଉଚ୍ଚ ବିଦ୍ୟାୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ ବେହେରା, ବ୍ଲକ ରିସର୍ଚ୍ଚ ପର୍ସନ ବାପୁଜୀ ହରିଚନ୍ଦନ, ପ୍ରଶାନ୍ତ ବେହେରା, ଅଜୟ ଛୁଆଳସିଂହ ଓ ରଞ୍ଜିତା ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କ୍ୱାଇଁକୁ କଟୁରି ଚୋଟ : ଶଶୁର ଗିରଫ

ଦଶପଲ୍ଲା, (ସବ୍ୟୁ) : କ୍ୱାଇଁକୁ କଟୁରିରେ ହାଣି ଗିରଫ ହୋଇଛି ଶଶୁର । ଝିଅ ପ୍ରେମ ବିବାହ କୁ ବିରୋଧ କରି ଶଶୁର ଏଭଳି ଆକ୍ରମଣ କରିଥିବା ଜଣାପଡ଼ିଛି । ସ୍ଥାନୀୟ ଡିହ ଗାଉଁ ଗ୍ରାମର ମାନସ ସେନାପତି ଖଇରା ପଙ୍କାଳ ସାହିର କୈଳାସ ପ୍ରଧାନଙ୍କ ଝିଅକୁ ପ୍ରେମ ବିବାହ କରିଥଲେ । ଏହି ପ୍ରେମ ବିବାହକୁ ସଦା ସର୍ବଦା କୈଳାସ ବିରୋଧକରି ପ୍ରତିଶୋଧ ପାଇଁ ବାଇକରେ କଟୁରି ଧରି ବୁଲୁଥିଲା । ଶୁକ୍ରବାର ଦିନ ମାନସ ନିଜ ଅଟୋ ଧରି ଛିଡା ହୋଇଥିବା ବେଳେ କୈଳାସ କଟୁରିରେ ମାନସକୁ ଆକ୍ରମଣ କରିଥିଲା । ଉପସ୍ଥିତ ଲୋକମାନେ କୈଳାସକୁ କାବୁ କରି ଦଶପଲ୍ଲା ଥାନାକୁ ଖବର ଦେଇଥିଲେ । ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି କୈଳାସ ଏବଂ ମାନସକୁ ଥାନାକୁ ଆଣିଥିବା ବେଳେ ଉଭୟଙ୍କ ଡାକ୍ତର ମାଇନା କରିଥିଲେ । ପରେ ପୋଲିସ କୈଳାସଙ୍କ ନାମରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି କୈଳାସକୁ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ନାଁ ମଞ୍ଜୁର ହେବାରୁ କୈଳାସକୁ ଦଶପଲ୍ଲା ସ ଜେଲ କୁ ପଠାଇ ଦିଆଯାଇଛି ।

# ପାଣି ନାଳକୁ ବନ୍ଦ ଉଦ୍ୟମକୁ ବିରୋଧ

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ତହସିଲ ଅନ୍ତର୍ଗତ ନିରାକାରପୁର ରାଜସ୍ୱ ନୀରିକ୍ଷକ ଅଧୀନ ରେଳ ଷ୍ଟେସନ ନିକଟରୁ ଏକ ନାଳ ବାହାରି ଡିଆ ମୌଜା କୋଲସାହି ପର୍ଯ୍ୟନ୍ତ ରହିଛି। କିନ୍ତୁ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିମାନେ ଉକ୍ତ ନାଳକୁ ଜବରଦାଖଲ କରି ତା ଉପରେ ଘରଦ୍ୱାର କରି ରହିବାକୁ ବସିଲେଣି ବୋଲି ଅଭିଯୋଗ ହୋଇଥିବା ଜଣାପଡିଛି। ଏହି ନାଳ ଯୋଗେ ଯାଉଥିବା ପାଣି ଶହ ଶହ ଚାଷୀ ଉପକୃତ ହେଉଥିବାବେଳେ ଏବେ ଏହା ଜବରଦଖଲ ହେଉଥିବା ଯୋଗୁଁ ଟାଙ୍ଗୀ ତହସିଲଦାରଙ୍କୁ ଲିଖିତ ଅଭିଯୋଗ ହୋଇଛି। ଏହି ନାଳ ଜବରଦଖଲ ହେଉଥିବା ବେଳେ ଖାତା ନଂ ୧୦୧ ର ସର୍ବସାଧାରଣଙ୍କ ଉଦ୍ଦିଷ୍ଟ ରେ ଥିବା ଶ୍ମଶାନ ୨ ପ୍ଲଟ, ପାଣି ମହାରା ୪ ପ୍ଲଟ, ପାଣି ସୁଅ ୧ ପ୍ଲଟ ଓ ପାଣି ମାହରା ୩ ପ୍ଲଟ ନାମିତ ରହିଛି ବୋଲି ଲିଖିତ ଅଭିଯୋଗରୁ ଜଣାପଡିଛି।

# ମଦ ଭାଟିରେ ମିଳିତ ଚଢ଼ାଉ : ଚାଲିଲା ବୁଲ୍‌ଡୋଜର

ଆଠଗଡ଼, (ସବ୍ୟୁ) : କଟକ ଜିଲ୍ଲାପାଳ ଦତ୍ତତ୍ରାୟ ଭାଉସାହେବ ସିନ୍ଦେ ଏବଂ ଅବକାରୀ ଅଧୀକ୍ଷକ 1 କରୁଣା ଶଙ୍କର ତିଓ୍ୱାରୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଆଠଗଡ ଉପ ଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ଆଠଗଡ ଏସଡ଼ିପିଓ ବିଶ୍ୱଜିତ ମହାନ୍ତି ଓ ଆଠଗଡ ଅବକାରୀ ଉପ ଅଧିକ୍ଷକ ଶ୍ରୀ ତିରୁପଥୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଆଠଗଡ ଥାନା ଅନ୍ତର୍ଗତ କୋରଙ୍ଗାରେ ଆଠଗଡ ଅବକାରୀ ବିଭାଗ, ପୋଲିସ ବିଭାଗ, ଫୋରେଷ୍ଟ ବିଭାଗ ବିଭାଗ ସହିତ ଏକ ବଡ ଧରଣର ମିଳିତ ଚଡାଉ କରାଯାଇ ଥିଲା। ଉକ୍ତ ଚଢ଼ାଉ ରେ ସର୍ବମୋଟ ୨୪୧୫ ଲିଟର ଦେଶୀ ମଦ ସହ ୨୨୬୪୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି ଏବଂ ୬ ଗୋଟି ମାମଲା ରୁଜୁ କରା ଯାଇଛି। ଦେଶୀ ଭାଟିର ସମସ୍ତ ଚୁଲା ଭାଟି ଗୁଡିକୁ ଜେସିବି ଲଗେଇ ନଷ୍ଟ କରି ଦିଆ ଦିଆଯାଇଛି। ଏପରିକି ଆଠଗଡ଼ ଏବଂ ତିଗିରିଆ ଅଞ୍ଚଳରେ ଅନେକ ସ୍ଥାନ ଖୁଲମଖୁଲା ଭାବେ ଦେଶୀ ମଦ ପ୍ରସ୍ତୁତ କରାଯାଉଛି। ଏହାକୁ କିପରି ସମ୍ପୂର୍ଣ୍ଣ ବନ୍ଦ କରାଯିବ ସେନେଇ ବୁଦ୍ଧି ଜିବୀ ମହଲରେ ଆଲୋଚନା ହେଉଛି। ଚଢ଼ାଉରେ ଆଠଗଡ଼ ଉପ ଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା , ବିଶ୍ୱଜିତ ମହାନ୍ତି ଗଲ୍କ୍ସ ଆଠଗଡ,ଉପ ଅଧିକ୍ଷକ ଈଓ ତିରୁପତି ଅବକାରୀ , ସମରେନ୍ଦ୍ର ଭଞ୍ଜ,ରବି ନାରାୟଣ ପ୍ରଧାନ, ଅଭିରାମ ସାହୁ,ସୁମତି କୁମାରୀ ମହାନ୍ତି ,ଦିଲ୍ଲୀପ କୁମାର ବେହେରା,ଆଶିଷ ନାୟକ,ଅରୁଣ ଭୋଇ ,ସୌମ୍ୟ ରଞ୍ଜନ ମାଝୀ ,ବାପି ସାହୁ ବିପିନ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ଅବସରପ୍ରାପ୍ତ ସୈନିକଙ୍କ ପରଲୋକ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ କଳିଙ୍ଗ ଭେଟରାନ ଆସୋସିଏସନ ଉପଦେଷ୍ଟା ତଥା ବରିଷ୍ଠ ସଦସ୍ୟ ସୁବେଦାର ପଦ୍ମ ଚରଣ ବେହେରା(୭୩)ଙ୍କର ପରଲୋକ ହୋଇଯାଇଛି। ଗତ କିଛି ଦିନ ହେବ ସେ ଅସୁସ୍ଥ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିସିତ ହେଉଥିଲେ। ସେ ଭାରତୀୟ ସେନାର କୋର ଅଫ ସିଗ୍ନାଲ୍ସରେ ୩୦ ବର୍ଷ କାର୍ଯ୍ୟ କରି ଦେଶ ସେବା କରୁଥିଲେ। ।ଅବସର ପରେ ସେ ସମାଜ ସେବାରେ ନିଜକୁ ନିୟୋଜିତ କରିଥିଲେ ଓ ନିରକାରପୁର, ମଞ୍ଜାରିଆ ଠାରେ ଥିବା ବାଇସ ଦେଶ ଯାଦବ ସଂଗଠନର ମଧ୍ୟ ସଭାପତି ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ କଳିଙ୍ଗ ଭେଟରାନ୍ସ ଆସୋସିଆନର ସଭାପତି ସୁବେଦାର ମେଜର ବିଜୟ କୁମାର ବଳିଆରସିଂହ, ସମ୍ପାଦକ ସୁବେଦାର ଅଶୋକ ଶ୍ରୀଚନ୍ଦନ, ଯୁଗ୍ମ ସମ୍ପାଦକ ଓ୍ୱାରେଣ୍ଟ ଅଫିସର ବିପିନ ବିହାରି ମାନସିଂହଙ୍କ ସମେତ ଆସୋସିଏସନର ଶତାଧିକ ସୈନିକ ତାଙ୍କ ବାଲିଗାଡ଼ିଆ ସ୍ଥିତ ବାସ ଭବନରେ ଏକତ୍ରିତ ହୋଇ ତାଙ୍କ ମର ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଦର୍ଶନ କରି ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ ।



# ଶୂନ୍ୟ ହସ୍ତରେ ଅବସର ନେଲେ ବ୍ଲକ୍‌ଗ୍ରାଣ୍ଟ କର୍ମଚାରୀ

କଣ୍ଟିଲୋ, (ସବ୍ୟୁ): ନୂତନ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନ ମାନଙ୍କରେ ନିୟୋଜିତ ବ୍ଲକ ଗ୍ରାଣ୍ଟ ଶିକ୍ଷକ, ଅଣ ଶିକ୍ଷକ କର୍ମଚାରୀଙ୍କୁ ସରକାର ଅବହେଳା କରୁଥିବା ଅଭିଯୋଗ ହେଉଛି। ସରକାରୀ ସ୍କୁଲ ଶିକ୍ଷକମାନେ ଅବସର ପରେ ଗ୍ରାଚ୍ୟୁଟି ସହ ପେନସନ ଉପଭୋଗ କରୁଥିବା ବେଳେ ସମାନ କାର୍ଯ୍ୟ କରୁଥିବା ବ୍ଲକ ଗ୍ରାଣ୍ଟ କର୍ମଚାରୀ ସ୍ୱଳ୍ପ ଦରମାରେ ଜୀବନ ସାରା ସେବା ଯୋଗାଇବା ସହିତ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଗଢି ତୋଳିବାରେ ସହାୟକ ହେଉଥିବା ଏହି କର୍ମଚାରୀଙ୍କୁ ଅବସର ପରେ ନା ମିଳୁଛି ପେନସନ ନା କିଛି ଆର୍ଥିକ ସହାୟତା।ଅବସର ପରେ ଶୂନ୍ୟ ହସ୍ତରେ ଫେରିଥାନ୍ତି। ଅବସର ପରେ କେମିତି ଚଳିବେ ଏହି ଚିନ୍ତାରେ ଏବେ ସେମାନେ।ଖଣ୍ଡପଡା ବ୍ଲକ ବ ରେ ଥିବା ନୂତନ ଅନୁଦାନ ପ୍ରାପ୍ତ ହାଇ ସ୍କୁଲ ବସନ୍ତ କୁମାର ବିଦ୍ୟାପୀଠରୁ ୨ ବର୍ଷ ମଧ୍ୟରେ ପ୍ରଧାନ ଶିକ୍ଷକ ଓ ୨ଜଣ ଶିକ୍ଷକ ଙ୍କ ସମେତ କିରାଣୀ ଓ ଜଣେ ପିଅନ ଅବସର ପରେ ପେନସନ ଆଶାରେ ଦିନ ଗଣିବା ସହ ଭବିଷ୍ୟତ ଚିନ୍ତାରେ କାଳାତିପାତ କରୁଛନ୍ତି। ଅବସର ବୟସ ଅବଧି ବୃଦ୍ଧି କରାଯିବା ତଥା ପେନସନ ପ୍ରଦାନ ଦାବୀ ମାମଲା ଏବେ ହାଇକୋର୍ଟ ରେ। ସରକାର ମଧ୍ୟ ବ୍ଲକ ଗ୍ରାଣ୍ଟ ଉଚ୍ଛେଦ ନେଇ ଘୋଷଣା କରିଥିଲେ ହେଁ ପଦକ୍ଷେପ ନିଆଯାଇନଥିବାରୁ ଦୁର୍ଦ୍ଦଶା ମଧ୍ୟରେ ଗତିକରୁଛନ୍ତି ସାରା ରାଜ୍ୟ ର ବ୍ଲକ ଗ୍ରାଣ୍ଟ କର୍ମଚାରୀ ମାନେ। ଏନେଇ ସରକାର ଗୁରୁତ୍ୱ ପ୍ରଦାନ କରି ଶିକ୍ଷକ ଙ୍କ ସମସ୍ୟା ସମାଧାନ କରିବାକୁ ଦାବୀ କରିଛନ୍ତି ଅବସର ପ୍ରଧାନଶିକ୍ଷକ ସନାତନ ମହାନ୍ତି, ଗଣେଶ୍ୱର ରାଉତ, ତ୍ରିଲୋଚନ ପ୍ରଧାନ, ମହେନ୍ଦ୍ର ପ୍ରଧାନଙ୍କ ଭଳି ବହୁ କର୍ମଚାରୀ ।

# ବିଏସ କଲେଜରେ ଡେମୋନଷ୍ଟ୍ରେଟରଙ୍କୁ ନିଲମ୍ବନ ଘଟଣା
# ଜବାବ ଦାଖଲ ପାଇଁ ପୂର୍ବତନ ଅଧକ୍ଷଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଦଶପଲ୍ଲା, (ସବ୍ୟୁ) : ଦଶପଲ୍ଲା ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଡେମୋନଷ୍ଟ୍ରେଟର ଭିନ୍ନକ୍ଷମ ଲକ୍ଷ୍ମୀଧର ଶତପଥୀଙ୍କ କାର୍ଯ୍ୟରୁ ନିଲମ୍ବନ ଘଟଣାରେ ଦୁଇ ସପ୍ତାହ ମଧ୍ୟ ରେ ଜବାବ ଦାଖଲ ପାଇଁ ହାଇକୋର୍ଟ ନିଲମ୍ବିତ କରିଥିବା ଅବସରପ୍ରାପ୍ତ ପୂର୍ବତନ ଅଧକ୍ଷ ସୁବାସ ଚନ୍ଦ୍ର ନାଏକଙ୍କ ସହ ସମସ୍ତ ପକ୍ଷ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ଡେମୋନଷ୍ଟ୍ରେଟର ଲକ୍ଷ୍ମୀଧର ଶତପଥୀ ଜଣେ ପୋଲିଓ ଦିବ୍ୟଙ୍ଗ ହୋଇ ଥିବାରୁ ସେ ନିଜ କଲେଜରେ କାର୍ଯ୍ୟ ରିବା ପାଇଁ ହାଇ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ନିଲମ୍ବିତ ଡେମୋନ ଷ୍ଟ୍ରେଟର ଲକ୍ଷ୍ମୀଧର ଶତପଥୀଙ୍କ ଦ୍ୱାରା ହାଇକୋର୍ଟ ରେ ଦାଖଲ ଏକ ରିଟ ପିଟିସନ ବିଚାର କରି ଏହି ଅନ୍ତରୀଣ ନିର୍ଦ୍ଦେଶ ଦେଇଥିବା ଜଣା ପଡ଼ିଛି । ଦୀର୍ଘ ୩୧ ବର୍ଷ ଧରି ଭିନ୍ନକ୍ଷମ ଲକ୍ଷ୍ମୀଧର ଶତପଥୀ ପଦାର୍ଥ ବିଜ୍ଞାନ ଡେ ମୋନଷ୍ଟ୍ରେଟର ଭାବେ କାମ କରି ଆସୁଥିବା ବେଳେ ପରିଚାଳନା କମିଟି ସଭାପତି ନୟାଗଡ଼ ଉପଜିଲ୍ଲାପାଳଙ୍କ ପତ୍ର ପାଇବା ପରେ ଗତ ୨୮ ତାରିଖ ଦିନ ପୂର୍ବତନ ଅଧକ୍ଷ ସୁବାସ ଚନ୍ଦ୍ର ନାଏକ ଲକ୍ଷ୍ମୀଧର ଶତପଥୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରି ରଣପୁର କଲେଜରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟ ପାର୍ଶ୍ୱରେ ଲକ୍ଷ୍ମୀଧର ଶତପଥୀ ଙ୍କ ଯୋଗଦାନ ପତ୍ର କୁ ରଣପୁର କଲେଜ ଅଧକ୍ଷ ଗ୍ରହଣ କରି ନଥିଲେ । ଏବେ ଏହି ଘଟଣା ହାଇକୋର୍ଟ ରେ ବିଚାରଧୀନ ଥିବା ବେଳେ ଆଗକୁ ଏହି ଘଟଣା ରେ କୋର୍ଟ କେଉଁ ରାୟ ଦେଉଛନ୍ତି ତାହାଦେଖିବାକୁ ବାକି ରହିଛି ।

# ପଟା ବଣ୍ଟନ କଲେ ଉପମୁଖ୍ୟମନ୍ତ୍ରୀ

ଗୋପ, (ସବ୍ୟୁ) : ପୁରୀ ଜିଲ୍ଲା ଗୋପ ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ ଗୋପ ବଜାରରେ ଥିବା ଏକ କଲ୍ୟାଣ ମଣ୍ଡପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବସୁନ୍ଧରା ଯୋଜନାରେ ମୋକଲମ ହିତାଧିକାରୀଙ୍କୁ ଜମି ପଟା ବଣ୍ଟନ କରିଛନ୍ତି । ଗୋପ ବ୍ଲକରେ ଜମିଜମା ସମସ୍ୟା ଥିବା ୧୭ ଗୋଟି ଶିକ୍ଷାନୁଷ୍ଠାନକୁ ପଟା ବାଣ୍ଟିଥିବା ବେଳେ ଗୋପ ବ୍ଲକର ବିଭିନ୍ନ ପଂଚାୟତର ୧୧୨ ଜଣ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ଜମି ଓ ଘରବରୀ ପଟା ବଣ୍ଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଗୋପ ତହସିଲଦାର ଙ୍କ ସମେତ ବ୍ଲକର ସମସ୍ତ ଲାଇନ ଅଫିସର ମାନେ ଉପସ୍ଥିତ ଥିଲେ ।

# ବିଶ୍ୱଶାନ୍ତି ସରୋବରରେ ରକ୍ଷା ବନ୍ଧନ

ଫୁଲନଖରା, (ସବ୍ୟୁ) : ପାହାଳ ଥାନା ଅନ୍ତର୍ଗତ ଅନନ୍ତ ପୁରସ୍ଥିତ ବ୍ରହ୍ମାକୁମାରିସ ବିଶଶାନ୍ତି ସରୋବର ଠାରେ ପବିତ୍ର ଆଧାତ୍ମିକ ରକ୍ଷାବନ୍ଧନ ପର୍ବ ଉପଲକ୍ଷେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଟକ ଝାଞ୍ଜିରୀ ମଙ୍ଗଳା ଆଶ୍ରମର ବ୍ରହ୍ମାକୁମାରିସ ଡାଇରେକ୍ଟର ଉଞ୍ଜ ରାଜଯୋଗିନି କମଲେଶ ଦିଦୀ ଜୀ ଉପସ୍ଥିତ ରହି ରାକ୍ଷୀ କାହିଁକି ଭାଇ ହାତରେ ଭଉଣୀ ବାନ୍ଧେ ସେ ବିଷୟରେ ନିଜର ଆଶ୍ରୀବଚନ ମାଧ୍ୟମରେ ଉପସ୍ଥିତ ଥିବା ଭାଇ ଓ ଭଉଣୀଙ୍କୁ ବୁଝାଇଥିଲେ। ଅନନ୍ତ ପୁର ଆଶ୍ରମର ଆଡିସନାଲ ଡାଇରେକ୍ଟର ରାଜ ଯୋଗିନି ସୁଲୋଚନା ଦିଦି ଜି ରକ୍ଷାବନ୍ଧନ ପର୍ବର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ନିଜନିଜ ଭିତରେ ଭାତୃତ୍ୱ ଭାବ ଜାଗୃତ କରିବା ପାଇଁ ଭାଇ ଭଉଣୀଙ୍କ ମଧ୍ୟରେ ସ୍ନେହଶ୍ରଦ୍ଧାପୂର୍ଣ୍ଣ ବାତାବରଣ ସୃଷ୍ଟିକରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ଦୁଇଶହରୁ ଉର୍ଦ୍ଧ୍ୱ ଭାଇ ଭଉଣୀଙ୍କ ହାତରେ ରାକ୍ଷୀବନ୍ଧାଯାଇ ପବିତ୍ର ସମ୍ପର୍କକୁ ଦୃଢ଼ କରଯାଇଥିଲା।ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ, ଶିକ୍ଷାବିତ, ବୁଦ୍ଧିଜୀବୀ ଙ୍କ ସହ ଆଶ୍ରମର ଭଉଣୀ ବ୍ରହ୍ମ କୁମାରୀ ତ୍ରିବେଣୀ,ବ୍ରହ୍ମ କୁମାରୀ ସିପ୍ରା,ବ୍ରହ୍ମ କୁମାରୀ ଦେବସ୍ମିତା,ଭ୍ରାତା ବ୍ରହ୍ମ କୁମାର ଗୋପାଳ ଭାଇଙ୍କ ସହ ଆଶ୍ରମର ସମସ୍ତ ସଦସ୍ୟ ଉପସ୍ଥିତ ରହି ଏହି ମହତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଲି ଚୋରା ଚାଲାଣ କରୁଥିବା ଟ୍ରାକ୍ଟର ଜବତ

କୋଣାର୍କ, (ସବ୍ୟୁ) : ଶନିବାର ଦିବା ୧୨ ଘଟିକା ସମୟରେ ଜିଲ୍ଲା ଖଣି ବିଭାଗ ଓ କୋଣାର୍କ ପୋଲିସ ମିଳିତ ଚଢାଉ କରି କୋଣାର୍କ ଥାନା ଅଧିନସ୍ଥ କୁଞ୍ଜ ମୌଜାର ଏକ ବାଲି ବନ୍ତରୁ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ଏକ ଟ୍ରାକ୍ଟରକୁ ଜବତ କରିଥିବା ବେଳେ ଚାଳକ କୋଣାର୍କ ଥାନାରେ ଅଟକ ରହିଥିବା ଜଣାପଡ଼ିଛି। ଖବରରୁ ପ୍ରକାଶ ଯେ ଦୀର୍ଘଦିନ ଧରି କୋଣାର୍କ ଥାନା ଅଧିନସ୍ଥ ବାଲିଦୋକାନ, ଗୋଧନପଡା ଓ କୋଣାର୍କ ଅଞ୍ଚଳରୁ ବାଲି ଚୋରା ଚାଲାଣ ବୃଦ୍ଧି ପାଉଥିବା ବେଳେ ବିଭିନ୍ନ ଗଣମାଧ୍ୟମରେ ଏ ସମ୍ପର୍କରେ ଖବର ମାନ ପ୍ରକାଶ ପାଇଥିଲା। ବେଆଇନ ବାଲି ଚୋରା ଚାଲାଣ ଉପରେ ରୋକ ଲଗାଇବା ପାଇଁ ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଜିଲ୍ଲା ଖଣି ଅଧିକାରୀ ବିଶ୍ୱଜିତ ବେହେରା ଓ କୋଣାର୍କ ଥାନା ଏସଆଇ ସଂଘମିତ୍ରା ଚାନ୍ଦଙ୍କ ନେତୃତ୍ୱରେ ଏକ ଟିମ କୋଣାର୍କ ଥାନା ଅଧିନସ୍ଥ କୁଞ୍ଜ ମୌଜା ଠାରେ ଚଢାଉ କରି ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ଏକ ଟ୍ରାକ୍ଟର ଜବତ କରି ଟ୍ରାକ୍ଟର ଚାଳକ ପ୍ରକାଶ କାଣ୍ଡିଙ୍କୁ ଥାନାରେ ଅଟକ ରଖିଛନ୍ତି।ଜବତ ଟ୍ରାକ୍ଟର ନମ୍ବର ବିହିନ ହୋଇଥିଲା ବେଳେ ଏହା କୁରୁଜଙ୍ଗ ଗ୍ରାମର ଜୈନିକ ବ୍ୟକ୍ତିଙ୍କ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଓ କୋଣାର୍କ ପୋଲିସର ବାଲି ଚୋରା ଚାଲାଣ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ସ୍ଥାନୀୟ ବାଲି ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ



ଖଣ୍ଡପଡ଼ା, (ସବ୍ୟୁ) : ଖଣ୍ଡପଡ଼ା ସହରାଞ୍ଚଳ ସ୍ଥିତ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କୁ ସହାୟକ ଉପକରଣ ବଣ୍ଟନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳନ ଅବସରରେ ଶନିବାର ସକାଳେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସଓ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବ୍ଲକ ଗୋଷ୍ଠୀ ସମ୍ବଳ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ଏବଂ ଗୋଷ୍ଠୀ ସମ୍ବଳ ଶିକ୍ଷୟତ୍ରୀ ମଞ୍ଜୁଲତା ଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର, ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଲିପ୍ସା ନନ୍ଦ ପ୍ରମୁଖ ମଞ୍ଚାସିନ ରହିବା ସହ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏ ଅବସରରେ ୩୪ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ କରଯାଇଥିଲା। ଅର୍ନ୍ତନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ସହାୟକ ଗୋପାଳ ଚନ୍ଦ୍ର ଭୋଳ, ସୂର୍ଯ୍ୟମଣି ବେହେରା, ମମତା ବାରିକ ଏବଂ କୈଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମଜୁରୀକୁ କେନ୍ଦ୍ରକରି ଷ୍ଟେସନରେ ହଇଗୋଳ

ନିରାକାରପୁର,(ସବ୍ୟୁ) : ଦୈନଦିନ ଗଞ୍ଜାମ ଅଞ୍ଚଳରୁ ଶହ ଶହ ସଂଖ୍ୟାରେ ଦିନ ମଜୁରିଆ ଧାନ ଜମିରେ ମଜୁରୀ ଖଟିବାକୁ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳକୁ ଆସୁଛନ୍ତି। ନିରାକାରପୁର ରେଳ ଷ୍ଟେସନରେ ଓହ୍ଲାଉ ଥିବାବେଳେ ସେମାନଙ୍କୁ କାମ ପାଇଁ ନେବାକୁ ଜମି ମାଲିକମାନଙ୍କ ମଧ୍ୟରେ ଏକପ୍ରକାର ପ୍ରତିଦ୍ୱନ୍ଦିତା ଚାଲୁଛି। ସେମାନେ ମଜୁରିଆ ମାନଙ୍କୁ ଅଧିକ ମଜୁରୀ ଦେବାର ପ୍ରଲୋଭନ ଦେଖାଇ ନିରାକାରପୁର ଓ ତାର ୧୦/୧୫ କିଲୋମିଟର ଦୂର ଜାଗାକୁ ନେଇ ପୁନର୍ବାର ଟ୍ରେନ ସମୟରେ ଆଣି ଷ୍ଟେସନରେ ଛାଡ଼ି ଦେଉଛନ୍ତି। ଏବେ ଧାନ ବିଲରେ ତଳି ରୁଆ କାର୍ଯ୍ୟ ଚାଲୁଥିବାରୁ ଆଉ ଅଞ୍ଚଳ ରେ ମଜୁରିଆ ଅଭାବ ଦେଖାଦେଇଥିବାରୁ ସକାଳୁ ଟ୍ରେନ ଆସିବା ପୂର୍ବରୁ ବହୁ ସଂଖ୍ୟାରେ ଗାଡି ମଟର ଷ୍ଟେସନ ପାଖରେ ଗଂଜାମ ମଜୁରିଆଙ୍କୁ ନେବାକୁ ଛିଡା ହେଉଛି। ପୂର୍ବରୁ ଏମାନେ ଏହି ଅଞ୍ଚଳରୁ ଦିନକୁ ୫୦୦ ଟଙ୍କା ନେଉଥିବାବେଳେ ଏବେ ଚାହିଦା ବଢିବାରୁ ସେମାନଙ୍କ ମଜୁରୀ ଲୋକ ଦେଖି ବଢାଇ ଦେଇଛନ୍ତି। ତେଣୁ ଏକ ନିର୍ଦ୍ଦିଷ୍ଟ ମଜୁରୀ ନେବା ପାଇଁ ଓ ଜମି ମାଲିକ ମାନଙ୍କୁ ଏକ ପ୍ରକାର ମଜୁରୀ ଦେବା ପାଇଁ ଶନିବାର ସକାଳୁ ଶତାଧିକ ସ୍ଥାନୀୟ ଚାଷୀ ଷ୍ଟେସନ ଆସି ହଇଗୋଳ କରିଥିଲେ। ମଜୁରିଆ ଓ ମାଲିକ ମାନଙ୍କ ମଧ୍ୟରେ ଏକ ହୋହାଲ୍ଲା ର ପରିବେଶ ଷ୍ଟେସନ ପରିସରକୁ ବେଶ ଗରମ କରି ରଖିଥିବା ଦେଖିବାକୁ ମିଳିଥିଲା।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ବିଶ୍ୱ ସ୍କାଉଟ୍ସ ସ୍କାର୍ଫ ଦିବସ ପାଳନ



ବାରଙ୍ଗ, (ସବ୍ୟୁ) : ସ୍ଥାନୀୟ ନରାଜସ୍ଥିତ ସିଦ୍ଧେଶ୍ୱର ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ରୋଭର୍ ଓ ରେଞ୍ଜର୍ ୟୁନିଟ ପକ୍ଷରୁ 'ବିଶ୍ୱ ସ୍କାଉଟ ସ୍କାର୍ଫ ଦିବସ' ପାଳନ କରାଯାଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟର ରୋଭର୍ ଓ ରେଞ୍ଜରମାନେ ସିଦ୍ଧେଶ୍ୱର ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ସ୍କାଉଟ ସ୍କାର୍ଫ ପିନ୍ଧାଇ ଏକତା, ପ୍ରତିବଦ୍ଧତା ଓ ସ୍କାଉଟିଂ-ଗାଇଡିଂ ମୂଲ୍ୟବୋଧର ପ୍ରଚାର ନିମନ୍ତେ ଶପଥ ପାଠ କରାଇଥିଲେ । ସିଦ୍ଧେଶ୍ୱର ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱପ୍ନଶ୍ରୀ ପଟ୍ଟନାୟକଙ୍କ ସମେତ ସହକାରୀ ଶିକ୍ଷୟିତ୍ରୀ ପଦ୍ମାଳୟା ରାଉତ ଓ ଶିକ୍ଷକ ନିରଞ୍ଜନ ଦଳାଇ କାର୍ଯ୍ୟକ୍ରମରେ ରୋଭର୍ ଓ ରେଞ୍ଜରମାନଙ୍କୁ ପୂର୍ଣ୍ଣ ସହାୟତା ଯୋଗାଇ ଦେଇଥିଲେ । ଏଥିରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ରୋଭର୍ ଲିଡର ତଥା କୃଷି ବିଭାଗ ସହକାରୀ ପ୍ରାଧ୍ୟାପକ ଡ. ସନ୍ଦୀପ ରାଉତ 'ସ୍ଥାୟୀ ଉନ୍ନୟନ ଲକ୍ଷ୍ୟପ୍ରାପ୍ତି ଦିଗରେ ଯୁବପିଢ଼ିର ଭୂମିକା' ବିଷୟରେ ପିଲାମାନଙ୍କୁ ଉଦବୋଧନ ଦେଇଥିଲେ । ପରିବେଶ ସୁରକ୍ଷା ସଚେତନତା ଲକ୍ଷ୍ୟପ୍ରାପ୍ତି ନିମନ୍ତେ ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ 'ସିଡ ବଲ' ଆବଣ୍ଟନ କରାଯାଇଥିଲା । ଏଥିସହ ସ୍କାଉଟ ସ୍କାର୍ଫ ଦିବସର ମହତ୍ତ୍ୱ ବୁଝାଇବା ସହ ସେମାନଙ୍କୁ ଟଫି ବଣ୍ଟନ କରାଯାଇଥିଲା । )ରୋଭର୍ ଓ ରେଞ୍ଜରମାନଙ୍କ ଏହି ଉଦ୍ୟମ ନିମନ୍ତେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସଓ୍ୱାମୀ ସତ୍ୟଚୈତନ୍ୟ, କାର୍ଯ୍ୟନିର୍ବାହୀ କୁଳସଚିବ ଡ. ଅନିଲ କୁମାର ଶର୍ମା, ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ ପ୍ରଫେସର ଜୟପ୍ରକାଶ ଭଞ୍ଜ, ଆଡମିଶନ ବିଭାଗ ଉପନିର୍ଦ୍ଦେଶକ ଡ. ମଳୟ ମଲ୍ଲ ଓ ମାନବ ସମ୍ବଳ ବିଭାଗ ଉପନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଗଡ଼ନାୟକ ପ୍ରମୁଖ ସେମାନଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି ।

# ମେଣ୍ଢା ଚୋର ସକ୍ରିୟ, ପୋଲିସ ନିଷ୍କ୍ରୀୟ

ବାଲିପାଟଣା, (ସବ୍ୟୁ): ବାଲିପାଟଣା ଥାନା ଅନ୍ତର୍ଗତ ପମ୍ପାଲୋ ଅଞ୍ଚଳରୁ ବୁଧବାର ବିଳମ୍ବିତ ରାତିରେ ୨୦ ଟି ମେଣ୍ଢା ଗୋଟିଏ ଧଳା ବୋଲେରୋରେ ୩ରୁ ଉର୍ଦ୍ଧ୍ୱ ଦୁର୍ବୃତ୍ତ ମେଣ୍ଢା ଚୋରି କରିନେଇଥିବା ମେଣ୍ଢା ପାଳକ ଶ୍ୟାମ ସୁନ୍ଦର ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ପୁଲିସ ପ୍ରତି ଘଟଣା ଭଳି ଏହି ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ଫେରିଛି ହେଲେ ଚୋରୀ ହୋଇଥିବା ମେଣ୍ଢା ମାନଙ୍କୁ ଉଦ୍ଧାର କରିବାରେ ସଫଳ ହୋଇନାହିଁ ।ସୂଚନା ଅନୁସାରେ ମଧୁବନ ଆଳିସି ଗ୍ରାମ୍ୟ ଉନୟନ ରାସ୍ତାର ପମ୍ପାଲୋ ଠାରେ ଶ୍ୟାମସୁନ୍ଦର ବେହେରା ଘର ତୋଳି ପରିବାର ସହ ରହୁଛନ୍ତି ।ଘର ସାମ୍ନାରେ ଗୁହାଳରେ ୩୫ ରୁ ଉର୍ଦ୍ଧ ମେଣ୍ଢା ପାଳନ କରିଥିଲେ ।ସେଥିପାଇଁ ଜଣେ ଶ୍ରମିକଙ୍କୁ ରଖି ଥିଲେ । ବୁଧବାର ରାତିରେ ପରିବାର ଲୋକେ ଖାଇ ପିଇ ଶୋଇ ପଡିଥିଲେ ରାତି ପ୍ରାୟ ଗୋଟେରେ ଗୋଟିଏ ଧଳା ରଙ୍ଗର ବୋଲେରୋ ଗାଡି ଲଗାଇ ଘର ସାମ୍ନା ଗୁହାଳରୁ ବଡ଼ ବଡ଼ ବ ୨୦ ମେଣ୍ଢା ବାଛି ଉଠାଇ ନେଇଥିଲେ । ଚୋରି ପୂର୍ବରୁ ଘର ଲୋକଙ୍କୁ ବାହାର କବାଟ ଦେଇଥିଲେ।

ଚୋରି ମେଣ୍ଢାଙ୍କ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଶ୍ୟାମ ସୁନ୍ଦରଙ୍କ ପରିବାର ଲୋକେ କହିଛନ୍ତି ।ରାସ୍ତାର ବିଭିନ୍ନ ସ୍ଥାନରେ ଲାଗିଥିବା ସିସି ଟିଭିରେ ଚୋରି ରେ ବ୍ୟବହୃତ ବୋଲେରୋ ସ୍ପଷ୍ଟ ଦେଖା ଯାଉଛି ତେବେ ପୂର୍ବରୁ ସରାଟ ଶାସନ ରଘୁନାଥ ଭୋଇଙ୍କ ବହୁ ମୂଲ୍ୟବାନ ମେଣ୍ଢା ଚୋରି ହୋଇଥିଲା । ପୁଲିସ ଗୋଟିଏ ମାମଲା ରୁଜୁ କରି ବସି ରହିଛି। ବାରମ୍ବାର ଏହି ଅଞ୍ଚଳରେ ପଶୁ ପାଳନ କରି ଗୁଜୁରାଣ ମେଣ୍ଢାଉଥିବା ଚାଷୀମାନେ ସଦା ସର୍ବଦା ଲୁଟର ଶିକାର ହୋଇ ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି। ଆଜି ପର୍ଯ୍ୟନ୍ତ କୌଣସି ଗୋଟିଏ ଚୋରୀ ଘଟଣାର ଚୋରକୁ ଧରି ବାରେ ସକ୍ଷମ ହୋଇନାହିଁ।

# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଡେଲାଙ୍ଗ, (ସବ୍ୟୁ) : ଡେଲାଙ୍ଗ ବ୍ଲକ ଅଧୀନ ଘୋରଡିଆସ୍ଥିତ ରାଧାମୋହନ ଦେବ ଉଚ୍ଚ ବିଦ୍ୟାପୀଠ ପରିସରରେ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଦାସ ଓ ବରିଷ୍ଠ ବିଜ୍ଞାନ ଶିକ୍ଷକ ଲଡୁକିଶୋର ସାମନ୍ତସିଂହାରଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସହକାରୀ ଶିକ୍ଷକ ବିନୋଦ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟବାଦୀ ଦାଶ, ଜଗଦୀଶ ଚନ୍ଦ୍ର ତ୍ରିପାଠି, ପ୍ରଶାନ୍ତ କୁମାର ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠି, ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ଜେନା, ପ୍ରଫୁଲ୍ଲ ଚନ୍ଦ୍ର ଜେନା, ଅନୀଲ ପାଇକରାୟ, ପରିଚାଳନା କମିଟି ସଭ୍ୟ ବିଧାନ ପାତ୍ର ପ୍ରମୁଖ ଯୋଗଦେଇଥିଲେ । ନିଷ୍ଠା ଓ ଏକାଗ୍ରତାର ସହିତ ବିଦ୍ୟା ଆରୋହଣ କଲେ ଜୀବନରେ ନିଶ୍ଚୟ ସଫଳତା ମିଳିବ ବୋଲି ବିଦାୟୀ ପ୍ରଧାନ ଶିକ୍ଷକ ଶ୍ରୀ ଦାସ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ ।

ଏହି ପରିପ୍ରେକ୍ଷୀରେ ବିଦାୟୀ ଶିକ୍ଷକମାନଙ୍କୁ ବିଦ୍ୟାଳୟ ଓ ସହ କର୍ମଚାରୀମାନଙ୍କ ପକ୍ଷରୁ ଉତରୀୟ, ପୁଷ୍ପଗୁଚ୍ଛ, ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପ୍ରଧାନ ମଂଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ରବିନ୍ଦ୍ର ଖାଟୋଇ, ଦିଗବିଜୟ ଭାଣ୍ଡୋଡାଗାମା, ରବିନାରାୟଣ ନାୟକ, ଶିକ୍ଷୟିତ୍ରୀ ସ୍ମୃତିସନ୍ଧ୍ୟା ମହାରଣା, ବିଷ୍ଣୁପ୍ରିୟା ସାହୁ, ଲିପିକା ଭୋଇ, ସୁପ୍ରିୟା ସାସମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସଂଗ୍ରାମରୁ ସାହିତ୍ୟ ଓ ତା'ପରେ ରାଜନେତା



**ସୁଶିର କୁମାର ସ୍ୱାଇଁ**

ଓଡ଼ିଶାର ଇତିହାସକୁ ଓଲଟାଇଲେ ଖୋର୍ଦ୍ଧା ଜିଲ୍ଲାର ବାଣପୁର ଅଞ୍ଚଳର ଇତିହାସ ଏକ ଗୌରବାନ୍ୱିତ ଓ ରୋମାଞ୍ଚିତ ଅଧ୍ୟାୟ ସୃଷ୍ଟି କରିଥିବା ମନେହୁଏ । ଇତିହାସକୁ ଲାଲ୍ କରିଥିବା ଅନେକ ବୀର ଯୋଦ୍ଧାମାନଙ୍କର ଗଡ଼ ହେଉଛି ବାଣପୁର । ସାହିତ୍ୟର ଅନେକ ରଥୀ ଓ ମହାରଥୀମାନଙ୍କୁ ଜନ୍ମ ଦେଇଥିବା ବୀର ପ୍ରସବିନୀ ମାଟି ହେଉଛି ବାଣପୁର । ରାଜତନ୍ତ୍ର ସମୟର ରାଜନୀତି ହେଉ ଅବା ଗଣତନ୍ତ୍ର ସବୁ ସମୟରେ ରାଜନୀତିର ଛକାପଞ୍ଝା ଭିତରେ ବାଣପୁର ବୀର ସଂଗ୍ରାମୀମାନଙ୍କୁ ଭେଟିଦେଇ ରାଜ୍ୟକୁ ସମୃଦ୍ଧ କରିବାରେ ସହାୟକ ହୋଇଛି । ସେହି ବୀରମାଟି ବାଣପୁରର ଗର୍ବ ଓ ଗୌରବକୁ ଉତ୍ତୁଙ୍ଗ ଶିଖରରେ ପହଁଚାଇ ପାରିଥିବା ତୁଙ୍ଗ ସଂଗ୍ରାମୀ ରାଜନେତା ବିଶ୍ୱଭୂଷଣ ହରିଚନ୍ଦନ ହେଉଛନ୍ତି ଓଡ଼ିଶାର ଜଣେ ଅନ୍ୟତମ ରାଜନେତା, ଯାହାଙ୍କର ଜାତି ପ୍ରୀତି ଓ ଦେଶସେବାକୁ ଭୁଲିହେବ ନାହିଁ ।

ପିତା ସ୍ୱାଧୀନତା ସଂଗ୍ରାମୀ ତଥା ନାଟ୍ୟକାର ପର୍ଶୁରାମ ହରିଚନ୍ଦନଙ୍କର ଆଦର୍ଶ, ସମାଜସେବା, ସାହିତ୍ୟ ସାଧନା ଓ ଦେଶସେବାରେ ଅନୁପ୍ରାଣିତ ହୋଇଛନ୍ତି ବିଶ୍ୱଭୂଷଣ । ପିତାଙ୍କର ଜୀବନାଦର୍ଶକୁ ନିଜ ଜୀବନରେ ପୁଞ୍ଜି ଭାବେ ବିନିଯୋଗ କରିଛନ୍ତି । ଯେଉଁଥିପାଇଁ ସେ ଉଭୟ ସାହିତ୍ୟ ଓ ରାଜନୀତିରେ ସଫଳତା ଅର୍ଜନ କରିପାରିଛନ୍ତି । ତାଙ୍କଦ୍ୱାରା ରଚିତ ଏକାଙ୍କିକା 'ପାଇକବୀର ଦଳବେହୁରା' ୧୯୬୨ ମସିହାରେ ଷଷ୍ଠ ଶ୍ରେଣୀର ସାହିତ୍ୟ ସରଣୀ ପୁସ୍ତକର ପାଠ୍ୟକ୍ରମରେ ସ୍ଥାନିତ ହୋଇଥିଲା । ସେ ଏକାଧାରାରେ ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟରଚନା, ନାଟକ ଓ ଏକାଙ୍କିକା ଲେଖି ସୁନାମ ଅର୍ଜନ କରିଛନ୍ତି । ତାଙ୍କଦ୍ୱାରା ରଚିତ ସାତଟି ପୁସ୍ତକ ଓଡ଼ିଶା ବାଣୀଭଣ୍ଡାରକୁ ସମୃଦ୍ଧ କରିଛି ।

ସାଧାରଣତଃ ରାଜନେତାମାନଙ୍କର ରାଜନୀତି ଛାତ୍ର ଜୀବନରୁ ହିଁ ଆରମ୍ଭ ହୋଇଥାଏ । ତାହା କଲେଜ୍ ଛାତ୍ର ନିର୍ବାଚନରେ ନିଜକୁ ସାମିଲ୍ କରି ହେଉ ଅବା ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇ ହେଉ । ଠିକ୍ ସେହିପରି ଦିଗ୍‌ଗଜ ରାଜନେତା ତଥା ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ରାଜନୀତି ଛାତ୍ର ଜୀବନରୁ ଆରମ୍ଭ ହୋଇଥିଲା। ତାହା ୧୯୫୬ ମସିହାରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଷଢ଼େଇକଳା ଓ ଖରସୁଆଁ ଓଡ଼ିଶାରୁ ଅଲଗା ହୋଇ ବିହାରରେ ମିଶିଯିବା ପରେ ଓଡ଼ିଶାରେ ଯେଉଁ ପ୍ରଚଣ୍ଡ ଆନ୍ଦୋଳନ ଦେଖାଦେଇଥିଲା ସେହି ଆନ୍ଦୋଳନରେ ଛାତ୍ରନେତା ଭାବରେ ବିଶ୍ୱଭୂଷଣ ନିଜକୁ ସାମିଲ୍ କରିଥିଲେ । ପରେ ବୃତ୍ତିଗତ ଦୃଷ୍ଟିରୁ ଯଦିଓ ଓକିଲାତି ବ୍ୟବସାୟକୁ ଆପଣାଇ ସୁନାମ ଅର୍ଜନ କଲେ କିନ୍ତୁ ନିଜକୁ ରାଜନୀତିରୁ ଦୂରେଇ ଦେଲେ ନାହିଁ । ତତ୍‌ସହିତ ସେ ଜନସଂଘର ରାଜ୍ୟ ସାଧାରଣ ସଂପାଦକ ଓ ପରେ ଉପସଭାପତି ଭାବେ ଦାୟିତ୍ୱ ସଂପାଦନ କରିଥିଲେ । ସେହି ସମୟରେ ଦେଶରେ ଦେଖାଦେଇଥିବା ଜରୁରୀକାଳୀନ ପରିସ୍ଥିତି ବିରୋଧରେ ଲଢ଼େଇ କରି ସାନ ସାନ ଛୁଆମାନଙ୍କୁ ଘରେ ଏକୁଟିଆ ସ୍ତ୍ରୀ ପାଖରେ ଛାଡ଼ିଦେଇ ମିସା ଆଇନ୍ ବଳରେ ଜେଲ୍ ଗଲେ ବିଶ୍ୱଭୂଷଣ । ଏହା ତାଙ୍କର ଗଭୀର ଦେଶପ୍ରୀତି ଓ ତ୍ୟାଗପୂତ ମନୋଭାବକୁ ଦର୍ଶାଉଛି । ଦେଶ ସୁରକ୍ଷା ଆନ୍ଦୋଳନରୁ ତାଙ୍କର ଆରମ୍ଭ ହୋଇଥିଲା ବ୍ୟାଲଟ୍‌ବକ୍ସ ରାଜନୀତି । ସେ ସମୟ ଚାଲିଗଲା ଓ ଭାରତ ବର୍ଷରେ ନୂତନ ସୂର୍ଯ୍ୟୋଦୟ ଆରମ୍ଭ ହେଲା।

ଓଡ଼ିଶାରେ ନୀଳମଣି ରାଉତରାୟଙ୍କ ନେତୃତ୍ୱରେ ଜନତା ଦଳ ସରକାର ଗଠନ କଲା। ସେ ଆଗଧାଡ଼ିର ନେତା ଥିବା କାରଣରୁ ତାଙ୍କୁ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ ମନ୍ତ୍ରୀପଦ ମିଳିଲା । ଅନେକଗୁଡ଼ିଏ ବିଭାଗ ତାଙ୍କ ହାତରେ ରହିଲା। ପ୍ରତ୍ୟେକ ବିଭାଗରେ ତାଙ୍କର କାର୍ଯ୍ୟଦକ୍ଷତା ଓ ରାଜ୍ୟକୁ ଉନ୍ନତର ସୋପାନକୁ ନେବାର ପ୍ରବଣତା ତାଙ୍କୁ ଓଡ଼ିଶାରେ ଲୋକପ୍ରିୟ କରାଇଛି ।



ଜନତା ପାର୍ଟି ବିଭାଜିତ ହେଲା ପରେ ଦେଶରେ ଭାରତୀୟ ଜନତା ପାର୍ଟି ଗଠନ ହେଲା । ଅଟଳ ବିହାରୀ ବାଜପେୟୀ ହେଲେ ଦଳର ରାଷ୍ଟ୍ରୀୟ ସଭାପତି ଏବଂ ଓଡ଼ିଶାର ରାଜ୍ୟ ସଭାପତି ଭାବେ ମନୋନୀତ ହେଲେ ବିଶ୍ୱଭୂଷଣ । ଏହା ପରେ ସେ କ୍ରମାଗତ ଦୁଇଥର ନିର୍ବାଚିତ ହୋଇ ସଭାପତି ହେଲେ । ଦଳକୁ ଆଗକୁ ନେବାରେ ଥିଲା ତାଙ୍କର ଅକୁଣ୍ଠ ପରିଶ୍ରମ ଓ ନିଷ୍ଠା । କଂଗ୍ରେସ ଓ ଜନତା ପାର୍ଟି ଓଡ଼ିଶାରେ ପ୍ରଭାବ ବିସ୍ତାର କରିଥିବା ସମୟରେ ସେ ତାଙ୍କର ସରକାରୀ ଘରକୁ ଦଳୀୟ କାର୍ଯ୍ୟାଳୟ କରି ନିଜର ପରିବାର ପ୍ରତି ଅବହେଳା କରିଛନ୍ତି ଓ ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିଛନ୍ତି । ଯେଉଁ ସମୟରେ ବିଜୁ ପଟ୍ଟନାୟକଙ୍କ କ୍ରୁର ଚକ୍ରାନ୍ତ ଦଳକୁ ଖଣ୍ଡବିଖଣ୍ଡିତ କରିବାକୁ ଚେଷ୍ଟିତ କରୁଥିଲା, ସେ ସମୟରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଏକଜୁଟ କରି ତାଙ୍କର କୁଚକ୍ରାନ୍ତକୁ ପଣ୍ଡ କରିଛନ୍ତି । ସେ ସ୍ୱତନ୍ତ୍ର ଦଳକୁ ବିଜେପିରେ ମିଶାଇ ଦଳକୁ ମଜବୁତ୍ କରିଛନ୍ତି ଏବଂ ବୀରକେଶରୀ ଦେଓ, ହରପ୍ରସାଦ ମହାପାତ୍ର ଓ ଦେବେନ୍ଦ୍ର ମହାପାତ୍ରଙ୍କ ପରି ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସଦସ୍ୟ କରାଇ ଦଳକୁ ଚତୁଃପାର୍ଶ୍ୱରୁ ସମୃଦ୍ଧ ଓ ସୁରକ୍ଷା ଦେଇ କାୟା ବୃଦ୍ଧି କରିଛନ୍ତି ।

> **ତାଙ୍କର ମନ୍ତ୍ରୀତ୍ୱ ସମୟରେ ଅନେକ ସଂସ୍କାରମୂଳକ ଓ ଲୋକ କଲ୍ୟାଣକାରୀ କାର୍ଯ୍ୟକୁ ଲୋକେ ଆଜିବି ଝୁରି ହେଉଛନ୍ତି । ଯୋଗାଣ ବିଭାଗରେ ଚାଲିଥିବା ଚୋରିକୁ ରୋକିବା ପାଇଁ କଳାବଜାରୀଙ୍କ ହାତରେ ହାତକଡ଼ା ପକାଇ ରାସ୍ତା ମଝିରେ ଚଲାଇ ଜେଲଖାନାରେ ଭର୍ତ୍ତି କରିଛନ୍ତି । ସଂସ୍କୃତି ମନ୍ତ୍ରୀ ହିସାବରେ ଓଡ଼ିଶା ସାହିତ୍ୟ ଏକାଡେମୀରେ ଆଣିଛନ୍ତି ସଂସ୍କାର । ଯେଉଁ ସମୟରେ ଏକାଡେମୀର ସଭାପତି ମୁଖ୍ୟମନ୍ତ୍ରୀ କିମ୍ବା ସଂସ୍କୃତି ବିଭାଗ ମନ୍ତ୍ରୀ ରହୁଥିଲେ ସେ ସେହି ଧାରାକୁ ବଦଳାଇଛନ୍ତି । ଏକାଡେମୀକୁ ତିନୋଟି ଭାଗ କରି ଉକ୍ତ ବିଭାଗର ବିଶାରଦମାନଙ୍କୁ ସଭାପତି ଭାବେ ଚୟନ କରିଛନ୍ତି । ସେହି ଧାରା ଆଜି ପର୍ଯ୍ୟନ୍ତ ଚଳିଆସୁଛି ।**

ସେ ଏଭଳି ଏକ ରାଜନେତା ଯେ କି ସର୍ବଦା ଜାତୀୟ ସ୍ୱାର୍ଥ ସହିତ ଓଡ଼ିଶାର ଉନ୍ନତି ବିଷୟରେ ଚିନ୍ତା କରନ୍ତି । **ସେ ମନ୍ତ୍ରୀ ଥିବା ସମୟରେ ସରକାରୀ ଗାଡ଼ିକୁ ନିଜର ବ୍ୟକ୍ତିଗତ କାର୍ଯ୍ୟରେ ଲଗାଉନଥିଲେ କିମ୍ବା ସରକାରୀ ବଳ ପ୍ରୟୋଗ କରି କୌଣସି ସ୍ୱାର୍ଥ ସାଧନ କରୁନଥିଲେ । ଜୀବନ ତମାମ ଅନ୍ୟାୟ ଓ ଅନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି । ଦୁଃଖକୁ ସହ୍ୟ କରିଛନ୍ତି ପଛେ ଅନୀତିକୁ ଆଶ୍ରୟ ଦେଇନାହାନ୍ତି କି କଳାଧନ ଫନ୍ଦରେ ଗୋଡ଼େଇ ଯାଇ ସାମ୍ରାଜ୍ୟ ଗଢ଼ି ନାହାନ୍ତି । ସେ ପ୍ରକୃତରେ ଜଣେ ନୀତିନିଷ୍ଠ ଓ ଆଦର୍ଶବାଦ ବ୍ୟକ୍ତିତ୍ୱ ।**

ତାଙ୍କର ମନ୍ତ୍ରୀତ୍ୱ ସମୟରେ ଅନେକ ସଂସ୍କାରମୂଳକ ଓ ଲୋକ କଲ୍ୟାଣକାରୀ କାର୍ଯ୍ୟକୁ ଲୋକେ ଆଜିବି ଝୁରି ହେଉଛନ୍ତି । ଯୋଗାଣ ବିଭାଗରେ ଚାଲିଥିବା ଚୋରିକୁ ରୋକିବା ପାଇଁ କଳାବଜାରୀଙ୍କ ହାତରେ ହାତକଡ଼ା ପକାଇ ରାସ୍ତା ମଝିରେ ଚଲାଇ ଜେଲଖାନାରେ ଭର୍ତ୍ତି କରିଛନ୍ତି । ସଂସ୍କୃତି ମନ୍ତ୍ରୀ ହିସାବରେ ଓଡ଼ିଶା ସାହିତ୍ୟ ଏକାଡେମୀରେ ଆଣିଛନ୍ତି ସଂସ୍କାର । ଯେଉଁ ସମୟରେ ଏକାଡେମୀର ସଭାପତି ମୁଖ୍ୟମନ୍ତ୍ରୀ କିମ୍ବା ସଂସ୍କୃତି ବିଭାଗ ମନ୍ତ୍ରୀ ରହୁଥିଲେ ସେ ସେହି ଧାରାକୁ ବଦଳାଇଛନ୍ତି । ଏକାଡେମୀକୁ ତିନୋଟି ଭାଗ କରି ଉକ୍ତ ବିଭାଗର ବିଶାରଦମାନଙ୍କୁ ସଭାପତି ଭାବେ ଚୟନ କରିଛନ୍ତି । ସେହି ଧାରା ଆଜି ପର୍ଯ୍ୟନ୍ତ ଚଳିଆସୁଛି ।

ସେହିପରି ଶ୍ରୀଯୁକ୍ତ ହରିଚନ୍ଦନଙ୍କର ଅନେକ ଲୋକାଭିମୁଖୀ କାର୍ଯ୍ୟ ଯାହାକି ଜନସାଧାରଣଙ୍କର ଜୀବନକୁ ସରସ ସୁନ୍ଦର କରିପାରିଛି, ସେଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଜମିଜମା କ୍ଷେତ୍ରରେ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଲାଗୁ ଓ ଅନ୍ୟଟି ହେଉଛି ଆଦିବାସୀମାନଙ୍କ ଜମିକୁ ଜମିମାଫିଆଙ୍କ କବଳରୁ ରକ୍ଷା କରିବା ପାଇଁ ୧୯୫୬ ମସିହାରେ ସେହି ସଂପର୍କିତ ଏକ ଆଇନରେ ସୁଧାର ଆଣିଛନ୍ତି ଏବଂ ଉକ୍ତ ସଂଶୋଧିତ ଆଇନ ବଳରେ ଆଦିବାସୀମାନେ ସେମାନଙ୍କ ଜମି ଫେରସ୍ତ ପାଇଛନ୍ତି । ସେ କେବଳ ରାଜସ୍ୱ ବା ସଂସ୍କୃତି କ୍ଷେତ୍ରରେ ସୁଧାର ପାଇଁ ପ୍ରୟାସ କରିନାହାନ୍ତି ତା' ସହିତ ଆହୁରି ଅନେକ ବ୍ୟବସ୍ଥାରେ ଉନ୍ନତି ପାଇଁ ପ୍ରୟାସ କରିଛନ୍ତି । ଏପରିକି ସେ ସରକାରରେ ରହି ମଧ୍ୟ ସରକାରର ଅନ୍ୟାୟ ଓ ଅନୀତି ବିରୋଧରେ ସ୍ୱର ଉଠାଇଛନ୍ତି । ସରକାରୀ ଋଣ ପରିଶୋଧ ନିମନ୍ତେ ରାଜ୍ୟର ମୂଲ୍ୟବାନ ସଂପତ୍ତିକୁ ବିକ୍ରି କରିବା ପାଇଁ ଯେତେବେଳେ ସରକାର ନିଷ୍ପତ୍ତି ନେଲେ, ସେତେବେଳେ ଶ୍ରୀଯୁକ୍ତ ହରିଚନ୍ଦନ ମନ୍ତ୍ରୀ ଥାଇ ମଧ୍ୟ ଏହାର ଘୋର ବିରୋଧ କରିଥିଲେ ଓ ମୁଖ୍ୟମନ୍ତ୍ରୀଙ୍କ ସହିତ ଲଢ଼ି ଯାଇଥିଲେ ।

ଶେଷରେ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଉକ୍ତ କାର୍ଯ୍ୟରୁ କ୍ଷାନ୍ତ ହେଲେ । ସେହିପରି ଓଡ଼ିଆ ଭାଷାକୁ ଉଚ୍ଚଶିକ୍ଷାରୁ ଉଠାଇ ଦେବା ପାଇଁ ଯେତେବେଳେ କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଗଲା, ସେତେବେଳେ ସେ ଏହାର ଘୋର ବିରୋଧ କଲେ ଓ ଏହାକୁ ସ୍ଥଗିତ ରଖିବାରେ ସଫଳ ହେଲେ । ଏଥିରୁ ତାଙ୍କର ଓଡ଼ିଆ ପ୍ରୀତି ସ୍ପଷ୍ଟ ବାରିହୁଏ । **ସେ ଅନ୍ୟାୟ ଓ ଅନୀତି ବିରୋଧରେ ଯାଇ ମନ୍ତ୍ରୀପଦରୁ ଇସ୍ତଫା ଦେଇଛନ୍ତି ପଛେ ଚାଟୁକାରିତା କରି ମା', ମାଟି ଓ ମଣିଷର ଉନ୍ନତିରେ ବାଧକ ସାଜି ନାହାନ୍ତି ।**

ସେ ରାଜ୍ୟପାଳ ଥିବା ବେଳେ କେହି ଜଣେ ଓଡ଼ିଆ ଲୋକ ତାଙ୍କ ପାଖକୁ କିଛି ସମସ୍ୟା ନେଇ ଗଲେ, ସେ ତାଙ୍କୁ ଫେରାଇ ଦେଇନାହାନ୍ତି ବରଂ ତାର ସମସ୍ୟାର ସମାଧାନ କରିଛନ୍ତି । ଏପରିକି ସେଠାରେ କାମ କରୁଥିବା ଓଡ଼ିଆଙ୍କ ସମସ୍ୟା ଦୂର କରିବା ପାଇଁ ଅବିଳମ୍ବେ ଆଦେଶ ଦେଇଛନ୍ତି ସରକାରଙ୍କୁ । କୋଭିଡ୍ ମହାମାରୀ ସମୟରେ ହୀନାବସ୍ଥା ଭୋଗୁଥିବା ଓଡ଼ିଆ ଶ୍ରମିକମାନଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ ଓଡ଼ିଶା ପଠାଇବାର ବ୍ୟବସ୍ଥା କରିଛନ୍ତି । ସେ ଆନ୍ଧ୍ରରେ ଥାନ୍ତୁ କି ଛତିଶଗଡ଼ରେ ସର୍ବଦା ଓଡ଼ିଆଙ୍କ ଚିନ୍ତା, ଓଡ଼ିଶାର ଉନ୍ନତି । ତାଙ୍କର ଆହ୍ୱାନ ଓଡ଼ିଆମାନଙ୍କୁ ସେମାନେ ଶୋଇନଯାଇ ଜାଗ୍ରତ ହୁଅନ୍ତୁ ଅନ୍ୟାୟ, ଅନୀତି ଓ ମଣିଷର ଅଧିକାର ପାଇଁ ଲଢ଼େଇ କରନ୍ତୁ ।

**ସେ ଚାରିଥର ମନ୍ତ୍ରୀ ଓ ଦୁଇଟି ରାଜ୍ୟର ରାଜ୍ୟପାଳ ପଦ ଅଳଙ୍କୃତ କରି ସୁଦ୍ଧା ନିଜ ଦେହରେ କଳଙ୍କର ଛିଟାଟିଏ ପକାଇବାକୁ ଦେଇନାହାନ୍ତି ।** ଜଣେ ନୀତିନିଷ୍ଠ ଓ ଦାୟିତ୍ୱବାନ ଦେଶ ସେବକ ଭାବରେ ଜୀବନର ଶେଷ ରକ୍ତବିନ୍ଦୁ ଥିବାଯାଏଁ ସାଧାରଣ ଲୋକ ଓ ଦେଶମାତୃକାର ସେବା କରିବା ପାଇଁ ସଂଗ୍ରାମ ଜାରି ରଖିବେ ବୋଲି ତାଙ୍କର ନିଷ୍ପତ୍ତି । ଏତେବଡ଼ ଲୋକ ହୋଇ ସୁଧା ସେ ନିରାଡ଼ମ୍ବର ଜୀବନ ବିତାଇବାକୁ ପସନ୍ଦ କରନ୍ତି । କୋଟିଆ ସୀମା ବିବାଦରେ ନିଜସ୍ୱ ମତ ରଖି ଆନ୍ଧ୍ରକୁ ଦୋଷ ଲଦିଛନ୍ତି ତ ପୁଣି ମହାନଦୀର ପାଣି ପାଇଁ ଲଢ଼େଇ କରି ସରକାରର ଅପାରଗତାକୁ ପଦାରେ ପକାଇଛନ୍ତି । ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପରମ୍ପରା ଏବଂ ଅସ୍ମିତାର ସୁରକ୍ଷା ଓ ସମୃଦ୍ଧି ପାଇଁ ସର୍ବଦା ସଂଗ୍ରାମ କରିଆସୁଛନ୍ତି ବିଶ୍ୱଭୂଷଣ ।

ଜଣେ ଓଡ଼ିଆ ଭାବରେ ସେ ସ୍ୱାଭିମାନ ସହ ବଞ୍ଚିବାକୁ ଭଲପାଆନ୍ତି । ଅସୁବିଧାରେ ପଡ଼ିଥିବା ଦୁଃଖୀଟି ପାଇଁ ସେ ମ୍ରିୟମାଣ ହୋଇପଡ଼ନ୍ତି ଏବଂ ଯଥାସମ୍ଭବ ଚେଷ୍ଟା କରନ୍ତି ତା'ର ଦୁଃଖ ଦୂର କରିବା ପାଇଁ । **ଜୀବନ ତମାମ ସେ ଲଢ଼େଇ କରିଆସୁଛନ୍ତି ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପାଇଁ । ସେଥିପାଇଁ ଅକାଟ୍ୟ ଯୁକ୍ତିଦେଇ ଲେଖିଛନ୍ତି ଅନେକ ପ୍ରବନ୍ଧ, ଦେଇଛନ୍ତି ବିଭିନ୍ନ ସଭାସମିତିରେ ଭାଷଣ, ଲେଖିଛନ୍ତି ନାଟକ 'ମହାସଂଗ୍ରାମର ମହାନାୟକ'। ସେହି ସଂଗ୍ରାମୀ ପୁରୁଷଙ୍କ ଜନ୍ମଦିବସରେ ଅଜସ୍ର ଶୁଭେଚ୍ଛା ଓ ଶୁଭାକାମନା ସହିତ ତାଙ୍କର ଦୀର୍ଘ ନିରାମୟ ଜୀବନ ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।**

**ଭଟ୍ଟପୁର, ସତ୍ୟବାଦୀ, ପୁରୀ**

## ଏ ସପ୍ତାହର କବି ଓ କବିତା

### ଅନିଶ୍ଚିତତାର ବିଶ୍ୱ



**ସଂଯୁକ୍ତା ମହାନ୍ତି**

*(ସଂଯୁକ୍ତା ମହାନ୍ତି, ଓଡ଼ିଆ ସାହିତ୍ୟରେ ଦୀର୍ଘ ବର୍ଷ ଧରି ଲେଖନୀ ଚାଳନା କରି ଆସୁଛନ୍ତି । ଏଯାବତ ତାଙ୍କର ୧୯ଟି ଗଳ୍ପ ସଂକଳନ, ୧୩ଟି ଉପନ୍ୟାସ, ୧୧ଟି କବିତା ସଙ୍କଳନ ପ୍ରକାଶିତ । ଲେଖିକାଙ୍କର ହିନ୍ଦୀରେ ୩ଟି ଗଳ୍ପ ସଂକଳନ, ୧ଟି ଉପନ୍ୟାସ ଏବଂ ୧ଟି ଗଳ୍ପ ସଙ୍କଳନ ନେପାଳିରେ ଅନୁଦିତ । ସେ ମଧ୍ୟ ବହୁ ଅନୁଷ୍ଠାନ ତରଫରୁ ପୁରସ୍କୃତ ଏବଂ ସମ୍ବର୍ଦ୍ଧିତ ହୋଇଛନ୍ତି ।)*

ନର୍ସରୀ ପଢୁଥିବା ଝିଅଟା ପ୍ରଶ୍ନକରେ
କୁଆଡେ ଯାଉଛନ୍ତି କି ଅଙ୍କଲ ?
ମିସ୍ କୁହେ ପହେଲଗାଁଓ, ଶ୍ରୀନଗର
ଝିଅଟି ଗମ୍ଭୀର ମୁହଁରେ କୁହେ
ଶ୍ରୀନଗର ତ ଜାଣିନି, ପହେଲଗାଁଓ ଜାଣିଛି
ଯେଉଁଠି ପୋଛିଥିଲେ ମୋ ପରି
ଛୋଟପିଲାଙ୍କ, ମା'ର ସିନ୍ଦୂର ।
ମୁଁ ଫେରିଚାହେଁ ଶିଶୁଟିକୁ
ଚୁପ୍‌ଚାପ୍ ଚାହେଁ
ଭୟରେ କୁଙ୍କୁରି ଯାଏଁ
କେମିତି ବଞ୍ଚିବରେ ଝିଅ ଆଗାମୀ
ପୃଥିବୀରେ ତୁମେ !
ପୃଥିବୀଯାକ ଏବେ ଖାଲି ବାରୁଦର ଗନ୍ଧ
ପୋଡା ମାଂସ, ଛିନ୍ନଭିନ୍ନ ଶବର ମେଳା
ଡ୍ରୋନ, ମିସାଇଲ, ଭାଙ୍ଗିପଡୁଛି ମଣିଷର
ଏତେ
ଶ୍ରମରେ ଗଢା ଘରଦ୍ୱାରା, ରାସ୍ତା, ପୋଲ,
ଟାୱାର
ଖାଇବାକୁ ନାହିଁ ରହିବାକୁ ନାହିଁ ଗାଜାର
ଶିଶୁର
କାଲି ସକାଳେ ଓହ୍ଲେଇ ଆସିବକି ତୁମ
ଉପରେ ସେହି ବିପନ୍ନତା
ଘର ନ ଥିବ, ଖାଇବାକୁ ନଥିବ, ରୋଗରେ
ଶୋକରେ, ଧୂଆଁରେ
ଭୁଶୁଡ଼ି ପଡୁଥିବା ସଭ୍ୟତା ?
କିଏ ଜାଣେ କେଉଁ ପାୱାରର ଡ୍ରୋନରେ
କାହାର ଜିତାପଟ୍ ?
ଏଠି ଯେ ପାଗଳମାନଙ୍କର କ୍ଷମତାର ଦୌଡ
ବେଦ, ବାଇବେଲ୍, କୋରାନରେ ଲେଖା
ଯେତେ ଧର୍ମବାଣୀ
ତୁମକୁ ସନ୍ଦେହ ଲାଗିବ ?
କିଏ ଜାଣେ ସେ ଖାଲି ଚିହ୍ନିବ ଗୁଳିଗୁଳା
ନିଜର ଅସ୍ତିତ୍ୱ ପାଇଁ ପୁଅଝିଅ ସଭିଙ୍କୁ
ଶିକ୍ଷା ଦେବାକୁ ହେବ ରାଇଫଲ ଚାଳନା ?
ପ୍ରତି ହିଂସାର ଭାଷାରେ ଦୁଲୁକିଥିବ
ଛାତିତଳ
ଏ କି ବିଭତ୍ସ ସମୟ ଆଜି, ଚାରିଦିଗେ
ହିଂସାରେ ଉନ୍ମତ୍ତ ପୃଥିବୀ
ଧର୍ମ ନାମରେ ଚରିଯାଏ ଅଧର୍ମର ବିଷ
ମଣିଷ ରକ୍ତରେ ଭରା ଖାଲି ବିଦ୍ୱେଷ
କିଏ ଝାଡିବ ଏ ବିଷ ? ହେ ମହାମାନବ !
କେଉଁଠି ତୁମେ ? ଅବତରି ଆସ ।

**ରାଜା ବଗିଚା, କଟକ-୭୫୩୦୦୯**
**ମୋ- ୯୪୩୭୬୭୨୫୮୫**

### ରୋହିଣୀ ନନ୍ଦନ



**ଦିଲ୍ଲୀପ ଶତପଥୀ**

ନମସ୍ତେ ରୋହିଣୀ ନନ୍ଦନ,
ହେ ପ୍ରଭୁ ଧବଳ ବଦନ ।
ନମସ୍ତେ ପ୍ରଭୁ ବଳଦେବ,
ଶରଣାଗତଙ୍କ ବାନ୍ଧବ ।
ସପ୍ତମ ଗର୍ଭେ ପାଇ ସ୍ଥାନ,
ଦେବକୀ ଗର୍ଭୁ ଅନ୍ତର୍ଦ୍ଧାନ ।
ସେଦିନ ଶ୍ରାବଣ ପୂର୍ଣ୍ଣିମା,
ଧରାରେ ହସେ ସବୁଜିମା ।
ବ୍ରଜରେ ଲଭିଲ ଜନମ,
ନାମ ବହିଲ ବଳରାମ ।
କନିଷ୍ଠ ଯାର ନାରାୟଣ,
ଗୋପରେ ଗୋପୀଙ୍କର ପ୍ରାଣ ।
ତୁମ୍ଭେ ଯେ ଶେଷଦେବ ପ୍ରଭୁ,
ଭକ୍ତି ତୁମକୁ ଅରପିବୁ ।
ନାମ ତୁମର ହଳଧର,
ମାରିଲ କନ୍ଦରା ଅସୁର ।
ହଳ ମୂଷଳ ଯା ଆୟୁଧ,
ପାପୀଙ୍କୁ କରିଲେ ଯେ ବଧ ।
ଗଦା ଯୁଦ୍ଧରେ ଯେ ପ୍ରବୀଣ,
ସେ ପ୍ରଭୁ ରେବତୀ ରମଣ ।
ରଥ ଯାହାଙ୍କ ତାଳଧ୍ୱଜ,
ବନ୍ଦଇ ଦେବ ଏହି ଦ୍ୱିଜ ।
ନମସ୍ତେ ପ୍ରଭୁ ଶିରପାଣି,
ମସ୍ତକେ ତ ଶୋଭା ମଣି ।
ତୁଳସୀ କ୍ଷେତ୍ରେ କଲ ବାସ,
ଶ୍ରୀଜିଉ ନାମରେ ପ୍ରକାଶ ।
ପ୍ରଳମ୍ବାସୁରର ମରଣ,
ତୁମ୍ଭରି ହସ୍ତେ ଗଲା ପ୍ରାଣ ।
ତୁମ୍ଭର ନାହିଁ ଆଦି ଅନ୍ତ,
ପ୍ରଣାମ ଘେନ ହେ ଅନନ୍ତ ।
ଅସୀମ ତୁମ ନାମାବଳୀ,
ଅଧମ ନପାରଇ କଳି ।

**ନୂଆସାହି,ନୂଆପଲ୍ଲୀ, ଭୁବନେଶ୍ୱର**
**ମୋ-୯୪୩୭୧୭୫୭୬୪**



# ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ

**ସୁନନ୍ଦା ମହାନ୍ତି**

**ଗଳ୍ପ**

ସ୍ୱପ୍ନର ଘରଟେ ପାଇଁ ସମସ୍ତେ କଳ୍ପନା କରୁଥାନ୍ତି । ଘରଟି କେବଳ କଂକ୍ରିଟର ନୁହେଁ ଘର ଭିତରେ ବସବାସ କରୁଥିବା ଲୋକ ପରସ୍ପର ପ୍ରତି ଅନୁରକ୍ତ ରହିଥିବେ । ମାଆ ବାପା ଗୁରୁଜନଙ୍କ ପ୍ରତି ଭକ୍ତି ଥିବ, ପିଲାମାନେ ଅନୁଗତ ଥିବେ । ସ୍ତ୍ରୀ ପରଷି ଦେଉଥିବେ ପ୍ରେମ ଭରା ଅନୁରାଗ । ପୁଅ ଝିଅ ଖାଲି ପୋଥି ବାଇଗଣ ନୁହେଁ ବରଂ ବାରି ବାଇଗଣ ହୋଇଥିବେ । ଏମିତି ଗୋଟେ ସ୍ୱପ୍ନ ଦେଖୁ ଦେଖୁ ରତିକାନ୍ତଙ୍କ ପାଖରେ ସେହିପରି ଘରଟିଏ ଥିଲା ।

ସ୍ତ୍ରୀ ଥିଲେ ଓ ପୁଅ ଝିଅ ମଧ୍ୟ ଥିଲେ । କିନ୍ତୁ ନଥିଲେ ବାପା ମାଆ କିନ୍ତୁ ବାପା ମାଆ ଦେଇଥିବା ସଂସ୍କାରକୁ ମାନନ୍ତି ରତିକାନ୍ତ । ବାପାଙ୍କ ଅନୁଭୂତିସମ୍ପନ୍ନ ଉପଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରନ୍ତି ଆଉ ମାଆଙ୍କ ହାତ ପରଷା ସ୍ୱାଦ ନପାଇଲେ ମଧ୍ୟ ସ୍ତ୍ରୀଙ୍କୁ କେବେ ଅବମାନନା କରନ୍ତି ନାହିଁ । ପୁଅ ଝିଅଙ୍କୁ ବ୍ୟବହାରିକ ଜ୍ଞାନ ଦେଲାବେଳେ କଟକଣା କରନ୍ତି ନାହିଁ କେବେ । ସ୍ତ୍ରୀଙ୍କ ସହିତ ସେହି ଗୋଟିଏ କଥାରେ ମାନମନାନ୍ତର ରତିକାନ୍ତଙ୍କର । ଆଜି ପୁଅ ଫେରିନି ଏଯାଏଁ ଘରକୁ କି ଝିଅ ମଧ୍ୟ ଫେରିନି ଘରକୁ । ରାତି ଏତେ ହେଲାଣି ତଥାପି ରତିକାନ୍ତ ନିଦାବିଷ୍ଟୁ ସାଜିଛନ୍ତି । କିଛି ପ୍ରତିକ୍ରିୟା ନାହିଁ ତ ସ୍ତ୍ରୀ ବ୍ୟସ୍ତ ହୋଇପଡୁଥିଲାବେଳେ ରତିକାନ୍ତ କହୁଥିଲେ ମୋ ପୁଅ କୌଣସି ଝିଅକୁ ରେପ କରିବନି କି ଚୋରି କରିବନି କି ନିଶା କାରବାର କେବେ ବି କରିବନି ଆଉ ଝିଅ ମୋର କୌଣସି ବାର ଯାଇନଥିବ, କି ପାର୍କରେ କେବେବି ବୁଲୁନଥିବ, ସିନେମା ଦେଖିବାକୁ କୋଉ ଲଫାଙ୍ଗା ସାଙ୍ଗରେ ମଧ ଯାଇନଥିବ ।

ସ୍ତ୍ରୀ ବିବ୍ରତ ହୋଇ କହୁଥିଲେ ଆଜିକାଲି ଯୁଗରେ ତୁମେ ବାପା ହିସାବରେ ଜଣେ ବ୍ୟତିକ୍ରମ ଦେଖୁଛି । ରାତି ଏଗାର ଟପି ସରିଲାଣି. ବଢ଼ିଲା ପୁଅ ଝିଅ ଏଯାଏଁ ଘରକୁ ଫେରିନାହାଁନ୍ତି ଅଥଚ ତୁମେ ଥାନାକୁ ଯିବା ପରିବର୍ତ୍ତେ ନିଶ୍ଚିନ୍ତ ହୋଇ ବସିରହିଛ କିପରି ? ଏତିକି ବେଳେ ଝିଅର ଫୋନ ଆସିଥିଲା ବାପା ରତିକାନ୍ତଙ୍କ ପାଖକୁ । ଝିଅ କହୁଥିଲା ସତରେ ବାପା ତୁମେ ଜିତିଗଲ । ତୁମ ଆଦର୍ଶରେ ଅନୁପ୍ରାଣିତ ହୋଇଥିବାରୁ ଆଜି ବିନା ଦ୍ୱିଧାରେ ରାତି ଏଗାର ପରେ ବି ସ୍ୱାଧୀନ ଭାବେ ରାସ୍ତାରେ ଚାଲୁଛି ମୁଁ । ସେମିନାର ସରୁ ସରୁ ରାତି ଅଧିକା ହୋଇଗଲା । ଜଣେ ଦି'ଜଣ ସାଙ୍ଗ ତାଙ୍କ ସ୍କୁଟିରେ ଡାକୁଥିଲେ ଯିବାକୁ । ସତରେ ବାପା ତୁମ ସ୍ୱାଧୀନତାକୁ ହାତ ମୁଠାରେ ଧରି ନିର୍ଭୟରେ ବାଟ ଚାଲୁଛି ମୁଁ । ଆଉ ଦଶ ପନ୍ଦର ମିନିଟ ପରେ ଘରେ ପହଞ୍ଚିଯିବି, ବ୍ୟସ୍ତ ହେବନି । ପୁଅ ମଧ୍ୟ ଠିକ ଝିଅ ପରେ ପରେ ଘରକୁ ଫେରି ନିଜେ ନିଜେ ତା ତରଫରୁ କୈଫୟତ ଦେଉଥିଲା ଯେ ପାଖ ସହରରେ ବସ୍ ଦୁର୍ଘଟଣାରେ ଆହତ ଓ ମୃତ ବ୍ୟକ୍ତିମାନଙ୍କ ଥଇଥାନ ପାଇଁ ଡେରି ହେଲା ଘରକୁ ଫେରିବାକୁ । ତୁମେ ଥାନାକୁ ଫୋନ କରିନାହଁ ତ ବାପା?

ବାପା କିଛି ଉତ୍ତର ଦେବା ଆଗରୁ ମାଆ କହୁଥିଲେ ଆରେ ତୋ ବାପାଙ୍କ ସ୍ୱାଧୀନତାର ସ୍ୱପ୍ନ ପୂରଣ କରିଛ ତୁମେ ଦୁଇ ଭାଇଭଉଣୀ । ପ୍ରଥମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛ ଯେତେବେଳେ ବାପା ନୁହଁନ୍ତି ବରଂ ମୁଁ ଅଯଥା ବ୍ୟସ୍ତ ହେଉଥିଲି. ଝିଅ ମାଆ ଗଳାରେ ଓହଳି କହୁଥିଲା ସବୁ ମାଆମାନେ ଏମିତି ଡରିବାରୁ ଆଜି ରାସ୍ତାରେ ଝିଅଟିଏ ଏକା ବାଟ ଚାଲିପାରୁନି କି ପୁଅଟିଏ କର୍ତ୍ତବ୍ୟ କଣ ବୁଝିପାରୁନି । ଆଖି ଖୋଲ ମାଆ. ଦେଖନା ଆଜି ଦିନ ରାତି ସମାନ ହୋଇଯିବାକୁ ବେଶୀ ଡେରି ନାହିଁ ।

ଦିନ ରାତି ସମାନ ହୋଇ ଦେଶ ଓ ରାଜ୍ୟରେ କି କି ବୈପ୍ଳବିକ ପରିବର୍ତ୍ତନ ହେଲା କି ନହେଲା କିନ୍ତୁ ରତିକାନ୍ତଙ୍କ ସ୍ୱପ୍ନ ସତ ହେଲା କି ନହେଲା ଦେଖିବାକୁ ବାକି ଥିଲାବେଳେ ରାତିକାନ୍ତଙ୍କ ପୁଅ ଚାକିରି ଖୋଜିବା ପରିବର୍ତ୍ତେ ସମାଜ ସେବା କରୁଥିଲା । ସମାଜ ସେବା କହିଲେ ନିଃସ୍ୱାର୍ଥପର ଭାବେ ମଣିଷର ସେବାକୁ ମାଧବ ସେବା ରୂପେ ଜୀବନର ବ୍ରତ କରିଥିଲା । କୋଉଠି କୋଉ ଅସହାୟ ବ୍ୟକ୍ତି କୋଉ ଅସୁବିଧାରେ ପଡିଛି ତ ସେଠି ରତିକାନ୍ତଙ୍କ ପୁଅ ହାଜର ହୋଇଯାଉଥିଲା ।

କୋଉଠି କୋଉ ଅଚିହ୍ନା ଶବ ପଡିଛି ତ ତା'ର ଶବ ସଂସ୍କାର କରାଉଥିଲା । ଏମିତି ଏକ ଶବ ସଂସ୍କାର କାର୍ଯ୍ୟ ଚାଲୁଥିଲା ବେଳେ ସେଦିନ ରାତିକାନ୍ତଙ୍କ ପୁଅ ବିପ୍ଳବ ଦେଖିଲା ସଦ୍ୟ ବିବାହିତ ବଧୂ ପରି କେହି ତା ସ୍ୱାମୀର ଜୁଇରେ ଜଳିଯିବାକୁ ଚାହୁଁଛି ।

କେହି ଘର ଲୋକ ବା ଶାଶୁଘର ଲୋକ ତାକୁ ସେଥିରୁ ନିବୃତ୍ତ କରିବା ପରିବର୍ତ୍ତେ କହୁଥିଲେ ଅଲକ୍ଷଣୀର ଆଉ ବଞ୍ଚିରହିବାରେ କଣ ଅଛି । ଭିଡ଼ିଆଣିଥିଲା ଝିଅଟିକୁ ବିପ୍ଳବ । ଜନ୍ମ ହେବା ଓ ମରିବା ଅଧିକାର କେବଳ ଉପରବାଲାଙ୍କର । ତାଙ୍କ ନିର୍ଦ୍ଦେଶ ଅବମାନନା କରି ସ୍ୱାମୀଙ୍କ ଜୁଇରେ ପ୍ରାଣାବଳୀ ଦେଇ ସତୀପ୍ରଥାକୁ ଉଜ୍ଜୀବିତ ତଥା ପ୍ରୋତ୍ସାହନ କରିବାରେ ତୁମକୁ ଜେଲ ହେବା ଜରୁରୀ ।

ଝିଅ ସ୍ନିଗ୍ଧା କହୁଥିଲା ଆଜି ବାହାଘର ପ୍ରଥମ ରାତି ଆସିବା ପୂର୍ବରୁ ମୋ ସ୍ୱାମୀ ବାଇକ ଆକ୍ସିଡେଣ୍ଟରେ ଚାଲିଗଲେ ତ ମୁଁ କାହା ପାଇଁ ବଞ୍ଚିବି । ବିପ୍ଳବ ନିଜ ହାତ କାଟି ସେହି ରକ୍ତରେ ସ୍ନିଗ୍ଧା କପାଳ ଓ ସିନ୍ଥି ଭରି କହୁଥିଲା ତୁମକୁ ବଞ୍ଚିବାକୁ ହେବ । ରତିକାନ୍ତ ଦୁଃଖ ପରିବର୍ତ୍ତେ ସୁଖ ଅନୁଭବ କରିଥିଲେ । ମାଆ କିନ୍ତୁ ଜଳି ପୋଡି ଯାଉଥିଲେ ପୁଅ ଜନ୍ମ ଦେଇ ଆଜି ସେ ପାଇଲେ କଣ କହୁଥିଲାବେଳେ ରତିକାନ୍ତ କହୁଥିଲେ ମୋ ପୁଅ ନବଦିଗନ୍ତର ସାମ୍ନା କରିପାରିଛି ।

ପୁଅ ତ ଯାହା କଲା କଲା ଅନ୍ତତଃ ଝିଅର ବାହାଘର କଥା ଟିକେ ଚିନ୍ତାକର ବୋଲି ଅନେକଥର ସ୍ତ୍ରୀ କମଳା ବିବ୍ରତ ହୋଇ କହୁଥିଲା ବେଳେ ରତିକାନ୍ତ କଥାଟାକୁ ଜମା ଦେହକୁ ନେଉନଥିଲେ ।

ସେଦିନ ନିରାଶ୍ରୟ ଅନାଥ ପୁଅ ରାଜୁକୁ ବିବାହ କରିବାକୁ ଚାହୁଁଥିବା ଝିଅକୁ ସେ କୋଳାଗ୍ରତ କରିଥିଲେ । ସୁନ୍ଦରୀ, ଶିକ୍ଷିତା, ଗୁଣବତୀ ଝିଅର ଏପରି ପତିବରଣ ମାଆ କମଳାଙ୍କୁ ମର୍ମାହତ କଲାବେଳେ ରତିକାନ୍ତଙ୍କ ସ୍ୱପ୍ନ ଯେମିତି ସବୁ ପୂରଣ ହେଇଯାଉଥିଲା ।

ସେଦିନ ସ୍ତ୍ରୀ କମଳାଙ୍କ ହାତ ଧରି ଛାତ ଉପରକୁ ନେଇଥିଲେ ରାତିକାନ୍ତ । ଦେଖାଇଦେଲେ ବାମ ପଟ ପଡୋଶୀଙ୍କ ଆଡକୁ ବୋହୂ ତାଙ୍କର ବୁଢାବୁଢୀଙ୍କୁ ରଫ ବ୍ୟବହାର ଦେଖାଇ ସ୍ୱାମୀଙ୍କୁ କହୁଥିଲା ଏ ବୁଢାବୁଢ଼ୀଙ୍କ ଯାବତୀୟ ଜଞ୍ଜାଳ ମୁଁ ଆଉ କରିପାରିବିନି । ଏମାନଙ୍କୁ ଶୀଘ୍ର ନେଇ ବୃଦ୍ଧାଶ୍ରମରେ ଛାଡିଦେଇ ଆସ । କମଳାଙ୍କୁ ପୁଣି ଭିଡ଼ିନେଲେ ଦକ୍ଷିଣ ପଟ ବା ଡାହାଣ ହାତ ପଡୋଶୀଙ୍କ ପଟକୁ । ସେଠି ଜୋଇଁ ତାଙ୍କର ପାଟି କରୁଥିଲା କଣ ତୁମେ ମତେ ଯୌତୁକ ଦେଇଛ ଯେ ତୁମ ଝିଅ ଆମ ଘରେ ବସି ବସି ଅନ୍ନ ଧ୍ୱଂସ କରୁଛି ।

ନା ମୋ ବାପା ମାଆଙ୍କ ସେବା ନା ମୋର ସେବା । ଖାଲି ତା ଦେହ କଣ ହୋଇଯାଉଛି । ରଖ ତୁମ ଝିଅକୁ । ବାହାଘର ବେଳେ ବାକି ଥିବା ପଚାଶ ହଜାର ନେଇକି ଗଲେ ଆମ ଘରକୁ ତୁମ ଝିଅ ଯିବାର ଅନୁମତି ପାଇବ ନଚେତ ଏଇଠି ରହିଲା ।

ଏସବୁ ଦେଖି ହୋସରୁ ବେହୋସ ହେବାକୁ ଯାଉଥିବା କମଳାଙ୍କ ସ୍ୱାମୀ ରତିକାନ୍ତ କହୁଥିଲେ ଆମ ପୁଅ ଝିଅ ଆମ ପାଇଁ ସୁନାମୁଣ୍ଡା କି ନୁହଁ କହିବକି ପ୍ରିୟତମା! କମଳା ହସିବେ ନା କାନ୍ଦିବେ ବୁଝିପାରୁନଥିଲେ ।

**ସାକ୍ଷୀଗୋପାଳ**
**ପୁରୀ , ମୋ-୯୦୪୦୯୭୭୩୨୭**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*

samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରେବନ୍ନାଙ୍କୁ...

୨୦୨୧ରେ ତାଙ୍କୁ ଦୁଇଥର ଦୁଷ୍କର୍ମ କରାଯାଇଥିଲା ଓ ଯାହାକୁ ମୋବାଇଲ ଫୋନ୍‌ରେ ରେକର୍ଡ କରାଯାଇଥିଲା । ସିଆଇଡି ସାଇବର କ୍ରାଇମ ଷ୍ଟେସନରେ ରୁଜୁ ହୋଇଥିବା ଏହି ମାମଲାରେ ଉପରୋକ୍ତ ଅଭିଯୋଗ ଆସିଥିଲା । ତଦନ୍ତ ଓ ଶୁଣାଣି ସମୟରେ ପୀଡ଼ିତା ଏକ ଶାଢ଼ୀ ଦାଖଲ କରିଥିଲେ । ଯାହାକୁ ସଂରକ୍ଷିତ ରଖିଲା ପରେ ଫରେନସିକ୍ ବିଶ୍ଲେଷଣରୁ ଶୁକ୍ରାଣୁ ଲାଗିଥିବା ଜଣାପଡ଼ିଥିଲା । ତଦନ୍ତକାରୀ ମାମଲା ରୁଜୁ କରାଯିବା ସହ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ତଦନ୍ତ ସମୟରେ ୧୨୩ ପ୍ରମାଣ ସଂଗ୍ରହ କରି ପାଖାପାଖି ୨୦୦୦ ପୃଷ୍ଠାର ଏକ ବିଶାଳ ଚାର୍ଜସିଟ୍ ଦାଖଲ କରିଥିଲେ । ୨୦୨୪ ଡିସେମ୍ବର ୩୧ରୁ ଶୁଣାଣି ଆରମ୍ଭ ହୋଇଥିଲା । ୭ ମାସ ମଧ୍ୟରେ କୋର୍ଟ ୨୩ ସାକ୍ଷୀଙ୍କୁ ପଚରାଉଚରା କରିବା ସହ ଫରେନସିକ୍ ସାଇବର ରିପୋର୍ଟ ଅନୁଯାୟୀ ରେବନ୍ନାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ରେବନ୍ନାଙ୍କ ନାମରେ ମଧ୍ୟ ଯୌନ ନିର୍ଯାତନା ମାମଲାର ଆହୁରି ଅନେକ ଅଭିଯୋଗ ରହିଛି । ବହୁ ମହିଳା ଏଭଳି ଅଭିଯୋଗ ଆଣି ଭିଡିଓ କରାଯାଇଥିବାର ଅଭିଯୋଗ ଆସିଥିଲା ।

## ୮ କୋଟିର...

ଗଞ୍ଜେଇ ମିଳିଥିଲା । ଯେଉଁ ପରିମାଣର ଗଞ୍ଜେଇ ମିଳିଛି ତାହାର ଆନ୍ତର୍ଜାତିକ ମୂଲ୍ୟ ୮ କୋଟି ଟଙ୍କା ହେବ ବୋଲି କୁହାଯାଉଛି । ଚାଲାଣକାରୀ କୋଲକାତା, ବମ୍ବେ, ଦିଲ୍ଲୀ ବିମାନବନ୍ଦର ଦେଇ ନଯିବାର କାରଣ ସେଠାରେ ଚେକିଂ କଡ଼ାକଡ଼ି ରହୁଛି । ତେଣୁ ଭୁବନେଶ୍ୱର ବିମାନବନ୍ଦର ଦେଇ ବିଦେଶୀ ନିଶା ଆନ୍ତର୍ଜାତୀୟ ମାଫିଆମାନେ ଚାଲାଣ କରୁଛନ୍ତି । ସୂଚନା ଅନୁଯାୟୀ ନିର୍ଦ୍ଦିଷ୍ଟ କେତେକ ମାଫିଆ ଧରାପଡୁଥିବା ବେଳେ ଅନ୍ୟ କେତେକ ଖସିଯାଉଛନ୍ତି । ଖସିଯାଉନଥିଲେ ସେମାନେ ଭୁବନେଶ୍ୱର ବିମାନବନ୍ଦର ଦେଇ ମାରାତ୍ମକ ନିଶା ଚାଲାଣ କରନ୍ତେ ନାହିଁ ।

ଶନିବାର ପୂର୍ବରୁ ୩୦ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିଲା । ମଙ୍ଗଳବାର ଦିନ ମାରିଜୁଆନା ଜବତ ହୋଇଥିବା ବେଳେ ଶନିବାର ଉନ୍ନତମାନର ୮ କୋଟି ଟଙ୍କାର ବିଦେଶୀ ଗଞ୍ଜେଇ ଜବତ ହୋଇଛି । ଏହା ପୂର୍ବରୁ ଭୁବନେଶ୍ୱର ଅନଲାଇନରେ ସିନ୍ଥେଟିକ୍ ଡ୍ରଗ୍ସ ମଗାଇ ଜଣେ ଇଞ୍ଜିନିୟରିଂ ଛାତ୍ର ଗିରଫ ହୋଇଥିଲା । ଜାଭିୟର ଛକରୁ କୋକେନ ଜବତ କରାଯିବା ସହ ଦୁଇଜଣଙ୍କୁ ଗିରଫ କରାଯାଇଥିଲା । ଭୁବନେଶ୍ୱର ଦେଇ ବିଦେଶୀ ନିଶା ଅନ୍ୟ ରାଜ୍ୟକୁ ଚାଲାଣ ହେଉଛି । ପୂର୍ବରୁ ଜବତ ହୋଇଥିବା ମାରିଜୁଆନା ଉତ୍ତରପ୍ରଦେଶ ନେଉଥିଲେ । କାରଣ ଯେଉଁ ତିନିଜଣ ଚାଲାଣକାରୀ ଗିରଫ ହୋଇଛନ୍ତି ସେମାନେ ଉତ୍ତରପ୍ରଦେଶର ନାଗରିକ । ଥାଇଲାଣ୍ଡ ବିମାନବନ୍ଦରରୁ ବିଦେଶୀ ଗଞ୍ଜେଇ ଚାଲାଣକାରୀ ଆଣିବା ବେଳେ କିପରି ସେଠାରେ ଧରାପଡିଲା ନାହିଁ, ତାହା ସନ୍ଦେହ ସୃଷ୍ଟି କରିଛି । ବାରମ୍ବାର ବିଦେଶୀ ନିଶା ଜବତ ହେବା ଫଳରେ ଭୁବନେଶ୍ୱର ବିମାନବନ୍ଦରରେ ବିମାନ ଯାତ୍ରୀଙ୍କ ଲଗେଜ କଡାକଡି ଭାବେ ଯାଞ୍ଚ ହେଉଛି ।

## ରାଜ୍ୟର...

ଭାଇ ଭଉଣୀଙ୍କ ସରକାର । ଆମ ସରକାର ମାତ୍ର ବର୍ଷକ ମଧ୍ୟରେ ଆପଣମାନଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଆପଣମାନେ ଏହାର ସୁଫଳ ମଧ୍ୟ ପାଉଛନ୍ତି । ସି.ଏମ୍ କିଷାନରେ ଆମ ରାଜ୍ୟର ୫୦ ଲକ୍ଷରୁ ଅଧିକ ଚାଷୀ ବର୍ଷକୁ ୪୦୦୦ ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି । ପି.ଏମ୍ କିଷାନ ଓ ସି.ଏମ୍ କିଷାନକୁ ମିଶାଇ ଚାଷୀଭାଇମାନେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି ଏହା ଆମ ପାଇଁ ଖୁସିର କଥା ।

ପି.ଏମ କିଷାନ ଯୋଜନାର ୨୦ତମ କିସ୍ତି ଚଳିତ ବର୍ଷ ଏପ୍ରେଲରୁ ଜୁଲାଇ ଅବଧି ପାଇଁ ପ୍ରଦାନ କରାଯାଉଛି । ଏହି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଉଛି । ଏହି ପ୍ରକ୍ରିୟାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ହେଉଥିବାରୁ ସ୍ୱଚ୍ଛତା ବଜାୟ ରହୁଛି । ଏଥିରେ ସମସ୍ତ ଚାଷୀ- ଯେ କ୍ଷୁଦ୍ରଚାଷୀ ହୁଅନ୍ତୁ, ବା ମଧ୍ୟମ କିମ୍ବା ବଡ଼ ଚାଷୀ, ସମସ୍ତଙ୍କୁ ଏହାର ସୁଫଳ ମିଳୁଛି । ସହରାଞ୍ଚଳର ଚାଷୀମାନେ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ଆଜିର ଏହି ଦିନକୁ ଆମେ "ପି.ଏମ - କିଷାନଦିବସ" ଭାବରେ ସାରା ଦେଶ ତଥା ରାଜ୍ୟରେ ପାଳନ କରୁଛୁ । ଏଥି ସହିତ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ ଓ ପଞ୍ଚାୟତରେ ମଧ୍ୟ "ପି.ଏମ- କିଷାନ ଦିବସ" ପାଳନ କରାଯାଉଛି । ଏହି ଅବସରରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ କୃଷକମାନଙ୍କ ମଧ୍ୟରେ ଆବଶ୍ୟକୀୟ ଯୋଗ୍ୟତା ସମ୍ପର୍କରେ ସଚେତନତା ମଧ୍ୟ ସୃଷ୍ଟି କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସେ ପୁଣି କହିଥିଲେ ଯେ ପି.ଏମ୍ କିଷାନ ଯୋଜନାରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ମୋର ଲକ୍ଷ୍ୟ । ରାଜ୍ୟର ସମସ୍ତ ବ୍ଲକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଉଛି । କୌଣସି ଯୋଗ୍ୟ ଚାଷୀ ଏହି ଯୋଜନାରୁ ବଞ୍ଚିତ ନ ହୁଅନ୍ତୁ । ଆପଣମାନେ ଏବେ ଖରିଫ୍ ଫସଲ ଆରମ୍ଭ କରିଛନ୍ତି । ମାନନୀୟ ପ୍ରଧାନମନ୍ତ୍ରୀ ଆପଣମାନଙ୍କ ପାଇଁ କରିଥିବା ଅନେକ ଯୋଜନାରୁ ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା, ଯେଉଁଥିରେ ଆପଣମାନେ ସିଧାସଳଖ ଅର୍ଥରାଶି ପାଉଛନ୍ତି । ନିୟମିତ କୃଷି କାର୍ଯ୍ୟ ସହିତ ଆପଣ ମାନେ ଫସଲରେ ବିବିଧିକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରନ୍ତୁ । ମତ୍ସ୍ୟ ଚାଷ, ପଶୁପାଳନ ଭଳି ଲାଭଦାୟକ କୃଷି କରନ୍ତୁ । ଏହାଦ୍ୱାରା ଅଧିକ ଅମଳ କରିପାରିବେ ଓ ଆର୍ଥିକ ସ୍ତରରେ ଲାଭବାନ ମଧ୍ୟ ହୋଇପାରିବେ । ଚାଷ କ୍ଷେତ୍ରରେ ଆପଣମାନଙ୍କ ରୋଜଗାର ଦୁଇଗୁଣିତ ନୁହେଁ ବରଂ ବହୁ ଗୁଣିତ ବୃଦ୍ଧି ହେବ । ଏହି ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀଙ୍କ ଯେଉଁ ଲକ୍ଷ୍ୟ ଅଛି, ତାହା ପୂରଣ ହେବ ।

ସେ ଆହୁରି କହିଥିଲେଯେ ସି.ଏମ୍ କିଷାନରେ ଆମ ରାଜ୍ୟର ୫୦ ଲକ୍ଷରୁ ଅଧିକ ଚାଷୀ ବର୍ଷକୁ ୪୦୦୦ ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି । ପି.ଏମ୍ କିଷାନ ଓ ସି.ଏମ୍ କିଷାନକୁ ମିଶାଇ ଚାଷୀଭାଇମାନେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି । ସମୃଦ୍ଧ କୃଷକ ଯୋଜନାରେ ଆପଣମାନଙ୍କୁ ଆମେ ଧାନ କ୍ୱିଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା ଇନପୁଟ୍ ସହାୟତା ପ୍ରଦାନ କରୁଛୁ । ଗତ ବର୍ଷ ଖରିଫରେ ପ୍ରାୟ ୧୭ ଲକ୍ଷ ଚାଷୀଙ୍କୁ ଆମେ ପାଖାପାଖି ୬ ହଜାର କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛୁ । ସେହିପରି ରବି ଋତୁରେ ମଧ୍ୟ ୩ ଲକ୍ଷରୁ ଅଧିକା ଚାଷୀଙ୍କୁ ୧ ହଜାର ୬୦୦ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି ।

ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଇବ । ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆପଣମାନେ ଭଲଭାବରେ ଜାଣିଛନ୍ତି । ତାଙ୍କ ନେତୃତ୍ୱରେ ଦେଶ ବର୍ତ୍ତମାନ ବିଶ୍ୱର ଅଗ୍ରଣୀ ଦେଶମାନଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ପ୍ରତିଯୋଗିତା କରୁଛି । କୃଷି କ୍ଷେତ୍ରରେ ମଧ୍ୟ ଭାରତ ବିକଶିତ ରାଷ୍ଟ୍ରମାନଙ୍କ ସହିତ ଧିରେ ଧିରେ ସମକକ୍ଷ ହେଉଛି । ଆସନ୍ତୁ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସାମିଲ୍ ହେବା । ଏକ ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଗଠନରେ ଆମର ଯୋଗଦାନ ରଖିବା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ଯେ ଓଡ଼ିଶାକୁ ଏଗ୍ରିକଲଚର ଟୁଡ଼େ ପୁରସ୍କାର ମିଳିଛି । ୩୪,୮୫,୮୮୧ ଚାଷୀଙ୍କୁ ୬୯୭ କୋଟି ଟଙ୍କା ଦିଆଯାଉଛି । ଏହି ରାଶିରେ ଚାଷୀମାନେ ବିହନ ସାର କିଣିବେ । ରାଜ୍ୟ ସରକାର କୃଷକଙ୍କ ଆୟକୁ ଦୁଇଗୁଣା କରିବା ପାଇଁ ଚେଷ୍ଟିତ । ଧାନର କ୍ରୟ ମୂଲ୍ୟ ୩୧୦୦ ଟଙ୍କା କରି ଚାଷୀଙ୍କ ଆୟ ବଢାଇଛୁ ।

କେବଳ ଧାନ ଚାଷ ନ କରି ବିଭିନ୍ନ ପ୍ରକାର ତୈଳବୀଜ ଚାଷ କରିବା ସହିତ ମୃତ୍ତିକା ସଂରକ୍ଷଣ ପାଇଁ ବିକଳ୍ପ କୃଷି କରିବାକୁ ଅନୁରୋଧ କରିଛନ୍ତି । ପଇସା କମେଇବା ସହିତ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେଇ ଅର୍ଗାନିକ୍ ଉପାୟରେ ଚାଷ କରିବା ଆବଶ୍ୟକ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ।

ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପିପିଲି ବିଧାୟକ, ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୂଳପତି, ପ୍ରଫେସର ପ୍ରଭାତ କୁମାର ରାଉଳ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଡେପୁଟି ଡାଇରେକ୍ଟର ଜେନେରାଲ, ଆଇ.ସି.ଏ.ଆର୍, ଡ. ଜେ.କେ ଜେନା, ଡାଇରେକ୍ଟର, ଆଇ.ସି.ଏ.ଆର୍-ସିଫା, ଡକ୍ଟର ପି.କେ ସାହୁ, ଡାଇରେକ୍ଟର, ଉଦ୍ୟାନ କୃଷି, ସୁବ୍ରତ କୁମାର ପଣ୍ଡା, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ଓ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ମଂଚାସୀନ ଥିଲେ ।

## ଚାଷରେ...

ସମ୍ଭାବନା ରହିଛି । ଏହା ଆନ୍ଧ୍ରପ୍ରଦେଶ ଉପକୂଳ ଓ ତାମିଲନାଡୁ ଆଡ଼କୁ ଯିବ । ଏହାର ପ୍ରଭାବ ଓଡ଼ିଶାରେ ପଡ଼ିବନି । ତେବେ ଆସନ୍ତା ୧୫ ତାରିଖ ବେଳକୁ କେନ୍ଦ୍ରୀୟ-ପଶ୍ଚିମ ବଙ୍ଗୋପସାଗର ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ତେବେ ୧୬ ତାରିଖ ପୂର୍ବରୁ ଓଡ଼ିଶାରେ ବିଶେଷ ବର୍ଷା ନାହିଁ । ଫଳରେ ରାଜ୍ୟରେ ଧାନ ଓ ଅଣଧାନ ଫସଲ ଉପରେ ସିଧାସଳଖ ପ୍ରଭାବ ପକାଇବ ବୋଲି କୃଷି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ।

ଶ୍ରୀ ପଶୁପାଳକ କହିଛନ୍ତି, ଶନିବାର ଠାରୁ ଆଗାମୀ ୧୫ ଦିନ ପର୍ଯ୍ୟନ୍ତ କାଁ ଭାଁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଛି । ଓଡ଼ିଶା ଉପରେ ଏବେ କୌଣସି ସିଷ୍ଟମ କିମ୍ବା ଟ୍ରପ ଲାଇନ ନାହିଁ । ଉତ୍ତର ସରଳରେଖାରେ ଟ୍ରପ୍ ଲାଇନ ରହିବା ଯୋଗୁ ରାଜ୍ୟରେ ବର୍ଷା ହ୍ରାସ ପାଇବ । ଫଳରେ ଚାଷବାସ କାର୍ଯ୍ୟରେ ଏହା ପ୍ରଭାବ ପକାଇବ । ଗତ ଜୁନ ୨୦ରୁ ଧାନ ତଳି ପକାଯାଇଥିବା ବେଳେ ଜୁଲାଇ ୨୦ ସୁଦ୍ଧା ମାସେ ହୋଇଗଲାଣି । ବହୁ ଚାଷୀ ଧାନ ରୁଆରୋଇ କାର୍ଯ୍ୟ ସାରିଥିବା ବେଳେ କେତେକ କୃଷକ ରୋଇ ନାହାଁନ୍ତି । ଯେଉଁମାନେ ତଳି ରୋଇ ନାହାଁନ୍ତି, ସେମାନେ ଆଉ ତଳି ନରୋଇବାକୁ ପରାମର୍ଶ ଦିଆଯାଇଛି । ରୋଇଥିବା ବିଲରେ ଏବେ ପାଣି ବାନ୍ଧି ରଖନ୍ତୁ । ତେବେ ତଳି ଘେରାରେ ସାର ପ୍ରୟୋଗ ନକରି ତାକୁ ବଞ୍ଚେଇ ରଖନ୍ତୁ । ଏହି ସମୟରେ ସାର ପ୍ରୟୋଗ ଦ୍ୱାରା ତଳି ବହୁ ଶୀଘ୍ର ବଢ଼ିଯିବ । ଯେଉଁମାନେ ତଳି ରୋଇବାର ୬ରୁ ୭ ଦିନ ହୋଇଯାଇଥିବା ଆଉ ଅସୁବିଧା ନାହିଁ । ବର୍ଷା ହେଉ ହେଉ ସେଥିରେ ସାର ପ୍ରୟୋଗ କରନ୍ତୁ ।

ଅଗଷ୍ଟ ଦ୍ୱିତୀୟ ସପ୍ତାହରେ କମ୍ ପାଣିଥିବା ତଳିରୁ ଘାସ ବାଛି ଦିଅନ୍ତୁ । ସିଧା ବୁଣା ଧାନରେ କମ୍ ପାଣି ଥିଲେ ମଧ୍ୟ ବେଉଷଣ କରନ୍ତୁ । ବିଲରେ ପାଣି କମିଥିଲେ ମଧ୍ୟ ଧାନରୁ ଘାସ ବି ବାଛି ନିଅନ୍ତୁ । ଗତ ଜୁଲାଇ ୧୫ ପରେ ଯେଉଁମାନେ ଅଣଧାନ ଯଥା: ମୁଗ ଓ ବିରି ଫସଲ ବୁଣାବୁଣି କରିଛନ୍ତି, ସେମାନଙ୍କ ଅସୁବିଧା ନାହିଁ । ଯେଉଁ ଚାଷୀ ବିରି ଓ ମୁଗ ବୁଣି ନାହାଁନ୍ତି, ସେମାନେ ଅପେକ୍ଷା କରନ୍ତୁ ଏବଂ ୧୫ ଦିନ ବିଳମ୍ବରେ ହେଲେ ବି ବୁଣାବୁଣି କରନ୍ତୁ । ହରଭଙ୍ଗା ପ୍ରକଳ୍ପରେ ଏବେ ସୁଦ୍ଧା କେନାଲ ପାଣି ଛାଡ଼ିନାହାଁନ୍ତି । କେନାଲ ପାଣି ଛାଡ଼ିଲେ ଚାଷୀମାନେ ସେମାନଙ୍କ ଚାଷ କାର୍ଯ୍ୟ ଆଗେଇବେ । ନଚେତ ଚାଷ କାର୍ଯ୍ୟରେ ସମ୍ପୂର୍ଣ୍ଣ ପ୍ରଭାବ ପକାଇବ ବୋଲି ଶ୍ରୀ ପଶୁପାଳକ କହିଛନ୍ତି ।

## ମଧ୍ୟାହ୍ନ...

ସମସ୍ତ ଅଧିକାରୀ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଥିଲେ । ସ୍କୁଲର ୭ଜଣ ପାଚିକା ମଧ୍ୟାହ୍ନ ଭୋଜନ ରାନ୍ଧିବା ବେଳେ ଏଭଳି ଅଘଟଣ ଘଟିଥିବା ଗ୍ରାମବାସୀ ଗୁରୁତର ଅଭିଯୋଗ କରିଥିଲେ । ସ୍କୁଲ ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଛାତ୍ରଛାତ୍ରୀମାନେ ମଧ୍ୟାହ୍ନ ଭୋଜନ କରୁଥିବା ସମୟରେ ଜଣେ ଛାତ୍ରୀଙ୍କ ଖାଦ୍ୟରୁ ଏକ ମଲା ଝିଟିପିଟି ବାହାରିଥିଲା ଏବଂ ଏହାଯୋଗୁଁ ଖାଦ୍ୟ ବିଷାକ୍ତ ହେଇଯାଇଥିଲା ବୋଲି କୁହାଯାଇଛି । ଯେହେତୁ ଅଧିକାଂଶ ଛାତ୍ରଛାତ୍ରୀମାନେ ଏହି ଖାଦ୍ୟ ଖାଇସାରିଥିଲେ, ଏହାର ବିଷକ୍ରିୟା ଯୋଗୁଁ ଛାତ୍ରଛାତ୍ରୀମାନଙ୍କୁ ବାନ୍ତି ହେବା ସହ ମୁଣ୍ଡ ବୁଲାଇବାରୁ ସ୍କୁଲର ଜଣେ ଶିକ୍ଷକ ୧୦୮ ଆମ୍ବୁଲାନ୍ସକୁ ଫୋନ୍ ଯୋଗେ ଜଣାଇଥିଲେ । ପ୍ରାୟ ୯୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ବିଷକ୍ରିୟା ଯୋଗୁଁ ଆକ୍ରାନ୍ତ ହୋଇଥିବାରୁ ସେମାନଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରିବା ପାଇଁ ଟିଟିଲାଗଡ଼ ଏବଂ ଏହାର ଆଖପାଖରେ ଥିବା ସିନ୍ଧେକେଲା, ଫଫସି, ଲେବଡା, ବେଲଗାଁ ଏବଂ ଟିକ୍ରାପଡ଼ା ଡାକ୍ତରଖାନାରେ ନିୟୋଜିତ ଥିବା ସମସ୍ତ ୧୦୮ ଆମ୍ବୁଲାନ୍ସକୁ ଘଟଣାସ୍ଥଳକୁ ପଠାଯାଇଥିଲା । ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବଲାଙ୍ଗିର ଜିଲ୍ଲା ୧୦୮ ଆମ୍ବୁଲାନ୍ସର ଜରୁରୀକାଳୀନ ଅଧିକାରୀଙ୍କୁ ସୂଚନା ଦେବା ସହ ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସମସ୍ତ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିବା ସହିତ ସେମାନଙ୍କ ଚିକିତ୍ସା ସେବା ଜାରୀ ରହିଥିବା ଜଣାପଡିଛି । ଟିଟିଲାଗଡ ପୁଲିସ୍ ପହଞ୍ଚି ଆଇନଶୃଙ୍ଖଳା ଦୃଷ୍ଟିରୁ ସ୍କୁଲର ୭ଜଣ ପାଚିକାଙ୍କୁ ନେଇ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି । ଏ ବିଷୟରେ ସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟ କୁମ୍ଭାର ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୬୨୦ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ସେ ଖାଦ୍ୟରେ ଝିଟିପିଟି ମିଳିବା ଘଟଣାକୁ ସ୍ୱୀକାର କରିଛନ୍ତି । ଏ ସମ୍ପର୍କରେ ବ୍ଲକ ବିଇଓ ଶାନ୍ତନୁ କୁମାର ପଢ଼ିହାରୀ ୯୦ରୁ ଉର୍ଦ୍ଧ୍ୱ ଅସୁସ୍ଥ ଛାତ୍ରଛାତ୍ରୀମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି,ସମସ୍ତଙ୍କର ଅବସ୍ଥା ସ୍ଥିର ରହିଛି, ପରିସ୍ଥିତି ପ୍ରତି ଦୃଷ୍ଟି ରଖାଯାଇଛି ବୋଲି ପ୍ରକାଶ କରିଛନ୍ତି । ଟିଟିଲାଗଡ ଏଡିଏମଓ ଡ.ପ୍ରଦୀପ କୁମାର ନାୟକ ଖାଦ୍ୟ ବିଷାକ୍ତ ଯୋଗୁଁ ଛାତ୍ରଛାତ୍ରୀ ଅସୁସ୍ଥ ଅନୁଭବ କରିଥିଲେ ଏବେ ସମସ୍ତଙ୍କ ଅବସ୍ଥା ସ୍ଥିର ଥିବା ପ୍ରକାଶ କରିଛନ୍ତି । ଡିଇଓ ପ୍ରଦୀପ କୁମାର ନାଗ ମୁଁ ଘଟଣା ସମ୍ପର୍କରେ ବିଇଓଙ୍କୁ ସମ୍ପୂର୍ଣ୍ଣ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛି ବୋଲି ପ୍ରକାଶ କରିଥିଲେ । କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଅସୁସ୍ଥ ଛାତ୍ରଛାତ୍ରୀଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରିଥିବା ଜଣାପଡ଼ିଛି ।

## ମୌସୁମୀ...

ଏହା ପଛକୁ ରହିଛି ଭୁବନେଶ୍ୱର । ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ରହିଛି ।

ଭାରତୀୟ ପାଣିପାଗ ବିଜ୍ଞାନୀ ଉମା ଶଙ୍କର ଦାଶଙ୍କ କହିବାନୁଯାୟୀ, ହିମାଳୟ ପାଦ ଦେଶରେ ନିମ୍ନ ଚାପ ରେଖା ରହିଛି । ଫଳରେ ଦେଶର ପୂର୍ବ ଓ ମଧ୍ୟ ଭାଗରେ ମୌସୁମୀ ଦୁର୍ବଳ ରହିବ । ଆସନ୍ତା ଦେଢ଼ ସପ୍ତାହେ ଅର୍ଥାତ ୧୦ ଦିନ ଯାଏଁ ମୌସୁମୀ ଦୁର୍ବଳ ରହିବା ସହିତ ବର୍ଷା ବି କମିବ । ଅର୍ଥାତ ଏହାର ପ୍ରଭାବ ଓଡ଼ିଶାରେ ଦେଖାଦେବ । କାଁଭାଁ ସ୍ଥାନକୁ ଛାଡ଼ି ଦେଲେ ଅନେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା କମ୍ ।

ପାଣିପାଗ ବିଭାଗର କହିବାନୁସାରେ, ରାଜ୍ୟରେ ଶନିବାର ୫ ସହରରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଛି । ୨୪ ଘଣ୍ଟା ଭିତରେ ହଠାତ ୨ରୁ ୪ ଡିଗ୍ରୀ ଯାଏଁ ପାରଦ ଉପରମୁହାଁ ହୋଇଛି । ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇବା ଯୋଗୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି । ଶନିବାର ନୟାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଭୁବନେଶ୍ୱରରେ ୩୬ ଡିଗ୍ରୀ, ତାଳଚେରରେ ୩୫.୨ ଡିଗ୍ରୀ, ଚାନ୍ଦବାଲି ଓ ବାରିପଦାରେ ୩୫ ଡିଗ୍ରୀ ତାପମାତ୍ରା ରହିଛି । ଆଗକୁ ଆହୁରି ତାତି ବଢ଼ିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

## ସେପ୍ଟେମ୍ବର...

ବିଷ୍ଣୁ ଦେଓ ସାଏ ଏ ପ୍ରସଙ୍ଗରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ସୌହାର୍ଦ୍ଦ୍ୟ ପୂର୍ଣ୍ଣ ଭାବରେ ମହାନଦୀ ଜଳ ବିବାଦର ସମାଧାନ କରିବାକୁ ଉଦ୍ୟମ କରାଯାଉଛି । ଓଡ଼ିଶା ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରସ୍ତାବ ସମ୍ପର୍କରେ ମଧ୍ୟ ସେ ଚିଠିରେ ଉଲ୍ଲେଖ କରିଛନ୍ତି । ମହାନଦୀ ଜଳ ବିବାଦ ସମାଧାନ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ସମାଧାନ ହୋଇପାରେ ବୋଲି ଆଶା ସୃଷ୍ଟି ହୋଇଛି । ପୂର୍ବରୁ ଦୁଇ ରାଜ୍ୟର ଓଡ଼ିଶା ଓ ଛତିଶଗଡ଼ର ମୁଖ୍ୟମନ୍ତ୍ରୀସ୍ତରୀୟ ଅନୌପଚାରିକ ଆଲୋଚନା ହୋଇଥିଲା । ଉଭୟ ରାଜ୍ୟର ସଚିବ ଏବଂ ରାଜନୈତିକ ସ୍ତରରେ ଆଲୋଚନା କରି ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଉଦ୍ୟମ କରାଯାଉଛି ବୋଲି ଆଡ୍‌ଭୋକେଟ ଜେନେରାଲ ଟ୍ରିବ୍ୟୁନାଲକୁ ଅବଗତ କରାଇଛନ୍ତି ।

## ଦେହରେ...

ଦୁହେଁ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଦୁହେଁ ସକାଳ ସାଢ଼େ ୮ଟା ପାଖାପାଖି ସମୟରେ ଖ୍ରିଂ ମହାବିଦ୍ୟାଳୟ ସମ୍ମୁଖ ପଡ଼ିଆ ସଂଲଗ୍ନ ପଣସି ଗ୍ରାମ ବିଲରେ ଆତ୍ମହତ୍ୟା ଉଦ୍ୟମ କରପେଟ୍ରୋଲ ଢାଳି ଦେହରେ ନିଆଁ ଲଗାଇବା ପରେ ସ୍ଥାନୀୟ ଲୋକେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତେବେ ଜନୈକ ପୁରୁଷ ଓ ମହିଳା ବିବାହିତ ହୋଇଥିବା ବେଳେ ଏହା ପରକୀୟା ପ୍ରୀତିକୁ ନେଇ ଏଭଳି କାଣ୍ଡ ଘଟିଛି ବୋଲି ସାଧାରଣରେ ଆଲୋଚନା ଜୋର୍ ଧରିଛି । ଖବରପାଇ ରରୁଆଁ ଥାନାଧିକାରୀ ଓ କରଞ୍ଜିଆ ଏସଡ଼ିପିଓ ନବ ଚରଣ ନାଏକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

## ରାଷ୍ଟ୍ରୀୟ...

ମନମୋହନଙ୍କ ବ୍ୟତୀତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀଙ୍କ ସମେତ ବରିଷ୍ଠ ନେତାମାନଙ୍କୁ ଭେଟିଥିଲେ । ଖୁବଶୀଘ୍ର ବିଜେପିର ଏକ ନୂଆ ଚେହେରା ଦେଖିବାକୁ ମିଳିବ ବୋଲି ଆଲୋଚନା ହେଉଥିଲା । ଉଭୟ ମନ୍ତ୍ରିମଣ୍ଡଳ ସାଂଗଠନିକ ସ୍ତରରେ ଏକ ପରିବର୍ତ୍ତନର ଆଶା କରାଯାଉଥିଲା । ତେବେ ଏହି ଚର୍ଚ୍ଚା ଆଜି ମନମୋହନଙ୍କ ମନ୍ତବ୍ୟ ପରେ ଅନ୍ତ ହୋଇଛି । ସୂଚନା ଯୋଗ୍ୟ ବର୍ତ୍ତମାନ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ଶେଷ ହୋଇଛି । ସେ ପରବର୍ତ୍ତୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପର୍ଯ୍ୟନ୍ତ ଦାୟିତ୍ୱରେ ଅଛନ୍ତି ।

# ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଛାତ୍ର, ଅଭିଭାବକ ବୈଠକ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷର ଦ୍ୱିତୀୟ ଅଭିଭାବକ, ଶିକ୍ଷକଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଙ୍କର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ପରିଚାଳନା କମିଟିର ସଭାପତି, ସଦସ୍ୟ ସଦସ୍ୟା ତଥା ବିଦ୍ୟାଳୟର ୧୮୦ରୁ ଉର୍ଦ୍ଧ୍ୱ ଅଭିଭାବକ ଅଭିଭାବିକା ଯୋଗ ଦେଇ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ବିଦ୍ୟାଳୟ ବାହାରେ କୌଣସି ପିଲା ରହିବେ ନାହିଁ, ବୟସ ଅନୁସାରେ ର୍ନିଦ୍ଧିଷ୍ଟ ଶ୍ରେଣୀରେ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିବେ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ମିଶ୍ର, ସଦସ୍ୟ ଚନ୍ଦ୍ରମୋହନ ବାରିକ, ଘନଶ୍ୟାମ ରାଉ, ଗୌର ମୋହନ ମହାନ୍ତ, ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷକ ରାଜକିଶୋର ଦାସ, ଶିକ୍ଷକ ବଂଶୀଧର ଗିରି, ହରେକୃଷ୍ଣ ମହାନ୍ତ, ତରଣୀ କାନ୍ତ ମହାନ୍ତ, ଶୁଭାଶିଷ ପଣ୍ଡା ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କ ପାଠ ଉନ୍ନତି ଦିଗରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ପାଇଁ ମତବ୍ୟକ୍ତ କରିଥିଲେ ।

# ଯୁବତୀଙ୍କୁ ଅଶ୍ଳୀଳ ମେସେଜ, ଯୁବକ ଗିରଫ

ବ୍ରହ୍ମପୁର (ସବ୍ୟୁ) : ଯୁବତୀଙ୍କୁ ଇନଷ୍ଟଗ୍ରାମରେ ଅଶ୍ଳୀଳ ମେସେଜ ପଠାଇ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ନନ୍ଦିଆଗଡ଼ର ବଣ୍ଟୁ ପରିଡା (୨୮)ଙ୍କୁପୋଲିସ ଗିରଫ କରି ତାଙ୍କ ମୋବାଇଲ ଜବତ କରି ଶନିବାର କୋର୍ଟ ଚାଲାଣ କରାଯାଇଛି ।

**AFFIDAVIT**

I, Priyat Pragyan Mangaraj, W/o-Biswa Ranjan Nayak, resident of At-Plot No-VM-5, Phase-II, Vss Nagar, Po/ Ps-Saheed Nagar, Bhubaneswar, Dist-Khordha, Pin-751007 Odisha declare by this affidavit No.851 dtd-30. july.2025 that now onwards I shall be known as **PRIYAT PRAGNYA MANGARAJ** for all future purposes.

**AFFIDAVIT**

Affidavit By virtue of an affidavit sworn before Notary Public, Kendrapara , dated 31/07/2025 I , Mirza Soukat Baig, S/o Mirza Niyamat Baig, Vill-Mirjapatana, Po-Thakurpatna, PS-Kendrapara Sadar, Dist-Kendrapara, Pin-754250 declare that I have changed my name from Soukat Beg to Mirza Soukat Baig. Henceforth, I shall be known as Mirza Soukat Baig for all purposes.

Sd/ - Mirza Soukat Baig

**AFFIDAVIT**

Affidavit By virtue of an affidavit sworn before Notary Public, Kendrapara , dated 31/07/2025 I , Pragnya Nayak, D/o Purna Chandra Nayak , Vill-Paradhipi, Po- Paradhipi, PS-Nuagaon, Dist-Nayagarh, Pin-752094 declare that I have changed my name from Kalia Nayak to Pragnya Nayak. Henceforth, I shall be known as Pragnya Nayak for all purposes.

Sd/- Pragnya Nayak

**AFFIDAVIT**

By virtue of an affidavit sworn before Notary Public, Kendrapara , dated 23/07/2025 I , Samira Begum, W/o Sekh Kalimuddin, Vill-Oldhi, Po-Fakirabad, PS-Derabish, Dist-Kendrapara, Pin-754250 declare that I have changed my name from Suchitra Pradhan to Samira Begum. Henceforth, I shall be known as Samira Begum for all purposes.

Sd/- Samira Begum

**OFFICE OF THE HEADMISTRESS, KGBV PALASAGORA**
At-Palasagora, Post-Baghiabahal, Block - Kantamal, Dist-Boudh, Pin-762030
n-115
Letter No. 33 Date : 31.07.2025

**TENDER CALL NOTICE**

Sealed tenders are invited from the registered / reputed firms who having valid PAN, GST registration for supply of consumable items (Grocery) to Kasturaba Gandhi Balika Vidyalaya, Palasagora, Dist-Boudh (Odisha). Bids should be submitted in the envelope duly marked on the top **"Tender supply of Grocery items for Palasagora KGBV"** Office of the Headmistress, KGBV Palasagora, Post- Baghiabahal Block-Kantamal, Dist : Boudh, Pin-762030 during office hours by 5.00 pm of Dt. 22.08.25. Through speed post / Registry Post / courier only. No other mode of submission should be scepted. The bid document shall be opened at 11.00 AM on Dt. 25.08.25 in the office of the Headmistress, KGBV Palasagora / District Project Coordinator, Samagra Shiksha, Boudh in the presence of the bidders or their authorized representatives. The terms and conditions for the tender can be downloaded from the official website **http.//www.opepa.in** and **www.boudh.nic.in**

OIPR : 27208/11/0001/2526
Sd/- HEADMISTRESS
KGBV, PALASAGORA

**ସତ୍ୟପାଠ**

ଆମେ କାଳବନ୍ଧୁ ରଥ, ବୟସ ପ୍ରାୟ ୪୪ ବର୍ଷ, ପିତା: ତ୍ରିଲୋଚନ ରଥ, ସାକିନି: ଭାରତୀପୁର, ମହାଦେବ ମନ୍ଦିର ନିକଟ, ଥାନା: ପୁରୀ ସଦର, ଜିଲ୍ଲା: ପୁରୀ, ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି କି ଯେ ଆମର ୩ ଗୋଟି ଯଥା: ୧) ରେଜିଷ୍ଟ୍ରି ଦଲିଲ, ଯାହାର ନମ୍ବର-୧୪୫୪, ତା.୨୯.୦୩.୨୦୦୪ରିଖ, ୨) ରେଜିଷ୍ଟ୍ରି ଦଲିଲ, ଯାହାର ନମ୍ବର-୨୩୩୬, ତା.୨୩.୦୨.୧୯୮୬ରିଖ ଏବଂ ୩) ରେଜିଷ୍ଟ୍ରି ଦଲିଲ, ଯାହାର ନମ୍ବର-୩୬୯୧, ତା.୨୫.୦୯.୧୯୮୪ରିଖ ଆମର ଘର ଭାରତୀପୁର ସାହିରେ ତା.୧୦.୦୭.୨୦୨୫ ରିଖରେ ହଜିଯାଇଅଛି । ଯଦି କେହି ବ୍ୟକ୍ତି ପାଇଥିବ ତେବେ ଆମକୁ ଫେରାଇବାକୁ ଅନୁରୋଧ ।
(କାଳବନ୍ଧୁ ରଥ)

**ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omc.ltd.in
OMC | ODISHA NEW OPPORTUNITIES
CAD-1379

**E-PROCUREMENT NOTICE**

| Sl. No. | NIT No. | Job Description | Availability of Tender Document in e-procurement portal | Bid Due date |
|---|---|---|---|---|
| 1 | OMC/E-PROC/C&P/ 010/2025-26 dtd. 02/08/2025 | Supply of Turkish towel | 04.08.2025 | 29.08.2025 |

All other details can be seen from the Tender Document available on the e-procurement portal of the Government of Odisha (**www.tendersodisha.gov.in**) and on the website of OMC (**www.omcltd.in**), OMC reserves the right to reject any or all bids without assigning any reason threof.

OIPR : 30005/11/0235/2526
Sd/- Head (C&P)

[GOVERNMENT OF ODISHA]
OFFICE OF THE BLOCK DEVELOPMENT OFFICER, MUNIGUDA
E-mail - ori-muniguda@nic.in
**INVITATIONS FOR BIDS (I.F.B.)**
**e-Procurement Notice**
i-259
IDENTIFICATION NO.IFB-RC (BDO) MUNIGUDA 02/2025-26.Dt. 02.08.2025
No.2527 /2025 Dated - 02/08/2025

1. The Panchayat Samiti, Muniguda invites Percentage Rate bid in Single Cover System in ONLINE MODE for the construction of Building works (Civil + El) as detailed in the Detailed Tender Call Notice (D.T.C.N) from the eligible class of contractors.
2. No. of works : 06 (Six) Nos.
3. Cost of Tender Paper : Rs.6,000/-(Rupees Six thousand) only
4. Class of contractor : "C" & "D" Class
5. Date & Time of available in web site & receipt online : 11:00 Hrs. of 06.08.2025 to 17:00 Hrs. of 20.08.2025.
6. The Bidders have to participate in ONLINE bidding only. Further details can be seen from the State Govt. Portal website: https://tendersodisha.gov.in
7. Any corrigendum / Addendum will be displayed in the website **https://tendersodisha.gov.in** only.

OIPR : 19042/11/0005/2526
Block Development Officer,
Muniguda

**OFFICE OF SUPERINTENDING ENGINEER MINOR IRRIGATION DIVISION, JAJPUR**
Letter No. 1665 / Dt. 30.07.2025
**GOVERNMENT OF ODISHA e-Procurement Notice**
A-447
**Bid Identification No. on line SEMIDJAJ-01/2025-26**
cemijajpur@gmail.com

1. Name of work : Improvement of MIPs & Construction of Check Damunder M.I. Division Jajpur
2. Total Number of work : 7 (seven) nos.
3. Estimated cost : Rs.21.90 to 42.307/- Lakhs
4. Tender paper Cost(Online) : Rs.6000/-
5. Bid Security (Online) : 1 % of the estimated cost.
6. Period of Completion : As per DTCN
7. Availability of Bid Document : From 05.08.2025, 10.00 AM to 12.08.2025, 5.000 PM in website (www.tendersorissa.gov.in)
8. Last date & Time of receipt of Bid through online : 12.08.2025 at 5.00 PM through online
9. Date of opening of Bid documents : 13.08.2025 at 11.00 A.M in the office of the SE, M.I. Division, Jajpur
10. Date of Lottery, if required : 20.08.2025 at 11.30 A.M.
11. Mode of Payment of Bid Cost & Bid Security : Govt. of Odisha has introduced e-payment gateway in to the portal for payment of cost of Bid & Bid security/ EMD. The process of using e-payment gate is mentioned in the "Procedure for electronic receipt, accounting & reporting of cost of tender paper & Earnest money deposit on submission of bid. Further details can be seen from the e- procurement portal "https://tenderorissa.gov.in
12. The Authority reserves the right to cancel/reject any or all the tenders without assigning any reasons thereof.
13. Name and address of the OIT : Superintending Engineer, M.I. Division, Jajpur At-Bhabaniganj, Near Hari Samantaray School, P.O :- Jajpur, Dist-Jajpur Phone :- 06728-222008, PINCODE :- 755001

Further details can be seen from the Government of Odisha Web-Site **www.tendersorissa.gov.in**

OIPR : 32290/11/0014/2526
Sd/- Superintending Engineer
M.I. Division, Jajpur

**OFFICE OF THE MUNICIPAL COUNCIL, BHADRAK**
BHADRAK, PIN-756100
E-mail : eobdkmunicipality@gmail.com
Letter No. 4087
Date : 3.07.2025
C-797

**NOTICE INVITING REQUEST FOR PROPOSAL (RFP)**
**(Through E-Procurement)**

Bids in double cover system through **e-procurement** in conformity with the detailed notice inviting Request For Proposal (RFP) are hereby invited by the Executive Officer, Bhadrak Municipality, on behalf Bhadrak Municipal Council, Bhadrak, Odisha from eligible entities for the below mentioned work :

| Name of Work | Plant Capacity (In TPD) | Bid Security/ EMD | Performance Security | Cost of Bid Fee |
|---|---|---|---|---|
| 1 | 2 | 3 | 4 | 5 |
| Selection of Agency for Setting up of Wet Waste / Municipal Solid Waste Processing Facility (Waste to Compost Plant) in Bhadrak Municipality on Public Private Partnership (PPP) | 60 TPD | Rs. 3,00,000/- (Rupees Three Lakh) Only | Rs. 15,00,000/- (Rupees Fifteen Lakh) Only | Rs. 10000/- |

1. RFP documents consisting of terms, conditions, & other necessary information can be seen on and downloaded from the Govt website www.tendersodisha.gov.in by the eligible entities registered on the portal.
2. The bidder shall transfer online the cost of bid document & EMD for the amount specified for the work in column -5 & 3 respectively of table above as part of its bid processing.
3. The prospective bidder shall be required to submit a Performance Security of Rs.15, 00,000.00 in the form of Bank Guarantee to the Bhadrak Municipality as per terms of the Agreement.
4. The RFP may be postponed, modified or cancelled at any time due to administrative reasons and no claim shall be entertained on this account.
5. For further details and bids schedule, visit websites www.tendersodisha.gov.in

OIPR : 13152/11/0030/2526
Sd/- Executive Officer
Bhadrak Municipality

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

## ବେଦାନ୍ତ ଲାଞ୍ଜିଗଡ଼ର ଦକ୍ଷତା ତାଲିମ କେନ୍ଦ୍ର

# ପ୍ରଥମ ଖାଦ୍ୟ ଏବଂ ପାନୀୟ ବ୍ୟାଚ୍ ପାଇଁ ୯୨% ନିଯୁକ୍ତି ସୁଯୋଗ ସୁରକ୍ଷିତ କରିଛି

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ଲାଞ୍ଜିଗଡ଼ରେ ଏହାର ପ୍ରମୁଖ ଦକ୍ଷତା ତାଲିମ ପଦକ୍ଷେପ ମାଧ୍ୟମରେ ଏହାର ପ୍ରଥମ ବ୍ୟାଚ୍ ଖାଦ୍ୟ ଏବଂ ପାନୀୟ ତାଲିମ ସଫଳତାର ସହ ସମାପ୍ତ କରିଛି। ଏକ ପ୍ରଭାବଶାଳୀ ୯୨% ନିଯୁକ୍ତି ହାର ହାସଲ କରିଛି। ଏହି ମାଇଲଖୁଣ୍ଟ ସ୍ଥାନୀୟ ଯୁବକମାନଙ୍କୁ ଶିଳ୍ପ-ପ୍ରସ୍ତୁତ ଦକ୍ଷତା ସହିତ ସଜ୍ଜିତ କରିବା ଏବଂ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ।

ଚାକିରି ସ୍ଥାନ ବ୍ୟତୀତ, କାର୍ଯ୍ୟକ୍ରମ ଡିଜିଟାଲ୍ ଶିକ୍ଷାରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ସମସ୍ତ ଅଂଶଗ୍ରହଣକାରୀ ପ୍ରଶିକ୍ଷାର୍ଥୀ ୪୦ ଘଣ୍ଟାର ଆଇଟି ସାକ୍ଷରତା



ତାଲିମ ସମାପ୍ତ କରିଛନ୍ତି, ଯାହା ଡିଜିଟାଲ୍ ସଶକ୍ତିକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ୯୦% ପ୍ରଶିକ୍ଷାର୍ଥୀଙ୍କ ପାଇଁ, ଏହା ଡିଜିଟାଲ୍ ଶିକ୍ଷା ପ୍ରତି ସେମାନଙ୍କର ପ୍ରଥମ ଅଭିଜ୍ଞତା ଥିଲା, ଯାହା ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ପାଇଁ ଦକ୍ଷତା ପ୍ରଦାନ କରିଥିଲା। ଏହି ସଫଳତା ବିଷୟରେ ବେଦାନ୍ତ ଆଲୁମିନା ବ୍ୟବସାୟ, ସିଇଓ, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି: "ବେଦାନ୍ତରେ, ଆମେ ସାମୁଦାୟିକ ବିକାଶକୁ ସ୍ଥାୟୀ ଅଭିବୃଦ୍ଧି ପାଇଁ ଏକ ରଣନୈତିକ ଜରୁରୀତା ଭାବରେ ଦେଖୁ। ଯେତେବେଳେ ଯୁବକମାନେ ସଠିକ୍ ଦକ୍ଷତା ଏବଂ ଏକ୍ସପୋଜର ସହିତ ସଜ୍ଜିତ ହୁଅନ୍ତି, ଏହା ପରିବାର, ସମ୍ପ୍ରଦାୟ ଏବଂ ସ୍ଥାନୀୟ ଅର୍ଥନୀତି ପାଇଁ ପ୍ରଗତିର ଏକ ଶୃଙ୍ଖଳିତ ପ୍ରତିକ୍ରିୟା ସୃଷ୍ଟି କରେ। ଏହି ଉଲ୍ଲେଖନୀୟ ନିଯୁକ୍ତି ମାଇଲଖୁଣ୍ଟ ଶିଳ୍ପ ଏବଂ ସମ୍ପ୍ରଦାୟ ଅଂଶଗ୍ରହଣ ଏକାଠି ହେଲେ କ'ଣ ସମ୍ଭବ ତାହା ପ୍ରତିଫଳିତ କରେ। ଆମେ କେନ୍ଦ୍ରିତ, ଫଳାଫଳ-ଚାଳିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ କଳାହାଣ୍ଡିର ଯୁବପିଢ଼ିଙ୍କ ଆକାଂକ୍ଷାକୁ ସକ୍ଷମ କରିବା ପାଇଁ ଗଭୀର ପ୍ରତିବଦ୍ଧ ଅଟୁ।

# ଭବିଷ୍ୟତରେ ପର୍ଯ୍ୟାପ୍ତ କାର୍ଯ୍ୟ ରହିବ, କିନ୍ତୁ ଚାକିରି ରହିବ ନାହିଁ : ଆନନ୍ଦ ଦେଶପାଣ୍ଡେ

ଭୁବନେଶ୍ୱର, (ସବ୍ୟୁ): ବର୍ତ୍ତମାନ ସମୟରେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ (ଏଆଇ)ର ଆବିର୍ଭାବ ଚାକିରି ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଛାତ୍ରଛାତ୍ରୀମାନେ କିନ୍ତୁ ନିଜେ ନିଯୁକ୍ତି ସୃଷ୍ଟି କରି ନିଜର ଭାଗ୍ୟ ନିର୍ଦ୍ଧାରଣ କରନ୍ତୁ ବୋଲି ଶନିବାର କହିଛନ୍ତି ପର୍ସିଷ୍ଟେଣ୍ଟ ସିଷ୍ଟମ୍‌ସର ପ୍ରତିଷ୍ଠାତା ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଆନନ୍ଦ ଦେଶପାଣ୍ଡେ। ଆମେ ବର୍ତ୍ତମାନ ଏଭଳି ପରିସ୍ଥିତି ଦେଇ ଗତି କରୁଛୁ ଯେଉଁ ସମୟରେ କି କାର୍ଯ୍ୟର ଆବଶ୍ୟକତା ବଢ଼ିବ ମାତ୍ର ଚାକିରିର ହାର କମିବ। ତେଣୁ ଚାକିରି ପଛରେ ନ ଗୋଡାଇ ନିଜେ କିଭଳି ନିଯୁକ୍ତି ସୃଷ୍ଟି କରିପାରିବ ସେ ଦିଗରେ ଛାତ୍ରଛାତ୍ରୀମାନେ ଚିନ୍ତା କରିବା ଉଚିତ୍ ବୋଲି କହିଛନ୍ତି ଡକ୍ଟର ଦେଶପାଣ୍ଡେ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହ ମତ ବିନିମୟ ଅବସରରେ ଏହା



କହିଛନ୍ତି ଡକ୍ଟର ଦେଶପାଣ୍ଡେ।

ଏଆଇ ଏବଂ ଏହାର ଭବିଷ୍ୟତ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ ଯେ ସମସ୍ୟାର ସମାଧାନ କରିବା ସହ ଉତ୍ପାଦନତା ବୃଦ୍ଧି କରିବା ଦିଗରେ ଏଆଇର ଉଚ୍ଚ ଧରଣର ଦକ୍ଷତା ରହିଛି। ବର୍ତ୍ତମାନ ସମୟରେ ମଣିଷମାନଙ୍କ ଅପେକ୍ଷା ଏଆଇ ଭଲ କୋଡ୍ ଲେଖିପାରୁଛି। କିନ୍ତୁ ଏଆଇ ଅନେକ କିଛି ବିଷୟକୁ ବିକୃତ ମଧ୍ୟ କରିପାରେ ଯାହା ଅନ୍ୟ କେହି କରିପାରିବେ ନାହିଁ ବୋଲି କହିବା ସହ ଦୁଇଟି ଦେଶ ଆମେରିକା ଏବଂ ଚୀନ ବର୍ତ୍ତମାନ ଏଆଇ କ୍ଷେତ୍ରରେ ସବୁଠାରୁ ଆଗରେ ଅଛନ୍ତି ବୋଲି ସେ ପ୍ରକାଶ କରିଥିଲେ।

ସୋଆ ବିଶ୍ୱବିଦ୍ୟାଳୟ ଏବଂ ଅଟଳ ଇନ୍‌କ୍ୟୁବେସନ୍ ସେଣ୍ଟର – ସୋଆ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିଲେ। ସୋଆ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ଏବଂ କର୍ପୋରେଟ୍ ରିଲେସନ୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏନଗେଜମେଣ୍ଟ ନିର୍ଦ୍ଦେଶକ ରାପ୍ତି ରଞ୍ଜନ ଦାଶ ଏହି କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିଲେ। ଏକ ପ୍ରଶ୍ନର ଉତ୍ତରରେ ଭୁଲ କରିବା ଏକ ସାଧାରଣ ଘଟଣା ଓ କିଛି ବଡ଼ କଥା ନୁହେଁ ବୋଲି ଡକ୍ଟର ଦେଶପାଣ୍ଡେ କହିଥିଲେ। କାର୍ଯ୍ୟକ୍ରମରେ ଆଡିସନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ଆଇଟିଇଆର, ପ୍ରଫେସର ରେଣୁ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

# ମହାନଦୀ ଜଳ ବିବାଦ ସମାଧାନ ପାଇଁ ବିଜେପି ସରକାରର ଆନ୍ତରିକତା ନାହିଁ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଚିଠି ମାଧ୍ୟମରେ ଦେଇଥିବା ପ୍ରସ୍ତାବ ଉପରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଦେଇଥିବା ଉତ୍ତର ଆସିବା ପରେ ବିଜୁ ଜନତା ଦଳ ତାର ପ୍ରତିକ୍ରିୟା ରଖିଛି।

ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଥିଲେ, ଛତିଶଗଡ଼ର ସରକାରଙ୍କ ଦ୍ୱାରା ମହାନଦୀର ଉପର ମୁଣ୍ଡରେ ଯେପରି ଭାବେ ଅନେକ ଗୁଡିଏ ବ୍ୟାରେଜ ନିର୍ମାଣ କରିବା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ସରକାରଙ୍କ ଦ୍ୱାରା ପ୍ରତିବାଦ କରାଯାଇଥିଲା । ହେଲେ ସେତେବେଳର ଛତିଶଗଡ଼ର ରମଣ ସିଂଙ୍କ ନେତୃତ୍ୱାଧିନ ବିଜେପି ସରକାର କର୍ଣ୍ଣପାତ କରିନଥିଲେ । ପରେ ୨୦୧୬ ମସିହାରେ, ତତ୍କାଳୀନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଶ୍ରୀମତୀ ଉମା ଭାରତୀଙ୍କ ମଧ୍ୟସ୍ଥତାରେ ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ତତ୍କାଳୀନ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ରମଣ ସିଂ ଓ ଉଭୟ ରାଜ୍ୟର ବରିଷ୍ଠ ପଦାଧିକାରୀଙ୍କ ଉପସ୍ଥିତିରେ ଆପୋଷ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ହୋଇଥିଲା । ଏହାପରେ, ଓଡିଶା ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଏକ ଟ୍ରିବ୍ୟୁନାଲ ଗଠନ ହୋଇଥିଲା । ସେବେଠାରୁ ଏହି ମାମଲା ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି।

ଶ୍ରୀ ମିଶ୍ର ଆହୁରି କହିଥିଲେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଜୁଲାଇ ୨୫ ତାରିଖରେ ଆପୋଷ ଆଲୋଚନା ପାଇଁ ଲେଖାଯାଇଥିବା ଚିଠିର ଉତ୍ତର ଆଜି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଦେଇଛନ୍ତି । ଏହି ଚିଠିରେ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ କେବଳ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଚିଠି ତାଙ୍କର ହସ୍ତଗତ ହୋଇଛି ଓ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଆପୋଷ ଆଲୋଚନା ପ୍ରସ୍ତାବ ବିଚାରାଧୀନ ରହିଛି ବୋଲି ସେ ଲେଖିଛନ୍ତି । କିନ୍ତୁ, ଏହି ଆପୋଷ ଆଲୋଚନା ପ୍ରସ୍ତାବକୁ ସେ ସ୍ୱୀକାର କରୁଛନ୍ତି କି ନାହିଁ, ସେନେଇ ସେ କୌଣସି ସ୍ପଷ୍ଟୋକ୍ତି କରିନାହାନ୍ତି ବୋଲି ଶ୍ରୀ ମିଶ୍ର କହିଥିଲେ । ତେଣୁ ଏ ବିଷୟରେ ପ୍ରଥମେ ସ୍ପଷ୍ଟୋକ୍ତି ଆସିବା ଦରକାର ଓ ଏହାଛଡା, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଲେଖିଥିବା ଚିଠିରେ ବିବାଦର ସମାଧାନ ପାଇଁ କେଉଁ କେଉଁ ଦିଗ ଗୁଡିକ ଉପରେ ଗୁରୁତ୍ୱ ଦିଆଯାଇଛି, ତାହା ମଧ୍ୟ ରାଜ୍ୟବାସୀଙ୍କ ସମ୍ମୁଖରେ ସ୍ପଷ୍ଟ ହେବା ଦରକାର ବୋଲି ଶ୍ରୀ ମିଶ୍ର କହିଥିଲେ ।

### ଓଡ଼ିଶାରେ ୪ଜି ସେବା ପାଇଁ ୫୮୦୦ ଟାୱାର ସ୍ଥାପନ କରିଛି ବିଏସ୍ଏନ୍ଏଲ୍

## ଗ୍ରାହକ ଏବେ ମାତ୍ର ୧ ଟଙ୍କାରେ ପାଇପାରିବେ ୪ଜି ସିମ୍

ଭୁବନେଶ୍ୱର (ସବ୍ୟୁ): ବିଏସ୍ଏନ୍ଏଲ୍ ଓଡ଼ିଶାର କୋଣ ଅନୁକୋଣରେ ଆତ୍ମନିର୍ଭର ଭାରତ ପ୍ରକଳ୍ପ ଅଧିନରେ ସଂପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ୪ଜି ସେବାକୁ ପହଞ୍ଚାଇବା ପାଇଁ ୫୮୦୦ଟି ଟାୱାର ସ୍ଥାପନ କରିଛି। ଏଥି ମଧ୍ୟରୁ ୫୨୦୦ଟି ଟାୱାର ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ବର୍ତ୍ତମାନ ସୁଦ୍ଧା ୧୦ହଜାର ବିଟିଏସ୍ ଏହି ଟାୱାର ଜରିଆରେ କାର୍ଯ୍ୟରତ ଅଛି। ଓଡ଼ିଶାର ସମସ୍ତ ମୋବାଇଲ ଉପଭୋକ୍ତାଙ୍କ ପାଇଁ ଏହି ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ୪ଜି ସେବାର ଅନୁଭୂତି ନେବା ପାଇଁ ବିଏସ୍ଏନ୍ଏଲ୍ ଆଣିଛି ଅପୂର୍ବ ସୁଯୋଗ। ଏହି ଯୋଜନାରେ ଯେକୌଣସି ଉପଭୋକ୍ତା କେବଳ ୧ଟଙ୍କା ଦେଇ ଏମ୍ଏନ୍‌ପି ଜରିଆରେ ବିଏସ୍ଏନ୍ଏଲ୍ ଯୋଗ ଦେଇ ଏହି ସୁବିଧା ପାଇପାରିବେ। ଏହି ସିମ୍ ପାଇବା ପାଇଁ ନିଜର ପରିଚୟପତ୍ର ସହ ନିକଟସ୍ଥ ବିଏସ୍ଏନ୍ଏଲ୍ ଗ୍ରାହକ ସେବା କେନ୍ଦ୍ର ଅଥବା ରିଟେଲରଙ୍କ ସହ ଯୋଗାଯୋଗ କରିବା ଦରକାର। ଏହି ସୁବିଧା ୧/୮/୨୦୨୫ରୁ ୩୧/୮/୨୦୨୫ ପର୍ଯ୍ୟନ୍ତ ଉପଲବ୍ଧ ହେବ। ବିଏସ୍ଏନ୍ଏଲ୍ ଓଡ଼ିଶାର ମୁଖ୍ୟ ମହାପ୍ରବନ୍ଧକ ଦୁଷ୍ମନ୍ତ କୁମାର ବେହେରା ଏହି ସୁବିଧା ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଅନୁରୋଧ କରିଛନ୍ତି।

## ମହାନଦୀକୁ ନେଇ ବିଜେଡିର ଅଭିଯୋଗ ପ୍ରସଙ୍ଗ

# ବିଜେପି ସରକାର ଓଡିଶାବାସୀଙ୍କୁ ନ୍ୟାର୍ଯ୍ୟ ଅଧିକାର ଦେବାପାଇଁ ବଦ୍ଧପରିକର

ଭୁବନେଶ୍ୱର, (ସବ୍ୟୁ): ୨୪ ବର୍ଷ କାଳ ଓଡିଶା ଲୋକଙ୍କୁ ମିଛ କହି ଠକିବା ପରେ ବି ବୋଧ ହୁଏ ବିଜୁ ଜନତା ଦଳର ମନ ବୁଝିଲା ନାହିଁ ଆଜି ସେମାନେ ପୁଣି ମିଛ କହିବାର ଅପଚେଷ୍ଟା କରୁଛନ୍ତି। ପ୍ରଥମେ ବିଜୁ ଜନତା ଦଳ ସ୍ପଷ୍ଟ କରୁ ଯେ, ସେମାନେ ଯେଉଁ ଟ୍ରିବ୍ୟୁନାଲ କଥା କହି ଓଡିଶାବାସୀଙ୍କୁ ୨୦୧୮ ରୁ ୨୦୨୪, ୬ବର୍ଷ କାଳ ମହାନଦୀ ବିବାଦର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ତାହା ସେମାନେ ପୂରଣ କରିପାରି ନଥିଲେ କାହିଁକି? ଟ୍ରିବ୍ୟୁନାଲ ବାବଦରେ କେବଳ ଓକିଲ ଖର୍ଚ୍ଚ ବାବଦରେ ରାଜ୍ୟ ରାଜକୋଷରୁ ସେତେବେଳେ ୩୦କୋଟି ଟଙ୍କାରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଏହାର ଲାଭ ଓଡିଶା ଲୋକଙ୍କୁ କ'ଣ ମିଳିଲା ତାହା ଟିକେ ବିଜୁ ଜନତା ଦଳ ସ୍ପଷ୍ଟ କଲେ ଭଲ ହୁଅନ୍ତା। ଭାରତ ଇତିହାସରେ



କୌଣସି ବି ଆର୍ନ୍ତରାଜ୍ୟ ନଦୀ ବିବାଦର ସମାଧାନ ଟ୍ରିବ୍ୟୁନାଲ ଦ୍ୱାରା ହୋଇପାରିନାହିଁ। ଯାହା ବି ସମାଧାନ ହୋଇଛି କେବଳ ଆପୋଷ ଆଲୋଚନା ମାଧ୍ୟମରେ ହୋଇଛି। ଭାରତୀୟ ଜନତା ପାର୍ଟି ସରକାର ଏବେ ଯେତେବେଳେ ମହାନଦୀ ବିବାଦର ସମାଧାନ ପାଇଁ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନର ରାସ୍ତା ବାହାର କରୁଛନ୍ତି ସେତେବେଳେ ବିଜୁ ଜନତା ଦଳକୁ କାହିଁକି କଷ୍ଟ ହେଉଛି ତାହା ବୁଝା ପଡୁନାହିଁ। ଯେଉଁମାନେ ସରକାରରେ ଥିଲାବେଳେ ମହାନଦୀକୁ ମାରି ଦେବା ପାଇଁ ଚକ୍ରାନ୍ତ କରୁଥିଲେ ସେମାନେ ଏବେ ବିରୋଧୀ ଦଳରେ ବସି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବିଜୁ ଜନତା ଦଳର ବନ୍ଧୁମାନେ ଆଶ୍ୱସ୍ତ ରୁହନ୍ତୁ ଯେ, ମହାନଦୀ ପ୍ରସଙ୍ଗରେ ଭାରତୀୟ ଜନତା ପାର୍ଟି ସରକାର ଓଡିଶାବାସୀଙ୍କୁ ତାଙ୍କ ନ୍ୟାର୍ଯ୍ୟ ଅଧିକାର ଦେବାପାଇଁ ବଦ୍ଧପରିକର ବୋଲି ବିଜେପି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି।

# ଆଇନଜୀବୀ ଲାଇସେନ୍ସ ପାଇଁ ଏଣିକି ଅନଲାଇନ୍ ପଞ୍ଜୀକରଣ

କଟକ, (ସବ୍ୟୁ):ରାଜ୍ୟର ଆଇନଜୀବୀ ମାନଙ୍କର ସର୍ବୋଚ୍ଚ ନିୟାମକ ସଂସ୍ଥା ରାଜ୍ୟ ଆଇନଜୀବି ପରିଷଦରେ ଆଡଭୋକଟ ଲାଇସେନ୍ସ ପାଇଁ ଆବେଦନ ପ୍ରକ୍ରିୟାର ସରଳିକରଣ ପାଇଁ ଅନଲାଇନ୍ ପଞ୍ଜୀକରଣ ପ୍ରକ୍ରିୟା ଅଗଷ୍ଟ ୧ ଠାରୁ ଆରମ୍ଭ ହୋଇଯାଇଛି। ବିଭିନ୍ନ ଆଇନ୍ କଲେଜରୁ ଆଇନ୍ ରେ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀମାନେ ଏବେ ରାଜ୍ୟ ବାର କାଉନସିଲ କୁ ଆସି ଆଇନଜୀବି ପଞ୍ଜୀକରଣ ଫର୍ମ ଦାଖଲ କରିବା ପରିବର୍ତ୍ତେ ରାଜ୍ୟ ବାର କାଉନସିଲ ୱେବ୍ ସାଇଟ https://barcouncilofodisha.org ଜରିଆରେ ଫର୍ମ ଦାଖଲ କରିପାରିବେ। ଏହି ଅନଲାଇନ୍ ପଞ୍ଜୀକରଣ ବ୍ୟବସ୍ଥାକୁ ସକ୍ରିୟ ଭାବେ ଚାଲୁ ରଖିବା ପାଇଁ ଡ଼ିଜିଟାଇଜେସନ ମାଧ୍ୟମରେ ରାଜ୍ୟ ବାର କାଉନସିଲ ଭବିଷ୍ୟତରେ ଅନେକ ପ୍ରଗତିଶୀଳ ଓ ଅଭିନବ କାର୍ଯ୍ୟକ୍ରମ ଜାରିରଖିବ ବୋଲି ରାଜ୍ୟ ଆଇନଜୀବି ପରିଷଦ ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ରାଜ୍ୟ ଆଇନଜୀବି ପରିଷଦର ସଚିବ ଯଯାତି କେଶରୀ ସାମନ୍ତସିଂହାର ଜଣାଇଛନ୍ତି।

# ମୋକିମ ଫାଉଣ୍ଡେସନ ପକ୍ଷରୁ ନିଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର



କଟକ, (ସବ୍ୟୁ): ମୋକିମ ଫାଉଣ୍ଡେସନ କଟକ ପକ୍ଷରୁ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଓଡ଼ିଆ ବଜାର ସ୍ଥିତ ଉର୍ଦ୍ଦୁ ମହିଳା ଉଚ୍ଚ ବିଦ୍ୟାଳୟ ଠାରେ ଡାକ୍ତର ନୟୀମା ତାଜ଼ୀନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ବାରବାଟୀ କଟକର ପୂର୍ବତନ ବିଧାୟକ ଇଂ ମହମଦ ମୋକିମଙ୍କ ଦ୍ୱାରା ଉଦଘାଟନରେ ଅନୁଷ୍ଠିତ ହୋଇଯାଇଛି । ବାରବାଟୀ କଟକର ବିଧାୟିକା ଇଂ ସୋଫିଆ ଫିଦୋଷ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ଆଫରୋଜ ବେଗମ, ସରୱାର ହସିବ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଉକ୍ତ ଶିବିରରେ କେୟାର ହସ୍ପିଟାଲର ହୃଦୟରୋଗ ବିଶେଷଜ୍ଞ ଡାକ୍ତର ଦେବାଶିଷ ମହାପାତ୍ର, ଡାକ୍ତର ସ୍ୱାତିମୟୀ ମହାନ୍ତି, ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଶୁଭ ମହାନ୍ତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନୟୀମା ତାଜେନ ଓଡ଼ିଆ ବଜାର, କାଜିବଜ଼ାର, ସୂତାହାଟ ପ୍ରଭୃତି ଅଞ୍ଚଳର ଶତାଧିକ ରୋଗୀଙ୍କୁ ଚିକିତ୍ସା କରିବା ସହ ଅନୁଷ୍ଠାନ ପକ୍ଷରୁ ମାଗଣାରେ ଇସିଜି, ରକ୍ତ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା । ସତ୍ୟରଞ୍ଜନ କର ଶିବିର ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୟଦ ଯବିଉଲା, ମହମ୍ମଦ ହସିବଉଲ୍ଲା, ପ୍ରିୟଙ୍କା ପାଢ଼ୀ, ଶକିଲ ଖାନ, ରୌପ୍ୟ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ୧୮ ଟି ରାଜ୍ୟରେ ସାମ୍ବାଦିକଙ୍କୁ ପେନ୍‌ସନ୍

# ଓଡ଼ିଶାରେ ଏପର୍ଯ୍ୟନ୍ତ ମିଳିଲା ନାହିଁ

ଭୁବନେଶ୍ୱର (ସବ୍ୟୁ): ବିହାରରେ ନୀତିଶ କୁମାରଙ୍କ ନେତୃତ୍ୱାଧୀନ ଏନଡିଏ ସରକାର ସାମ୍ବାଦିକମାନଙ୍କର ମାସିକ ପେନସନ ୧୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି । ବିହାରରେ ଅଧସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନେ ଏବେ ମାସିକ ୬ ହଜାର ଟଙ୍କା ପେନସନ ପାଉଛନ୍ତି । ତେବେ ବର୍ଦ୍ଧିତ ପେନସନ ତୁରନ୍ତ ଦେବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଅପରପକ୍ଷରେ ପରିବାର ପେନସନ ବା ସାମ୍ବାଦିକଙ୍କ ମୃତ୍ୟୁ ପରେ ପତ୍ନୀ ଅବା ପତି ମାସିକ ୩ ହଜାର ଟଙ୍କାର ପେନ୍‌ସନ୍ ପାଉଥିବାବେଳେ ଏହାକୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଶନିବାର ଏ ସଂପର୍କରେ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସରେ ସୂଚନା ଦେଇଛନ୍ତି । ବିହାର ସରକାର ସାମ୍ବାଦିକମାନଙ୍କ ଲାଗି ବିହାର ପତ୍ରକାର ସମ୍ମାନ ପେନସନ ଯୋଜନା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗଣତନ୍ତ୍ରରେ ପତ୍ରକାର ବା ସାମ୍ବାଦିକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ସେମାନେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ କାର୍ଯ୍ୟ କରନ୍ତି ଏବଂ ସାମାଜିକ ବିକାଶ କ୍ଷେତ୍ରରେ ସାମ୍ବାଦିକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଥାଏ। ସାମ୍ବାଦିକମାନଙ୍କ ସୁବିଧା ଲାଗି ସରକାର ଆରମ୍ଭରୁ ଧ୍ୟାନ ରଖୁଛନ୍ତି। ପ୍ରତ୍ୟେକ ସାମ୍ବାଦିକ ନିରପେକ୍ଷ ଭାବରେ ନିଜର ସାମ୍ବାଦିକତା କରିବା ଏବଂ ଅବସର ପରେ କିଭଳି ସୁସ୍ଥ ଜୀବନ ଯାପନ କରିବେ ସେଥିପାଇଁ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି।

ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନ, ଓଡ଼ିଶାର ଅଧକ୍ଷ ବରିଷ୍ଠ ସାମ୍ବାଦିକ ରବି ରଥ କହିଛନ୍ତି ଯେ, କେବଳ ବିହାର ନୁହେଁ, ପଶ୍ଚିମବଙ୍ଗ, ତାମିଲନାଡୁ, ହରିଆନା ଓ ଆସାମ ସମେତ ଭାରତର ୧୮ ଟି ରାଜ୍ୟରେ ସରକାର ସାମ୍ବାଦିକମାନଙ୍କୁ ମାସିକ ପେନସନ ପ୍ରଦାନ କରୁଛନ୍ତି। ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ସରକାର ୨୦୧୮ ମସିହାରୁ ସାମ୍ବାଦିକମାନଙ୍କ ଲାଗି ପଶ୍ଚିମବଙ୍ଗ ପେନସନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଅବସର ପରେ ସାମ୍ବାଦିକଙ୍କୁ ମାସିକ ୨ ହଜାର ୫ଶହ ଟଙ୍କା ପେନସନ ଦିଆଯାଉଛି । ତାମିଲନାଡୁରେ ସେହିଭଳି ଏମ.କେ ଷ୍ଟାଲିନଙ୍କ ନେତୃତ୍ୱାଧିନ ଡିଏମକେ ସରକାର ମାସିକ ୪ ହଜାର ଟଙ୍କା ଲେଖାଏଁ ପେନସନ ସାମ୍ବାଦିକମାନଙ୍କୁ ପ୍ରଦାନ କରୁଛନ୍ତି। ୫୮ ବର୍ଷ ବୟସ ପରେ ସାମ୍ବାଦିକମାନେ ଏହି ପେନସନ ପାଉଛନ୍ତି । ହରିଆନାରେ ବିଜେପି ସରକାର ଅଧିସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ମାସିକ ୧୦ ହଜାର ଟଙ୍କା ପେନସନ ପ୍ରଦାନ କରୁଛନ୍ତି। ୬୦ ବର୍ଷ ବୟସରେ ଅବସର ପରେ ଏହି ପେନସନ ଦିଆଯାଉଛି। ଆସାମରେ ବିଜେପି ସରକାର ସେହିଭଳି ମାସିକ ୮ ହଜାର ଟଙ୍କା ସାମ୍ବାଦିକ ପେନସନ ପ୍ରଦାନ କରୁଛନ୍ତି। ୨୦୧୬ ଜାନୁଆରୀ ୧ରୁ ଆସାମରେ ଏହା କାର୍ଯ୍ୟକାରୀ କରାଯାଇଛି। ଦୈନିକ, ପାକ୍ଷିକ, ସାପ୍ତାହିକ, ମାସିକ, ସାଂଧ୍ୟ ଖବରକାଗଜ ସହିତ ବିଭିନ୍ନ ଖବର ସରବରାହ ସଂସ୍ଥା, ରେଡିଓ ଷ୍ଟେସନ ଏବଂ ବିଭିନ୍ନ ନ୍ୟୁଜ ଚାନେଲର ସାମ୍ବାଦିକମାନଙ୍କୁ ଏହି ପେନସନ ପ୍ରଦାନ କରାଯାଉଛି। ସାମାଜିକ ବିକାଶ କ୍ଷେତ୍ରରେ ସାମ୍ବାଦିକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଥାଏ। ସାମ୍ବାଦିକମାନଙ୍କ ସୁବିଧା ଲାଗି ସରକାର ଆରମ୍ଭରୁ ଧ୍ୟାନ ରଖୁଛନ୍ତି। ପ୍ରତ୍ୟେକ ସାମ୍ବାଦିକ ନିରପେକ୍ଷ ଭାବରେ ନିଜର ସାମ୍ବାଦିକତା କରିବା ଏବଂ ଅବସର ପରେ କିଭଳି ସୁସ୍ଥ ଜୀବନ ଯାପନ କରିବେ ସେଥିପାଇଁ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି। ଉଲ୍ଲେଖ ଥାଉକି, କେବଳ ବିହାର ନୁହେଁ, ୨୦୧୬ ଜାନୁଆରୀ ୧ରୁ ଆସାମରେ ଏହା କାର୍ଯ୍ୟକାରୀ କରାଯାଇଛି। ଦୈନିକ, ପାକ୍ଷିକ, ସାପ୍ତାହିକ, ମାସିକ, ସାଂଧ୍ୟ ଖବରକାଗଜ ସହିତ ବିଭିନ୍ନ ଖବର ସରବରାହ ସଂସ୍ଥା, ରେଡିଓ ଷ୍ଟେସନ ଏବଂ ବିଭିନ୍ନ ନ୍ୟୁଜ ଚାନେଲର ସାମ୍ବାଦିକମାନଙ୍କୁ ଏହି ପେନସନ ପ୍ରଦାନ କରାଯାଉଛି।

### ୧୫ ହଜାର ଟଙ୍କାକୁ ବୃଦ୍ଧି କଲେ ବିହାର ସରକାର

ବିହାର ସରକାରଙ୍କର ସାମ୍ବାଦିକ ପେନସନ ଯୋଜନାରେ ପରିମାଣ ବୃଦ୍ଧି ପରେ ଓଡ଼ିଶାରେ ସାମ୍ବାଦିକ ପେନସନ ଯୋଜନା କେବେ କାର୍ଯ୍ୟକାରୀ ହେବ ସେନେଇ ଦାବି ପୁଣି ଜୋରଦାର ହୋଇଛି। ବିଭିନ୍ନ ସୋସିଆଲ ମିଡିଆ ମାଧ୍ୟମରେ ସରକାରଙ୍କ ନିକଟରେ ସାମ୍ବାଦିକମାନେ ଏହି ଦାବି ଉପସ୍ଥାପନ କରିଛନ୍ତି।

ଏଠାରେ ଉଲ୍ଲେଖ କରାଯାଇପାରେ ୧୯୮୦ ମସିହାରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ କଂଗ୍ରେସ ସରକାର ବେଳେ ସାମ୍ବାଦିକ ପେନସନ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା । କାରଣ ଜାନକୀ ବାବୁ ୧୪ ବର୍ଷ କାଳ ପ୍ରଜାତନ୍ତ୍ର ଓ ଇଷ୍ଟର୍ଣ୍ଣ ଟାଇମ୍ସର ସମ୍ପାଦକ ଭାବେ କାର୍ଯ୍ୟ କରି ସାମ୍ବାଦିକମାନଙ୍କ ପ୍ରକୃତ ସମସ୍ୟା ସମ୍ପର୍କରେ ଅବଗତ ଥିଲେ । ସେହିଦିନ ଠାରୁ ୪୫ ବର୍ଷ ଧରି ବିଭିନ୍ନ ସମୟରେ ବିଭିନ୍ନ ମୁଖ୍ୟମନ୍ତ୍ରୀ ସାମ୍ବାଦିକମାନଙ୍କୁ ପେନସନ ସମ୍ପର୍କରେ ପ୍ରତିଶ୍ରୁତି ଦେଇ ଆସୁଛନ୍ତି, କିନ୍ତୁ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ । ସ୍ମରଣ କରାଯାଇପାରେ ଯେ, ବିଜେପି ସରକାର ୨୦୨୪ ନିର୍ବାଚନ ପୂର୍ବରୁ ସାମ୍ବାଦିକମାନଙ୍କ ପେନସନ ସୁରକ୍ଷା ଭଳି ମୌଳିକ ସମସ୍ୟା ସମାଧାନ କରିବେ ବୋଲି ବାରମ୍ବାର କହି ଆସୁଥିଲେ । ବର୍ତ୍ତମାନ ସରକାରରେ ରହିବା ପରେ କଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

କଂଗ୍ରେସ ସରକାର ସମୟରେ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ କାର୍ଯ୍ୟକାଳରେ ପ୍ରସ୍ତାବକୁ ନେଇ ସରକାର ସମ୍ମତି ଦେଇଥିଲା ବେଳେ ୨୦୦୪ରେ ନବୀନ ପଟ୍ଟନାୟକଙ୍କ ସରକାରରେ ସୂଚନା ଓ ଲୋକସଂପର୍କ ବିଭାଗ ରାଷ୍ଟ୍ର ମନ୍ତ୍ରୀ ଦେବାଶିଷ ନାୟକଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ସେହି କମିଟି ବିଭିନ୍ନ ରାଜ୍ୟ ଗସ୍ତ କରି ସରକାରଙ୍କୁ ସାମ୍ବାଦିକ ପେନସନ ଯୋଜନା ଲାଗୁ କରିବାକୁ ସୁପାରିଶ କରିଥିଲା। କିନ୍ତୁ ତାହା ସରକାରୀ ନାଲିଫିତା ତଳେ ଅଟକିଗଲା । ପରବର୍ତ୍ତୀ ସମୟରେ ତତ୍କାଳୀନ ବିଜେଡି ସରକାରକୁ ବା ସିଧାସଳଖ ନବୀନ ପଟ୍ଟନାୟକଙ୍କୁ ସାମ୍ବାଦିକମାନେ ବାରମ୍ବାର ଏନେଇ ଦାବିପତ୍ର ଦେଇଥିଲେ। ୨୦୧୩ ମସିହାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ଦ୍ୱାରା ପେନସନ ଯୋଜନା ପାଇଁ ବଡ଼ ଧରଣର ଆନ୍ଦୋଳନ ହୋଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଅରୁଣ କୁମାର ସାହୁଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ସାମ୍ବାଦିକ ପ୍ରତିନିଧିମାନଙ୍କ ସହିତ ଏକ ଉଚ୍ଚସ୍ତରୀୟ ଆଲୋଚନା କରାଯାଇଥିଲା ଏବଂ କମିଟି ଗଠନ ହୋଇଥିଲା। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରି ତୁରନ୍ତ ସାମ୍ବାଦିକମାନଙ୍କର ବିଭିନ୍ନ ଦାବି ସଂପର୍କରେ ନିଷ୍ପତ୍ତି ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ତାହା ମଧ୍ୟ ନାଲିଫିତା ତଳେ ରହିଗଲା। ୨୦୧୪ରେ ନିର୍ବାଚନ ସମୟରେ ଓଡ଼ିଶା ସରକାର ଯଥାଶୀଘ୍ର ସାମ୍ବାଦିକ ପେନସନ ଯୋଜନା ଲାଗୁ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୨୦୧୯ ନିର୍ବାଚନ ସମୟରେ ମଧ୍ୟ ସେହି ପ୍ରତିଶ୍ରୁତି ଦିଆଯାଇଥିଲା। ୨୦୨୪ରେ ବିରୋଧଦଳରେ ଥିବା ବିଜେପି ସାମ୍ବାଦିକ ପେନସନ ଲାଗି ପ୍ରତିଶ୍ରୁତି ଦେଇଥିଲା। ନିର୍ବାଚନରେ ପଟ୍ଟ ପରିବର୍ତ୍ତନ ହୋଇ ବିଜେପି ପ୍ରଥମ ଥର ପାଇଁ ଓଡ଼ିଶାରେ ସରକାର ଗଠନ କଲା ପରେ ପ୍ରତିଶ୍ରୁତି ଅନୁଯାୟୀ ସାମ୍ବାଦିକ ପେନସନ ଯୋଜନା ଲାଗୁ ହେବ ବୋଲି ଆଶା ଥଲା ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବାରମ୍ବାର ଏନେଇ ବିଭିନ୍ନ ସାମ୍ବାଦିକ ସଂଗଠନ ତଥା ବରିଷ୍ଠ କାର୍ଯ୍ୟରତ ସାମ୍ବାଦିକମାନେ ଅବଗତ କରିଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ସରକାର କୌଣସି ନିଷ୍ପତ୍ତି ନେଇନାହାନ୍ତି। ସରକାରଙ୍କ ବର୍ଷ ପୂର୍ତ୍ତି ସମୟରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଖବରକାଗଜର ସଂପାଦକ ଓ ବରିଷ୍ଠ ସାମ୍ବାଦିକଙ୍କୁ ଡାକି ପ୍ରାୟ ଦୁଇ ଘଣ୍ଟା କାଳ ଆଲୋଚନା କାଳରେ ଏହି ପ୍ରସଙ୍ଗ ଉଠିଥିଲା ଏବଂ ଏହା ଉପରେ ତୁରନ୍ତ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏବେ ସମସ୍ତଙ୍କର ଅପେକ୍ଷା କେବେ ମୁଖ୍ୟମନ୍ତ୍ରୀ ଏନେଇ ନିଷ୍ପତ୍ତି ନେଉଛନ୍ତି। ପ୍ରକାଶ ଥାଉକି, ୨୦୧୩ ଆନ୍ଦୋଳନ ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମ୍ବାଦିକମାନଙ୍କର ମୁଖ୍ୟ ଦୁଇଟି ଦାବି ମଧ୍ୟରୁ ଗୋଟିଏ ପୂରଣ କରିଥିଲେ । ତାହା ଥିଲା ସାମ୍ବାଦିକମାନଙ୍କୁ ସ୍ୱାସ୍ଥ୍ୟ ବୀମା ଭୁକ୍ତ କରାଇବା । ସେଥିଲାଗି ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ଆରମ୍ଭ କରାଯାଇଥିଲା । ତାହା ଏବେ ବଳବତ୍ତର ରହିଛି । ତେବେ ପେନସନ ଦାବିଟିକୁ ପରବର୍ତ୍ତୀ ସମୟରେ ପୂରଣ କରାଯିବ ବୋଲି ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ। ଏବର ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ମଧ୍ୟ କୋଭିଡ୍‌ରେ ମୃତ ସାମ୍ବାଦିକଙ୍କ ଲାଗି ୧୫ଲକ୍ଷ ଟଙ୍କାର ସହାୟତା ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କୁ କହି କରାଇଥିଲେ। ତାହା ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ପ୍ରତିବର୍ଷ ଅବଶ୍ୟ ଓଡ଼ିଶାରେ ନଭେମ୍ବର ୧୬ରେ ଜାତୀୟ ପ୍ରେସ୍ ଦିବସରେ ରାଜ୍ୟର ବରିଷ୍ଠ ସାମ୍ବାଦିକମାନଙ୍କୁ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ପେନ୍‌ସନ୍ ବେସରକାରୀ ଉଦ୍ୟମରେ ଦିଆଯାଉଥିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

# ବାରାଣସୀରେ ୨,୨୦୦ କୋଟିର ଶିଳାନ୍ୟାସ

ବାରାଣସୀ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଉତ୍ତର ପ୍ରଦେଶର ବାରାଣସୀରେ ପ୍ରାୟ ୨,୨୦୦କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟର ଶିଳାନ୍ୟାସ ଏବଂ ଉଦଘାଟନ କରିଛନ୍ତି । ଏହି ଅବସରରେ ଉପସ୍ଥିତ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପବିତ୍ର ଶ୍ରାବଣ ମାସରେ ବାରାଣସୀର ପରିବାର ସହସାକ୍ଷାତକରିତାଙ୍କର ହୃଦୟସ୍ପର୍ଶୀ ଭାବନା ପ୍ରକାଶ କରିଛନ୍ତି ।ବାରାଣସୀର ଲୋକଙ୍କ ସହିତ ତାଙ୍କର ଗଭୀର ଭାବପ୍ରବଣ ସମ୍ପର୍କକୁ ଉଲ୍ଲେଖ କରି ଶ୍ରୀ ମୋଦୀ ସହରର ପ୍ରତ୍ୟେକ ପରିବାର ସଦସ୍ୟଙ୍କୁ ତାଙ୍କର ସୌହାର୍ଦ୍ଦ୍ୟପୂର୍ଣ୍ଣ ଶୁଭେଚ୍ଛା ଜଣାଇଛନ୍ତି । ପବିତ୍ର ଶ୍ରାବଣ ମାସରେ ଭିଡିଓ କନଫରେନ୍ସ ମାଧ୍ୟମରେ ଦେଶବ୍ୟାପୀ କୃଷକମାନଙ୍କ ସହିତ ସଂଯୋଗ ସ୍ଥାପନ କରି ଶ୍ରୀ ମୋଦୀ ସନ୍ତୋଷ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଗତ କିଛି ଦିନ ଧରି ସେ ବାରାଣସୀରେ ଗଙ୍ଗାଜଳ ବହନ କରୁଥିବା ଶିବଭକ୍ତମାନଙ୍କର ଦିବ୍ୟ ରୂପ ଅନୁଭବ କରୁଥିଲେ, ବିଶେଷକରି ଶ୍ରାବଣ ମାସର ପ୍ରଥମ ସୋମବାରରେ, ଯେତେବେଳେ ଭକ୍ତମାନେ ବାବା ବିଶ୍ୱନାଥଙ୍କ ପବିତ୍ର ଜଳାଭିଷେକ କରିବାକୁ ଯାତ୍ରା ଆରମ୍ଭ କରିଥିଲେ । ସେ ଗୌରୀ କେଦାରନାଥରୁ ଗଙ୍ଗାଜଳ ବହନ କରୁଥିବା ଯାଦବ ଭାଇମାନଙ୍କର ମନୋରମ ଦୃଶ୍ୟ ଉପରେ ମନ୍ତବ୍ୟ ଦେଇ ଏହାକୁ ଏକ ପ୍ରକୃତ ମନମୋହକ ଦୃଶ୍ୟ ବୋଲି ବର୍ଣ୍ଣନା କରିଛନ୍ତି । ବାରାଣସୀରେ ଆୟୋଜିତ ହେଉଥିବା ବୃହତ୍ କୃଷକ ମହୋତ୍ସବର ପାଳନ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ-କିଷାନ ସମ୍ମାନ ନିଧି ଯୋଜନା ଅଧୀନରେ ଦେଶବ୍ୟାପୀ ୧୦ କୋଟି ଚାଷୀ ଭାଇ ଭଉଣୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨୧,୦୦୦ କୋଟି ଟଙ୍କା ହସ୍ତାନ୍ତର କରାଯାଇଛି । ସେ ଆହୁରି ସୂଚନା ଦେଇଛନ୍ତି ଯେ ଏହି କାର୍ଯ୍ୟକ୍ରମରେ ୨,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରାଯାଇଛି । ୨୦୧୯ରେ ପ୍ରଧାନମନ୍ତ୍ରୀ-କିଷାନ ସମ୍ମାନ ନିଧି ଆରମ୍ଭ ହେବା ସମୟ ମନେ ପକାଇ ଶ୍ରୀ ମୋଦୀ କହିଛନ୍ତି ଯେ, କିଛି ପ୍ରମୁଖ ବିରୋଧୀ ଦଳ ବିଭିନ୍ନ ଗୁଜବ ପ୍ରଚାର କରିଥିଲେ। କେତେକ କହିଥିଲେ ଯେ ନିର୍ବାଚନ ପରେ ଏହି ଦେୟ ବନ୍ଦ ହୋଇଯିବ ଏବଂ ଅନ୍ୟ କେତେକ କହିଥିଲେ ଯେ ଦିଆଯାଉଥିବା ଟଙ୍କା ଫେରସ୍ତ ନିଆଯିବ । ସେ ଉଲ୍ଲେଖ କରିଛନ୍ତି ଯେ,ଆଜି ପର୍ଯ୍ୟନ୍ତ ୩.୭୫ ଲକ୍ଷ କୋଟି ଟଙ୍କା ସିଧାସଳଖ ଚାଷୀଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଛି । କେବଳ ଉତ୍ତର ପ୍ରଦେଶରେ ପ୍ରାୟ ୨.୫ କୋଟି ଚାଷୀ ଏହି ଯୋଜନା ଅଧୀନରେ ଉପକୃତ ହୋଇଛନ୍ତି ଏବଂ ୯୦,୦୦୦ କୋଟି ଟଙ୍କାରୁ ଅଧିକ ଟଙ୍କା ପାଇଛନ୍ତି । ଶ୍ରୀ ମୋଦୀ ଆହୁରି ମଧ୍ୟ କହିଛନ୍ତି ଯେ, ବାରାଣସୀର ଚାଷୀମାନେ ପ୍ରାୟ ୯୦୦ କୋଟି ଟଙ୍କା ପାଇଛନ୍ତି ।



"ଆମର ସରକାର ଚାଷୀଙ୍କ ଜୀବନକୁ ପରିବର୍ତ୍ତନ କରିବା, ସେମାନଙ୍କ ଆୟ ବୃଦ୍ଧି କରିବା ଏବଂ ଚାଷ ଖର୍ଚ୍ଚ ହ୍ରାସ କରିବା ପାଇଁ ପୂର୍ଣ୍ଣ ଶକ୍ତିର ସହିତ କାର୍ଯ୍ୟ କରୁଛି, ଆମେ ବିହନରୁ ବଜାର ପର୍ଯ୍ୟନ୍ତ ଚାଷୀଙ୍କ ସହିତ ଦୃଢ଼ ଭାବରେ ଠିଆ ହୋଇଛୁ", ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଛନ୍ତି ଯେ, କ୍ଷେତରେ ପାଣି ପହଞ୍ଚିବା ସୁନିଶ୍ଚିତ କରିବା ପାଇଁ, ସାରା ଦେଶରେ ଲକ୍ଷ ଲକ୍ଷ କୋଟି ଟଙ୍କାର ଜଳସେଚନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ମୋଦୀ ସ୍ୱୀକାର କରିଛନ୍ତି ଯେ,ଅତ୍ୟଧିକ ବର୍ଷା, କୁଆପଥର ବୃଷ୍ଟି କିମ୍ବା ତୁଷାରପାତ ଭଳି ପ୍ରାକୃତିକ ବିପର୍ଯ୍ୟୟ ସର୍ବଦା ଚାଷୀଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଆସିଛି । ଚାଷୀମାନଙ୍କୁ ଏପରି ଅନିଶ୍ଚିତତାରୁ ରକ୍ଷା କରିବା ପାଇଁ, ସରକାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଆରମ୍ଭ କରିଛନ୍ତି । ସେ ସୂଚନା ଦେଇଛନ୍ତି ଯେ, ଏହି ଯୋଜନା ଅଧୀନରେ, ଚାଷୀମାନେ ଏପର୍ଯ୍ୟନ୍ତ ୧.୭୫ ଲକ୍ଷ କୋଟିରୁ ଅଧିକ ମୂଲ୍ୟର କ୍ଷତିପୂରଣ ପାଇସାରିଛନ୍ତି ।ଜନସାଧାରଣଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ସେୟାର କରି ଶ୍ରୀ ମୋଦୀ କହିଛନ୍ତି, "ଜନଧନ ଯୋଜନା ଅଧୀନରେ, ସାରା ଦେଶରେ ଗରିବ ଲୋକଙ୍କ ପାଇଁ ୫୫କୋଟି ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି" । ସେ ସୂଚନା ଦେଇଛନ୍ତି ଯେ, ଏହି ଯୋଜନା ସମ୍ପ୍ରତି ଦଶ ବର୍ଷ ପୂରଣ କରିଛି ଏବଂ ନିୟମ ଅନୁଯାୟୀ, ଦଶ ବର୍ଷ ପରେ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ନୂତନ କେୱାଇସିଯାଞ୍ଚ ଆବଶ୍ୟକ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ଆବଶ୍ୟକତା ପୂରଣ କରିବା ପାଇଁ, ୧ଜୁଲାଇ ୨୦୨୫ରୁ ଦେଶବ୍ୟାପୀ ଏକ ଅଭିଯାନ ଆରମ୍ଭ କରାଯାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ବ୍ୟାଙ୍କଗୁଡ଼ିକ ଖୋଲା ଯାଇଛି ଏବଂ ପ୍ରାୟ ଏକ ଲକ୍ଷ ଗ୍ରାମ ପଞ୍ଚାୟତରେ ଶିବିର ସ୍ଥାପନ କରାଯାଇଛି, ଫଳରେ ଲକ୍ଷ ଲକ୍ଷ ଲୋକ ସଫଳତାର ସହ ସେମାନଙ୍କର କେୱାଇସି ନବୀକରଣ ପ୍ରକ୍ରିୟା ସମାପ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଶ୍ରୀ ଯୋଗୀ ଆଦିତ୍ୟନାଥ ଉପସ୍ଥିତ ଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନଙ୍କ ସହିତ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଏବଂ ରାଜ୍ୟ ମନ୍ତ୍ରୀମାନେ ଭିଡିଓ କନଫରେନ୍ସ ମାଧ୍ୟମରେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ବାରାଣସୀରେ ବିଶ୍ୱସ୍ତରୀୟ କ୍ରୀଡା ଭିତ୍ତିଭୂମି ପାଇଁ ତାଙ୍କର ଦୃଷ୍ଟିକୋଣକୁ ଆଗକୁ ବଢାଇ ପ୍ରଧାନମନ୍ତ୍ରୀ ଡକ୍ଟର ଭୀମରାଓ ଆମ୍ବେଦକର କ୍ରୀଡା ଷ୍ଟାଡିୟମରେ ଏକ ସିନ୍ଥେଟିକ୍ ହକି ଟର୍ଫ ଉଦଘାଟନ କରିଛନ୍ତି । ଆଇନ ପ୍ରବର୍ତ୍ତନ କର୍ମଚାରୀଙ୍କ ପାଇଁ ସୁବିଧା ବୃଦ୍ଧି କରି, ପ୍ରଧାନମନ୍ତ୍ରୀ ପ୍ରାଦେଶିକ ସଶସ୍ତ୍ର କନଷ୍ଟାବୁଲରୀ ରାମନଗରରେ ୩୦୦କ୍ଷମତା ବିଶିଷ୍ଟ ଏକ ବହୁମୁଖୀ ହଲ୍ ଉଦଘାଟନ କରିଛନ୍ତି ଏବଂ କ୍ୱିକ୍ ରେସପନ୍ସ ଟିମ୍ ବାରାକ୍ ପାଇଁ ଶିଳାନ୍ୟାସ କରିଛନ୍ତି ।

## ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି : ମୋଦୀ

ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ଅର୍ଥନୀତିକୁ ମୃତ ଅର୍ଥନୀତି କହିଥିଲେ । କଂଗ୍ରେସ ନେତା ରାହୁଲ ଗାନ୍ଧି ମଧ୍ୟ ଏହି ବୟାନକୁ ସମର୍ଥନ କରିଥିଲେ । ଏବେ ପରୋକ୍ଷରେ ତାହାର ଜବାବ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

ମୋଦୀ ଶନିବାର କହିଛନ୍ତି ଯେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି ଏବଂ ତେଣୁ ଏହାର ଆର୍ଥିକ ସ୍ୱାର୍ଥ ପ୍ରତି ସତର୍କ ରହିବାକୁ ପଡିବ । ସମ୍ପ୍ରତି ମୋର୍ଗାନ୍ ଷ୍ଟାନଲିର ଏକ ରିପୋର୍ଟ ପ୍ରକାଶ ପାଇଛି, ଯେଉଁଥିରେ କୁହାଯାଇଛି ଯେ ଭାରତ ୨୦୨୮ ସୁଦ୍ଧା ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି ଏବଂ ଏହା ୨୦୩୫ ସୁଦ୍ଧା ଏହାର ଜିଡିପି ଦୁଇଗୁଣରୁ ଅଧିକ କରି ୧୦.୬ ଟ୍ରିଲିୟନ ଡଲାର କରିବାକୁ ଯୋଜନା କରୁଛି ।

ଆଜି ବାରାଣସୀରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, "ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି, ତେଣୁ ଭାରତକୁ ଏହାର ଆର୍ଥିକ ସ୍ୱାର୍ଥ ପ୍ରତି ସତର୍କ ରହିବାକୁ ପଡିବ । ଆମର କୃଷକଙ୍କ ସ୍ୱାର୍ଥ, ଆମର କ୍ଷୁଦ୍ର ଶିଳ୍ପ, ଆମ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ଆମ ପାଇଁ ସର୍ବୋପରି । ସରକାର ଏହି ଦିଗରେ ଯଥାସମ୍ଭବ ପ୍ରୟାସ କରୁଛନ୍ତି । ଦେଶରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ଅଛି, ରପ୍ତାନି ରେକର୍ଡ ଉଚ୍ଚ ସ୍ତରରେ ଅଛି, ଗ୍ରାମାଞ୍ଚଳ ସ୍ତରରେ ମଧ୍ୟ ବିକାଶ ହେଉଛି, ଭାରତର ଅର୍ଥନୀତି ଦୃଢ଼ ଭାବରେ ଆଗକୁ ବଢୁଛି ।"

## ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଘୋଷଣାରେ ବିଳମ୍ବ



ନୂଆଦିଲ୍ଲୀ: ଭାରତୀୟ ଜନତା ପାର୍ଟି (ବିଜେପି) ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନାମ ଘୋଷଣା ସ୍ଥଗିତ ରଖିଛି । ଉପରାଷ୍ଟ୍ରପତି ନିର୍ବାଚନ ପରେ ଘୋଷଣା ହେବ । ଏହା ରାଜନୈତିକ ରଣନୀତି ବୋଲି ଜଣାପଡୁଛି । ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ୨୦୨୪ ଲୋକସଭା ନିର୍ବାଚନ ପରେ ଶେଷ ହେବାର ଥିଲା । କିନ୍ତୁ ସେପ୍ଟେମ୍ବରରେ ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଏହା ସ୍ଥଗିତ ରଖାଯାଇଛି । ବିହାର ନିର୍ବାଚନ ଆଗରୁ ଏହା ଘୋଷଣା ହେବ ବୋଲି ସୂଚନା ରହିଛି ।

ଉପରାଷ୍ଟ୍ରପତି ରାଜ୍ୟସଭାର ଅଧ୍ୟକ୍ଷ ଭାବେ ଗୁରୁତ୍ୱପୂର୍ଣ୍ଣ । ଏନଡିଏର ରାଜ୍ୟସଭା ସଂଖ୍ୟା ମଜବୁତ ସ୍ଥିତିରେ ରହିଛି । ଜଣେ ବରିଷ୍ଠ ନେତା କହିଛନ୍ତି, "ନୂଆ ଅଧ୍ୟକ୍ଷ ରାଜ୍ୟସ୍ତରୀୟ ନୀତି ପରିବର୍ତ୍ତନ ଓ କାର୍ଯ୍ୟକର୍ତ୍ତା ରଣନୀତିରେ ପରିବର୍ତ୍ତନ ଆଣିବେ । ଏବେ ଦଳ ଏକତା ଓ ସ୍ଥିରତା ଚାହୁଁଛି । ବିହାର ଓ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଖେଇ ଆସୁଛି । ସଂସଦରେ ଗୁରୁତ୍ୱପୂର୍ଣ୍ଣ ବିଧେୟକ ପାସ୍ କରାଇବା ଜରୁରି ।

ଦଳ ଭିତରେ ନେତୃତ୍ୱ ଚୟନ ପାଇଁ ଅନେକ ନାମ ଚର୍ଚ୍ଚା ହେଉଛି । ସଙ୍ଗଠନ ଦକ୍ଷତା, ପ୍ରଶାସନିକ କ୍ଷମତା, ଆରଏସଏସ ସ୍ୱୀକୃତି ଓ ନିର୍ବାଚନୀ ଅଭିଜ୍ଞତା ଗୁରୁତ୍ୱପୂର୍ଣ୍ଣ । ମୋଦୀ-ଶାହାଙ୍କ ୨୦୨୯ ଦୂରଦୃଷ୍ଟି ସହ ମେଳ ଖାଉଥିବା ନେତା ଚୟନ ହେବେ ।

ବିଜେପି ନୂଆ ନେତୃତ୍ୱ ଗଢ଼ିବାକୁ ଚାହୁଁଛି । ଜାତି, ଆଞ୍ଚଳିକ ଓ ନୂଆ ପିଢ଼ିର ସନ୍ତୁଳନ ରକ୍ଷା କରାଯିବ । ଉପରାଷ୍ଟ୍ରପତି ନିର୍ବାଚନରେ ମିଳିତ ଦଳଙ୍କ ସମର୍ଥନ ଜରୁରି । ଏହି ବିଳମ୍ବ ଗୋଷ୍ଠୀ ବିବାଦକୁ ଏଡ଼ାଇବ । ୨୦୨୭ ରାଷ୍ଟ୍ରପତି ନିର୍ବାଚନକୁ ନଜରରେ ରଖି ଦଳ ଚାଲୁଥିବା କୁହାଯାଉଛି ।

ଉପରାଷ୍ଟ୍ରପତି ନିର୍ବାଚନ ପରେ ଶୀର୍ଷ ପରିବର୍ତ୍ତନ ହେବ । କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳରେ ମଧ୍ୟରେ ଅଦଳ ବଦଳ ହୋଇପାରେ । ବିଜେପି ସଂସଦୀୟ ରଣନୀତିକୁ ଅଗ୍ରାଧିକାର ଦେଇ ନିଷ୍ପତ୍ତି ନେବ ବୋଲି ସୂଚନା ରହିଛି ।

## ବିଏମସି ନିର୍ବାଚନ ପୂର୍ବରୁ ଶକ୍ତିଶାଳୀ ହେଉଛି ଶିବସେନା

ନୂଆଦିଲ୍ଲୀ: ବିଏମସି ନିର୍ବାଚନ ପୂର୍ବରୁ, ଉଦ୍ଧବ ଠାକରେଙ୍କ ଶିବସେନା ଅଧିକ ଶକ୍ତିଶାଳୀ ହେଉଥିବା ପରି ମନେ ହେଉଛି । ପ୍ରକୃତରେ, ମହାରାଷ୍ଟ୍ରରେ ଶେତକରୀ କ୍ରାନ୍ତି ସଂଗଠନ ଶନିବାର (୦୨ ଅଗଷ୍ଟ) ଦିନ ଉଦ୍ଧବ ଠାକରେଙ୍କ ଦଳ ଶିବସେନା (ୟୁବିଟି)ରେ ବିଲୟ ହୋଇଯାଇଛି । ସଂଗଠନର ପ୍ରତିଷ୍ଠାତା ସଭାପତି ଭାଉସାହେବ ବିଲ୍ଲେୱାର ରାଜ୍ୟ ଏବଂ ଜିଲ୍ଲା ସ୍ତରୀୟ ପଦାଧିକାରୀଙ୍କ ସହିତ ମଧ୍ୟ ଉଦ୍ଧବ ଠାକରେଙ୍କ ଦଳରେ ଯୋଗ ଦେଇଛନ୍ତି । ଶିବସେନା (ୟୁବିଟି) ସଭାପତି ଉଦ୍ଧବ ଠାକରେ ସମସ୍ତଙ୍କୁ ତାଙ୍କ ଦଳରେ ସ୍ୱାଗତ କରିଛନ୍ତି ।

ଏହାପରେ ଉଦ୍ଧବ ଠାକରେ ଆଶା କରୁଛନ୍ତି ଯେ ତାଙ୍କ ଦଳ ସହିତ ଶେତକରୀ ସଂଗଠନର ମିଶ୍ରଣ ଶିବସେନା (UBT)ର ଶକ୍ତି ବୃଦ୍ଧି କରିବ । ଉଦ୍ଧବ ଠାକରେ କିଷାନ କ୍ରାନ୍ତି ସଂଗଠନର କର୍ମୀମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ । ସେ କହିଛନ୍ତି, "ଅନେକ ଲୋକ ଶିବସେନା ୟୁବିଟିକୁ ଶେଷ କରିବାକୁ ଲାଗିଛନ୍ତି । ସେମାନେ ଉଦ୍ଧବ ଠାକରେଙ୍କୁ ଶେଷ କରିବାକୁ ଲାଗିଛନ୍ତି । ଏବେ ସେମାନଙ୍କ ସମ୍ମୁଖରେ ପ୍ରକୃତ ପ୍ରଶ୍ନ ହେଉଛି ଉଦ୍ଧବ ଠାକରେ କାହିଁକି ଶେଷ ହେଉନାହାଁନ୍ତି? ସମସ୍ତେ ଟଙ୍କା ପାଇଁ ବିକ୍ରି ହୁଅନ୍ତି ନାହିଁ । କିଛି ବିଶ୍ୱାସଘାତକ ଟଙ୍କା ପାଇଁ ବିକ୍ରି ହୋଇପାରନ୍ତି କିନ୍ତୁ ବିଶ୍ୱସ୍ତମାନେ ଏହା କରିପାରିବେ ନାହିଁ, ସେଥିପାଇଁ ମୋର ସମସ୍ତ ପୁରୁଣା ବନ୍ଧୁ ମୋ ସହିତ ଅଛନ୍ତି ।"

ମହାରାଷ୍ଟ୍ରରେ କିଛି ଦିନ ମଧ୍ୟରେ ବିଏମସି ନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବାକୁ ଯାଉଛି । ସମସ୍ତ ଦଳ ନିଜ ନିଜ ରଣନୀତି ଅନୁସାରେ ସେମାନଙ୍କର ରାଜନୈତିକ ଭୂମିକୁ ମଜବୁତ କରିବାରେ ବ୍ୟସ୍ତ । ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଉଦ୍ଧବ ଠାକରେ ମଧ୍ୟ ତାଙ୍କ ଦଳର ସମର୍ଥନ ଭିତ୍ତିକୁ ମଜବୁତ କରିବାକୁ ଚେଷ୍ଟା କରୁଛନ୍ତି । ୨୭ ଜୁଲାଇରେ, ଶିବସେନା-ୟୁବିଟି ଅଧ୍ୟକ୍ଷ ଉଦ୍ଧବ ଠାକରେଙ୍କ ଜନ୍ମଦିନରେ, ଏମ୍ଏନଏସ ମୁଖ୍ୟ ରାଜ ଠାକରେ ୧୩ ବର୍ଷ ପରେ 'ମାତୋଶ୍ରୀ' ରେ ପହଞ୍ଚିଥିଲେ ।

# ଆମେରିକା-ରୁଷ ମଧ୍ୟରେ ଆରମ୍ଭ ହେବ କି ପରମାଣୁ ଯୁଦ୍ଧ?

ନୂଆଦିଲ୍ଲୀ: ତେଜିଲାଣି ଆମେରିକା ଋଷ କଳି । ଆରମ୍ଭ ହେବ କି ପରମାଣୁ ଯୁଦ୍ଧ? ମେଡଭେଡେଭଙ୍କ ବୟାନ ପରେ ଟ୍ରମ୍ପ ମୁତୟନ କଲେ ପରମାଣୁ ବୁଡ଼ାଜାହାଜ । ଋଷ ବି କଲାଣି ପ୍ରସ୍ତୁତି । ଅଗଷ୍ଟ ୧ତାରିଖରେ ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ବଡ଼ ନିଷ୍ପତ୍ତିକୁ ନେଇ ସାରା ଦୁନିଆରେ ହଲଚଲ । ଋଷ ନିକଟରେ ଦୁଇଟି ପରମାଣୁ ବୁଡାଜାହାଜ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଟ୍ରମ୍ପ । ପ୍ରଥମେ ଟାରିଫ ଯୁଦ୍ଧ ଆରମ୍ଭ କରିଥିବା ଆମେରିକା ଋଷକୁ ଡେଡ୍ ଇକୋନୋମି କହି ଟାର୍ଗେଟ୍ କରିଥିଲା । ଜବାବରେ ଡେଡ୍ ହ୍ୟାଣ୍ଡ ଶବ୍ଦର ପ୍ରୟୋଗ କରିଛି ଋଷ । ଫଳରେ ଯେକୌଣସି ମୁହୂର୍ତ୍ତରେ ଦୁଇ ଦେଶ ମଧ୍ୟରେ ପରମାଣୁ ଯୁଦ୍ଧ ନେଇ ଆଶଙ୍କା ଦେଖାଦେଇଛି ।

### କାହିଁକି ବୁଡାଜାହାଜ ମୁତୟନ ନିଷ୍ପତ୍ତି?

ଋଷର ପୂର୍ବତନ ରାଷ୍ଟ୍ରପତି ତଥା ସୁରକ୍ଷା ପରିଷଦ ଉପାଧ୍ୟକ୍ଷ ଡିମିଟ୍ରି ମେଡଭେଡେଭଙ୍କ ଉତ୍ତେଜନାପୂର୍ଣ୍ଣ ବୟାନ ପରେ ବୁଡାଜାହାଜ ମୁତୟନ ନିଷ୍ପତ୍ତି ନେଇଥିବା ଟ୍ରମ୍ପ କହିଛନ୍ତି । ଏନେଇ ସେ ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଟ୍ରମ୍ପ । ମେଡଭେଡେଭଙ୍କ ବୟାନରେ କୌଣସି ଗମ୍ଭୀର ବିପଦ ଥିଲେ ଆମେରିକା ପ୍ରସ୍ତୁତ ରହିବାକୁ ଏଭଳି ନିଷ୍ପତ୍ତି ନେଇଥିବା ଟ୍ରମ୍ପ କହିଛନ୍ତି । ଆମେରିକା ଯେଉଁ ଦୁଇଟି ବୁଡାଜାହାଜ ପଠାଯାଇଛି, ତାହା ପୂର୍ବରୁ ହିଁ ନିଶାନାରେ ରହିଥିବା ଋଷର ସଂସଦ ଭୋଡୋଲାସ୍କି କହିଛନ୍ତି । ତେଣୁ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଋଷ ଓ ଆମେରିକା ମଧ୍ୟରେ ଗୋଟିଏ ମୌଳିକ ବୁଝାମଣା ହେବା ଆବଶ୍ୟକ ବୋଲି କୁହାଯାଉଛି ।



### ଟ୍ରମ୍ପ ଓ ମେଡଭେଡେଭଙ୍କ ମଧ୍ୟରେ ଉତ୍ତେଜନା

ଗତ କିଛି ଦିନ ହେଲା ଟ୍ରମ୍ପ ଓ ମେଡଭେଡେଭଙ୍କ ମଧ୍ୟରେ କଥା କଟାକଟି ଚାଲିଛି । ଅଗଷ୍ଟ ୮ ତାରିଖ ସୁଦ୍ଧା ୟୁକ୍ରେନରେ ଯୁଦ୍ଧବିରାମ ନହେଲେ, ଋଷ ଓ ଏହାଠାରୁ ତେଲ କିଣୁଥିବା ଦେଶଙ୍କ ଉପରେ ବଡ ଧରଣର ଟାରିଫ ଲଗାଇବାକୁ ଚେତାବନୀ ଦେଇଥିଲେ । ଏହାର ଜବାବରେ ଋଷ ପାଖରେ ପରମାଣୁ ଆକ୍ରମଣ କ୍ଷମତା ରହିଛି । ଟ୍ରମ୍ପଙ୍କ ପ୍ରତିଟି ନୂଆ ଚେତାବନୀ ଋଷ ଓ ଆମେରିକାକୁ ଯୁଦ୍ଧ ଆଡକୁ ନେଇପାରେ ବୋଲି ମେଡଭେଡେଭ୍ କହିଥିଲେ । ଋଷ ଟ୍ରମ୍ପଙ୍କ ସମୟସୀମା ମାନିବା ଭଳି ଜଣାପଡୁନି । ୟୁକ୍ରେନ୍ ସହ ଶାନ୍ତି ଆଲୋଚନା ପାଇଁ ଆଶା କରନ୍ତି, ତେବେ ନିଷ୍ପତ୍ତି ସେମାନଙ୍କ ସପକ୍ଷରେ ହେବା ଆବଶ୍ୟକ ବୋଲି ପୁଟିନ କହିଥିଲେ । ପୂର୍ବରୁ ମଧ୍ୟ ପୁଟିନ ଶାନ୍ତି ଚର୍ଚ୍ଚା ନେଇ କହିଛନ୍ତି, ତେବେ ତାଙ୍କ ସର୍ତ୍ତ ମଂଜୁର କରିନି ୟୁକ୍ରେନ୍ ।

### କେମିତି ଆରମ୍ଭ ହେଲା ବିବାଦ?

ଜୁଲାଇରେ ଋଷକୁ ୟୁକ୍ରେନ ସହ ଯୁଦ୍ଧବିରାମ ପାଇଁ ୫୦ଦିନ ସମୟ ଦେଇଥିଲେ ଟ୍ରମ୍ପ । ତେବେ ଋଷ କୌଣସି ପଦକ୍ଷେପ ନନେବାରୁ ସେ ସମୟସୀମା କମାଇ ୧୦ଦିନ କରି ଦେଇଥିଲେ । ନିର୍ବାଚନ ବେଳେ ଋଷ-ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ ଟ୍ରମ୍ପ । ତେବେ ଋଷର ଲଗାତର ଆକ୍ରମଣ ଓ ପୁଟିନଙ୍କ ଅନାଗ୍ରହ ଯୋଗୁଁ ଟ୍ରମ୍ପ ଖପ୍ପା ହୋଇଛନ୍ତି । ଏହାମଧ୍ୟରେ ପରମାଣୁ ହତିଆର ସଂପର୍କରେ କହି ଉତ୍ତେଜନା ବଢାଇଛନ୍ତି ମେଡଭେଡେଭ୍ । ତେବେ ପ୍ରଶ୍ନ ଉଠୁଛି, ଦୁଇ ଦେଶ ମଧ୍ୟରେ ସାମରିକ କାର୍ଯ୍ୟାନୁଷ୍ଠାନ ଆଶଙ୍କା ରହିଛି କି? ତେବେ ଏହାକୁ କେବଳ ଶବ୍ଦର ଯୁଦ୍ଧ ବୋଲି କହିଛନ୍ତି ବୈଦେଶିକ ବ୍ୟାପାର ବିଶେଷଜ୍ଞ । ଋଷ ଉପରେ ଆକ୍ରମଣ କରିବାକୁ ପୂର୍ବରୁ ହିଁ ଆମେରିକାର ପରମାଣୁ ବୁଡାଜାହାଜ ମୁତୟନ ହୋଇରହିଛି । ଏଭଳି ସ୍ଥିତିରେ ଋଷକୁ ଡରାଇବାକୁ ଟ୍ରମ୍ପ ବୟାନ ଦେଇଥିବା କୁହାଯାଉଛି । ତେଣୁ ପରମାଣୁ ଯୁଦ୍ଧ ଆରମ୍ଭ ହେବା ଆଶଙ୍କା କମ୍ । ତେବେ ଆମେରିକା ଓ ଋଷ ପାଖରେ ସର୍ବାଧିକ ପରମାଣୁ ହତିଆର ଥିବାରୁ ଦୁଇ ଦେଶ ମଧ୍ୟରେ ବିବାଦ ଦୁନିଆ ପାଇଁ ଚିନ୍ତାର କାରଣ ହୋଇଛି । ଭାରତ ଉପରେ ଏହାର ପ୍ରଭାବ ପଡିପାରେ । କାରଣ ଋଷଠାରୁ ତେଲ ଓ ହତିଆର କିଣୁଛି ଦେଶ । ଭାରତ ଭଳି ଋଷଠାରୁ ତେଲ କିଣୁଥିବା ଦେଶଙ୍କ ଉପରେ ଟ୍ରମ୍ପ ବଡ଼ ଟାରିଫ ଲଗାଇବାକୁ କହିଛନ୍ତି । ଏଭଳି ହେଲେ ଭାରତର ଅର୍ଥବ୍ୟବସ୍ଥା ଉପରେ ବଡ଼ ପ୍ରଭାବ ପଡିପାରେ ।

# ଏକ ଘରକିଆ ହେବାକୁ ଯାଉଛି ଇସ୍ରାଏଲ

ଜେରୁଜେଲମ୍: ଗାଜାରେ ଚାଲିଥିବା ହିଂସା ଏବଂ ମାନବାଧିକାର ଉଲ୍ଲଂଘନ ପାଇଁ ସମଗ୍ର ବିଶ୍ୱରେ ଇସ୍ରାଏଲ ବିରୁଦ୍ଧରେ ସମାଲୋଚନା ନିରନ୍ତର ବୃଦ୍ଧି ପାଉଛି । ଏବେ ସ୍ଲୋଭେନିଆ ଏକ ବଡ଼ ଏବଂ କଠୋର ପଦକ୍ଷେପ ନେଇଛି । ଇସ୍ରାଏଲ ସହିତ ଯେକୌଣସି ପ୍ରକାରର ଅସ୍ତ୍ରଶସ୍ତ୍ର କାରବାରକୁ ସ୍ଲୋଭେନିଆ ସମ୍ପୂର୍ଣ୍ଣ ନିଷିଦ୍ଧ କରିଛି । ଏହା ସହିତ,ସ୍ଲୋଭେନିଆ ୟୁରୋପୀୟ ସଂଘର ପ୍ରଥମ ଦେଶ ଭାବେ ଗାଜା ଯୁଦ୍ଧ ଆଧାରରେ ଇସ୍ରାଏଲ ସହିତ 'ଅସ୍ତ୍ରଶସ୍ତ୍ର ବାଣିଜ୍ୟ' ବନ୍ଦ କରିଛି ।ସ୍ଲୋଭେନିଆର ପ୍ରଧାନମନ୍ତ୍ରୀ ରବର୍ଟ ଗୋଲୋବ ପୂର୍ବରୁ ସୂଚାଇ ଦେଇଥିଲେ ଯେ, ଯଦି ୟୁରୋପୀୟ ସଂଘ ଏକ ସାଧାରଣ ମତ ଗ୍ରହଣ ନ କରେ, ତେବେ ତାଙ୍କ ଦେଶ ନିଜ ସ୍ତରରେ ଏକ କଠୋର ନିଷ୍ପତ୍ତି ନେବ । ଏବେ ସେ ଏହାକୁ କାର୍ଯ୍ୟକାରୀ କରି ଇସ୍ରାଏଲକୁ ଏକ ଦୃଢ଼ କୂଟନୈତିକ ବାର୍ତ୍ତା ଦେଇଛନ୍ତି ।ସରକାରଙ୍କ ଦ୍ୱାରା ଜାରି ବିବୃତିରେ ଏହା କୁହାଯାଇଛି । ୟୁରୋପୀୟ ସଂଘ ଭିତରେ ଆଭ୍ୟନ୍ତରୀଣ ମତଭେଦ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଷ୍ଟକର କରିଛି । କିନ୍ତୁ ଗାଜାର ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ହେବାରେ ଲାଗିଛି । ଲୋକଙ୍କ ପାଖରେ ପିଇବା ପାଣି ନାହିଁ,ଖାଦ୍ୟ ନାହିଁ, ସ୍ୱାସ୍ଥ୍ୟ ସେବା ନାହିଁ । ହଜାର ହଜାର ଲୋକ ଧ୍ୱଂସାବଶେଷ ତଳେ ଚାପି ହୋଇ ମୃତ୍ୟୁବରଣ କରୁଛନ୍ତି ।ଯଦିଓ ଇସ୍ରାଏଲ ସହିତ ସ୍ଲୋଭେନିଆର ଅସ୍ତ୍ରଶସ୍ତ୍ର ବାଣିଜ୍ୟ ବିଶେଷ ବଡ଼ ଧରଣର ନୁହେଁ । ତେବେ ଏହି ନିଷ୍ପତ୍ତିର ଗୁରୁତ୍ୱ ବହୁତ ବଡ଼ ବୋଲି ବିବେଚନା କରାଯାଉଛି । ଏହା ସ୍ପଷ୍ଟ ହୋଇଯାଇଛି ଯେ, ଗାଜାର ଘଟଣାବଳୀ ସମ୍ପର୍କରେ ଇସ୍ରାଏଲର ନୀତି ପ୍ରତି ବିଶ୍ୱବ୍ୟାପୀ ବିରୋଧ ବୃଦ୍ଧି ପାଉଛି ।ସ୍ଲୋଭେନିଆର ଅନ୍ୟାନ୍ୟ କଠୋର କାର୍ଯ୍ୟାନୁଷ୍ଠାନ ପରେ ଏହି ପଦକ୍ଷେପ ନିଆଯାଇଛି । ଜୁଲାଇ ମାସରେ, ଦେଶ ଦୁଇ ଜଣ ଅତି ଦକ୍ଷିଣପନ୍ଥୀ ଇସ୍ରାଏଲୀ ମନ୍ତ୍ରୀଙ୍କୁ ପ୍ରବେଶ କରିବାକୁ ମନା କରିଥିଲା । ସେମାନଙ୍କ ଉପରେ ପାଲେଷ୍ଟାଇନଙ୍କ ବିରୁଦ୍ଧରେ ହିଂସାକୁ ଉସୁକାଇବା ଏବଂ "ନରସଂହାର" ଭଳି ଭାଷା ବ୍ୟବହାର କରିବାର ଅଭିଯୋଗ ଆସିଥିଲା । ସ୍ଲୋଭେନିଆର ସଂସଦ ମଧ୍ୟ ଜୁନ୍ ୨୦୨୪ରେ ପାଲେଷ୍ଟାଇନକୁ ଏକ ସ୍ୱାଧୀନ ରାଷ୍ଟ୍ର ଭାବରେ ମାନ୍ୟତା ଦେଇଥିଲା । ପୂର୍ବରୁ, ଆୟର୍ଲାଣ୍ଡ, ନରୱେ ଏବଂ ସ୍ପେନ୍ ଏପରି କରିସାରିଛନ୍ତି ।ପୂର୍ବରୁ, ବ୍ରିଟେନ ମଧ୍ୟ ଗତ ବର୍ଷ କିଛି ଅସ୍ତ୍ରଶସ୍ତ୍ର ରପ୍ତାନିକୁ ସ୍ଥଗିତ କରିଥିଲା ଏବଂ ସ୍ପେନ୍ ଅକ୍ଟୋବର ୨୦୨୩ରେ ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ବିକ୍ରୟ ଉପରେ ନିଷେଧ କରିଥିଲା । ନେଦରଲ୍ୟାଣ୍ଡ, ଫ୍ରାନ୍ସ ଏବଂ ବେଲଜିୟମରେ ମଧ୍ୟ ଏହି ପ୍ରସଙ୍ଗରେ ଆଇନଗତ ପ୍ରକ୍ରିୟା ଏବଂ କଠୋରତା ଚାଲିଛି ।ଇସ୍ରାଏଲ ବିରୋଧରେ ବିଶ୍ୱବ୍ୟାପୀ ପ୍ରତିବାଦ ଆଉ କେବଳ ବକ୍ତବ୍ୟରେ ସୀମିତ ନାହିଁ । ବିଶ୍ୱର ଅନେକ ଦେଶ ଏବେ ଠୋସ୍ କାର୍ଯ୍ୟ ମାଧ୍ୟମରେ ସେମାନଙ୍କର ପ୍ରତିବାଦ କରୁଛନ୍ତି । ଏହା ଧୀରେ ଧୀରେ ଇସ୍ରାଏଲର ଅନ୍ତର୍ଜାତୀୟ ସ୍ଥିତିକୁ ଦୁର୍ବଳ କରୁଥିବା କୁହାଯାଉଛି ।

# ଅଗଷ୍ଟ ୧୫ରୁ ଲାଗୁ ହେବ ବାର୍ଷିକ ଫାଷ୍ଟାଗ୍ ପାସ୍

ନୂଆଦିଲ୍ଲୀ : ଅଗଷ୍ଟ ୧୫ ଠାରୁ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ବାର୍ଷିକ ଫାଷ୍ଟାଗ୍ ପାସ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଯାଉଛି, ଯାହା ଟୋଲ୍ ଦେୟକୁ ସହଜ ଏବଂ ଶସ୍ତା କରିବ । ଏବେ ଆପଣ ଫାଷ୍ଟାଗ୍ ମାଧ୍ୟମରେ ଗୋଟିଏ ବର୍ଷ ପାଇଁ ଟୋଲ୍ ପାସ୍ କିଣିପାରିବେ - ତାହା ମଧ୍ୟ ମାତ୍ର ୩୦୦୦ ରେ ।

ସୂଚନା ଅନୁସାରେ ଏନଏଚଏଆଇ ବ୍ୟକ୍ତିଗତ ଯାନବାହାନ (କାର, ଜିପ୍, ଭ୍ୟାନ) ପାଇଁ ଏକ ଫାଷ୍ଟାଗ୍ ବାର୍ଷିକ ପାସ୍ ଲଞ୍ଚ କରିଛି, ଯାହା ଗୋଟିଏ ବର୍ଷ ପାଇଁ କିମ୍ବା ୨୦୦ ମାଗଣା ଟୋଲ୍ ଯାତ୍ରା ପାଇଁ ବୈଧ ହେବ । ଅର୍ଥାତ ଆପଣ ଯଦି ଗୋଟିଏ ବର୍ଷରେ ଯଦି ୨୦୦ରୁ ଅଧିକ ଟୋଲ୍ ଯାତ୍ରା କରୁଛନ୍ତି, ତେବେ ୨୦୧ତମ ଟୋଲଯାତ୍ରାଠାରୁ ଶୁଳ୍କ ଦେବାକୁ ହେବ ।

ଏହି ବାର୍ଷିକ ପାସ୍ କେବଳ ଏନଏଚଏଆଇ ପରିଚାଳିତ ଟୋଲଗୁଡ଼ିକରେ ଲାଗୁ ହେବ । ମାତ୍ର ରାଜ୍ୟ ସରକାର, ପୌରସଂସ୍ଥାମାନଙ୍କ ଦ୍ୱାରା ପରିଚାଳିତ ଟୋଲଗେଟଗୁଡ଼ିକରେ ଲାଗୁ ହେବ ନାହିଁ ।

ଅନ୍ୟପ୍ରକାରେ କହିଲେ ୩୦୦୦ ଟଙ୍କାରେ, ଆପଣ ଜାତୀୟ ରାଜପଥ ଏବଂ ଏକ୍ସପ୍ରେସୱେରେ ଟୋଲ୍ ନ ଦେଇ ୨୦୦ ଥର କିମ୍ବା ଏକ ବର୍ଷ ପାଇଁ ଯାତ୍ରା କରିପାରିବେ । ଏହା ପ୍ରତିଦିନ ରାଜପଥରେ ଉପରକୁ ଏବଂ ତଳକୁ ଯାତ୍ରା କରୁଥିବା ଲୋକଙ୍କୁ ବହୁତ ଆଶ୍ୱସ୍ତି ପ୍ରଦାନ କରିବ - ଯେପରିକି ଅଫିସ ଯାଉଥିବା ଲୋକ, ଛୋଟ ସହରରୁ




ମେଟ୍ରୋ ସହରକୁ ପ୍ରତିଦିନ ଯାତ୍ରା କରୁଥିବା ଲୋକ, କିମ୍ବା ଯାତ୍ରା ବ୍ୟବସାୟ ସହିତ ଜଡିତ ଲୋକ ।

ତେବେ ଏହି ବାର୍ଷିକ ପାସ୍ କେବଳ ଏନଏଚଏଆଇ ପରିଚାଳିତ ଟୋଲଗୁଡ଼ିକରେ ଲାଗୁ ହେବ । ମାତ୍ର ରାଜ୍ୟ ସରକାର, ପୌରସଂସ୍ଥାମାନଙ୍କ ଦ୍ୱାରା ପରିଚାଳିତ ଟୋଲଗେଟଗୁଡ଼ିକରେ ଲାଗୁ ହେବ ନାହିଁ ।

# ଲୋକସଭା ନିର୍ବାଚନରେ ହୋଇଛି ହେରଫେର: ରାହୁଲ

ନୂଆଦିଲ୍ଲୀ: ସମସ୍ତଙ୍କୁ ଚକିତ କରିବା ଭଳି ବୟାନ ଦେଇଛନ୍ତି କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି । ଶନିବାର କଂଗ୍ରେସ ଆଇନଗତ ଟିମର କନଫରେନ୍ସରେ ରାହୁଲ ଅଭିଯୋଗ କରିଛନ୍ତି ଯେ ୨୦୨୪ ଲୋକସଭା ନିର୍ବାଚନରେ ହେରଫେର ହୋଇଥିଲା । ନିର୍ବାଚନ କମିଶନ ଭାରତରେ ଆଉ ସ୍ୱାଧୀନ ଭାବେ କାମ କରୁ ନାହାନ୍ତି ।ସେ କହିଛନ୍ତି, "ଲୋକସଭା ନିର୍ବାଚନକୁ ହେରଫେର କରାଯାଇ ପାରିବ । ୨୦୨୪ ଲୋକସଭା ନିର୍ବାଚନରେ ହେରଫେର ହୋଇଥିଲା । ଆମ ଦଳ ପାଖରେ ଏହାର ତଥ୍ୟ ରହିଛି । ଆମେ ଏବେ ଏହାକୁ ପ୍ରମାଣିତ କରିବାକୁ ଯାଉଛୁ । ଏବେ ଆମ ପାଖରେ ତଥ୍ୟ ପହଞ୍ଚିଛି ।ଦରାହୁଲ ଗାନ୍ଧିଙ୍କ କହିବା କଥା ଯେ ଗୋଟିଏ ଲୋକସଭା ନିର୍ବାଚନ ମଣ୍ଡଳୀରେ ଦଳ ପକ୍ଷରୁ ଭୋଟର ତାଲିକାର ଯାଞ୍ଚ କରାଯାଇଥିଲା । ଏହି ସମୟରେ ଜଣାପଡ଼ିଛି ଯେ ମୋଟ ୬.୫ ଲକ୍ଷ ଭୋଟରଙ୍କ ମଧ୍ୟରୁ ୧.୫ ଲକ୍ଷ ନକଲି । ଏହି ହେରଫେରରେ ଯୋଗୁ ବିଜେପି ସଂଖ୍ୟା ଗରିଷ୍ଠତା ହାସଲ କରିଛି । ଯଦି ସେମାନେ ୧୫ରୁ ୨୦ଟି ଆସନ କମ ପାଇଥାଆନ୍ତେ, ତାଦହେଲେ ସେ (ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି) ପ୍ରଧାନମନ୍ତ୍ରୀ ହେବାକୁ ସକ୍ଷମ ହୋଇ ନଥାଆନ୍ତେ ବୋଲି ରାହୁଲ କହିଛନ୍ତି ।ଭାରତୀୟ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରି ରାହୁଲ କହିଛନ୍ତି, "ଭାରତରେ ନିର୍ବାଚନ କମିଶନ ମରି ସାରିଛି ।ଦ ସମ୍ମିଳନୀରେ ରାହୁଲ ଗାନ୍ଧି ନିଜ ଅଭିଯୋଗ ଓ ଆକଳନକୁ ବିସ୍ତୃତ ଭାବେ ଉପସ୍ଥାପନ କରିବାକୁ ଚେଷ୍ଟା କରିଛନ୍ତି ।ସେ କହିଛନ୍ତି,



"ମୁଁ ନିକଟରେ ଦେଶର ନିର୍ବାଚନ ବ୍ୟବସ୍ଥା ଉପରେ କହିବା ଆରମ୍ଭ କରିଛି । ମୋର ସବୁବେଳେ ଗୋଟିଏ ସନ୍ଦେହ ରହିଥିଲା ଯେ କିଛି ଗୋଟିଏ ତ୍ରୁଟି ରହିଛି । ୨୦୧୪ରୁ ଏହା ଚାଲିଥିବା ସନ୍ଦେହ କରି ଚାଲିଥିଲି । ଗୁଜରାଟ ବିଧାନସଭା ନିର୍ବାଚନ ଠାରୁ ମୋର ସନ୍ଦେହ ବଢ଼ିଥିଲା । କଂଗ୍ରେସ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଗୁଜରାଟରେ ଗୋଟିଏ ହେଲେ ବି ଆସନ ପାଇ ନଥିଲା । ଏହା ମୋତେ ଚକିତ କରିଥିଲା । ଆମେ ଯେତେବେଳେ ବି ଏ ସମ୍ପର୍କରେ କହୁଥିଲୁ ସେତେବେଳେ କିଛି ଲୋକ କହୁଥିଲେ ପ୍ରମାଣ କାହିଁ? ମହାରାଷ୍ଟ୍ରରେ ସ୍ଥିତି ଆହୁରି ଜଟିଳ ହୋଇଥିଲା । ମହାରାଷ୍ଟ୍ରରେ ଏହାପରେ କିଛି ଘଟିଥିଲା । ଲୋକସଭାରେ ଆମେ ମହାରାଷ୍ଟ୍ରରେ ନିର୍ବାଚନ ଜିତିଥିଲୁ । ଏହାର ୪ ମାସ ପରେ ଆମେ କେବଳ ହାରିଲୁ ନାହିଁ, ବରଂ ଆମର ନାଁ ଗନ୍ଧ ରହିଲା ନାହିଁ ।ଏହି ଘଟଣା ପରେ ଆମେ ନିର୍ବାଚନୀ ହେରଫେରକୁ ଗୁରୁତ୍ୱର ସହ ନେଇଥିଲୁ । ଆମେ ଜାଣିବାକୁ ପାଇଥିଲୁ ଯେ ଲୋକସଭା ଓ ବିଧାନସଭା ନିର୍ବାଚନ ମଧ୍ୟରେ ୧ କୋଟି ଭୋଟର ଯୋଡ଼ି ହୋଇଯାଇଛନ୍ତି । ଏହି ଭୋଟ ବିଜେପି ପାଖକୁ ଯାଇଛି । ଏବେ ମୋର ଆଉ କୌଣସି ସନ୍ଦେହ ନାହିଁ । ମୁଁ ଏବେ କହି ପାରିବି ଯେ ଆମ ପାଖରେ ହେରଫେରର ପ୍ରମାଣ ରହିଛି । ଏହାପୂର୍ବରୁ ଶୁକ୍ରବାର ରାହୁଲ ଗାନ୍ଧି ପୂର୍ବରୁ ହେରଫେର ନେଇ ଆଣିଥିବା ଅଭିଯୋଗକୁ ନିର୍ବାଚନ କମିଶନ ଭିତ୍ତିହୀନ ଓ ଦାୟିତ୍ୱହୀନ ବୟାନ ବୋଲି କହିଥିଲେ ।

ସମୟ

ଓଭାଲ ଟେଷ୍ଟ

# ଯଶସ୍ୱୀଙ୍କ ଶତକ, ଭଲ ସ୍ଥିତିରେ ଭାରତ

## ଇଂଲଣ୍ଡର ଟାର୍ଗେଟ ୩୭୪




ଓଭାଲ, ୨।୮ (ଏଜେନ୍ସି) : ନିର୍ଣ୍ଣାୟକ ଟେଷ୍ଟରେ ଭାରତର ସଂଘର୍ଷ ଜାରି ରହିଛି। ବାମହାତି ଓପନର ଯଶସ୍ୱୀ ଜୟଶ୍ୱାଲ ଠିକାଣ ସମୟରେ ଶତକୀୟ ଇନିଂସ ଖେଳି ଦଳ ଉପରୁ କିଛି ମାତ୍ରାରେ ସଂକଟ ଟାଳି ଦେଇଛନ୍ତି। ପ୍ରଥମ ଇନିଂସରେ ଭାରତ ୨୨୪ ରନ୍ କରିଥିବା ବେଳେ ଇଂଲଣ୍ଡ ୨୪୩ ରନ୍ କରି ଅଗ୍ରଣୀ ହୋଇଥିଲା। ତୃତୀୟ ଦିବସ ଭାରତ ଦ୍ୱିତୀୟ ଇନିଂସରେ ୩୯୬ ରନ୍ କରି ଅଲଆଉଟ୍ ହେବା ସହ ଇଂଲଣ୍ଡ ସମ୍ମୁଖରେ ୩୭୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଦ୍ୱିତୀୟ ଦିନ ଉଭୟ ଦଳର ୧୬ ୱିକେଟ୍ ୱଡି ଥିଲା। ଯଶସ୍ୱୀ ଜୟଶ୍ୱାଲ ଦ୍ୱିତୀୟ ଇନିଂସରେ ୧୧୮ ରନର ଶତକୀୟ ପାଳି ଖେଳିଛନ୍ତି। ଶେଷ ଭାଗରେ ରବିନ୍ଦ୍ର ଜାଡେଜା ଓ ୱାଂଶିଟନ ସୁନ୍ଦର ଅର୍ଦ୍ଧଶତକୀୟ ଇନିଂସ ଖେଳିବାରୁ ଭାରତ ୮୮ ଓଭରରେ ୩୯୬ ରନ କରିବାକୁ ସକ୍ଷମ ହୋଇଥିଲା। ଶୃଙ୍ଖଳରେ ଏହା ଜୟଶ୍ୱାଲଙ୍କ ଦ୍ୱିତୀୟ ଶତକ। ୫ ମ୍ୟାଚ ବିଶିଷ୍ଟ ଶୃଙ୍ଖଳାରେ ଇଂଲଣ୍ଡ ୨-୧ରେ ଅଗ୍ରଣୀ ରହିଛି। ତେଣୁ ପଞ୍ଚମ ତଥା ନିର୍ଣ୍ଣାୟକ ଟେଷ୍ଟରେ ଭାରତ ବିଜୟୀ ହୋଇ ଶୃଙ୍ଖଳାକୁ ୨-୨ରେ ବରାବର କରିବା ଲକ୍ଷ୍ୟ ରହିଛି।

ଦ୍ୱିତୀୟ ଦିନର ଅସମାପ୍ତ ଇନିଂସ ୭୫/୨ରୁ ଖେଳ ଆରମ୍ଭ କରିଥିଲା ଭାରତ। ଜୟଶ୍ୱାଲ ୫୧ ଓ ଆକାଶଦୀପ ୪ ରନ୍ କରି ଅପରାଜିତ ଥିଲେ। ଦୁହେଁ ତୃତୀୟ ଦିନ ଖେଳକୁ ଆଗେଇ ନେଇଥିଲେ। ଦ୍ରୁତ ବୋଲର ଆକାଶଦୀପ ଚମତ୍କାର ଇନିଂସ ଖେଳି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୯୪ ବଲର ସମ୍ମୁଖୀନ ହୋଇ ୧୨ ଟି ଚୌକା ସହାୟତାରେ ୬୬ ରନ୍ କରିଥିଲେ। ତାଙ୍କ ୱିକେଟ୍ ପତନ ପରେ ପଡିଆକୁ ଆସିଥିଲେ ଅଧିନାୟକ ଶୁଭମନ ଗିଲ। ପୁଣିଥରେ ସେ ସମସ୍ତଙ୍କୁ ନିରାଶ କରିଛନ୍ତି। ମାତ୍ର ୧୧ ରନ୍ କରି ଆଟକିନସନଙ୍କ ବଲରେ ଏଲବିଡବ୍ଲ୍ୟୁ ହୋଇଥିଲେ। ପ୍ରଥମ ଇନିଂସରେ ମଧ୍ୟ ଶୁଭମନ ଗିଲ ୨୧ ରନ୍ କରି ଅତି ବେପରୁଆ ଭାବେ ଆଟକିନସନଙ୍କ ଦ୍ୱାରା ରନ୍ ଆଉଟ୍ ହୋଇଥିଲେ। ଦୀର୍ଘ ସମୟ ବ୍ୟବଧାନ ପରେ ଭାରତୀୟ ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା କରୁଣ ନାଏର ପୁଣି ନିରାଶ କରିଛନ୍ତି। ସେ ୧୭ ରନ୍ କରି ଆଟକିନସନଙ୍କ ବଲରେ ଆଉଟ୍ ହୋଇଥିଲେ। ଏହାପରେ ରବିନ୍ଦ୍ର ଜାଡେଜା ଓ ଧ୍ରୁବ ଜୁରେଲ ଦଳର ବ୍ୟାଟିଂ ମଙ୍ଗ ଧରିଛନ୍ତି। ସପ୍ତମ ୱିକେଟ୍ ପାଇଁ ଉଭୟଙ୍କ ମଧ୍ୟରେ ୩୧ ରନର ପାଟନରସିପ ହୋଇଛି। ରବିନ୍ଦ୍ର ଜାଡେଜା ୭୭ ବଲର ସମ୍ମୁଖୀନ ହୋଇ ୫ଟି ଚୌକା ସହାୟତାରେ ୫୩ ରନ୍ କରିଛନ୍ତି। ସେହିଭଳି ଧ୍ରୁବ ଜୁରେଲ ୪୬ ବଲରୁ ୪ ଚୌକା ମାରି ୩୪ ରନ୍ କରିଛନ୍ତି। ୱାଶିଂଟନ ସୁନ୍ଦର ୪ ଟି ଲେଖାଏଁ ଚୌକା ଓ ଛକା ମାରି ୫୩ ରନ କରିଥିଲେ। ପ୍ରଥମ ଇନିଂସ ଭଳି ଦ୍ୱିତୀୟରେ ମଧ୍ୟ ଗସ ଆଟକିନସନ୍ ଓ ଜୋସ ଟଙ୍ଗ ବୋଲିଂ ଇଂଲଣ୍ଡ ପାଇଁ କାମ ଦେଇଛି। ଅନ୍ୟମାନଙ୍କ ତୁଳନାରେ ଦୁହେଁ ପ୍ରଭାବଶାଳୀ ହୋଇଛନ୍ତି। ଆଟକିନସନ ୨୭ ଓଭର ଫିଙ୍ଗି ୧୨୭ ରନ୍ ବ୍ୟୟରେ ୩ ୱିକେଟ୍ ତଥା ଟଙ୍ଗ ୩୦ ଓଭରରେ ୧୨୫ ରନ୍ ଦେଇ ୫ ୱିକେଟ୍ ଅକ୍ତିଆର କରିଛନ୍ତି। ଜେମି ଓଭର ଟନ ୨ ୱିକେଟ୍ ସଫଳତା ପାଇଛନ୍ତି।



## ପରିବାର ସାମ୍ନାରେ ଶତକ ମାରିଲେ ଜୟଶ୍ୱାଲ



ଓଭାଲ, ୨।୮ (ଏଜେନ୍ସି) : ଭାରତୀୟ ଦଳର ତାରକା ଓପନର ଯଶସ୍ୱୀ ଜୟଶ୍ୱାଲ ବିପକ୍ଷ ଓଭଲ ଟେଷ୍ଟର ଦ୍ୱିତୀୟ ଇନିଂସରେ ଦମଦାର ଶତକ ମାରିଛନ୍ତି। ଏହି ଶତକ ଜୟଶ୍ୱାଲଙ୍କ ଜୀବନରେ ଅଭୁଲାସ୍ମୃତି ହୋଇ ରହିବ। କାରଣ ପାରିବାର ସାମ୍ନାରେ ସେ ଶତକ ମାରିଛନ୍ତି। ୧୨୭ ବଲରେ ୧୧ ଚୌକା ଓ ୨ଟି ଛକା ସହାୟତାରେ ସେ ଶତକ ପୂରଣ କରିଥିଲେ। ଇଂଲଣ୍ଡ ବିପକ୍ଷରେ ଏହା ତାଙ୍କର ଚତୁର୍ଥ ଶତକ। ଓଭାଲ ଟେଷ୍ଟର ପ୍ରଥମ ଇନିଂସରେ ୨ ରନ୍ କରି ଆଉଟ୍ ହେବା ପରେ ଜୟଶ୍ୱାଲ ଦ୍ୱିତୀୟ ଇନିଂସ ଶତକ ଅର୍ଜନ କରି ମଜଭୁତ ସ୍ଥିତିକୁ ଆଣିଥିଲେ। ଚଳିତ ସିଜନର ଏହା ଜୟଶ୍ୱାଲଙ୍କ ଦ୍ୱିତୀୟ ଶତକ। ଏହା ପୂର୍ବରୁ ସେ ଲିଡ୍ସ ଟେଷ୍ଟରେ ୧୦୧ ରନ୍ କରିଥିଲେ। ଏଜବଷ୍ଟନ ଓ ମାଞ୍ଚେଷ୍ଟର ଟେଷ୍ଟରେ ଅର୍ଦ୍ଧଶତକ ଇନିଂସ ଖେଳିଥିଲେ। ଏଜବଷ୍ଟନରେ ୮୭ ରନ୍ ଓ ମାଞ୍ଚେଷ୍ଟରରେ ୫୮ ରନ୍ କରିଥିଲେ। ସିରିଜରେ ଦୁଇଥର ଶୂନ ରନରେ ଆଉଟ୍ ହୋଇଛନ୍ତି। ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ଜୟଶ୍ୱାଲ ୨୦୦୦ ରନ୍ ପୂରଣ କରିବା ମାମଲାରେ ସଚିନ ତେନ୍ଦୁଲକର ଓ ବିରାଟ କୋହଲିଙ୍କ ପଛରେ ପକାଇଥିଲେ। ଚଳିତ ଶୃଙ୍ଖଳାରେ ଭାରତୀୟ ବ୍ୟାଟର ୧୨ଟି ଶତକ ହାସଲ କରିଛନ୍ତି। ଗୋଟିଏ ଟେଷ୍ଟ ଶୃଙ୍ଖଳାରେ ଭାରତ ପକ୍ଷରୁ ସର୍ବାଧିକ ଶତକ। ୧୯୭୮ ମସିହାରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ଶୃଙ୍ଖଳରେ ଭାରତୀୟ ବ୍ୟାଟର ୧୧ଟି ଶତକ ହାସଲ କରିଥିଲେ।

## ଗାଭାସ୍କରଙ୍କ ରେକର୍ଡ ଭାଙ୍ଗି ପାରିଲେନି ଗିଲ୍

ଓଭାଲ, ୨।୮ (ଏଜେନ୍ସି) : ଅଧିନାୟକ ଶୁଭମନ ଗିଲ ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳାର ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଶେଷ ଭାଗରେ ଆଉ ଏକ ବଡ଼ ରେକର୍ଡ ଭାଙ୍ଗିବାର ସୁଯୋଗ ଥିଲା। କିନ୍ତୁ ଗିଲ ଏହାକୁ ହାତଛଡା କରିଛନ୍ତି। ସୁନୀଲ ଗାଭାସ୍କରଙ୍କ ୫୪ ବର୍ଷ ତଳର ମହା ରେକର୍ଡ ଗିଲ ଭାଙ୍ଗି ପାରିନାହାନ୍ତି। ୧୯୭୧ରେ ଗାଭାସ୍କର ଇଣ୍ଡିଜ୍ ବିପକ୍ଷରେ ୭୭୪ ରନ କରି ଇତିହାସ ରଚିଛନ୍ତି। ଗତବର୍ଷ ଯଶସ୍ୱୀ ଜୟଶ୍ୱାଲ ୭୧୨ ରନ୍ କରି ଏହି ରେକର୍ଡର ନିକଟତର ହୋଇଥିଲେ। ଗିଲଙ୍କୁ ଏହି ରେକର୍ଡ ଭାଙ୍ଗିବା ଲାଗି ଶୃଙ୍ଖଳାର ଶେଷ ଇନିଂସରେ ୩୨ ରନର ଆବଶ୍ୟକତା ଥିଲା କିନ୍ତୁ ସେ ୧୧ ରନରେ ଆଉଟ୍ ହୋଇଥିଲେ। ଗିଲ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳରେ ୭୫୪ ରନ୍ ସଂଗ୍ରହ କରିଛନ୍ତି। ଏଥିରେ ଗୋଟିଏ ଦ୍ୱିଶତକ ସହ ୪ଟି ଶତକ ରହିଛି। ଇଂଲଣ୍ଡ ମାଟିରେ ଏସୀୟ ବ୍ୟାଟରଙ୍କ ମଧ୍ୟରେ ଏହା ଶ୍ରେଷ୍ଠ ପ୍ରଦର୍ଶନ। ଅଧିନାୟକ ଭାବେ ଗିଲ ୫୨ ବର୍ଷ ତଳର ଗାଭାସ୍କରଙ୍କ ରେକର୍ଡ ଭାଙ୍ଗି ଥିଲେ।

## ସତ୍ୟବ୍ରତ ସ୍ମାରକୀ ଫୁଟବଲ

### ଗ୍ୟାଲେଣ୍ଟ-ଇଣ୍ଡିପେଣ୍ଡେଣ୍ଟ, ଚାନ୍ଦ-ସନରାଇଜ ସେମିଫାଇନାଲ




ଭୁବନେଶ୍ୱର, ୨।୮ (ସବ୍ୟୁ) : ସତ୍ୟବ୍ରତ ବେହେରା ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ବାରବାଟୀ ୟୁନାଇଟେଡ କ୍ଲବ୍ ପକ୍ଷରୁ କଟକ ବାଲିଯାତ୍ରା ପଡ଼ିଆରେ ଖେଳାଯାଉଛି। ଟୁର୍ଣ୍ଣାମେଣ୍ଟର ଉଦଘାଟନ ଉତ୍ସବରେ ଫାଓର ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ଉପସଭାପତି ମହମ୍ମଦ ସହିତ ଜବାର, ଦିଲ୍ଲୀପ ସାହୁ, ସମ୍ପାଦକ ଆଶୀର୍ବାଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ଶନିବାର ୪ଟି କ୍ୱାର୍ଟରଫାଇନାଲ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ଗ୍ୟାଲେଣ୍ଟ କ୍ଲବ୍-ମଙ୍ଗଳା କ୍ଲବ୍ ଦ୍ୱିତୀୟ ମ୍ୟାଚ ଚାନ୍ଦ କ୍ଲବ୍-ବିଡ଼ାନାସୀ କ୍ଲବ୍, ତୃତୀୟ ମ୍ୟାଚ ଇଣ୍ଡିପେଣ୍ଡେଣ୍ଟ କ୍ଲବ୍-ଜୟଦୁର୍ଗା କ୍ଲବ୍ ଏବଂ ଚତୁର୍ଥ ମ୍ୟାଚ ସନରାଇଜ-ସନସାଇନ କ୍ଲବ୍ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ ଗୁଡ଼ିକରେ ଗ୍ୟାଲେଣ୍ଟ କ୍ଲବ୍ ଚାନ୍ଦ କ୍ଲବ୍ ଇଣ୍ଡିପେଣ୍ଡେଣ୍ଟ କ୍ଲବ୍ ଓ ସନରାଇଜ କ୍ଲବ ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ସେମିଫାଇନାଲ ଖେଳାଯାଇଥିବ। ପ୍ରଥମ ସେମିଫାଇନାଲ ଗ୍ୟାଲେଣ୍ଟ-ଇଣ୍ଡିପେଣ୍ଡଣ୍ଟ ଏବଂ ଦ୍ୱିତୀୟ ସେମିଫାଇନାଲ ଚାନ୍ଦ-ସନରାଇଜ ମଧ୍ୟରେ ଖେଳାଯିବ।

## ଭାରତ ଆସିବେ ମେସି

ନୂଆଦିଲ୍ଲୀ, ୨।୮ (ଏଜେନ୍ସି) : ବିଶ୍ୱର ମହାନ୍ ଫୁଟବଲ ତାରକା ଆର୍ଜେଣ୍ଟିନାର ଲିଓନେଲ ମେସି ଭାରତ ଆସିବେ। ଚଳିତ ବର୍ଷ ଶେଷ ଭାଗରେ ଅର୍ଥାତ୍ ଡିସେମ୍ବର ୧୩ ରୁ ୧୫ ମଧ୍ୟରେ କୋଲକାତା, ମୁମ୍ବାଇ ଓ ଦିଲ୍ଲୀ ଯିବେ। ଡିସେମ୍ବର ୧୪ରେ ୱାଙ୍ଖେଡେରେ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ଅବସରରେ ମେସି ଭାରତର ତାରକା କ୍ରିକେଟର ଏମଏସ ଧୋନି, ସଚିନ୍ ତେନ୍ଦୁଲକର, ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ଭେଟିବେ। ଯଦି ସବୁ କିଛି ଠିକ୍ ଠାକ୍ ରୁହେ, ତେବେ ମେସି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଖେଳି ପାରନ୍ତ। ମେସି କେବେ କୋଲକାତା ଯିବେ ତାହା ଚୂଡାନ୍ତ ହୋଇନଥିଲେ ମଧ୍ୟ ଇଡେନ୍ ଗାର୍ଡେନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତାଙ୍କୁ ସମ୍ବର୍ଦ୍ଧିତ କରିପାରନ୍ତି। ଏହି ଅବସରରେ ସେ ଫୁଟବଲ କ୍ଲିନିକ୍ ଓ ୱାର୍କସପ୍ ଉଦଘାଟନ କରିବେ। ମେସି ଏହା ପୂର୍ବରୁ ୨୦୧୧ରେ ଭାରତ ଗସ୍ତରେ ଆସିଥିଲେ। ସ୍ଲଟଲେକ୍ ଷ୍ଟାଡିୟମରେ ସେ ଭେନଜୁଏଲା ବିପକ୍ଷ ମ୍ୟାଚରେ ଆର୍ଜେଣ୍ଟିନା ପକ୍ଷରୁ ଖେଳିଥିଲେ। ସବୁ କିଛି ଚୂଡାନ୍ତ ହେବା ପରେ କାର୍ଯ୍ୟସୂଚୀ ଘୋଷଣା କରାଯିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

### ଓଡ଼ିଶା, ୟୁପି, ହିମାଚଳ, କେରଳ, ବେଙ୍ଗଲ, ଅରୁଣାଞ୍ଚଳ ବିଜୟୀ

ଚେନ୍ନାଇ, ୨।୮ (ଏଜେନ୍ସି) : ୧୫ତମ ହକି ଇଣ୍ଡିଆ ଜାତୀୟ ସବଜୁନିୟର ପୁରୁଷ ହକି ପ୍ରତିଯୋଗିତାର ଷଷ୍ଠ ଦିନ ଅନୁଷ୍ଠିତ ମ୍ୟାଚ ଗୁଡ଼ିକରେ ଓଡ଼ିଶା, ଉତ୍ତରପ୍ରଦେଶ, ହିମାଚଳ, କେରଳ, ବେଙ୍ଗଲ ଓ ଅରୁଣାଞ୍ଚଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ହକି ଅରୁଣାଞ୍ଚଳ ୬-୧ ଗୋଲରେ ଗୋଆନ୍ସ ହକିକୁ ହରାଇଥିଲା। ଦ୍ୱିତୀୟ ମ୍ୟାଚରେ ହକି ବେଙ୍ଗଲ ୪-୧ ଗୋଲରେ ହକି ଗୁଜରାଟକୁ, ତୃତୀୟ ମ୍ୟାଚରେ କେରଳ ହକି ୫-୧ ଗୋଲର ତେଲେଙ୍ଗାନା ହକିକୁ, ଚତୁର୍ଥ ମ୍ୟାଚରେ ହକି ହିମାଚଳ ୯-୩ ଗୋଲରେ ହକି ଆନ୍ଧ୍ରପ୍ରଦେଶକୁ ଏବଂ ଷଷ୍ଠ ମ୍ୟାଚରେ ଓଡ଼ିଶା ୩-୧ ଗୋଲରେ ହକି ଚଣ୍ଡିଗଡକୁ ପରାଜିତ କରି ଆଗକୁ ବଢ଼ିଛି। ସପ୍ତମ ମ୍ୟାଚରେ ହକି ଝାଡ଼ଖଣ୍ଡ ୫-୨ ଗୋଲରେ ହକି ପଞ୍ଜାବକୁ ହରାଇ ଆଗକୁ ବଢ଼ିଛି।

## ବାଥରୁମରେ କାନ୍ଦୁଥିଲେ ବିରାଟ: ଚହଲ



ନୂଆଦିଲ୍ଲୀ, ୨।୮ (ଏଜେନ୍ସି) : ବିରାଟ କୋହଲି ଏକଦା ବାଥରୁମରେ କାନ୍ଦୁଥିବା କଥା ଖୁଲାସା କରୁଛନ୍ତି ଭେଟେରାନ ସ୍ପିନର ୟୁଜଭେନ୍ଦ୍ର ଚହଲ। ୨୦୧୯ ବିଶ୍ୱକପ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ଠାରୁ ହାରିବା ପରେ କୋହଲିଙ୍କ ସମେତ ଜାତୀୟ ଦଳର ପ୍ରାୟ ସବୁ ଖେଳାଳି କାନ୍ଦୁଥିବା ସେ ଦେଖିଛନ୍ତି। ବର୍ଷା ଭିଜା ୨୦୧୯ ସେମିଫାଇନାଲରେ ଭାରତ ୧୮ ରନରେ ପରାସ୍ତ ହୋଇଥିଲା। ୨୪୦ ରନର ପିଛା କରୁଥିବା ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସେହି ସମୟର କଥା ଏବେ ଚହଲ ଗୋଟିଏ କାର୍ଯ୍ୟକ୍ରମରେ ସମଗ୍ର ବିଶ୍ୱକୁ ଜଣାଇଛନ୍ତି। କୋହଲି ଓ ରୋହିତ ଶର୍ମାଙ୍କ ଅଧିନାୟକତ୍ୱ ଥିବା ପାର୍ଥକ୍ୟ ସମ୍ପର୍କରେ ସେ ମୁହଁ ଖୋଲିବା ସହ ଭାରତୀୟ କ୍ରିକେଟ୍ ଦଳର ଡ୍ରେସିଂରୁମ୍ ସହ ଜଡିତ କିଛି ଅକୁଆ କଥା ସମସ୍ତଙ୍କୁ ଜଣାଇଛନ୍ତି। ପଡ଼ିଆରେ ରୋହିତ ଭାଇ ଯେଭଳି ନିଜକୁ ଚିତ୍ରଣ କରନ୍ତି ମୁଁ ତାହାକୁ ବେଶ ପସନ୍ଦ କରେ। ସେ ଜଣେ ଭଲ ଅଧିନାୟକ ବିରାଟ ଭାଇ ନିଜ ସହ ଅଲଗା ପ୍ରକାର ଶକ୍ତି ନେଇ ଆସିଛନ୍ତି। ଦିନ ତମାମ ତାଙ୍କ ଉତ୍ସହ କମି ନଥାଏ। ସମୟକ୍ରମେ ବଢ଼େ ଆଦୌ ଖସେ ନାହିଁ।

କୋହଲିଙ୍କ କାନ୍ଦିବା ରହସ୍ୟ ସେ ଉନ୍ମୋଚନ କରିଛନ୍ତି। ମୁଁ ନିଜେ ତାଙ୍କୁ ବାଥରୁମରେ କାନ୍ଦୁଥିବାର ଦେଖିଛି। ସେହି ସମୟରେ ମୁଁ ଶେଷ ବ୍ୟାଟର ଥିଲି, ମୁଁ ଯେତେବେଳେ ତାଙ୍କୁ ଅତିକ୍ରମ କରି ବ୍ୟାଟିଂ କରିବାକୁ ଗଲି ସେତେ ବେଳେ ତାଙ୍କ ଆଖିରେ ଲୁହ ଥିଲା। ୨୦୧୯ ବିଶ୍ୱକପ୍ ସେମିରେ ଚହଲ ନିଜର ପ୍ରଦର୍ଶନକୁ ନେଇ ମଧ୍ୟ ଅନୁତପ୍ତ ଥିବା କହିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ସେମିରେ ୧୦ ଓଭରରେ ୬୩ ରନ୍ ଦେଇ କେବଳ ଗୋଟିଏ ୱିକେଟ୍ ନେଇଥିଲେ। ଏହି ସେମିଫାଇନାଲ ମାହି ଭାଇଙ୍କ ଶେଷ ମ୍ୟାଚ ଥିଲା। ମୁଁ ଆହୁରି ଭଲ କରିପାରିଥାନ୍ତି। ମୁଁ ଏବେ ବି ସେଥିପାଇଁ ଅନୁତପ୍ତ। ବେଳେ ବେଳେ ସବୁ କିଛି ଶୀଘ୍ର ହୋଇଯାଏ ଯେ, ଆପଣଙ୍କୁ ଭାବି ବାକୁ ଆଦୌ ସମୟ ମିଳେ ନାହିଁ। ବଡ଼ ମ୍ୟାଚରେ ଅତିରିକ୍ତ ଭଲ ପ୍ରଦର୍ଶନ ଦେବାକୁ ପଡିଥାଏ। ହୁଏତ ଆଉ ଟିକେ ଶାଣିତ ବୋଲିଂ କରିଥିଲେ ନ୍ୟୁଜିଲାଣ୍ଡର ସ୍କୋର ୧୦/୧୫ କମ୍ ହୋଇଥାନ୍ତା।

## ଅଲ୍ ଓଡ଼ିଶା ଓପନ ସ୍ନୁକର : ରାକେଶ ଚାମ୍ପିଅନ୍




ଭୁବନେଶ୍ୱର, ୨।୮ (ସବ୍ୟୁ) : ଭୁବନେଶ୍ୱର ଭିନଟେଜ୍ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ଅଲଓଡ଼ିଶା ଓପନ ୧୦ ରେଡ ସ୍ନୁକର ଚାମ୍ପିଅନସିପରେ ରାକେଶ ପ୍ରଧାନ ଚାମ୍ପିଅନ୍ ହୋଇଛନ୍ତି। ଟାଇଟଲ ଲଢ଼େଇରେ ରାକେଶ ପ୍ରଧାନ ଓ ଆଶୁତୋଷ ପାଢ଼ୀ ପାରସ୍ପରକୁ ଭେଟିଥିଲେ। ଏହି ମ୍ୟାଚରେ ରାକେଶ ୫-୩ ଫ୍ରେମରେ ଆଶୁତୋଷ ପାଢ଼ୀଙ୍କୁ ପରାଜିତ କରି ପ୍ରତିଯୋଗିତାର ଚାମ୍ପିଅନ୍ ହୋଇଛନ୍ତି। ପୂର୍ବରୁ ସେମିଫାଇନାଲରେ ଆଶୁତୋଷ ୪-୧ରେ ଅଭିନାଶ ମହାପାତ୍ରଙ୍କୁ ଧରାଶାୟୀ କରି ଫାଇନାଲରେ ପ୍ରବେଶ କରିଥିଲେ। ସେହିଭଳି ଅନ୍ୟ ଏକ ସେମିଫାଇନାଲରେ ସୁବ୍ରତ ଦାସଙ୍କୁ ଧରାଶାୟୀ କରିଥିଲେ। ଚାମ୍ପିଅନ୍ ରାକେଶଙ୍କୁ ଟ୍ରଫି ସହ ୨୫ ହଜାର ଟଙ୍କା ଏବଂ ରନରର ଆଶୁତୋଷ ପାଢ଼ୀଙ୍କୁ ଟ୍ରଫି ସହ ୧୨,୫୦୦ ଟଙ୍କା ପ୍ରଦାନ କରାଯାଇଛି। ସେମିଫାଇନାଲରେ ପରାଜିତ ସୁବ୍ରତ ଦାସ ଓ ଅବିନାଶ ମହାପାତ୍ର ୬୦୦୦ ଟଙ୍କା ଲେଖାଏଁ ପାଇଛନ୍ତି। କ୍ୱାର୍ଟରଫାଇନାଲ ଖେଳାଳି ୩୦୦୦ ଟଙ୍କା ପୁରସ୍କାର ମିଳିଛି। ଆଶୁତୋଷ ପାଢ଼ୀଙ୍କୁ ସର୍ବାଧିକ ବ୍ରେକ ପାଇଁ ୫୦୦୦ ଟଙ୍କା ପୁରସ୍କାର ମିଳିଛି। ପୁରସ୍କାର ବିତରଣ ଉତ୍ସବରେ ମିଶାଲ ସ୍ୱାଇଁ , ନିଶାଙ୍କ ଅଗ୍ରୱାଲ, ଦେବଞ୍ଜନ ରାୟ, ଦିବ୍ୟଜ୍ୟୋତି ମିଶ୍ର , ଅତନୁ ରଞ୍ଜନ ନାୟକ, ପି ଗୋବିନ୍ଦ ରାଓ, ସୁଦୀପ୍ତ ଦାସ, ଅତଲାଫ ଅଲ୍ଲୀ ଓ ଶ୍ୟାମ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।

## ସାହାଣୀ କପ୍: ପ୍ରଥମ ଫାଇନାଲରେ କଟକ ବିଜୟୀ



ଭୁବନେଶ୍ୱର, ୨।୮ (ସବ୍ୟୁ) : ବୌଦ୍ଧରେ ୬୪ତମ ସିନିୟର ପୁରୁଷ ଆନ୍ତଃ ଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପର ପ୍ରଥମ ଫାଇନାଲରେ କଟକ ବିଜୟୀ ହୋଇଛି। ଏହି ମ୍ୟାଚରେ କଟକ ୧-୦ ଗୋଲରେ ସମ୍ବଲପୁରକୁ ହରାଇଛି। ପାରାଓ ଟୁଡୁ ମ୍ୟାଚର ୨୦ତମ ମିନିଟରେ ବିଜୟସୂଚକ ଗୋଲସ୍କୋର କରିଥିଲେ। ଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ସରୋଜ କୁମାର ପ୍ରଧାନ, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ ରଘୁନାଥ ଜଗଦଲ, ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଏସପି ରାହୁଲ ଗୋଏଲ, ଫାଓ ଉପସଭାପତି ସହଦେବ ରାଉତ, କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ବିଶ୍ୱ ରଞ୍ଜନ ଘଡେଇ, ଧୀରେନ ପଲେଇ, ସୁନୀଲ ସାହୁ, ଶିବ ପ୍ରସାଦ ତ୍ରିପାଠୀ, ତାପସ କୁମାର ରାୟଚୌଧୁରୀ, ଦୁଲ୍ଲାଲ ଚନ୍ଦ୍ର ପ୍ରଧାନ, ଯୁଗଳ କିଶୋର ସାମଲ ଓ ଲମ୍ବୋଧର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ସାହାଣୀ କପର ଦ୍ୱିତୀୟ ଫାଇନାଲ କେନ୍ଦୁଝର ଷ୍ଟାଡିୟମରେ ରବିବାର କଟକ ଓ ସମ୍ବଲପୁର ମଧ୍ୟରେ ଖେଳାଯିବ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି